

আরসিবির নূআ অধিনায়ক রজত পটিদার — পৃষ্ঠা ৬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sanchorodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 321 | ଭାଗ ୩୨ | ସଂଖ୍ୟା ୩୨୧ | Bhubaneswar | Friday 14 February 2025 | Page 8 Rs. 4.00 | ଭୁବନେଶ୍ୱର ଶୁକ୍ରବାର ୧୪ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




୨୪ ବର୍ଷର ଶାସନକୁ ପ୍ରତ୍ୟାଖ୍ୟାନ

# ପରିବର୍ତ୍ତନକୁ ଆପଣାଇଛି ଓଡ଼ିଶା

**ଭୁବନେଶ୍ୱର,୧୩।୨(ସଂଚାର ବ୍ୟୁରୋ):** ଅସମ୍ଭବ ଲାଗୁଥିବା ପରିବର୍ତ୍ତନକୁ ଅପେକ୍ଷା କରି କ୍ଳାନ୍ତ ହୋଇପଡ଼ିଥିଲେ ରାଜ୍ୟବାସୀ । ହୃଦୟରେ ଆଶା ଓ ଭବିଷ୍ୟତ ପାଇଁ ଦୃଷ୍ଟିଭଙ୍ଗୀ ରଖି ୨୦୨୪ ସାଧାରଣ ନିର୍ବାଚନରେ ନିରନ୍ତରତା ପରିବର୍ତ୍ତେ ପରିବର୍ତ୍ତନକୁ ବାଛିଲେ । ମୋ ସରକାରଙ୍କ ପ୍ରତିଶ୍ରୁତିକୁ ଗ୍ରହଣ କଲେ । ଓଡ଼ିଶାବାସୀଙ୍କ ମତଦାନ କେବଳ ଏକ ରାଜନୈତିକ ନିଷ୍ପତ୍ତି ନଥିଲା ବରଂ ଏହା ଏକ ଆସ୍ଥାର ପରିପ୍ରକାଶ ଥିଲା । ଏକ ଉଜ୍ୱଳ ଦିଗନ୍ତକୁ ଆଖିରେ ରଖି, ପରିବର୍ତ୍ତନର ଆଶା ଓ ଭରସା ନେଇ ସେମାନେ ବିଜେପି ସରକାର ଉପରେ ଦାୟିତ୍ୱ ନ୍ୟସ୍ତ କରିଥିଲେ । ଯିଏ ସେମାନଙ୍କ କଥା ଶୁଣିବ, ବୁଝିବ ଓ କାର୍ଯ୍ୟ କରିବ । ଯିଏକି ଗରିବଙ୍କ ଆଶ, ଯୁବକମାନଙ୍କ ଆକାଂକ୍ଷା, କୃଷକଙ୍କ ସ୍ୱପ୍ନ ଓ ମହିଳାମାନଙ୍କ ଲକ୍ଷ୍ୟକୁ ସାକାର କରି ଏକ ଅତୁଳନୀୟ ସମୃଦ୍ଧିର ନୂତନ ଯୁଗ ଆରମ୍ଭ କରିବ । ବିଧାନସଭା ବଜେଟ୍ ଅଧିବେଶନକୁ ସମ୍ବୋଧିତ କରି ନିଜର ଅଭିଭାଷଣରେ ଏଭଳି କହିଛନ୍ତି ରାଜ୍ୟପାଳ ଡଃ ହରିବାବୁ କମ୍ଭମପଟି ।

ରାଜ୍ୟପାଳ ଗୃହରେ ସରକାରଙ୍କ ବିକାଶମୂଳକ ଯୋଜନାର ବିଭିନ୍ନ ଦିଗକୁ ପ୍ରଶଂସା କରିବାକୁ ଯାଇ ବହୁଚର୍ଚ୍ଚିତ 'ସୁଭଦ୍ରା' ଯୋଜନା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ଧାନ ପାଇଁ ପ୍ରଦାନ କରାଯାଇଥିବା ବୋନସ୍ ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି। ସେହିପରି ଗତ ୮ ମାସ ମଧ୍ୟରେ ସରକାର ଗ୍ରହଣ କରିଥିବା ବିଭିନ୍ନ ନିଷ୍ପତ୍ତି ଓ କାର୍ଯ୍ୟକାରୀ କରିଥିବା ବିଭିନ୍ନ ଯୋଜନାକୁ ପ୍ରଶଂସା କରି ଏହା ରାଜ୍ୟ ବିକାଶକୁ ଗତିଶୀଳ କରିବ ବୋଲି ରାଜ୍ୟପାଳ ଆଶା ବ୍ୟକ୍ତ କରିଛନ୍ତି।

- ସୁଭଦ୍ରା ଓ ଧାନ ବୋନସ୍‌କୁ ରାଜ୍ୟପାଳଙ୍କ ପ୍ରଶଂସା
- ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି
- ଭିଜନ ୨୦୩୬ ପାଇଁ ମିଳିଛି ୩ ଲକ୍ଷ ପ୍ରସ୍ତାବ
- ୨୦୩୬ ସୁଦ୍ଧା ରାଜ୍ୟ ଅର୍ଥନୀତିକୁ ୫୦୦ ବିଲିଅନ୍ ଡଲାର୍‌ରେ ପହଞ୍ଚାଇବା ଲକ୍ଷ୍ୟ

ତାଙ୍କ ଅଭିଭାଷଣରେ ରାଜ୍ୟପାଳ କହିଛନ୍ତି ଯେ ଓଡିଆ ଅସ୍ମିତାକୁ ପୁନର୍ଜୀବିତ କରିବାକୁ ରାଜ୍ୟ ସରକାର କାମ ଜାରି ରଖିଛନ୍ତି। ସୁଭଦ୍ରା ଯୋଜନାରେ ଅଦ୍ୟାବଧି ରାଜ୍ୟର ପ୍ରାୟ କୋଟିଏ ମହିଳା ଲାଭାର୍ଥୀ ହୋଇସାରିଛନ୍ତି। ରାଜ୍ୟ ସରକାର ଚାଷୀଙ୍କ ପାଇଁ 'ଏମଏସପି' ସହ ବୋନସ ଦେଉଛନ୍ତି, ଯାହା ଚାଷୀଙ୍କୁ ଆର୍ଥିକ ଭାବେ ସଶକ୍ତ କରୁଛି। ଭିନ୍ନକ୍ଷମ ସଶକ୍ତିକରଣ ଦିଗରେ ମଧ୍ୟ ସରକାର ପ୍ରଭାବଶାଳୀ କାମ କରୁଛନ୍ତି।



ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲାଯାଇଥିବାରୁ ଭକ୍ତଗଣ ପ୍ରଭୁଙ୍କୁ ସୁରୁଖୁରୁରେ ଦର୍ଶନ କରିପାରୁଛନ୍ତି। ଦୁଗ୍ଧ ଚାଷୀଙ୍କ ପାଇଁ 'କାମଧେନୁ' ଯୋଜନା ଆରମ୍ଭ ହୋଇଛି। ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲି ରତ୍ନ ଅଳଙ୍କାର ଗଣତିମଣତି କରାଯାଇଥିବା ବେଳେ ଆସନ୍ତା ୨୦୨୭ ସୁଦ୍ଧା ୨୫ ଲକ୍ଷ ମହିଳାଙ୍କୁ ଲକ୍ଷପତି ଦିଦି ଭାବେ ସଶକ୍ତ କରାଯିବାର ଲକ୍ଷ୍ୟ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରାୟ ୧୦ ଲକ୍ଷ ମହିଳାଙ୍କୁ ଏହି ସ୍ତରର ଆୟ ପାଇଁ ତାଲିମ ଦିଆଯିବ। ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନାରେ ରାଜ୍ୟର ବିଭିନ୍ନ ସହରରେ ୪୦୦ ଇ-ବସ୍ ଚଳାଚଳ ଯୋଜନା ରହିଛି। ଦୁଇ ବର୍ଷରେ ବୟନ ଶିଳ୍ପ କ୍ଷେତ୍ରରେ ୫୦ ହଜାର ନିଯୁକ୍ତି ସହ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଆଇଟି/ଆଇଟିଇଏସରେ ୫୦ ହଜାର ନିଯୁକ୍ତି ସୃଷ୍ଟି ପାଇଁ ଲକ୍ଷ୍ୟ ରହିଛି। ଆସନ୍ତା ୫ ବର୍ଷରେ ୧.୫ ଲକ୍ଷ ସରକାରୀ ପଦବୀ ପୂରଣ କରାଯିବ। ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ହେବ ଓ ୨୦୨୪-୨୫ରେ ୨୪ ହଜାରରୁ ଅଧିକ ସରକାରୀ ପଦବୀ ପୂରଣ ହୋଇସାରିଛି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ମାଧ୍ୟମରେ ସରକାର ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ସର୍ବମୋଟ ୬୭୯୪ଟି ପ୍ରାଥମିକ ବିଦ୍ୟାଳୟ ସାମଗ୍ରିକ ଶିକ୍ଷା କେନ୍ଦ୍ରରେ ବିକଶିତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ପଞ୍ଚସଖା ଶିକ୍ଷା ସେତୁ ମାଧ୍ୟମରେ ସରକାର ଶିକ୍ଷାଦାନ ଓ ଶିକ୍ଷାଦାନ ପଦ୍ଧତିର ରୂପାନ୍ତରଣକୁ ସମର୍ଥନ କରିବା ସହ ବିଦ୍ୟାଳୟ ପରିଚାଳନାକୁ ସୁଦୃଢ଼ କରିବାକୁ ଉନ୍ନତ ପରିବେଶ ସୃଷ୍ଟି କରୁଛନ୍ତି।

ଏହାଛଡ଼ା ୨୦୨୬ ସୁଦ୍ଧା କାର୍ଯ୍ୟକ୍ଷମ ହେବ ଘରୋଇ ନଳ ସଂଯୋଗ (ଏଫ୍‌ଏଚଟିସି)। ଏହାଦ୍ୱାରା ସମସ୍ତ ଗ୍ରାମୀଣ ପରିବାରକୁ ସୁରକ୍ଷିତ ଓ ସ୍ଥାୟୀ ପାନୀୟ ଜଳ ଯୋଗାଣ ସମ୍ଭବପର ହୋଇପାରିବ। ସରକାର ରାଜ୍ୟର ସମସ୍ତ ୧୧୫ ସହରରେ ଘରୋଇ ପାଇପ ସଂଯୋଗ ସମ୍ପୂର୍ଣ୍ଣ କରିବା ସହ ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ ପାଇଁ ଲକ୍ଷ୍ୟ ରଖିଛନ୍ତି। ସରକାର ଉତ୍କର୍ଷ ଓଡ଼ିଶା କନକ୍ଲେଭ ➺ପୃଷ୍ଠା-୬

● ମୁଖ୍ୟମନ୍ତ୍ରୀ ପଦ ପାଇଁ ହୋଇପାରିଲାନି ସହମତି

# ମଣିପୁରରେ ରାଷ୍ଟ୍ରପତି ଶାସନ

**ଇମ୍ଫାଲ,୧୩।୨:** ଦୀର୍ଘଦିନ ଧରି ମଣିପୁରରେ ରାଜନୈତିକ ଅସ୍ଥିରତା ଲାଗି ରହିଥିବା ବେଳେ ନିକଟରେ ମୁଖ୍ୟମନ୍ତ୍ରୀ ପଦରୁ ଏନ. ବିରେନ୍ ସିଂହ ଇସ୍ତଫା ଦେଇଥିଲେ। ତେବେ ଆଜି ଏଠାରେ ଲାଗୁ ହୋଇଛି ରାଷ୍ଟ୍ରପତି ଶାସନ।





ଏନେଇ ଆଜି ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ବୀରେନ ସିଂହଙ୍କ ଇସ୍ତଫା ପରେ ନୂଆ ମୁଖ୍ୟମନ୍ତ୍ରୀ ଦାୟିତ୍ୱ କାହାକୁ ଦିଆଯିବ, ସେନେଇ ଆଲୋଚନା ହୋଇଥିଲା। କିନ୍ତୁ ଆଜି ଅଚାନକ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଛି। ତେବେ ଦଳୀୟ ବିଧାୟକଙ୍କ ମଧ୍ୟରେ ମତଭେଦ ଥିବାରୁ ମୁଖ୍ୟମନ୍ତ୍ରୀ ପଦ ପାଇଁ କୌଣସି ନାମରେ ସହମତି ହୋଇନପାରିବାରୁ ଶେଷରେ ଏଠାରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିବା ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଜନୈକ ବିଜେପି ବିଧାୟକଙ୍କ କହିବାନୁସାରେ, ମୁଖ୍ୟମନ୍ତ୍ରୀ ପଦରୁ ଶ୍ରୀ ସିଂହ ଇସ୍ତଫା ଦେବା ପରେ ବାଚସ୍ପତି ଥୋକ୍‌ଚୋମ୍ ସତ୍ୟବ୍ରତ ସିଂହଙ୍କ ସମେତ ୪ ଜଣ ବିଧାୟକ ➺ପୃଷ୍ଠା-୬

### ଦୁଇଜଣଙ୍କୁ ଗୁଳିକରି ଯବାନଙ୍କ ଆତ୍ମହତ୍ୟା

ରାଷ୍ଟ୍ରପତି ଶାସନ ଲାଗୁ ହେବାର କେଇ ଘଣ୍ଟା ପରେ ମଣିପୁର ଅଶାନ୍ତ ହୋଇଉଠିଛି। ଜଣେ ସିଆରପିଏଫ ଯବାନ ହଠାତ୍ ନିଜ ଶିବିର ଉପରେ ଗୁଳି ଚଳାଇ ୨ ଜଣଙ୍କ ଜୀବନ ନେବା ସହ ୮ ଜଣଙ୍କୁ ଗୁରୁତର ଭାବେ ଆହତ କରିଛନ୍ତି। ଘଟଣାଟି ଆଜି ରାତି ପ୍ରାୟ ୮.୨୦ ମିନିଟ୍ ସମୟରେ ଇମ୍ଫାଲ ପଶ୍ଚିମ ଜିଲାର ଲାମଫେଲସ୍ଥିତ କେନ୍ଦ୍ରୀୟ ରିଜର୍ଭ ପୁଲିସ ଫୋର୍ସ ଶିବିରରେ ଘଟିଛି। ୧୨୦ତମ ବାଟାଲିୟନର ହାବିଲଦାର ସଞ୍ଜୟ କୁମାର ତାଙ୍କ ସର୍ଭିସ ବନ୍ଧୁକରୁ ଗୁଳି ଚଳାଇ ଜଣେ କନେଷ୍ଟବଳ ଓ ଜଣେ ସବ୍‌ଇନ୍ସପେକ୍ଟରଙ୍କୁ ହତ୍ୟା କରିଛନ୍ତି। ➺ପୃଷ୍ଠା-୬

# ମୋବାଇଲ ଲାଇଟରେ କେମୋ ଥେରାପୀ

**ସମ୍ବଲପୁର,୧୩।୨ (ସଂଚାର ବ୍ୟୁରୋ):** ବୁର୍ଲା ଭୀମସାର ମେଡିକାଲରେ ହଠାତ୍ ଚାଲିଗଲା ବିଦ୍ୟୁତ। ମୋବାଇଲ ଲାଇଟରେ

**ଭୀମସାରରେ ଅବ୍ୟବସ୍ଥା**



କ୍ୟାନସର ରୋଗୀଙ୍କୁ ଦିଆଗଲା କେମୋ। ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କ୍ୟାନସର ୱାର୍ଡରେ ବିନା କୌଣସି ସୂଚନା ଦେଇ ଜିଇଡି ବିଭାଗ ବିଦ୍ୟୁତ୍ କାଟ୍ କରିଥିବା ଅଭିଯୋଗ ହୋଇଛି । ଗତ ୧୧ ତାରିଖ ଦିନ ଏପରି ଘଟଣା ଘଟିଥିବା ବେଳେ ଭୀମସାର ମେଡିକାଲ ଅଧିକ୍ଷକ ଏକଥାକୁ ମାନିଛନ୍ତି। ଘଟଣାର ତଦନ୍ତ କରାଯାଇ ବିଭାଗୀୟ ଅଧିକାରୀଙ୍କ ଅବହେଳା ବାହାରିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଅଧିକ୍ଷକ । ଗତ ୧୧ ତାରିଖରେ କ୍ୟାନସର ୱାର୍ଡରେ ଲାଇଟ କଟିଯିବା ଫଳରେ ପ୍ରାୟ ୩ ଘଣ୍ଟା ଅନ୍ଧାରରେ ରହିଥିଲେ କେମୋ ଚିକିତ୍ସା ନେଉଥିବା କ୍ୟାନସର ରୋଗୀ । ଜରୁରୀ ପରିସ୍ଥିତିରେ କିଛି ରୋଗୀଙ୍କୁ ବାଧ ହୋଇ ମୋବାଇଲ ଲାଇଟ୍‌ରେ କେମୋ ଚିକିତ୍ସା ଦିଆଯାଉଥିବାର ଭିଡିଓ ଏବେ ଭାଇରଲ ➺ପୃଷ୍ଠା-୬

# ଲୋକସଭାରେ ଆୟକର ବିଲ୍ ଉପସ୍ଥାପିତ



**ଆୟକର ଆଇନ୍-୧୯୬୧ର ବିସ୍ତୃତ ସରଳୀକରଣ ଲକ୍ଷ୍ୟ**

**ନୂଆଦିଲ୍ଲୀ,୧୩।୨:** ଗତ ୧ ତାରିଖରେ ସଂସଦରେ ଉପସ୍ଥାପିତ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସାଧାରଣ ବଜେଟ୍‌ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନୂଆ ଆୟକର ଆଇନ ଲାଗୁ କରିବା ନେଇ ସୂଚନା ଦେଇଥିଲେ। ଏହି ଅନୁସାରେ ଆଜି ଶ୍ରୀମତୀ ସୀତାରମଣ ସଂସଦର ଲୋକସଭାରେ ନୂଆ ଆୟକର ବିଲ୍ ଉପସ୍ଥାପନ କରିଛନ୍ତି। ଗତ ୭ ତାରିଖରେ କେନ୍ଦ୍ର କ୍ୟାବିନେଟ୍ ଏହି ବିଲ୍‌କୁ ଅନୁମୋଦନ କରିଥିଲେ। ଏହି ନୂତନ ଆଇନ ପ୍ରାୟ ୬୦ ବର୍ଷ ତଳର ଅର୍ଥାତ୍ ୧୯୬୧ ଆୟକର ଆଇନର ସ୍ଥାନ ନେବ ଓ ଏହାଦ୍ୱାରା ଟିକସ ବ୍ୟବସ୍ଥାକୁ ସରଳ, ଅଧିକ ସ୍ୱଚ୍ଛ ଓ ଅଧିକ ପ୍ରଭାବଶାଳୀ କରାଯାଇପାରିବ। ନୂତନ ଆଇନ ପୁରୁଣା ଆଇନକୁ ଅଧିକ ସ୍ପଷ୍ଟ ଓ ସୁସଙ୍ଗତ କରିବା ଲାଗି ପାଠ୍ୟ ଓ ଢାଞ୍ଚାଗତ ସରଳୀକରଣ କରିବ। ତେବେ ➺ପୃଷ୍ଠା-୬

# ସମ୍ବିତ ପାତ୍ରଙ୍କୁ 'ଜେଡ୍'ସ୍ତରୀୟ ସୁରକ୍ଷା



**ନୂଆଦିଲ୍ଲୀ,୧୩।୨:** ପୁରୀ ସାଂସଦ ତଥା ମଣିପୁର ପ୍ରଭାରୀ ସମ୍ବିତ ପାତ୍ରଙ୍କୁ 'ଜେଡ୍' ସ୍ତରୀୟ ସୁରକ୍ଷା ପ୍ରଦାନ କରାଯାଇଛି। ଗୁରୁବାର ମଣିପୁରରେ ରାଜନୈତିକ ଅସ୍ଥିରତା ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଶାସନ ଜାରି କରାଯିବା ପରେ ଶ୍ରୀ ପାତ୍ରଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବା ସକାଶେ ଗୃହ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମଣିପୁରରେ ଚାଲିଥିବା ଅସ୍ଥିରତା କାରଣରୁକୌଣସିବିମୁହୂର୍ତ୍ତରେଶ୍ରୀପାତ୍ରଙ୍କୁ ➺ପୃଷ୍ଠା-୬

## କୋଳି ଖାଇ ମଞ୍ଜି ପୋତିଛନ୍ତି!



# ବାବୁଙ୍କ ପାଇଁ ବଦଳି ଭେଳିକି



**ଆ**ଇପିଏସ ପ୍ରବୀଣ କୁମାର ହେଉଛନ୍ତି ଆଇଜି ପର୍ସନାଲ ଓ ଆଇପିଏସ ଯତୀନ୍ଦ୍ର କୋୟେଲ ଏଡିଜି ପ୍ରୋଭିଜନିଂ। ଏହି ଦୁଇ ଅଫିସର୍ ୫ ବର୍ଷରୁ ଅଧିକ ସମୟ ଧରି ଦୁଇ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ବସିଥିବା ଭଳି ସାଙ୍ଘାତିକ ଅଭିଯୋଗ ଏବେ ସାମ୍ନାକୁ ଆସିଛି। ଆଶ୍ଚର୍ଯ୍ୟ କଥା ଯେ ପୁଲିସ ବିଭାଗରେ ଆଇଆଇସିଙ୍କଠୁ ନେଇ ପୁଲିସ ଡିଜି ପର୍ଯ୍ୟନ୍ତ ସମସ୍ତଙ୍କର ବଦଳି ହୋଇସାରିଲାଣି। ହେଲେ ଏହି ଦୁଇ ବାବୁ କାହିଁକି ଗାଦି ମାଡ଼ିବସିଛନ୍ତି, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଆଇପିଏସ ପ୍ରବୀଣ କୁମାର ପୁଲିସ ବିଭାଗର ଟ୍ରାନ୍ସଫର ଆଉ ପୋଷ୍ଟିଂ ଦେଖୁଥିବା ବେଳେ ଏଥିରେ ଅନିୟମିତତା କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିବା ସହ ବିଭିନ୍ନ ଆଇପିଏସ ଅଧିକାରୀଙ୍କଠୁ ବାବୁ ମୋଟା ଚାନ୍ଦା ବାଧକରି ଆଦାୟ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଆଇପିଏସ ଶ୍ରୀ କୋୟେଲ କୋଟି କୋଟି ଟଙ୍କାର ଟେଣ୍ଡର ପ୍ରୋକ୍ୟୁଓର୍‌ମେଣ୍ଟ କାମ ୫ ବର୍ଷ ହେବ ଦେଖୁଛନ୍ତି। ଯେଉଁଠି ଗତ ୫ ବର୍ଷରେ ହଜାର ହଜାର କୋଟି ଟଙ୍କାର ଟେଣ୍ଡରରେ ୧୦ ପ୍ରତିଶତ ମୂଲ୍ୟର କାମ ବି ଓଡ଼ିଆ କମ୍ପାନୀ ଆଜିଯାଏଁ ପାଇନାହାନ୍ତି। ଏହି ଦୁଇ ଆଇପିଏସ ଅଫିସର୍ ପୂର୍ବତନ ବିଜେଡି ନେତା ଭିକେ ପାଣ୍ଡିଆନଙ୍କ ସହ ଅତି ଘନିଷ୍ଠ ଥିଲେ। ଆଉ ପାଣ୍ଡିଆନଙ୍କ ଘନିଷ୍ଠ ଏହି ଦୁଇ ସହଯୋଗୀଙ୍କ ଫଟୋ ଦିନେ ଓଡ଼ିଶା ଖବରକାଗଜର ଶିରୋନାମା ପାଲଟିଥିଲା। ଶ୍ରୀ କୋୟେଲ୍ କଂଗ୍ରେସ ନେତା କମଳନାଥଙ୍କର ଅତ୍ୟନ୍ତ ଖାସ ଅନୁଗାମୀ ଅଫିସର୍ ଥିଲେ, ଯେଉଁଥିପାଇଁ ତାଙ୍କୁ ମଧ୍ୟପ୍ରଦେଶ ନେବା ପାଇଁ କେନ୍ଦ୍ର ସରକାରଙ୍କୁ ବାରମ୍ବାର ଚିଠି ଲେଖୁଥିଲେ କମଳନାଥ। କିନ୍ତୁ ସେତେବେଳେ କଂଗ୍ରେସ ସରକାର ଭାଙ୍ଗିବା ପରେ ସେ ଆଉ ମଧ୍ୟପ୍ରଦେଶ ଯାଇ ନଥିଲେ। ତେବେ ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଆଇପିଏସ୍ ଶ୍ରୀ କୋୟେଲ ଦିଲ୍ଲୀ ଯାଇଥିବା ବେଳେ କେନ୍ଦ୍ର ସରକାର ପୁଣି ୧୫ ଦିନ ମଧ୍ୟରେ ତାଙ୍କୁ ତଡ଼ିଦେଇଥିବା ବେଳେ ଓଡ଼ିଶା ଫେରି ପୁଣି ସମାନ ଏଡିଜି ପ୍ରୋଭିଜନିଂରେ କାର୍ଯ୍ୟ କରିବା। ଏପରି ଏକ ନିଷ୍ପତ୍ତି ସେତେବେଳେ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଥିଲା। ଏହି ଦୁଇ ଆଇପିଏସ ଅଫିସର୍ଙ୍କ ପାଇଁ ପୁଲିସ୍ ବିଭାଗରେ ଅନେକ ଆଇପିଏସ ଅଧିକାରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଓ ପୁଲିସ୍ ବିଭାଗରେ ବ୍ୟାପକ ମାତ୍ରାରେ ଦୁର୍ନୀତି ମଧ୍ୟ ହେଉଛି। ତେଣୁ ଏହି ଘଟଣା ଉପରେ ତର୍ଜମା କରି ତୁରନ୍ତ ନିଷ୍ପତ୍ତି ନେବା ସକାଶେ ପୁଲିସ ମହଲରେ ଅଭିଯୋଗ ହେଉଛି।



**କାନ ଡେରିଥା**

ଶାସକ ଦଳରେ କୌଶଳ ଦିଶେ
ମନେ କିନ୍ତୁ କୁଟ ନୀତି
ବିରୋଧୀ ଚାଲନ୍ତି ସଲାସୁତୁରାରେ
ଶାସକଙ୍କୁ କରି ପ୍ରୀତି
ଇଏ ପରା ରାଜନୀତି...
ଗଣତନ୍ତ୍ର ନାରା କାନକୁ ମଧୁର
ହୃଦୟରେ ନାହିଁ ଭକ୍ତି ।

■ ଦେବାଶିଷ

# ସନାଙ୍କୁ ସତର୍କକଲେ ସୁପ୍ରିମୋ

**ଭୁବନେଶ୍ୱର,୧୩।୨ (ସଂଚାର ବ୍ୟୁରୋ):** ବିଜେଡି ବିଧାୟକ ସନାତନ ମହାକୁଡକୁ ହଠାତ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ତାଗିଦ କରିବା ନେଇ ଉଷ୍ମ ହୋଇଛି ରାଜନୀତି। ବିଧାନସଭା ବଜେଟ ଅଧିବେଶନର ପ୍ରଥମ ଦିନରେ ନବୀନଙ୍କୁ ସ୍ୱାଗତ କରିବାକୁ ଛିଡା ହୋଇଥିବା ବିଧାୟକ ସନାତନ ମହାକୁଡଙ୍କୁ ବିଧାୟକ ଦଳ ବୈଠକରେ କାହିଁକି ଯୋଗ ଦେଇନଥିଲେ ବୋଲି ନବୀନ ସିଧାସଳଖ ପ୍ରଶ୍ନ କରିଥିଲେ। ସନା ମହାକୁଡ ବି ଏଭଳି ପ୍ରଶ୍ନ ପାଇଁ ପ୍ରସ୍ତୁତ ନଥିବା ବେଳେ ନବୀନଙ୍କ ନାଲି ଆଖି ସମସ୍ତଙ୍କୁ ଆଚମ୍ବିତ କରିଛି।

- ଅଧିବେଶନ ଆରମ୍ଭରୁ ଉଷ୍ମ ହେଲା ରାଜନୀତି
- ବିଧାୟକ ଦଳ ବୈଠକକୁ ନଆସିବାରୁ ନାଲିଆଖି



ସୂଚନା ଅନୁସାରେ, ଗତକାଲି ବିଜେଡି ବିଧାୟକ ଦଳ ବୈଠକକୁ ଆସିନଥିଲେ ଚମ୍ପୁଆର ଏହି ପ୍ରଭାବଶାଳୀ ବିଧାୟକ । ଆଉ ଆଜି ଯେତେବେଳେ ବିଧାନସଭା ପ୍ରବେଶ ଦ୍ୱାରରେ ନବୀନଙ୍କୁ ସ୍ୱାଗତ କରିବା ପାଇଁ ବିଧାୟକଙ୍କ ସହ ସନା ମହାକୁଡ ଅପେକ୍ଷା କରିଥିଲେ ସେତେବେଳେ ରାଗି ଯାଇଥିଲେ ସୁପ୍ରିମୋ। ସନାତନଙ୍କୁ ଦେଖିବା ପରେ ବିଜେଡି ସୁପ୍ରିମୋ ପଚାରିଥିଲେ, ଆପଣ କାହିଁକି କାଲି ବୈଠକକୁ ଆସିନଥିଲେ? ଜବାବରେ ସନତାନ କହିଥିଲେ, ଦେହ ଖରାପ ହୋଇଯାଇଥିଲା । ତେଣୁ ➺ପୃଷ୍ଠା-୬

# ପାଣ୍ଡିଆନ୍‌ଙ୍କୁ ଅକଳରେ ପକାଇଲେ ଦେବୀ,ଅତନୁ




**ଭୁବନେଶ୍ୱର, ୧୩।୨ (ସଂଚାର ବ୍ୟୁରୋ) :** ରାଜନୀତିରୁ ଦୂରେଇଯାଇଥିବା ଭିକେ ପାଣ୍ଡିଆନଙ୍କୁ ତାଙ୍କର ଦୁଇ ଅନୁଗତ ପଛରୁ ଛୁରୀ ମାରିଛନ୍ତି। ଏହି ଦୁଇ ଜଣ ନିଜେ ଯାହା କହିପାରୁନଥିଲେ, ତାହା ଡିଆର ପଟ୍ଟନାୟକଙ୍କ ପୁସ୍ତକ ଜରିଆରେ କହିଛନ୍ତି। ଖଣି ବ୍ୟବସାୟୀ ପ୍ରଭାକରନଙ୍କ ଦ୍ୱାରା ଆୟୋଜିତ ପୁସ୍ତକ ଉନ୍ମୋଚନ ସଭାରେ ବିଜେଡିର ଦୁଇ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଓ ଅତନୁ ସବ୍ୟସାଚୀଙ୍କ ଉପସ୍ଥିତି ପରେ ଏଭଳି ଚର୍ଚ୍ଚା ଜୋର ଧରିଛି।

ଖଣି ମାଲିକ ଡିଆର ପଟ୍ଟନାୟକଙ୍କ ପୁସ୍ତକଟି ହଠାତ୍ ମଇଦାନକୁ ଆସିଲା। ଉନ୍ମୋଚନ ପରେ ଏଥିରେ ରାଜନୀତିରୁ ସନ୍ୟାସ ନେଇଥିବା ପାଣ୍ଡିଆନଙ୍କ ବିଷୟରେ କିଛି ଲେଖାଥିବା କଥାଟି ବିଜୁଳି ବେଗରେ ବ୍ୟାପିଗଲା। ସୋସିଆଲ ମିଡିଆରେ ଭାଇରାଲ ହେଲା। ଏହାପରେ ଲୋକେ ଖୋଜିଲେ ଏହି ପୁସ୍ତକ ପଛରେ କିଏସବୁ ରହିଛନ୍ତି। ସଭାର ଫଟୋ ଯୋଗାଡ଼ ହେଲା। ପ୍ରଥମେ ନଜରକୁ ଆସିଲେ ଏକଦା ସନ୍ୟାସୀଙ୍କ ଅତ୍ୟନ୍ତ ଘନିଷ୍ଠ ଥିବା ଖଣି ବ୍ୟବସାୟୀ ପ୍ରଭାକରନ। କଥା ଶୁଣି ଅନେକ ନିଜ କାନକୁ ବିଶ୍ୱାସ ବି କରିପାରିଲେ ନାହିଁ। ତେବେ ଉଭୟ ଡିଆର ପଟ୍ଟନାୟକ ଓ ପ୍ରଭାକରନ୍ ଖଣି ମାଲିକ ଓ ଖଣି ଖୋଲା କମ୍ପାନୀ ହୋଇଥିବାରୁ ବ୍ୟାବସାୟିକ ସ୍ୱାର୍ଥ ପାଇଁ ଏଭଳି ହୋଇଥିବ ବୋଲି ଧରିନେଲେ।

ଏହାପରେ ଆଉ କିଏ କିଏ ସେଠାରେ ଉପସ୍ଥିତ ଥିବା ଖୋଜିଲା ବେଳକୁ ବିଜେଡିର ଦୁଇ ବରିଷ୍ଠ ନେତା ଦେବୀ ମିଶ୍ର ଓ ଅତନୁ ସବ୍ୟସାଚୀ ଉପସ୍ଥିତ ଥିବା ଜଣାପଡ଼ିଥିଲା। ପାଣ୍ଡିଆନଙ୍କ ସଂକ୍ରାନ୍ତରେ ଅନେକ କିଛି ଲେଖାଯାଇଥିବା ବହିର ଉନ୍ମୋଚନ ଉତ୍ସବକୁ ଏମାନେ କାହିଁକି ଯାଇଥିଲେ, ତାହା ଏବେ ଚର୍ଚ୍ଚାର ବିଷୟ। ବହି ବିଷୟରେ ସବୁକିଛି ଜାଣିକି ଯାଇଥିଲେ ନା ଅଜାଣତରେ ଯାଇଥିଲେ? ବହିରେ କ'ଣ ଅଛି ତାହା ନ ଜାଣି ଯଦି ପଳାଇଥିଲେ, ତେବେ ପୁସ୍ତକ ଉନ୍ମୋଚନ ପରେ ଏ ଦୁଇଜଣ ସନ୍ୟାସୀ ସପକ୍ଷରେ ମୁହଁ ଖୋଲିଲେ ନାହିଁ କାହିଁକି?

ପୁସ୍ତକରେ କେବଳ ପାଣ୍ଡିଆନଙ୍କ ରାଜନୈତିକ ପତିଆରା କଥା ନାହିଁ, ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ବିଜେଡିରେ ପାଣ୍ଡିଆନ ହିଁ ସର୍ବେସର୍ବା ଥିଲେ, ଦଳ ➺ପୃଷ୍ଠା-୬

**ସବୁ ଜାଣି ଦେଲେ ନିରବ ସମର୍ଥନ**

**ବହି ରାଜନୀତିରେ ବିଜେଡି ବଦନାମ**


SIKSHA 'O' ANUSANDHAN

SAAT-2025

Empowering students for a brighter future

CORE B.TECH PROGRAMMES
- Civil Engineering
- Electrical Engineering
- Mechanical Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

# 'ସଂଚାର'ର ମହାପ୍ରଭାବ ଦିବ୍ୟାଙ୍ଗ ଅରୁଣଙ୍କୁ ମିଳିଲା ଆଧାର କାର୍ଡ

**ମହାକାଳପଡ଼ା,୧୩।୨ (ସଂଚାର ବ୍ୟୁରୋ):** ସଂଚାରରେ ଖବର ପ୍ରକାଶ ଓ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଉଦ୍ୟମରେ ଜଣେ ୯୦% ଦିବ୍ୟାଙ୍ଗ ନିଜର ଆଧାର କାର୍ଡଟିଏ ପାଇ ପାରିଛନ୍ତି। ଆଧାର କାର୍ଡ ନଥିବାରୁ ସେ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ଓ ଭତ୍ତା ଯୋଜନାରୁ ବଞ୍ଚିତ ଅଛନ୍ତି। ଆଧାର କାର୍ଡ ନଥିଲା ବୋଲି ରାସନ୍ କାର୍ଡରେ ନାମ ଥାଇ ମଧ୍ୟ ଚାଉଳ ଦେବାକୁ ମନା କରୁଥିଲେ ଡିଲର। ଦଇବ ତାଙ୍କୁ ସମ୍ପୂର୍ଣ୍ଣ ଅକାମି କରି ଦେଇଥିବା ବେଳେ ପ୍ରଶାସନିକ ବ୍ୟବସ୍ଥା ତାଙ୍କୁ ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ରଖିଥିଲା। ଏନେଇ ଦୈନିକ ଖବରକାଗଜ ସଂଚାରରେ ଖବର ପ୍ରକାଶ ପରେ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଥିଲା। କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ତରଫରୁ ମଧ୍ୟ ଉଦ୍ୟମ ଆରମ୍ଭ ହୋଇଥିଲା। ଯାହାଫଳରେ ଅରୁଣଙ୍କ ବାସସ୍ଥାନରେ ପହଞ୍ଚି ଆଧାର ପଞ୍ଜିକରଣ କରାଇଥିଲେ ଆଧାର ଟିମ୍।



ଆମେ କହୁଛୁ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ବାରଡାଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ନନ୍ତାର ଗ୍ରାମର ଅମିୟ ଷଡ଼ଙ୍ଗୀଙ୍କ ୪୯ ବର୍ଷୀୟ ଦିବ୍ୟାଙ୍ଗ ପୁଅ ଅରୁଣ ଷଡଙ୍ଗୀଙ୍କ କଥା। ଅରୁଣ ସୁନ୍ଦରଗଡ଼ରେ ପୂଜାପାଠ କରି ପରିବାର ପ୍ରତିପୋଷଣ କରୁଥିଲେ। ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇ ମୁଣ୍ଡ ଓ ଶରୀରରେ ଗଭୀର ଆଘାତ ଲାଗିବାରୁ ସେ ଅଚଳ

**ଆଧାର ନଥିଲା ବୋଲି ରାସନ୍ ଓ ଭତ୍ତାରୁ ବଞ୍ଚିତ ଥିଲେ**

ହୋଇପଡିଛନ୍ତି। ହାତ ଗୋଡ଼ର ସ୍ନାୟୁ କାମ କରୁନି। ମୁଣ୍ଡର ସନ୍ତୁଳନ ନରହିବାରୁ କଥା କହିବା କଷ୍ଟ ହେଉଛି। ତାଙ୍କର ଏମିତି ପରିସ୍ଥିତିରେ ନିଜର ପତ୍ନୀ ମଧ୍ୟ ପାଖରେ ନାହାଁ। ନିଜର ବୁଢ଼ି ମାଆ ସହିତ ପଡ଼ି ରହିଛନ୍ତି। ୨୦୨୩ ମସିହାରୁ ମେଡିକାଲ୍ ତରଫରୁ ପରୀକ୍ଷା କରାଯାଇ ତାଙ୍କୁ ୯୦% ଭିନ୍ନକ୍ଷମ ପ୍ରମାଣପତ୍ର ମଧ୍ୟ ମିଳିଛି। ହେଲେ ବିଡ଼ମ୍ବନାର ବିଷୟ ଏହିଯେ, ଆଧାର କାର୍ଡ ନଥିବାରୁ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ମାସକୁ ଯେଉଁ ୫ କିଲୋ ଚାଉଳ ମିଳୁଥିଲା ବାଇଓମେଟ୍ରିକ ବ୍ୟବସ୍ଥା ପରେ ସେତକ ବି ଡିଲର ଦେଉନି। ଏମିତି ଦୟନୀୟ ଅବସ୍ଥାରେ ଭାଗ୍ୟକୁ ଆଦରି ଜୀବନ କାଟୁଛନ୍ତି ଦିବ୍ୟାଙ୍ଗ ଅରୁଣ। ସରକାର ଦିବ୍ୟାଙ୍ଗ ମାନଙ୍କ ଶସକ୍ତିକରଣ ପାଇଁ ନାନା ଯୋଜନା ପ୍ରସ୍ତୁତ କରି ସୁବିଧା ସୁଯୋଗ ଯୋଗାଇ ଦେବାକୁ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଉଥିବା ବେଳେ ଏଠି ଜଣେ ଦିବ୍ୟାଙ୍ଗ ସରକାରଙ୍କ ଯୋଜନାରୁ ବଞ୍ଚିତ ରହିଛନ୍ତି। ଏ ସମ୍ପର୍କରେ ଦୈନିକ ଖବରକାଗଜ ସଂଚାର ରେ ଖବର ପ୍ରକାଶ ପରେ ପ୍ରଶାସନ ତରଫରୁ ଆଧାର କାର୍ଡ କରାଯାଇଛି।

ଆଧାର କାର୍ଡ ମିଳିବା ପରେ ଅରୁଣଙ୍କ ମୁହଁରେ ଫୁଟିଛି ହସ। ଏବେ ସେ ଭତ୍ତା ଓ ରାସନ୍ ଚାଉଳ ପାଇବାରୁ ବଞ୍ଚିତ ରହିବେନି। ଯାହା ଦୀର୍ଘଦିନ ଧରି ହୋଇପାରୁ ନଥିଲା ସଂଚାର ର ଖବର ଓ ମହାକାଳପଡ଼ା ୟୁଥ୍ ଗ୍ରୁପ୍‌ର ପ୍ରୟାସ ପାଇଁ ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି। ସେଥିପାଇଁ ସେ ସଂଚାର ଖବରକାଗଜ ଓ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାରକୁ ଧନ୍ୟବାଦ ଜଣାଇଛନ୍ତି।

## ବ୍ରାଉନ୍‌ସୁଗର ଜବତ, ୨ ଗିରଫ



**ସାଲେପୁର,୧୩।୨ (ସଂଚାର ବ୍ୟୁରୋ):** ସନ୍ଦେହଜନକ ଅବସ୍ଥାରେ କଟକ-ସାଲେପୁର ରାସ୍ତାର ସପନପୁର ନିକଟରେ ବୁଲୁଥିବାବେଳେ ୨ଜଣ ଯୁବକଙ୍କୁ ପୁଲିସ ଧରି ତଲାସୀ କରିବା ପରେ ସେମାନଙ୍କ ନିକଟରୁ ୬ଗ୍ରାମରୁ ଉର୍ଦ୍ଧ୍ୱ ବ୍ରାଉନସୁଗାର ଜବତ କରିବା ସହିତ ଗିରଫ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ଆଜି ସକାଳେ କଟକ-ସାଲେପୁର ରାସ୍ତାର ସପନପୁର ଗ୍ରାମ ନିକଟରେ ରାସ୍ତା ପାର୍ଶ୍ୱରେ ୨ଜଣ ଯୁବକ ସନ୍ଦେହ ଜନକ ଭାବରେ ବୁଲୁଥିଲେ। ସାଲେପୁର ପୁଲିସର ପି.ସି.ଆର. ଭ୍ୟାନ୍ ଉକ୍ତ ରାସ୍ତା ଦେଇ ଯାଉଥିବାବେଳେ ଯୁବକ ଦ୍ୱୟଙ୍କ କାର୍ଯ୍ୟକଳାପ ପ୍ରତି ସନ୍ଦେହ ସୃଷ୍ଟି ହେବାରୁ ସେମାନଙ୍କୁ ଅଟକାଇ ପଚରା ଉଚୁରା କରିବା ସହ ସେମାନଙ୍କ ତଲାସୀ କରିଥିଲେ। ତଲାସୀପରେ ଉଭୟ ଯୁବକଙ୍କ ଠାରୁ ପ୍ରାୟ ୬ଗ୍ରାମରୁ ଉର୍ଦ୍ଧ୍ୱ ବ୍ରାଉନ୍‌ସୁଗାର ମିଳିଥିଲା। ସାଲେପୁର ପୁଲିସ ୬ଗ୍ରାମ ବ୍ରାଉନସୁଗାରକୁ ଜବତ କରିବା ସହ ସାଲେପୁର ଥାନା ବାସୁଦେବପୁର ଗ୍ରାମର ଆନନ୍ଦ ପୂଜାରୀ, ଚୌଦ୍ୱାର ଥାନା ଅଞ୍ଚଳ ଦେବୀନଗର ଗ୍ରାମର ସଞ୍ଜୟ କୁମାର ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ସମ୍ପର୍କରେ ସାଲେପୁର ଥାନାରେ ୪୭/୨୫ରେ ଏକ ମାମଲା ରୁଜୁ କରାଯାଇ ସାଲେପୁର ପୁଲିସ ଅଧିକ ତଦନ୍ତ ଚଳାଇଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ ସାଲେପୁର ଅଞ୍ଚଳକୁ ନିୟମିତ ସନ୍ଧ୍ୟାରେ ଭୁବନେଶ୍ୱର, କଟକ ଅଞ୍ଚଳରୁ ବହୁ ଦାମୀ କାର ଯୋଗେ କେନାଲବନ୍ଧ ରାସ୍ତା ଦେଇ ବ୍ରାଉନ୍‌ସୁଗାର ସମେତ ବହୁ ଚୋରା ନିଶାଦ୍ରବ୍ୟ କାରବାର ଚାଲୁଛି।

## ପୁଟୁଳି ବୈଶ୍ୟ ସମାଜର ବାର୍ଷିକ ଉତ୍ସବ



**ମାହାଙ୍ଗା,୧୩।୨ (ସଂଚାର ବ୍ୟୁରୋ):** ଲକ୍ଷ୍ମୀ ନାରାୟଣ ପୁଟୁଳି ବୈଶ୍ୟ ବଣିଆ ସମାଜ ସୁଙ୍ଗୁଡା ମଣ୍ଡଳ ପ୍ରତୀୟ ୪୫ତମ ବାର୍ଷିକ ଉତ୍ସବ ମାହାଙ୍ଗା ବ୍ଲକ୍ ମୂଳବସନ୍ତ ଗ୍ରାମପଂଚାୟତ ସ୍ଥିତ ହଂସଦିଆ ଠାରେ ସଭାପତି ନିମାଇଁ ଚରଣ ଦାସଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ କେନ୍ଦୁପାଟଣା ମଣ୍ଡଳ କେନ୍ଦ୍ରୀୟ ସଭାପତି ରଶ୍ମି ରଞ୍ଜନ ସାହୁ ଯୋଗଦେଇ ସମସ୍ତଙ୍କ ସହଯୋଗ ରହିଲେ ଜାତି ର ଉନ୍ନତି ତଥା ସଂଗଠନ ର ଉନ୍ନତି ହୋଇ ପାରିବ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କେନ୍ଦ୍ରୀୟ ଉପ ସଭାପତି ଗୋବର୍ଦ୍ଧନ ନାୟକ, ଅଶୋକ କୁମାର ସାହୁ, ସମ୍ପାଦକ ସନ୍ତୋଷ କୁମାର ସାହୁ, ସହ ସଂଗଠନ ସମ୍ପାଦକ ରବୀନ୍ଦ୍ର କୁମାର ସାହୁ, ସଙ୍ଗଠନ ସମ୍ପାଦକ ସୁଶାନ୍ତ କୁମାର ପୃଷ୍ଟି, ସହ ସମ୍ପାଦକ ଶ୍ରୀନିବାସ ପୃଷ୍ଟି ପ୍ରମୁଖ ଯୋଗ ଦେଇ ଭବିଷ୍ୟତ ର କାର୍ଯ୍ୟକ୍ରମ ସହ ସବିଶେଷ ମତ ଉପସ୍ଥାପନ କରିଥିଲେ। ସମ୍ପାଦକ ନୀଳମଣି ପୃଷ୍ଟି ବିବରଣୀ ପାଠ କରିଥିବା ବେଳେ କଳାଳ ଲୋଚନ ସାହୁ ଆୟ ବ୍ୟୟରେ ସମୀକ୍ଷା କରିଥିଲେ। ପ୍ରଦୀପ୍ତ କୁମାର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭ ରେ ଲକ୍ଷ୍ମୀ ନାରାୟଣଙ୍କ ପୂଜାର୍ଚ୍ଚନା କରାଯିବା ସହ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଅତିଥିମାନେ ଉତ୍ସବର ଶୁଭାରମ୍ଭ କରିଥିଲେ। କେନ୍ଦ୍ରୀୟ କମିଟିର କାର୍ଯକାରୀ ସଭାପତି ଭାବେ ପ୍ରଦୀପ୍ତ କୁମାର ପୃଷ୍ଟିଙ୍କ ନାମକୁ ସର୍ବସମ୍ମତି କ୍ରମେ ପ୍ରଦାନ କରାଯାଇଥିଲା।

## ଯଶୁଆପୁର ମହୋତ୍ସବ ଉଦ୍‌ଘାଟିତ



**ବାଲିଅନ୍ତା,୧୩।୨ (ସଂଚାର ବ୍ୟୁରୋ):** ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ଲୋକାଭିମୁଖୀ କରିବା ନିମନ୍ତେ ଗତ ୭ ବର୍ଷ ଧରି ବାଲିଅନ୍ତା ବ୍ଲକ ଉମାଦେଇବ୍ରହ୍ମପୁର ପଞ୍ଚାୟତ ଯଶୁଆପୁର ଠାରେ ଯଶୁଆପୁର ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଆସୁଛି ଯଶୁଆପୁର ମହୋତ୍ସବ। ଆଜି ଉଦଘାଟନୀ ସଂଧ୍ୟାରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ବିଧାୟକ ବାବୁ ସିଂ ଯୋଗଦେଇଥିବା ବେଳେ ଉଦଘାଟକ ଭାବେ ପଦ୍ମଶ୍ରୀ ଡଃ ଅଶୋକ ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡଃ ଅରବିନ୍ଦ ଢାଲି, ପ୍ରାକ୍ତନ ବିଧାୟକ ଡଃ ଲିଙ୍ଗରାଜ ପ୍ରଧାନ, ବରିଷ୍ଠ ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନ, ସରପଞ୍ଚ ରମାଲତା ନାୟକ, ଯଶୁଆପୁର ବିକାଶ ପରିଷଦର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୧୫ ଜଣ କୃତି ପ୍ରତିଭା ମାନଙ୍କୁ ଆମ ଯଶୁଆପୁର ସମ୍ମାନରେ ସମ୍ମାନିତ କରାଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାର ମାନେ ଛଉ, ସମ୍ବଲପୁରୀ, ଗୋଟିପୁଅ ଆଦି ପାରମ୍ପରିକ ନୃତ୍ୟ ପରିବେଷଣ କରି ଦର୍ଶକ ମନ ଜିଣିଥିଲେ।

## ଆଇଆଇସି ସ୍ତରରେ ଅଦଳବଦଳ

**କେନ୍ଦ୍ରାପଡ଼ା,୧୩।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ୧୪ ଥାନାରେ ଆଇଆଇସି ସ୍ତରରେ ଅଦଳବଦଳ କରାଯାଇଛି। କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିଆ ବଦଳି ନେଇ ନିର୍ଦ୍ଦେଶନାମା ଜାରୀ କରିଛନ୍ତି। ଇନ୍ସପେକ୍ଟର ସରୋଜ କୁମାର ସାହୁ ଯିଏକି କେନ୍ଦ୍ରାପଡ଼ା ଆୟୁସିଏଡବଲ୍ଲୁ,ଡିପିଓ ଭାବରେ କାର୍ଯ୍ୟ କରୁଥିଲେ ତାଙ୍କୁ ଡେରାବିଶ ଥାନାର ଥାନା ଅଧିକାରୀ ଭାବରେ ନିଯୁକ୍ତ କରାଯାଇଛି। ଆଇଆଇସି ତପନ କୁମାର ନାୟକ କେନ୍ଦ୍ରାପଡ଼ା ମୁଖ୍ୟାଳୟରୁ ଆଳି ଥାନାର ଥାନା ଅଧିକାରୀ,ବନ୍ଦନା ପାତ୍ରଙ୍କୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା, ମହାକାଳପଡ଼ା ଥାନା ଅଧିକାରୀ ଧିରେଜ ଲେଙ୍କାଙ୍କୁ ଗ୍ରାମୀଣ ଥାନା ପଟ୍ଟାମୁଣ୍ଡାଇ, ପଟ୍ଟାମୁଣ୍ଡାଇ ଗ୍ରାମୀଣ ଥାନା ଅଧିକାରୀ ନରେଶ ସାହୁଙ୍କୁ ରାଜନଗର ଥାନା ଅଧିକାରୀ ଭାବରେ ଦାୟିତ୍ୱ ମିଳିଛି। ସେହିପରି ବିମଳ କୁମାର ନାୟକଙ୍କୁ ତାଳଚୁଆ ସାମୁଦ୍ରିକ ଥାନା ଅଧିକାରୀ,ସୁଭେନ୍ଦୁ କୁମାର ସାହୁଙ୍କୁ ସଦର ଥାନା ଅଧିକାରୀ, ରାଜେନ୍ଦ୍ର କୁମାର ମହାପାତ୍ର ଙ୍କୁ ମହାକାଳପଡ଼ା ଥାନା ଅଧିକାରୀ, କିଶୋର ଚନ୍ଦ୍ର ତରାଇଙ୍କୁ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧିକାରୀ, ସୌମ୍ୟରଞ୍ଜନ ବିଶ୍ୱାଳଙ୍କୁ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ,ଏମଡି ଜାମସେଦଙ୍କୁ ପାଟକୁରା ଥାନା ଅଧିକାରୀ, ଶସ୍ମିତା ସାହୁଙ୍କୁ ଆଇଏଏଚଟିୟୁ ଡିପିଓ କେନ୍ଦ୍ରାପଡ଼ା, ଶ୍ରୀକାନ୍ତ ବାରିକଙ୍କୁ ଆୟୁସିଏଡବଲୁ ଡିପିଓ କେନ୍ଦ୍ରାପଡ଼ା ଓ ପ୍ରଦୀପ ପ୍ରଧାନଙ୍କୁ ୟୁସିଏଡବଲୁ ଡିପିଓ କେନ୍ଦ୍ରାପଡ଼ାକୁ ବଦଳି କରାଯାଇଛି।

## ଯୌତୁକ ପାଇଁ ବଧୂହତ୍ୟା



- ୫୦ ହଜାର ଟଙ୍କା ଓ ବାଇକ୍ ଦାବି କରିଥିଲେ ଶାଶୂଘର
- ଜ୍ୱାଇଁ,ଶାଶୁ ଓ ନଣନ୍ଦଙ୍କ ନାମରେ ଅଭିଯୋଗ

**ମହାକାଳପଡ଼ା,୧୩।୨ (ସଂଚାର ବ୍ୟୁରୋ):** ଯୌତୁକ ପାଇଁ ଜଣେ ବଧୂକୁ ହତ୍ୟା କରାଯାଇଥିବା ଝିଅର ମାଆ ଜମ୍ବୁ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ପେଟଛେଲା ପଞ୍ଚାୟତ ବିବି କଲୋନୀର ରାମେଶ୍ୱର ଦେବନାଥ ଓ ବକୁଳୀ ଦେବନାଥଙ୍କ ଝିଅ ଲିପିକା ଦେବନାଥ ଜମ୍ବୁ ଗ୍ରାମ ନାଲିଆକୋଠା ଅନ୍ତର୍ଗତ ରବି ଜୋଦାର ଓ କବିତା ଜୋଦାରଙ୍କ ପୁଅ ଅଜୟ ଜୋଦାରଙ୍କୁ ଏକ ବର୍ଷ ପୂର୍ବେ ବିବାହ କରିଥିଲେ। ବିବାହର ତିନି ମାସ ପରେ ଶାଶୁଘର ଲୋକେ ଝିଅକୁ ୫୦ ହଜାର ଟଙ୍କା ଓ ବାଇକ୍ ଆଣିବାକୁ ଦାବି କରିଥିଲେ। ଝିଅ ମଧ୍ୟ ଏସବୁ ବିଷୟରେ ବାପଘରକୁ ଜଣାଇଥିଲା। ହେଲେ ବାପଘର ଲୋକେ ଗରିବ ଶ୍ରେଣୀର ହୋଇଥିବାରୁ ସେ ଏସବୁ ଦେବାକୁ ଅସମର୍ଥ ବୋଲି ଜଣାଇଥିଲେ। ଯେଉଁଥିପାଇଁ ଝିଅକୁ ମାନସିକ, ଶାରୀରିକ ନିର୍ଯ୍ୟାତନା ଦେଉଥିଲେ ଶାଶୁଘର ଲୋକେ। ଏମିତିକି ଘରୁ ବାହାରି ଯିବାକୁ କହିବା ସହ ଜୀବନରୁ ମାରି ଦେବାକୁ କହୁଥିଲେ। ଗତ ୧୨ ତାରିଖ ସକାଳ ୮ ଘଟିକା ସମୟରେ କେନ୍ଦ୍ରାପଡ଼ା ମେଡିକାଲ୍ ରେ ଝିଅ ମୃତ୍ୟୁ ବରଣ କରିଛି ବୋଲି ଲିପିକା ର ଶାଶୁ ଜଣାଇଥିଲେ। ଝିଅର ପରିବାର ଲୋକେ ଝିଅର ମୃତ୍ୟୁକୁ ଯୌତୁକ ପାଇଁ ଶାଶୁ ଘର ଲୋକେ ହତ୍ୟା କରିଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି। ଜ୍ୱାଇଁ,ଶାଶୁ ଓ ନଣନ୍ଦ କବିତା ତାଙ୍କ ଝିଅକୁ ମାରି ଦେଇଛନ୍ତି ବୋଲି ଏତଲାରେ ଉଲ୍ଲେଖ କରିଛନ୍ତି ଝିଅର ମାଆ। ତାଙ୍କ ଝିଅର ହତ୍ୟାକାରୀଙ୍କୁ କଠୋର ଦଣ୍ଡାଦେଶ କରିବାକୁ ଦାବି କରିଛନ୍ତି ମୃତ ଝିଅର ମାଆ ବକୁଳୀ। ଏନେଇ ପୋଲିସ ଶବକୁ ବ୍ୟବଚ୍ଛେଦ କରି ଶବକୁ ପରିବାରକୁ ହସ୍ତାନ୍ତର କରି ତଦନ୍ତ କରୁଥିବା ସୂଚନା ମିଳିଛି।

### ନୂତନ ଚିନ୍ତାଧାରାରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ

## ଜୀବଙ୍କ ଭୋକିଲା ପେଟକୁ ମିଳିବ ଦାନା

**କେନ୍ଦ୍ରାପଡ଼ା,୧୩।୨ (ସଂଚାର ବ୍ୟୁରୋ):** ସାରା ଓଡିଶାରେ ପ୍ରତି ସରକାରୀ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଛି। ଏହା କୁନି କୁନି ପିଲା ମାନଙ୍କୁ ଶିକ୍ଷା ପ୍ରତି ଆଗ୍ରହ ପାଇଁ ସୁନ୍ଦର ବ୍ୟବସ୍ଥା। ଛୋଟ ଛୋଟ ପିଲା ମାନେ ଖାଦ୍ୟ ଖାଇବା ପରେ ବଳକା ଖାଦ୍ୟକୁ ଏଣେ ତେଣେ ଫିଙ୍ଗି ଦେଇଥାନ୍ତି। ଏହି ବଳକା ଖାଦ୍ୟକୁ ଏକତ୍ର କରାଇବା ଓ ପରିବେଶକୁ

**ପରିବେଶ ସୁରକ୍ଷା ପାଇଁ ସଚେତନତା**

ସଫା ରଖିବା ପାଇଁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ନୂତନ କାର୍ଯ୍ୟକ୍ରମ "ଭୋକିଲା ପେଟ କୁ ଦାନା"। ଏହି କାର୍ଯ୍ୟକ୍ରମ ଆଜି କେନ୍ଦ୍ରାପଡା ଜିଲ୍ଲାର ଚକଡା ପଞ୍ଚାୟତର ମାଗୁରଗଣ୍ଡ ପାଟଣା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏକ ସିମେଣ୍ଟ କୁଣ୍ଡ ତିଆରି କରି ତା ମଧ୍ୟରେ ବଳକା ଖାଦ୍ୟ ପକାଇବାକୁ ପିଲା ମାନଙ୍କୁ ଶିକ୍ଷା ଦିଆଯାଇଥିଲା। ଏହି ବଳକା ଖାଦ୍ୟକୁ ପକ୍ଷୀ, ପଶୁ, ପୋକ, ମାଛି ପରି ଅନେକ ଜୀବ ଖାଦ୍ୟ ଅଭାବରୁ ବଞ୍ଚି ପାରିବେ। ଏହା ଦ୍ୱାରା କୁନି କୁନି ପିଲା ମାନେ କିଛି ସଂସ୍କାର ଶିଖିବା ଶହ ପରିବେଶର ହିତ ସାଧନରେ ସହଯୋଗରେ ଆସିବେ ବୋଲି




ପ୍ରଧାନ ଶିକ୍ଷକ ଭିକାରୀ ଚରଣ ଦାସ ମତ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ର ପରିକଳ୍ପନା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ବରିଷ୍ଠ ସଦସ୍ୟ ଅନ୍ତର୍ଯ୍ୟାମୀ ସାହୁ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଶ୍ରୀଯୁକ୍ତ ଦମନ ମହାନ୍ତି, ତପନ କୁମାର ନାଥ, ଭାବଗ୍ରାହୀ ସାହୁ, ନିଗମ ସାହୁ, ବିକ୍ରମ ସାହୁ, ଶୈଳବାଳା ସାମଲ, ଦୁର୍ଗା ମାଧବ ସେଠୀ , ଚିତ୍ରଶିଳ୍ପୀ ଦିନେଶ କୁମାର ବାରିକ୍ ଏବଂ ବିଦ୍ୟାଳୟ ର କୁନି କୁନି ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

## ନରେଶ ସାହୁ ରାଜନଗର ଥାନା ଆଇଆଇସି



**ରାଜନଗର,୧୩।୨ (ସଂଚାର ବ୍ୟୁରୋ):** ରାଜନଗର ଥାନରେ ନୂତନ ଆଇଆଇସି ଭାବରେ ନରେଶ କୁମାର ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ପୂର୍ବରୁ ଶ୍ରୀ ସାହୁ ଖଲ୍ଲିକୋଟ ଥାନା ଆଇଆଇସି ଭାବରେ କାମ କରି ନିକଟରେ ସଂସାରଫଳ ଗ୍ରାମାଞ୍ଚଳ ଥାନା ଆଇଆଇସି ଭାବେ ଅଳ୍ପ ଦିନ ହେବ ଯୋଗଦେଇଥିଲେ। ରାଜନଗର ଆଇଆଇସି ଅଜୟ କୁମାର ଜେନାଙ୍କ ମୟୁରଭଞ୍ଜ ବଦଳି ହେବା ପରେ ତାଙ୍କ ସ୍ଥାନରେ ଆଇଆଇସି ଶ୍ରୀ ସାହୁ ଙ୍କୁ ନିଯୁକ୍ତି ଦିଆଯାଇଛି।ସେ ଆସନ୍ତା କାଲି ଦାଇତ୍ୱ ଗ୍ରହଣ କରିବେ, ସେ ଜଣେ ଦକ୍ଷ ପୋଲିସ ଅଫିସର ଭାବେରେ ତାଙ୍କର ସୁନାମ ରହିଛି।ରାଜନଗର ଭଳି ରାଜନୈତିକ ସଚେତନଶୀଳ ଅଞ୍ଚଳରେ ସେ ସମଭାବରେ ଲୋକଙ୍କୁ ନ୍ୟାୟ ପ୍ରଦାନ କରାଯିବ ବୋଲି ନୂତନ ଆଇଆଇସି ଶ୍ରୀ ସାହୁ କହିଛନ୍ତି।

## ତହସିଲଦାରଙ୍କ କ୍ୱାର୍ଟରରୁ ଚୋରି

**ରାଜନଗର,୧୩।୨ (ସଂଚାର ବ୍ୟୁରୋ):** ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତିଙ୍କ ସରକାରୀ ବାସଭବନରୁ ଚୋରି ହୋଇଛି। ଗତକାଲି ସଂନ୍ଧ୍ୟାରେ କବାଟର ତାଲାଭାଙ୍ଗି ଘର ଭିତରେ ପଶିବାସହ ଆଲମୀରା ଭାଙ୍ଗି ଛନ୍ତି। ଆଲମିରାରୁ କିଛି ନ ପାଇ ଶେଷରେ ଇନିଭଟର ଖୋଲି ଦେଇଛନ୍ତି। ବାସଭବନ ପଛପଟରେ ଥିବା ରାସ୍ତାରେ ଟାୱେଲ ଘୋଡ଼ାହୋଇଥିବା ଅବସ୍ଥାରେ ଇନିଭଟର ଜବତ କରିଛି ପୋଲିସ। ଥାନା ଠାରୁ ମାତ୍ର ତିନିଶହ ମିଟର ଦୂରରେ ଥିବା ମାଜିଷ୍ଟ୍ରେଟ ତଥା ତହସିଲଦାରଙ୍କ ବାସଭବନରୁ ସଂନ୍ଧ୍ୟା ରେ ଚୋରିହେବା ଘଟଣା ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ସାମ୍ନାକୁ ଆଣିଛି। ତହସିଲଦାର ଶ୍ରୀ ମହାନ୍ତି ଙ୍କ ସୂଚନା ମୁତାବକ ଅଫିସକାମ ଥିବାରୁ ସେ ଅଫିସରେ ଥିଲେ। ରୋଷେୟା ରାତି ପ୍ରାୟ ୯ଘଟିକା ସମୟ ରେ ବାସଭବନ ନିକଟରେ ପହଁଚିଥିଲା। ଘରର କବାଟ ଆଉଜା ହୋଇଛି ଓ ତାଲା ଝୁଲୁଥିବା ଦେଖିଥିଲେ। ଘର ଭିତରେ ପଶି ଲାଇନ୍ ଦେବାରୁ ଲାଇନ ଜଳି ନ ଥିଲା। ଇନିଭଟର ନ ଥିବା ଦେଖି ତହସିଲଦାରଙ୍କୁ ଖବର ଦେଇଥିଲା। ଏ ସମ୍ପର୍କରେ ତହସିଲଦାର ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଁଚି ଘରର ତାଲା ଖୋଲାଥିବା ଓ ଘର ଭିତରେ ଥିବା ଆଲମିରା ଖୋଲା ଥିବା ଦେଖିଥିଲେ। ଆଲମିରାରୁ କିଛି ନ ପାଇ ଚୋର ଇନିଭଟର ଖୋଲିଦେଇ ଥିଲା। ପଛପଟ ପାଚିରୀ ଡେଇଁ ଇନିଭଟର ନେବାବେଳେ ସେଇବାଟେ ଲୋକେ ଯିବାଆସିବା କରୁଥିବାରୁ ଇନିଭଟର ଥୋଇଦେଇ ପଳାଇ ଯାଇଥିଲେ। ବଜାରରେ ଲାଗିଥିବା ସିସିଟିଭିକୁ ଯାଞ୍ଚକରି ପୋଲିସ ଛାନଭିନ ଆରମ୍ଭ କରିଛି।

## ପଟ୍ଟାମୁଣ୍ଡାଇ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି

**ପଟ୍ଟାମୁଣ୍ଡାଇ,୧୩।୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବଣିକ ସଂଘ ଆନୁକୂଲ୍ୟରେ ଦୀର୍ଘ ୭୬ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏ ଅଂଚଳର ଅନ୍ୟତମ ଗଣପର୍ବ ତଥା ମହାନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ବିଶ୍ୱଶାନ୍ତି ମହାଯଜ୍ଞ ଗତ ୪ ତାରିଖ ଠାରୁ ୧୨ତାରିଖ ପର୍ଯ୍ୟନ୍ତ ୯ଦିନ ବ୍ୟାପି ଆୟୋଜିତ ହୋଇ ୧୨ ତାରିଖ ଅଗ୍ନି ପୂର୍ଣ୍ଣିମା ଅବସରରେ ପୂର୍ଣ୍ଣାହୂତି ଦିଆଯାଇ ଉଦଯାପନ କରାଯାଇଛି। ବହୁ ବିଦ୍ୱାନ ବେଦଜ୍ଞ ବ୍ରାହ୍ମଣ ପଣ୍ଡିତଙ୍କ ମନ୍ତ୍ର ଧ୍ୱନି ଓ ହୋମ ଯଜ୍ଞ ମଧ୍ୟରେ ବିଶ୍ୱଶାନ୍ତି ମହାଯଜ୍ଞର ସମସ୍ତ ରୀତିନୀତି ସମ୍ପନ୍ନ କରାଯାଇଛି। ଏହି ମହାଯଜ୍ଞର ବିଭିନ୍ନ ଦିବସରେ ରାଜନଗର ବିଧାୟକ ଧ୍ରୁବ ସାହୁ,କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି, ପ୍ରଶାସନିକ ଅଧିକାରୀ ଓ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଯୋଗ ଦେଇ ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।




## ଷଷ୍ଠ ରାଜ୍ୟ ଅର୍ଥ ଆୟୋଗ ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ କେନ୍ଦ୍ରାପଡା ଗସ୍ତ



**କେନ୍ଦ୍ରାପଡ଼ା,୧୩।୨ (ସଂଚାର ବ୍ୟୁରୋ):** ରାଜ୍ୟ ଅର୍ଥ ଆୟୋଗ ଅଧ୍ୟକ୍ଷ ଅରୁଣ କୁମାର ପଣ୍ଡା ଓ ସଦସ୍ୟ ମାନେ କେନ୍ଦ୍ରାପଡା ଜିଲ୍ଲା ଗସ୍ତ କରି କ୍ଷେତ୍ର ପରିଦର୍ଶନ କରି ସମୀକ୍ଷା କରିଛନ୍ତି । ଏହି ପରିପ୍ରେକ୍ଷୀରେ ଅଧ୍ୟକ୍ଷ ଏବଂ ସଦସ୍ୟ ମାନେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ସହିତ ମହାକାଳପଡ଼ା ବ୍ଲକର ବଡ଼କୁଳ ପଞ୍ଚାୟତ ପରେ ପରେ କେନ୍ଦ୍ରାପଡା ବ୍ଲକର ଓସ୍ତପୁର ପଞ୍ଚାୟତ ଏବଂ ଶେଷରେ କେନ୍ଦ୍ରାପଡା ପୌରପାଳିକା ଗସ୍ତ କରି ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ନିର୍ବାଚିତ ପ୍ରତିନିଧି ମାନଙ୍କ ସହିତ ବିବିଧ ବିଷୟରେ ଆଲୋଚନା କରିଥିଲେ ଓ ଉକ୍ତ ବୈଠକରେ ଜିଲ୍ଲାପରିଷଦର ସଭାପତି ଲିଳିତା ଦାସଙ୍କ ସମେତ ପଟ୍ଟାମୁଣ୍ଡାଇ ଓ ଗରଦପୁର ପଂଚାୟତ ସମିତିର ଅଧ୍ୟକ୍ଷ, ପଟ୍ଟାମୁଣ୍ଡାଇ ପୌରପାଳିକାର ଅଧ୍ୟକ୍ଷ, କେନ୍ଦ୍ରାପଡା ପୌରପାଳିକାର ଅଧ୍ୟକ୍ଷା ସରିତା ସାହୁ, ସରପଞ୍ଚ ଓସ୍ତପୁର, ସରପଞ୍ଚ ବଡ଼କୁଳ, ସରପଞ୍ଚ ବ୍ରାହ୍ମଣସାହି, ଜିଲ୍ଲା ପ୍ରଶାସନର ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ। ଅର୍ଥ ଆୟୋଗ ଅନୁଦାନରେ ପ୍ରଦାନ କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ପ୍ରଗତି ଉପରେ ସମୀକ୍ଷା କରି ପ୍ରକଳ୍ପ ଗୁଡିକୁ ଯଥା ସମୟରେ ସମ୍ପୂର୍ଣ୍ଣ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ଅର୍ଥ ବିନିଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟ ତିଥିରେ ସମର୍ପଣ ଦିବସ

**ମହାକାଳପଡ଼ା,୧୩।୨ (ସଂଚାର ବ୍ୟୁରୋ):** ମହାକାଳପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜମ୍ବୁ ମଣ୍ଡଳ(ଜୋନ -୨୨)ର ବେଣାକନ୍ଦା ଠାରେ ବିଜେପି ତରଫରୁ ସମର୍ପଣ ଦିବସ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ପବିତ୍ର ଚୌଧୁରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଆଜିର ସଭାରେ ନିର୍ବାଚନ ମଣ୍ଡଳୀ ସଂଯୋଜକ ସରୋଜ କାନ୍ତ ସାହୁ, ରାଜ୍ୟ ପରିଷଦ ସଭ୍ୟ କୁମର କାନ୍ତ ମହାନ୍ତି, ଜିଲ୍ଲା ପ୍ରତିନିଧି ରାଜକିଶୋର ଭୂୟାଁ, କେଶବ ଚନ୍ଦ୍ର ଭୋଳ, ବରିଷ୍ଠ ନେତା ପ୍ରଦୀପ ସେଠି, ପୂର୍ବତନ ୧୯ ନମ୍ବର ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀ ପ୍ରମୁଖ ମଞ୍ଚାସିନ ଥିଲେ। ଏକାତ୍ମ ମାନବ ବାଦର ପ୍ରଣେତା ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟ ତିଥିକୁ ସାରା ଦେଶରେ ସମର୍ପଣ ଦିବସ ପାଳନ କରାଯାଉଛି। ଏହି ଦିବସରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜୀବନୀ ଉପରେ ଉପସ୍ଥିତ ନେତୃମଣ୍ଡଳୀ ମାନେ ମତବ୍ୟକ୍ତ କରିଥିଲେ।



## ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଶ୍ରୀଧର ରାଉତ ବାର୍ଷିକ ମେଧାବୃତ୍ତି ପ୍ରଦାନ

**କେନ୍ଦ୍ରାପଡ଼ା,୧୩।୨ (ସଂଚାର ବ୍ୟୁରୋ):** ଭିନ୍ନକ୍ଷମତା ସହିତ ଆର୍ଥିକ ଅନାଗ୍ରସରତା ସର୍ବଦା ଓତଃପ୍ରୋତ ଭାବେ ଜଡ଼ିତ ଥାଏ। ବିଶେଷ କରି ଯେଉଁ ଛାତ୍ରଛାତ୍ରୀମାନେ ଗୁରୁତର ଭିନ୍ନକ୍ଷମତା ସହ ନିମ୍ନ ଆର୍ଥିକ ବର୍ଗରୁ ଆସିଥାନ୍ତି, ସେମାନଙ୍କ ନିମନ୍ତେ ଉଚ୍ଚଶିକ୍ଷା ସମାପନର ଲକ୍ଷ୍ୟ ଦୂର ହୋଇ ପଡିଥାଏ । ଫଳରେ ସେମାନଙ୍କ ମଧ୍ୟରୁ ଅନେକ ଅଧାରୁ ପାଠ ବନ୍ଦ କରିବାକୁ ବାଧ୍ୟ ହୋଇଥାନ୍ତି। କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଡିଗ୍ରୀ ମହାବିଦ୍ୟାଳୟରେ ଏହିପରି ଗୁରୁତର ଭିନ୍ନକ୍ଷମ ଓ ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ଚୟନ କରାଯାଇଥିବା



ଚାରିଜଣ ଛାତ୍ରଛାତ୍ରୀଙ୍କୁ ପୁନର୍ବାସ ପକ୍ଷରୁ ବାର୍ଷିକ ଶ୍ରୀଧର ରାଉତ ଭିନ୍ନକ୍ଷମ ମେଧାବୃତ୍ତି-୨୦୨୫ ପ୍ରଦାନ କରାଯାଇଛି। ପୁନର୍ବାସର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଞ୍ଚାଳନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଯୋଗ ଦେଇ ଛାତ୍ରଛାତ୍ରୀମାନେ ସମସ୍ତ ପ୍ରତିବନ୍ଧକତା ଅତିକ୍ରମ କରି ସଫଳତା ଦିଗରେ ଅଗ୍ରସର ହେବା ଉଚିତ ବୋଲି ପରାମର୍ଶ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ଶିକ୍ଷାବିତ୍ ଓ ଲେଖକ ପ୍ରଫେସର୍ ଅଭୟ ବେହେରା, ସାହିତ୍ୟିକ ଓ ପ୍ରାକ୍ତନ ଅଧକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା, ପୂର୍ବତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ବରିଷ୍ଠ ଲେଖିକା ଅନ୍ନପୂର୍ଣ୍ଣା ମହାନ୍ତି, ଓଡିଶା ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀ ଅରବିନ୍ଦ ରାଉତରାୟ ଓ କେମ୍ ସଭାପତି ଅକ୍ଷୟ ପାଣି ପ୍ରମୁଖ ଯୋଗଦେଇ ଏହା ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣା ଦେବା ସହ ଆର୍ଥିକ ଭାବେ ସହାୟତା କରିବ ବୋଲି ମତ ପ୍ରକାଶ କରିଥିଲେ ।

## ମୋଟରସାଇକେଲ ଧକ୍କାରେ ଯୁବକ ମୃତ

**କୋଣାର୍କ,୧୩।୨ (ସଂଚାର ବ୍ୟୁରୋ):** କୋଣାର୍କ ଥାନା ଅଧିନସ୍ଥ କୋଣାର୍କ-କାକଟପୁର ମୁଖ୍ୟ ରାସ୍ତାର ବାଲିଦୋକାନ କଳଘର ଠାରେ ଏକ ହୁଣ୍ଡା ଏସପି ମୋଟରସାଇକେଲ ଧକ୍କାରେ ଜଣେ ୪୮ ବର୍ଷୀୟ ଯୁବକ ମୃତ୍ୟୁବରଣ କରିଥିବା ନେଇ କୋଣାର୍କ ଥାନାରେ ଅଭିଯୋଗ ହୋଇଛି। ଖବରରୁ ପ୍ରକାଶ ଯେ କୋଣାର୍କ ଥାନା ଅଧିନସ୍ଥ କୁରୁଜଙ୍ଗ ଗ୍ରାମପଞ୍ଚାୟତର ଗୟଳ ଗ୍ରାମର ଜଟାଧାରୀ ନାୟକଙ୍କ ସାନ ଭାଇ ବଟକୃଷ୍ଣ ନାୟକ (୪୮) ବର୍ଷ ମିଠା କିଣିବା ପାଇଁ ବାଲିଦୋକାନ ବଜାରକୁ ଯାଇଥିଲେ। ବଜାରରୁ ମିଠା କିଣି କୋଣାର୍କ-କାକଟପୁର ପୂର୍ତ୍ତବିଭାଗ ରାସ୍ତାରେ ଚାଲି ଚାଲି ଘରକୁ ଫେରୁଥିବା ବେଳେ କାକଟପୁର ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ହୁଣ୍ଡା ଏସପି-୧୨୫ ମୋଟର ସାଇକେଲ ନଂ-ଓଡି-୧୩- ୟୁ-୮୧୧୪ ଗୁରୁବାର ଅପରାହ୍ନ ୧ଘଟିକା ସମୟରେ କଳଘର ଠାରେ ଧକ୍କା ଦେଇଥିଲା। ବଟକୃଷ୍ଣ ରାସ୍ତା ପାର୍ଶ୍ୱକୁ ଛିଟିକି ପଡିବା ଯୋଗୁଁ ତାଙ୍କର ମୁହଁ ଓ ଛାତିରେ ଗୁରୁତର ଭାବେ ଆହତ ହୋଇଥିଲା। ତାଙ୍କୁ ପ୍ରଥମେ କୋଣାର୍କ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଗୋପ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ବଟକୃଷ୍ଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ମୃତ ବଟକୃଷ୍ଣ ନାୟକଙ୍କ ବଡ ଭାଇ ଜଟାଧାରୀ ନାୟକ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଦୁର୍ଘଟଣା ଘଟାଇ ଥିବା ମୋଟରସାଇକେଲ ଜବତ କରିବା ସହ ଶବ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଛି।

● ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ

# ବିକଶିତ ଓଡ଼ିଶା'ର ନକ୍ସା ପ୍ରତିଫଳିତ ହୋଇଛି: ସାମଲ



ଭୁବନେଶ୍ୱର,୧୩।୨(ସଂଚାର ବ୍ୟୁରୋ): ଆଜି ମହାମହିମ ରାଜ୍ୟପାଳଙ୍କ ଅଭିଭାଷଣରେ ଗରୀବ, ଯୁବକ, କୃଷକ ଏବଂ ମହିଳାଙ୍କୁ ବିକାଶର ଧାରାରେ ସାମିଲ କରିବାର ଆମ ସରକାରର ଅଭିମୁଖ୍ୟ ସ୍ପଷ୍ଟ ହୋଇଛି। ଜନସାଧାରଣଙ୍କ ନିକଟରେ ଅତ୍ୟାବଶ୍ୟକ ସରକାରୀ ସେବା ପହଞ୍ଚାଇବା, ନିଯୁକ୍ତି ଓ ଜୀବିକାର ସୁଯୋଗ ସୃଷ୍ଟି କରିବା ଏବଂ ଏଥି ସକାଶେ ଆବଶ୍ୟକୀୟ ଭିତିଭୂମି ନିର୍ମାଣର ପ୍ରାଥମିକତାକୁ ନେଇ ଡବଲ ଇଂଜିନ ସରକାରର ପ୍ରଚେଷ୍ଟାକୁ ଏଥିରେ ପ୍ରାଥମିକତା ଦିଆଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ବାସଗୃହ, ପାନୀୟ ଜଳ, ବିଜୁଳି, ଜଳସେଚନ ଭଳି ଦୀର୍ଘ ୨୪ ବର୍ଷର ଅବହେଳିତ କ୍ଷେତ୍ରଗୁଡ଼ିକର ପୁନଃସର୍ଜନା ନିମନ୍ତେ ବିଶେଷ ଧ୍ୟାନ ଦିଆଯାଇଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ଅମୃତ କାଳର ସର୍ବୋତମ ଉପଯୋଗ ନିମନ୍ତେ ଓଡ଼ିଶାର ପ୍ରସ୍ତୁତି ରାଜ୍ୟପାଳଙ୍କ ଭାଷଣରେ ସ୍ୱର ପାଇଛି। ରାଜ୍ୟ ସ୍ୱତନ୍ତ୍ର ପ୍ରଦେଶ ହେବାର ଶତବାର୍ଷିକି ଅର୍ଥାତ ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାରର ଅର୍ଥନୀତିରେ ପରିଣତ କରି ବିକଶିତ ଭାରତକୁ ୧.୫ ଟ୍ରିଲିୟନ ଡଲାରର ଯୋଗଦାନ ପାଇଁ ଓଡିଆ ଜାତିର ସଂକଳ୍ପକୁ ପ୍ରାଧାନ୍ୟ ଦିଆଯାଇଛି। ଓଡ଼ିଶାରେ ଶିଳ୍ପାୟନ ଏବଂ ନିଯୁକ୍ତିର ବ୍ୟାପକ ସୁଯୋଗ ସୃଷ୍ଟି ପାଇଁ ନିକଟରେ ଆୟୋଜିତ ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ୧୭ ଲକ୍ଷ କୋଟି ଟଙ୍କାର ପୁଂଜିନିବେଶ ପାଇଁ ପ୍ରତିଶ୍ରୁତି ହାସଲ କରିବା ରାଜ୍ୟ ସରକାରଙ୍କ ଯୁବସମାଜ ଓ ଭିତିଭୂମି ନିର୍ମାଣ ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି। ବିକଶିତ ଓଡ଼ିଶାର ନକ୍ସାରେ ଜନସାଧାରଣଙ୍କ ସହଭାଗିତା ସକାଶେ ରାଜ୍ୟ ସରକାରଙ୍କ ଆହ୍ୱାନକ୍ରମେ ଜନସାଧାରଣଙ୍କଠାରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରସ୍ତାବ ଆସିବା ଲୋକତାନ୍ତ୍ରୀକ ପ୍ରକ୍ରିୟା ପ୍ରତି ବିଜେପି ସରକାରଙ୍କ ଆଭିମୁଖ୍ୟ ମହାମହିମ ରାଜ୍ୟପାଳଙ୍କ ଭାଷଣରେ ସ୍ପଷ୍ଟ ହୋଇଛି ବୋଲି ରାଜ୍ୟ ସଭାପତି ସାମଲ କହିଛନ୍ତି।

ଯୋଜନା ଓ ସଂଯୋଜନ ବିଭାଗ-ଟିସିଏଫ୍ ଚୁକ୍ତିନାମା

# କର୍ମନିଯୁକ୍ତି ଦିଗରେ ସୃଷ୍ଟି ହେବ ଅନୁକୂଳ ପରିବେଶ



ଭୁବନେଶ୍ୱର,୧୩।୨(ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ 'ଯୋଜନା ଓ ସଂଯୋଜନ ବିଭାଗ' ଓ ନୂଆଦିଲ୍ଲୀର 'ଦି କନଭରଜେନ୍ସ ଫାଉଣ୍ଡେସନ (ଟିସିଏଫ୍)' ମଧ୍ୟରେ କର୍ମନିଯୁକ୍ତି ଏବଂ ଉତ୍ପାଦନକ୍ଷମ ରୋଜଗାର ସୃଷ୍ଟି (ଜବ୍ କ୍ରିଏସନ ଆଣ୍ଡ ପ୍ରଡକ୍ଟିଭ ଏମ୍ପ୍ଲଏମେଣ୍ଟ) ସମ୍ପର୍କିତ ଏକ ବୁଝାମଣାପତ୍ର ଆଜି ଲୋକସେବା ଭବନରେ ସ୍ୱାକ୍ଷରିତ ହୋଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଟିସିଏଫର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶିଷ ଧାୱନଙ୍କ ମଧ୍ୟରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ଦ୍ୱାରା ଓଡ଼ିଶା ସରକାରଙ୍କ ରହିଥିବା ବିଭିନ୍ନ ବିକାଶମୂଳକ ନୀତି ଓ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଦିଗରେ ରଣନୈତିକ ସହାୟତା ଉପଲବ୍ଧ ହେବ, ଯାହା ରାଜ୍ୟର ଉତ୍ପାଦନକ୍ଷମ ନିଯୁକ୍ତି ସୃଷ୍ଟି ଆଭିମୁଖ୍ୟକୁ ଫଳପ୍ରସୂ କରିବ। ଉତ୍ପାଦନ ଓ ସେବା କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି, କୃଷି ଉତ୍ପାଦକତା ଓ ଜୀବିକା ବୃଦ୍ଧି, ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ବିକଶିତ କରିବା, ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଓ ରାଜ୍ୟର କୁଶଳୀ ପ୍ରତିଭାଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ସହ ରାଜ୍ୟ ଓ ରାଜ୍ୟ ବାହାରେ କର୍ମନିଯୁକ୍ତି ଦିଗରେ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସହାୟକ ହେବ। କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ରାଜ୍ୟର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ସହ ଅଧିକରୁ ଅଧିକ ରୋଜଗାର ସୃଷ୍ଟି ପାଇଁ ରାଜ୍ୟ ସରକାର ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ଦୀର୍ଘମିଆଦୀ ନିରନ୍ତର ଅଭିବୃଦ୍ଧି ହାସଲ କରିବା ପାଇଁ ରାଜ୍ୟକୁ ତଥ୍ୟଭିତ୍ତିକ ବୈଷୟିକ ପରାମର୍ଶର ଆବଶ୍ୟକତା ରହିଛି, ଯାହାଦ୍ୱାରା ଅଭିବୃଦ୍ଧି ପାଇଁ ଏକ ସାମଗ୍ରିକ ରୋଡ୍‌ମ୍ୟାପ୍ ବିକଶିତ ହେବ। ଏଥିପାଇଁ ଟିସିଏଫ୍ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ସହଯୋଗ ମିଳିବ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଏହି ବୁଝାମଣାପତ୍ର ସ୍ୱାକ୍ଷରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରି କହିଲେ ଯେ, ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ସହ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ରଖି କାର୍ଯ୍ୟ କରୁଛନ୍ତି। ରାଜ୍ୟରେ ରହିଥିବା ବନ୍ଦରଭିତ୍ତିକ ବିକାଶର ସୁଯୋଗ ସହ ରାଜ୍ୟର ଅଭିବୃଦ୍ଧି, କର୍ମନିଯୁକ୍ତି, ସମସ୍ତଙ୍କ ପାଇଁ ମୌଳିକ ସୁବିଧା, ସୁଶାସନ, ଗ୍ରାମ୍ୟ ଉନ୍ନୟନ ଭଳି ପ୍ରମୁଖ କ୍ଷେତ୍ରରେ ବିକାଶ ଲକ୍ଷ୍ୟ ଉପରେ ଗୁରୁତ୍ୱାରୋପ କରିବା ସହ ଏହି ବୁଝାମଣାପତ୍ର ରାଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି। ସେହିପରି ଶ୍ରୀ ଧାୱନ କହିଛନ୍ତି ଯେ ଟିସିଏଫ୍ ଦେଶର ସାମାଜିକ ଅର୍ଥନୈତିକ ବିକାଶର ନିର୍ଦ୍ଦିଷ୍ଟ କ୍ଷେତ୍ର ସହ ବିଦ୍ୟାଳୟ ଶିକ୍ଷା ଓ ଶାସନଠାରୁ ଆରମ୍ଭ କରି ମହିଳାଙ୍କ ଅର୍ଥନୈତିକ ସଶକ୍ତୀକରଣ ଓ ରପ୍ତାନି ପ୍ରତିଯୋଗିତା ପର୍ଯ୍ୟନ୍ତ କ୍ଷେତ୍ର ଉପରେ ଗୁରୁତ୍ୱ ଦେଉଛି। ଟିସିଏଫର ସହଯୋଗୀ ସଂଗଠନମାନେ ୧୩ରୁ ଅଧିକ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଅନେକ ମନ୍ତ୍ରଣାଳୟକୁ ସହଯୋଗ କରୁଛନ୍ତି। ସଂଗଠନ ଏହାର ସହଯୋଗୀ ସଂସ୍ଥା 'ଫାଉଣ୍ଡେସନ୍ ଫର୍ ଇକୋନୋମିକ୍ସ ଡେଭଲପମେଣ୍ଟ (ଏଫଇଡି)' ଜରିଆରେ ଟେକ୍ସଟାଇଲ୍ ଓ ପୋଷାକ ଉତ୍ପାଦନ, ପର୍ଯ୍ୟଟନ ଓ ଶିଳ୍ପର ବିକାଶ ପାଇଁ କାର୍ଯ୍ୟ କରୁଛି। ଏହା ନିଶ୍ଚିତ ଭାବେ ଓଡ଼ିଶା ଲାଭଦାୟକ ହେବ। ଏହାର ଅନ୍ୟତମ ସହଯୋଗୀ 'ପ୍ରସ୍ପରିଟି' ଗୃହ ନିର୍ମାଣ ଏବଂ ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ସହ କାର୍ଯ୍ୟ କରୁଛି, ଯାହା ଶ୍ରମ ନିୟମାବଳୀ ପ୍ରଣୟନ ଓ ସଂସ୍କାରରେ ସହାୟକ ହୋଇପାରିବ। ଏହାଛଡ଼ା ଅନ୍ୟତମ ସହଯୋଗୀ 'ଏସଏସଏ' କ୍ରୀଡ଼ା ନୀତି ଓ ଓଡ଼ିଶାରେ କ୍ରୀଡ଼ା କ୍ଷେତ୍ରରେ ବିକାଶ ଲକ୍ଷ୍ୟ ହାସଲରେ ଉଲ୍ଲେଖନୀୟ ସହାୟତା ଦେଇପାରିବ। ଆହୁରି ସହଯୋଗୀ 'ଉଦେଟି' ମହିଳା ଅର୍ଥନୈତିକ ସଶକ୍ତୀକରଣ (ଡବ୍ଲ୍ୟୁଇ) ସୂଚକାଙ୍କ ପ୍ରସ୍ତୁତ କରିବା ଓ ସେମାନଙ୍କ କାର୍ଯ୍ୟର ପ୍ରକୃତ ପରିସର ଚୂଡ଼ାନ୍ତ କରିବା ପାଇଁ ରାଜ୍ୟ ମହିଳା ଓ ଶିଶୁ ବିଭାଗ ସହ କାର୍ଯ୍ୟ କରୁଥିବା ଶ୍ରୀ ଧାୱନ୍ କହିଛନ୍ତି। କାର୍ଯ୍ୟକ୍ରମରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ତଥା ଶକ୍ତି ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ବାଣିଜ୍ୟ ଓ ପରିବହନ, ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବଙ୍କ ସମେତ ଯୋଜନା ଓ ସଂଯୋଜନ ବିଭାଗର ବରିଷ୍ଠ ପଦାଧିକାରୀ ଓ ଟିସିଏଫର ବିଭିନ୍ନ ଶାଖାର କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଟ୍ୱିନ୍ ସିଟି କ୍ରାଇମ୍

# ନିବେଶ ଲୋଭ ଦେଖାଇ ୩୫ ଲକ୍ଷ ଠକେଇ: ଯୁବକ ଗିରଫ୍



ଭୁବନେଶ୍ୱର,୧୩।୨(ସଂଚାର ବ୍ୟୁରୋ): ଅଭିଯୋଗକାରୀ ଏସ୍. ଚନ୍ଦ୍ର ପାତ୍ରଙ୍କ ଅଭିଯୋଗକ୍ରମେ ଏୟାରଫିଲ୍ଡ ଥାନା ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଗତ ୨୯.୦୮.୨୦୨୩ ରେ ଅଭିଯୁକ୍ତ ଚନ୍ଦନ କୁମାର ଭୂୟାଁ ଅଭିଯୋଗକାରୀ ଏସ୍. ଚନ୍ଦ୍ର ପାତ୍ରଙ୍କୁ ଏକ କମ୍ପାନୀରେ ଟଙ୍କା ନିବେଶ କରିବାକୁ ପ୍ରୋତ୍ସାହିତ କରିବା ସହିତ ଉକ୍ତ କମ୍ପାନୀରୁ ବଡ଼ ଧରଣର ଲାଭ ମିଳିବାର ପ୍ରତିଶ୍ରୁତି ଦେଇଥିଲେ। ଅଭିଯୋଗକାରୀ ତାଙ୍କ କଥାରେ ବିଶ୍ୱାସ କରି ମୋଟ ୩୫ ଲକ୍ଷ ଟଙ୍କା ପର୍ଯ୍ୟାୟକ୍ରମେ ବିଭିନ୍ନ ମାଧ୍ୟମରେ ଅଭିଯୁକ୍ତଙ୍କ ବ୍ୟାଙ୍କ ଖାତାରେ ଜମା କରିଥିଲେ। ଅଭିଯୁକ୍ତ ଜଣକ ଟଙ୍କା ନେବା ପରେ ଅକ୍ଟୋବର-୨୦୨୩ ମଧ୍ୟରେ ମାତ୍ର ୧୦ ଲକ୍ଷ ଟଙ୍କା ଫେରାଇବାରେ ସମର୍ଥ ହୋଇଥିଲେ। କିନ୍ତୁ ନଭେମ୍ବର-୨୦୨୩ ପରେ ବଳକା ଟଙ୍କା ଆଉ ତାଙ୍କୁ ଫେରାଇ ନଥିଲେ। ସେବେଠାରୁ ଅଭିଯୁକ୍ତ ଜଣକ ଅଭିଯୋଗକାରୀଙ୍କ ଫୋନ କଲର କୌଣସି ଉତ୍ତର ଦେଉନଥିଲେ କି ସାମାଜିକ ଗଣମାଧ୍ୟମରେ ଯୋଗାଯୋଗ କଲେ ମଧ୍ୟ ପ୍ରତିଉତ୍ତର ଦେଉନଥିଲେ। ଏକାଧିକବାର ଫୋନ କଲାପରେ ମାତ୍ର ଥରେ ଫୋନ ରିସିଭ କରି, ସେ ଟଙ୍କା ଫେରାଇପାରିବେ ନାହିଁ, ଯେହେତୁ ତାଙ୍କ ପାଖରେ କୌଣସି ଟଙ୍କା ନାହିଁ ବୋଲି ଅଭିଯୋଗକାରୀଙ୍କୁ କହିଥିଲେ। ଅଭିଯୁକ୍ତଙ୍କୁ ଦେଇଥିବା ସମସ୍ତ ଟଙ୍କା ଅଭିଯୋଗକାରୀ ନିଜ ପରିଚିତ ଓ ନିକଟତମ ସମ୍ପର୍କୀୟଙ୍କ ନିକଟରୁ ଧାର କରି ଆଣିଥିଲେ। ଯାହା ଫେରସ୍ତ ନ ଦେବା କାରଣରୁ ସେ ବଡ଼ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହି ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ଚନ୍ଦନ କୁମାର ଭୂୟାଁଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜ ଅପରାଧ ସ୍ୱୀକାର କଲେ।

# ମୋବାଇଲ୍ ଲୁଟ ଘଟଣା: ଅଭିଯୁକ୍ତ ଗିରଫ



ଭୁବନେଶ୍ୱର,୧୩।୨(ସଂଚାର ବ୍ୟୁରୋ): ଅଭିଯୋଗକାରୀ ଦେବେନ୍ଦ୍ର କୁମାର ସାହୁଙ୍କ ଅଭିଯୋଗ କ୍ରମେ ପାହାଲ ଥାନା ପୁଲିସ ମାମଲାର ତଦନ୍ତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଗତ ୧୨.୦୨.୨୦୨୫ ରିଖ ରାତି ୯ ଟା ସମୟରେ ତାଙ୍କର ଜଣେ ସମ୍ପର୍କୀୟ ଭାଇଙ୍କ ସହ ଏକ ସ୍କୁଟି ଯୋଗେ ତ୍ରିନାଥ ବଜାରରୁ ନଖରା ଅଭିମୁଖେ ଆସୁଥିବା ବେଳେ, ଇଷ୍ଟର୍ଣ୍ଣ କଲେଜ ନିକଟରେ ଦୁଇ ଅଭିଯୁକ୍ତ ଏକ ପଲ୍ସର ମୋଟରସାଇକେଲ ଯୋଗେ ପଛ ପାଖରୁ ଆସି ତାଙ୍କ ହାତରୁ ତାଙ୍କ ମୋବାଇଲ ଫୋନ ଜୋରଜବରଦସ୍ତ ଛଡାଇ ନେଇ ନଖରା ଅଭିମୁଖେ ଦ୍ରୁତ ଗତିରେ ଖସି ପଳାଇଯାଇଥିଲେ। ଅଭିଯୋଗକାରୀ ଜଣକ ଉଭୟ ଅଭିଯୁକ୍ତଙ୍କର ପିଛା କରିଥିଲେ ମଧ୍ୟ ସେମାନଙ୍କୁ କାବୁ କରିବାରେ ସଫଳ ହୋଇପାରିନଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ଅଭିଯୋଗ ପରେ ପୁଲିସ ମାମଲାର ତଦନ୍ତ କରିବା ସହ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଉଭୟ ଅଭିଯୁକ୍ତଙ୍କୁ ତ୍ରିନାଥ ବଜାରରୁ ନଖରା ଅଭିମୁଖେ ଆସୁଥିବା ସମୟରେ ଚଢଉ କରି କାବୁ କରିବାରେ ସକ୍ଷମ ହୋଇଥିଲେ। ଛାନଭିନ ସମୟରେ ପୁଲିସ ଦୁଇ ଅଭିଯୁକ୍ତଙ୍କ ହେପାଜତରୁ ତିନୋଟି ଲୁଟ ମୋବାଇଲ ଫୋନ ଏବଂ ଘଟଣାରେ ବ୍ୟବହୃତ ଏକ ମୋଟରସାଇକେଲକୁ ଜବତ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଦୁହେଁ ନିଜ ଅପରାଧ ସ୍ୱୀକାର କଲେ। ନିମ୍ନୋକ୍ତ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଅଭିଯୁକ୍ତ ମନୋରଞ୍ଜନ ଭୋଇ ଓରଫ ତପୁ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ, ତାଙ୍କ ନାମରେ ପାହାଳ ଥାନାରେ ମୋଟ ୬ଟି ଓ କଟକ ସଦର ଥାନାରେ ଗୋଟିଏ ଅପରାଧିକ ମାମଲା ରହିଥିବା, ତଦନ୍ତରୁ ଜଣାପଡ଼ିଛି।

# ଜାନୁଆରୀରେ କମିଛି ସଡ଼କ ଦୁର୍ଘଟଣା

● ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ଓ ଆର୍‌ଟିଓ ପଦକ୍ଷେପର ସକାରାତ୍ମକ ପ୍ରଭାବ

● ଘଟିଛି ୯୯ କମ୍ ଦୁର୍ଘଟଣା, ମୃତ୍ୟୁସଂଖ୍ୟା ବି ୪୪ କମ୍



ଭୁବନେଶ୍ୱର,୧୩।୨(ସଂଚାର ବ୍ୟୁରୋ): ସଡ଼କ ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ସରକାରଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି। ସାଧାରଣତଃ ଦୁର୍ଘଟଣାପ୍ରବଣ ମାସ ଭାବେ ପରିଚିତ ଜାନୁଆରୀରେ ଚଳିତ ବର୍ଷ ପୂର୍ବ ବର୍ଷ ତୁଳନାରେ ସଡ଼କ ଦୁର୍ଘଟଣା ସଂଖ୍ୟାରେ ଉଲ୍ଲେଖନୀୟ ହ୍ରାସ ଦେଖିବାକୁ ମିଳିଛି। ଗତ ମାସରେ ସରକାରଙ୍କ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଥିବା ବେଳେ ଜନସାଧାରଣଙ୍କୁ ସୁରକ୍ଷିତ ଭାବେ ଘରକୁ ଫେରିବା ଦିଗରେ ସଚେତନ ହେବା ସକାଶେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଥିଲେ। ସେହିପରି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ସମସ୍ତ ଆରଟିଓଙ୍କ ଜରିଆରେ ମାସେବ୍ୟାପୀ ସାରା ରାଜ୍ୟରେ ସଚେତନତା ଓ ଏନଫୋର୍ସମେଣ୍ଟକୁ ବ୍ୟାପକ କରାଯାଇଥିଲା। ଗତ ଜାନୁଆରୀରେ ଘଟିଥିବା ସଡ଼କ ଦୁର୍ଘଟଣା ସଂଖ୍ୟାରେ ଏହା ପ୍ରତିଫଳିତ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଗତ ୨୦୨୪ ଜାନୁଆରୀ ତୁଳନାରେ ଚଳିତ ବର୍ଷ ଜାନୁଆରୀରେ ୯୯ଟି କମ୍ ଦୁର୍ଘଟଣା ଘଟିଥିବା ବେଳେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାରେ ମଧ୍ୟ ୪୪ ହ୍ରାସ ଘଟିଛି। ଏସ୍‌ଟିଏ ପକ୍ଷରୁ ଜାରି ସୂଚନାନୁସାରେ, ଗତ ଜାନୁଆରୀରେ ରାଜ୍ୟରେ ୯୯୪ ଦୁର୍ଘଟଣା ହୋଇଥିବା ବେଳେ ମୃତ୍ୟୁସଂଖ୍ୟା ୪୧୭ ରହିଛି। କିନ୍ତୁ ଗତ ୨୦୨୪ ଜାନୁଆରୀରେ ଦୁର୍ଘଟଣା ସଂଖ୍ୟା ୧୦୯୩ ଥିବା ବେଳେ ମୃତ୍ୟୁସଂଖ୍ୟା ଉଦବେଗଜନକ ଭାବରେ ୫୬୧ରେ ପହଞ୍ଚିଯାଇଥିଲା। ସେହିପରି ୨୦୨୩ ଜାନୁଆରୀରେ ଦୁର୍ଘଟଣା ସଂଖ୍ୟା ୧୧୯୯ ଥିବା ବେଳେ ମୃତ୍ୟୁସଂଖ୍ୟା ୫୫୪ ଥିଲା। ପୂରାବର୍ଷରେ ବିଭିନ୍ନ କାରଣ ଯୋଗୁଁ ଗତ ୨୦୨୪ ଡିସେମ୍ବର ଓ ଜାନୁଆରୀରେ ସର୍ବାଧିକ ଦୁର୍ଘଟଣା ଘଟୁଥିବାର ନଜିର ରହିଛି। ବିଦାୟୀ ବର୍ଷ, ନୂଆବର୍ଷ ଆଦି ପାଇଁ ପିକନିକ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ମଦ୍ୟପାନ ଓ ଦ୍ରୁତଗତିରେ ଗାଡ଼ି ଚାଳନା ଯୋଗୁଁ ଦୁର୍ଘଟଣା ବଢ଼ିଥାଏ। ସେହିଭଳି କୁହୁଡ଼ି ଯୋଗୁଁ ଅନେକ ଦୁର୍ଘଟଣା ମଧ୍ୟ ଘଟିଥାଏ। ତେବେ ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ଉପରୋକ୍ତ ମାସମାନଙ୍କରେ ବିଶେଷ ନଜର ରଖିବା ସକାଶେ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା।

● କୃଷି ମନ୍ତ୍ରୀଙ୍କ ବଲାଙ୍ଗୀର ଜିଲ୍ଲା ଜଳସେଚନ ପ୍ରକଳ୍ପ ସମୀକ୍ଷା

# ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟରେ ସାରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୧୩।୨(ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲାର ଜଳସେଚନ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ବିଶେଷକରି ଉପମୁଖ୍ୟମନ୍ତ୍ରୀ ଅପର୍ ଲାଣ୍ଟ ଇରିଗେସନ୍ ପ୍ରୋଜେକ୍ଟର ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଲାଙ୍ଗୀର ଗସ୍ତ ସମୟରେ ହୋଇଥିଲା। ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ସମ୍ପୃକ୍ତ ଅଞ୍ଚଳରେ ଜଳସେଚନର ଅସୁବିଧା ରହିବ ନାହିଁ ଓ ଏହାର ସର୍ବୋଚ୍ଚ ସୁଫଳ ଚାଷୀମାନଙ୍କୁ ମିଳିବ। ତେଣୁ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ ମଧ୍ୟ ଯୋଗଦେଇଥିଲେ। ସମୀକ୍ଷା ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଜମି ଅଧିଗ୍ରହଣ, ଡ୍ୟାମ ତିଆରି, ଅଫିସ କାର୍ଯ୍ୟାଳୟ ଇତ୍ୟାଦିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଛନ୍ତି। ଏହି ପ୍ରକଳ୍ପର ଭୌଗୋଳିକ ରୂପରେଖ ନେଇ ବହୁ ଉପାଦେୟ ପରାମର୍ଶ ମଧ୍ୟ ଦେବା ସହ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟର ସଫଳ ରୂପାୟନରେ ବାଧକ ସାଜୁଥିବା ଯେକୌଣସି ସମସ୍ୟା ସମ୍ପର୍କରେ ସିଧାସଳଖ ତାଙ୍କ ସହ ଆଲୋଚନା କରିବାକୁ ମଧ୍ୟ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟ ଆସନ୍ତା ୨୦୨୭ ନଭେମ୍ବର ସୁଦ୍ଧା ଶେଷ ହେବା ନେଇ ଆକଳନ କରାଯାଇଛି । ସମୀକ୍ଷା ବୈଠକରେ ଜଳସମ୍ପଦ ସର୍ବୋଚ୍ଚ ଚନ୍ଦ୍ରଶେଖର ପାଢ଼ୀ, ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜି ଇଶାଲୱର, ଏଲଆଇସି ଏମଡି ଆଲୋକ କର ଓ ଜଳସମ୍ପଦ ବିଭାଗ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ଜିନ୍ନତ ପାଇଁ ଏନକ୍ଲୋଜର୍ ପରିସୀମା ବଢ଼ାଇବାକୁ ଉଦ୍ୟମ

ଭୁବନେଶ୍ୱର,୧୩।୨(ସଂଚାର ବ୍ୟୁରୋ): ଏନକ୍ଲୋଜରର୍ କେବେ ମୁକ୍ତ ହେବ ଜିନ୍ନତ୍। ଆଗକୁ ବାଘୁଣୀର ଏନକ୍ଲୋଜର ପରିସୀମା ବଢ଼ିବ। ୮ ଏକର ଏନକ୍ଲୋଜର୍‌ରେ ବୁଲିବ ଜିନ୍ନତ। ବାଘୁଣୀର ଗତିବିଧି ଉପରେ ନଜର ରଖିଥିବା ସ୍ୱତନ୍ତ୍ର ମନିଟରିଂ କମିଟିର ନିଷ୍ପତ୍ତି ଅନୁସାରେ ଏନକ୍ଲୋଜର୍‌ର ପରିସୀମା ବଢ଼ାଇବା ଯୋଜନା କରାଯାଇଛି। ଥରେ ଶିମିଳିପାଳ ସୀମା ଡେଇଁ ରାଜ୍ୟ ବାହାରକୁ ଚାଲିଯାଇଥିବା ବାଘୁଣୀ ଜିନ୍ନତ, ଏବେ ସ୍ୱତନ୍ତ୍ର ଏନକ୍ଲୋଜର୍‌ରେ ରହିଛି। ଜିନ୍ନତ ଦେହରେ ଲାଗିଥିବା କଲାର ଡିଭାଇସ୍ ଓ ଏନକ୍ଲୋଜର୍‌ରେ ଲାଗିଥିବା କ୍ୟାମେରା ସାହାଯ୍ୟରେ ତା ଗତିବିଧି ଏବଂ ସ୍ୱାସ୍ଥ୍ୟବସ୍ଥା ଉପରେ ନଜର ରଖିଛି ବନ ବିଭାଗ। ଏନକ୍ଲୋଜର ପରିସୀମାକୁ ବଢ଼ାଇ ଶିମିଳିପାଳର ଜଳବାୟୁ ସହିତ ଜିନ୍ନତକୁ ଖାପ ଖୁଆଇବା ପାଇଁ ଉଦ୍ୟମ କରାଯାଇଛି। ୧ ଏକର ବିଶିଷ୍ଟ ଏନ୍‌କ୍ଲୋଜର ପରିସୀମା ୮ ଏକର କରାଯିବ। ଜୀନ୍ନତକୁ କେବେ ଏନକ୍ଲୋଜର୍ ବାହାରକୁ ଛଡ଼ାଯିବ ତାହା ଏନ୍‌ଟିସିଏ ଏବଂ ମନିଟରିଂ କମିଟିର ନିଷ୍ପତ୍ତି ଉପରେ ନିର୍ଭର କରେ ବୋଲି କହିଛନ୍ତି ଶିମିଳିପାଳ କର୍ତ୍ତୃପକ୍ଷ।



● ଆଉ ୪ ଦିନ ପରେ ଯୁକ୍ତ ଦୁଇ ପରୀକ୍ଷା

# ବାହାରିନି ସାମ୍ପଲ ପ୍ରଶ୍ନପତ୍ର, ଦ୍ୱନ୍ଦ୍ୱରେ ପରୀକ୍ଷାର୍ଥୀ




ଭୁବନେଶ୍ୱର,୧୩।୨(ସଂଚାର ବ୍ୟୁରୋ): ଆଉ ମାତ୍ର ୪ ଦିନ ପରେ ଅର୍ଥାତ୍ ଆସନ୍ତା ୧୭ରୁ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେଉଛି। ଏଥର ପୁରୁଣା ଢାଞ୍ଚା ନୁହେଁ, ବରଂ ସିବିଏସ୍‌ଇ ପ୍ୟାଟର୍ଣ୍ଣରେ ପରୀକ୍ଷା ହେବ।। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ଆଗାମୀ ପରୀକ୍ଷାରେ ସବଜେକ୍ଟିଭ ତୁଳନାରେ ଅବଜେକ୍ଟିଭକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏପରିକି ପିଲାଙ୍କ ଦ୍ୱନ୍ଦ୍ୱ ଦୂର କରିବା ସକାଶେ ସାମ୍ପଲ୍ ପ୍ରଶ୍ନପତ୍ର ପ୍ରକାଶ ପାଇବ ବୋଲି ମଧ୍ୟ ପରିଷଦ ପକ୍ଷରୁ କୁହାଯାଇଥିଲା। କିନ୍ତୁ ପରୀକ୍ଷା ଆସି ମୁଣ୍ଡ ଉପରେ ହୋଇଥିଲେ ମଧ୍ୟ ପରିଷଦ ତା'ର ପ୍ରତିଶ୍ରୁତି ପୂରଣ କରିବାରେ ସକ୍ଷମ ହୋଇପାରିନାହିଁ। ସାମ୍ପଲ୍ ପ୍ରଶ୍ନପତ୍ର ଆସି ନଥିବାରୁ ଏବେ ଅଡୁଆରେ ପଡ଼ିଛନ୍ତି ପରୀକ୍ଷା ହଲରେ ବସିବାକୁ ଯାଉଥିବା ଯୁକ୍ତ ଦୁଇର ୩ ଲକ୍ଷ ୯୩ ହଜାର ୬୧୮ ଛାତ୍ରଛାତ୍ରୀ। ଆଗାମୀ ପରୀକ୍ଷାରେ କଳା ଓ ବାଣିଜ୍ୟରେ ୮୦ ମାର୍କର ଥିଓରି ଓ ୨୦ ମାର୍କର ଇଣ୍ଟରନାଲ୍ ରହିଛି। ସେହିପରି ବିଜ୍ଞାନରେ ଗଣିତ, ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ଭଳି କେତେକ ବିଷୟରେ ୭୦ ମାର୍କର ଥିଓରି ଏବଂ ୩୦ ମାର୍କର ପ୍ରାକ୍ଟିକାଲ ସହ ଇଣ୍ଟରନାଲ ମାର୍କ ରହିଛି। ତେବେ ଏସବୁ ପରୀକ୍ଷାରେ କିଭଳି ପ୍ରଶ୍ନ ଆସିବ, ସେନେଇ ପରୀକ୍ଷାର୍ଥୀଙ୍କ ଦ୍ୱନ୍ଦ୍ୱ ଦୂର କରିବା ସକାଶେ ଯଥେଷ୍ଟ ଜରୁରୀ ଥିବା ସାମ୍ପଲ୍ ପ୍ରଶ୍ନପତ୍ର ପ୍ରକାଶ ପାଇନାହିଁ। ଅନ୍ୟପକ୍ଷରେ ଶିକ୍ଷକମାନେ କହୁଛନ୍ତି ଯେ ବୋର୍ଡ ପକ୍ଷରୁ ପୂର୍ବରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ପିଲାମାନଙ୍କୁ ପାଠ ପଢାଯାଇଛି। ପରିଷଦ ପକ୍ଷରୁ ଗତବର୍ଷ ଅଗଷ୍ଟ ୨୦ ତାରିଖରେ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ କେଉଁ ବିଷୟରେ କେତେ ମାର୍କ ବିଶିଷ୍ଟ ପ୍ରଶ୍ନ ଆସିବ, ସେନେଇ ବିସ୍ତୃତ ସୂଚନା ଦିଆଯାଇଥିଲା। ରାଜନୀତି ବିଜ୍ଞାନର ପାଠ୍ୟକ୍ରମ ଅନୁସାରେ ଏଥିରେ ପୁରୁଣା ପ୍ୟାଟର୍ଣ୍ଣରେ ପରିବର୍ତ୍ତନ କରାଯାଇ ନୂଆ ପଦ୍ଧତିରେ ୧ ମାର୍କବିଶିଷ୍ଟ ଏମ୍‌ସିକ୍ୟୁ ମୋଟ୍ ୨୧ ନମ୍ବର, ୨ ମାର୍କ ବିଶିଷ୍ଟ ୭ଟି, ୩ ମାର୍କ ବିଶିଷ୍ଟ ୭ଟି ଓ ୮ ନମ୍ବରବିଶିଷ୍ଟ ୩ଟି ପ୍ରଶ୍ନ ଆସିବ ବୋଲି ସ୍ପଷ୍ଟ କରାଯାଇଛି। ଏହାଛଡ଼ା ବିଜ୍ଞାନ ଓ ବାଣିଜ୍ୟରେ ୮ ନମ୍ବରବିଶିଷ୍ଟ ପ୍ରଶ୍ନପତ୍ର ପରିବର୍ତ୍ତେ ୫ ମାର୍କ ବିଶିଷ୍ଟ ୩ଟି ପ୍ରଶ୍ନ ଆସିବ ବୋଲି ପରିଷଦ ପକ୍ଷରୁ ଆଗୁଆ ସୂଚନା ଦିଆଯାଇଥିଲା। କିନ୍ତୁ ସାମ୍ପଲ୍ ପ୍ରଶ୍ନପତ୍ର କେବେ ଆସିବ, ତାକୁ ପରୀକ୍ଷାର୍ଥୀମାନେ ଅପେକ୍ଷା କରିଥିବା ବେଳେ ପରିଷଦର ଅବହେଳାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏହା ନିଶ୍ଚିତ ଭାବେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ପ୍ରସ୍ତୁତିକୁ ପ୍ରଭାବିତ କରିବ ବୋଲି ମଧ୍ୟ କେତେକ କହିଛନ୍ତି। ଅନ୍ୟପକ୍ଷରେ ପରୀକ୍ଷା ପାଇଁ ବୁଧବାରଠାରୁ ମୋଟ୍ ୨୦୫ଟି ପରୀକ୍ଷା ହବ୍‌କୁ ପ୍ରଶ୍ନପତ୍ର ପଠାଯାଇଛି। ଏଥର ରାଜ୍ୟରେ ୧୨୭୬ଟି ସେଣ୍ଟରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବାକୁ ଥିବା ବେଳେ ୪୫ ଦିନରେ ଫଳାଫଳ ପ୍ରକାଶ ପାଇବ ବୋଲି ପରିଷଦ ପକ୍ଷରୁ କୁହାଯାଇସାରିଛି।

# ବୈଜୟନ୍ତଙ୍କୁ ଉଚ୍ଛ୍ୱସିତ ସ୍ୱାଗତ



ଭୁବନେଶ୍ୱର,୧୩।୨ (ସଂଚାର ବ୍ୟୁରୋ): ଦୀର୍ଘ ପ୍ରାୟ ୨୭ବର୍ଷ ପରେ ଦିଲ୍ଲୀ ନିର୍ବାଚନରେ ବିଜେପିକୁ ମିଳିଥିବା ସଫଳତା ପାଇଁ ଦଳର ବରିଷ୍ଠ ସାଂସଦ ତଥା ଉପସଭାପତି ବୈଜୟନ୍ତ ପଣ୍ଡାଙ୍କୁ ଆଜି ରାଜ୍ୟ ବିଜେପି ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଦିଲ୍ଲୀ ନିର୍ବାଚନ ପ୍ରଭାରୀ ଭାବେ ବୈଜୟନ୍ତଙ୍କୁ ଦଳ ପକ୍ଷରୁ ନିଯୁକ୍ତି ଦିଆଯାଇଥିଲା। ବୈଜୟନ୍ତଙ୍କ କଠିନ ପରିଶ୍ରମ ଓ ରଣନୀତି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା, ଦୃଢ଼ନେତୃତ୍ୱ ସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ଗୋଟିଚାଳନାରେ ଦିଲ୍ଲୀ ବିଧାନସଭାରେ ବିଜେପିକୁ ଦୁଇତୃତୀୟାଂଶ ଆସନ ମିଳିବା ସମ୍ଭବପର ହୋଇପାରିଛି । ଗୁରୁବାର ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ରାଷ୍ଟ୍ରୀୟ ଉପାଧକ୍ଷ ତଥା ଦିଲ୍ଲୀ ପ୍ରଭାରୀ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ରାଜ୍ୟ ବିଜେପି ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ଖାଲି ପଡ଼ିଛି ବିଚାରପତି ଓ ଜୁଡିସିଆଲ ଅଫିସର ପଦ

ଭୁବନେଶ୍ୱର,୧୩।୨: ଦେଶର ବିଭିନ୍ନ ହାଇକୋର୍ଟରେ ମୋଟ୍ ୩୬୫ଟି ବିଚାରପତି ପଦ ଖାଲି ପଡିଥିବାବେଳେ ଏଥିମଧ୍ୟରେ ଓଡ଼ିଶା ହାଇକୋର୍ଟର ୧୫ଟି ପଦବୀ ସାମିଲ୍ ରହିଛି। କେନ୍ଦ୍ର ଆଇନ୍ ଓ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅରୁଣ ରାମ ମେଘୱାଲ ରାଜ୍ୟସଭାରେ ଦେଇଥିବା ଏକ ଉତ୍ତରରୁ ଏହା ଜଣାପଡ଼ିଛି। କେନ୍ଦ୍ରମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ସୁପ୍ରିମ୍‌କୋର୍ଟ ପାଇଁ ୩୪ଟି ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀ ଥିବା ବେଳେ ଏଥିରୁ ୨ଟି ପଦବୀ ଖାଲି ପଡ଼ିଛି। ସେହିଭଳି ୨୪ଟି ହାଇକୋର୍ଟ ପାଇଁ ୧୦୮୦ଟି ବିଚାରପତି ପଦବୀ ଥିବା ବେଳେ ଏଥିରୁ ୩୬୫ଟି ଖାଲି ରହିଛି। ଓଡ଼ିଶା ହାଇକୋର୍ଟ ପାଇଁ ୩୩ଟି ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀ ଥିବାବେଳେ ଏଥିରୁ ୧୫ଟି ପଦବୀରେ ଅଦ୍ୟାବଧି କାହାରିକୁ ବି ନିଯୁକ୍ତି ଦିଆଯାଇନାହିଁ।

ଅନ୍ୟ ରାଜ୍ୟଗୁଡିକ ମଧ୍ୟରେ ଆହ୍ଲାବାଦ ହାଇକୋର୍ଟ ପାଇଁ ସର୍ବାଧିକ ୧୬୦ଟି ବିଚାରପତି ପଦବୀ ଥିବା ବେଳେ ସେଥିରୁ ଅଧାରୁ ଅଧିକ ଅର୍ଥାତ୍ ୮୧ଟି ପଦବୀ ଖାଲି ରହିଛି। ଆହୁରି ବମ୍ବେ ହାଇକୋର୍ଟ ପାଇଁ ୯୪ଟି ବିଚାରପତି ପଦବୀ ଥିବା ବେଳେ ସେଥି ମଧ୍ୟରୁ ୨୬ଟି ପଦବୀ ଖାଲି ଅଛି। ତା'ଛଡ଼ା ପଡ଼ୋଶୀ ଛତିଶଗଡ ହାଇକୋର୍ଟ ପାଇଁ ୨୨ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ଏଥିରୁ ୬ଟି, ଝାଡ଼ଖଣ୍ଡ ହାଇକୋର୍ଟ ପାଇଁ ୨୫ଟି ପଦବୀ ଥିବାବେଳେ ଏଥିରୁ ୯ଟି ଏବଂ କଲିକତା କୋଲକତା ହାଇକୋର୍ଟ ପାଇଁ ୭୨ଟି ବିଚାରପତି ପଦବୀ ମଞ୍ଜୁର ହୋଇଥିବାବେଳେ ଏଥିରୁ ୨୯ଟି ପଦବୀ ଖାଲି ଥିବା ରାଷ୍ଟ୍ରମନ୍ତ୍ରୀଙ୍କ ଉତ୍ତରରୁ ସ୍ପଷ୍ଟ ହୋଇଛି।

ସେହିଭଳି ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୨୫,୭୮୬ଟି ମଞ୍ଜୁରୀପ୍ରାପ୍ତ ଜୁଡିସିଆଲ ଅଫିସର ପଦବୀ ଥିବାବେଳେ ଏଥିରୁ ୫୩୨୦ଟି ପଦବୀ ଖାଲି ରହିଛି। ଓଡ଼ିଶା ପାଇଁ ୧୦୪୧ଟି ଜୁଡିସିଆଲ ଅଫିସର ମଞ୍ଜୁର ହୋଇଥିବା ବେଳେ ଏବେ ଏହି ପଦବୀ ମଧ୍ୟରୁ ୮୪୦ଟିରେ ଜୁଡିସିଆଲ୍ ଅଫିସର୍ କାର୍ଯ୍ୟ କରୁଛନ୍ତି। ଅର୍ଥାତ୍ ରାଜ୍ୟରେ ୨୦୧ଟି ଜୁଡିସିଆଲ ପଦବୀ ଏବେ ବି ଖାଲି ପଡ଼ିଛି। ଉତ୍ତରପ୍ରଦେଶ ପାଇଁ ସର୍ବାଧିକ ୩୭୦୦ଟି ଜୁଡିସିଆଲ ଅଫିସର ପଦବୀ ମଞ୍ଜୁର ହୋଇଥିବା ବେଳେ ଏଥିମଧ୍ୟରୁ ୧୦୦୨ଟି ପଦବୀ ଖାଲି ପଡିଥିବା ଶ୍ରୀ ମେଘୱାଲ୍ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

ବିଚାରପତି ନିଯୁକ୍ତି ସଂକ୍ରାନ୍ତରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଦର୍ଶାଇଛନ୍ତି ଯେ ହାଇକୋର୍ଟଗୁଡ଼ିକରେ ବିଚାରପତିଙ୍କ ଅବସର ନେବା ସହ କେତେକ ବିଚାରପତି କାର୍ଯ୍ୟ ଛାଡୁଥିବାରୁ ପଦବୀଗୁଡିକ ଖାଲି ପଡୁଛି। ଗତ ୨୦୧୪ ମେ'ରୁ ଅଦ୍ୟାବଧି କେନ୍ଦ୍ର ସରକାର ହାଇକୋର୍ଟଗୁଡ଼ିକରେ ବିଚାରପତି ସଂଖ୍ୟା ୯୦୬ରୁ ୧୧୨୨କୁ ବୃଦ୍ଧି କରିଛନ୍ତି। ସେହିଭଳି ୨୦୧୪ରୁ ବର୍ତ୍ତମାନ ସୁଦ୍ଧା ଦେଶର ବିଭିନ୍ନ ହାଇକୋର୍ଟରେ ୧୦୧୩ ଜଣ ବିଚାରପତିଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି ବୋଲି ରାଷ୍ଟ୍ରମନ୍ତ୍ରୀ ରଖିଥିବା ଉତ୍ତରରୁ ଜଣାପଡ଼ିଛି। (ତଥ୍ୟ)

## ବାପା ଆରପାରିରେ, ଅନ୍ୟତ୍ର ସଂସାର କଲା ମା'

# ଜେଜେମା' କାନ୍ଧରେ ୨ ନାତିଙ୍କ ବୋଝ

● ସରକାରୀ ଯୋଜନାରୁ ବଞ୍ଚିତ

● ଭିକ ମାଗି ଚଳାଉଛନ୍ତି ପରିବାର



ଜଳେଶ୍ୱର,୧୩।୨(ସଂଚାର ବ୍ୟୁରୋ): ଆର ପାରିକୁ ଚାଲିଗଲା ବାପା। ପିଲା ଦୁଇଟି ମା' ପଣତକାନି ତଳେ ଜୀବନ କାଟିବା ଆଶାରେ ଥିଲେ ଦୁଇ ପିଲା। କିନ୍ତୁ ଶେଷରେ ଜନମ କଲା ମା' ବି ନିଜ ପିଲାଙ୍କ ମୁହଁକୁ ନ ଅନାଇ ଅନ୍ୟ କାହା ସହ ପଳାଇଗଲେ। ଫଳସ୍ୱରୂପ ଦୁଇ ପିଲାଙ୍କ ବୋଝ ଏବେ ବୁଢ଼ୀ ଜେଜେମା' କାନ୍ଧରେ ପଡ଼ିଛି। ବୁଢ଼ୀମା'ଙ୍କ ନିକଟରେ ନାତି ଦୁହେଁ ସବୁ ଅଳିଅର୍ଦ୍ଦଳି କରୁଛନ୍ତି। ଜେଜେମା' ମଧ୍ୟ ଘୁଷୁରି ଘୁଷୁରି ନାତିଙ୍କ ସେବାଯତ୍ନ କରିବାକୁ ଭରପୂର ଉଦ୍ୟମ କରୁଛନ୍ତି। କିନ୍ତୁ ବୟସ ୭୦ ଡେଇଁଲାଣି, ଆଖିକୁ ବି ଭଲ କି ଦିଶୁନଥିବାରୁ କେତେଦିନ ସେ ଏହି କଅଁଳ ପିଲା ଦୁଇଟିଙ୍କର ଯତ୍ନ ନେଇପାରିବେ, ତାକୁ ନେଇ ସନ୍ଦୀହାନ। କିନ୍ତୁ ଏହା ସତ୍ତ୍ୱେ ବି ନିଜ ରକ୍ତର ଦୁଇ ନାତିଙ୍କ ମୁହଁରେ ଦାନା ଗଣ୍ଡେ ଦେବା ସକାଶେ ଜେଜେମା' ଜଣଙ୍କ ଦୁଆର ଦୁଆର ବୁଲି ମାଗୁଛନ୍ତି। ଆମେ ଏଠାରେ ଯେଉଁ ବୃଦ୍ଧାଙ୍କ ସମ୍ପର୍କରେ ଆଲୋଚନା କରୁଛୁ ସେ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଗୋପ ଗାଁର ବାସନ୍ତୀ ଦୁହୁରୀ। ସ୍ୱାମୀ, ଦୁଇ ପୁଅ ବୋହୂ ଏବଂ ନାତିନାତୁଣୀଙ୍କୁ ନେଇ ବେଶ ହସଖୁସିରେ ସଂସାର ଚାଲିଥିଲା। କିନ୍ତୁ ସାନ ପୁଅର ହଠାତ ମୃତ୍ୟୁ ପରେ ବାସନ୍ତୀଙ୍କ ସ୍ୱାମୀ ଭାସ୍କର ବି ଆରପାରିକୁ ଚାଲିଗଲେ। ପରେ ବଡ଼ ପୁଅ ତା' ସଂସାର ନେଇ ଅଲଗା ହୋଇଗଲା। ଆଉ ଏପଟେ ସାନବୋହୂ ଦୁଇ ଛୋଟ ପିଲାଙ୍କୁ ଛାଡ଼ି ଅନ୍ୟ କାହା ସହ ସଂସାର କରିବାକୁ ବି ସାମାନ୍ୟତମ କୁଣ୍ଠାବୋଧ କରିନଥିଲା। ଶେଷରେ ଜେଜେମା'ଙ୍କ ମୁଣ୍ଡରେ ଦୁଇ ଛୁଆଙ୍କ ଦାୟିତ୍ୱ ପଡ଼ିଲା। କିନ୍ତୁ ମୁଣ୍ଡ ଗୁଞ୍ଜିବାକୁ ନା ଘର ଖଣ୍ଡେ ଅଛି ନା ପେଟକୁ ଦୁଇ ମୁଠା ଦାନା ଯୋଗାଇବା ସକାଶେ କୌଣସି ସାଧନ। କିନ୍ତୁ ଦୁଇ ପିଲାଙ୍କୁ ଧରି ମାଗିଯାଚି କଷ୍ଟେମଷ୍ଟେ ଚଳୁଛନ୍ତି ଏହି ତିନି ସଦସ୍ୟ। କିନ୍ତୁ ଓଳିଏ ଖାଇଲେ ଆର ଓଳିକି ଉପାସ ରହୁଛନ୍ତି ବାସନ୍ତୀ ଓ ତାଙ୍କର ଦୁଇ ନାତି। ଦାରିଦ୍ର୍ୟର ଚରମ ସୀମାରେ ଥିଲେ ମଧ୍ୟ ବାସନ୍ତୀଙ୍କୁ ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ମିଳି ନଥିବା ସବୁଠାରୁ ବଡ଼ ବିଡ଼ମ୍ବନାର ବିଷୟ। ନା ମୁଣ୍ଡ ଗୁଞ୍ଜିବାକୁ ମିଳିଛି ଇନ୍ଦିରା ଆବାସ କି ପ୍ରଧାନମନ୍ତ୍ରୀ ଆବାସ ନା ଚାଉଳ ମୁଠେ ପାଇବା ପାଇଁ ଅଛି ରାସନ୍ କାର୍ଡ। କୌଣସି ପ୍ରକାର ସରକାରୀ ସହାୟତାରୁ ବଞ୍ଚିତ ବାସନ୍ତୀ ଅତି ଦୟନୀୟ ସ୍ଥିତିରେ ରହିଛନ୍ତି। ଏପରିକି ତାଙ୍କୁ ବିଧବା ଭତ୍ତା ଗଣ୍ଡାକ ବି ମିଳୁନାହିଁ। ତେଣୁ ପେଟକୁ ଦାନା ଗଣ୍ଡେ ଯୋଗାଡ଼ କରିବା ସକାଶେ ବାସନ୍ତୀ ବାର ଦୁଆର ବୁଲି ଚାଉଳ ମୁଠାଏ ସଂଗ୍ରହ କରୁଛନ୍ତି। ଯେଉଁଠି ଦୁଇ ମୁଠା ଦାନା ଯୋଗାଡ଼ ପାଇଁ ଏହି ଅସହାୟ ପରିବାରକୁ ସଂଘର୍ଷ କରିବାକୁ ପଡୁଛି, ସେଠି ପାଠପଢ଼ା କଥା ବା କିଏ ପଚାରେ। ବାପାଙ୍କ ମୃତ୍ୟୁ ପରେ ମା' ଛାଡ଼ି ଚାଲିଯିବା ଉତ୍ତାରୁ ପିଲାମାନଙ୍କର ପାଠପଢ଼ାରେ ଡୋରି ବନ୍ଧା ହୋଇଛି। ଆଉ ଖାଦ୍ୟ କହିଲେ ଭାତ ସାଙ୍ଗକୁ କେବେ କେମିତି ଆଳୁ କି ଶାଗ ଟିକିଏ ମିଳିଗଲେ, ଏମାନଙ୍କ ପାଇଁ ବହୁତ ବଡ଼ କଥା।

## ଜୀବନ ଅମୃତ ଅନୁଚିନ୍ତା

ଇଶ୍ୱର ପ୍ରାପ୍ତି-ଯେଉଁ ବ୍ୟକ୍ତି ହୃଦୟର ପ୍ରତିଟି ସ୍ପନ୍ଦନ ଇଶ୍ୱରଙ୍କ ନାମରେ ସ୍ପନ୍ଦିତ, ପ୍ରତିଟି କ୍ଷଣରେ ଇଶ୍ୱରଙ୍କ ପ୍ରତିଛବି ପ୍ରସ୍ଫୁଟିତ, ପ୍ରତିଟି ନିଃଶ୍ୱାସରେ ଇଶ୍ୱରଙ୍କ ସ୍ଥିତି ଅନୁଭୂତ, ସେ ଇଶ୍ୱରପ୍ରାପ୍ତି ପାଇଁ ଶ୍ରେଷ୍ଠ ବିବେଚିତ।

SANCHAR
ସଂଚାର

୪ ଶୁକ୍ରବାର ୧୪ ଫେବ୍ରୁଆରୀ ୨୦୨୫, ଭୁବନେଶ୍ୱର
Friday 14 February 2025 Bhubaneswar

# ମାଗଣା ବାଣ୍ଟିବା ଦୁର୍ନୀତି

ମାଗଣା ବଣ୍ଟନ ଏକ ଦୁର୍ନୀତି। ଏଭଳି ମତବ୍ୟକ୍ତ କରି ପୂର୍ବତନ ବିଚାରପତି ଜଷ୍ଟିସ ଧିଙ୍ଗ୍ରା ଦିଲ୍ଲୀ ହାଇକୋର୍ଟରେ ଏକ ପିଟିସନ ଦାକଲ କରିଛନ୍ତି। ହାଇକୋର୍ଟ ଏହାକୁ ସୁପ୍ରିମକୋର୍ଟରେ ଶୁଣାଣୀ ନିମନ୍ତେ ପଠାଇ ଦେଇଛନ୍ତି। କାରଣ ସୁପ୍ରିମକୋର୍ଟରେ ଏଭଳି ଏକାଧିକ ମାମଲା ରହିଛି। ଏଭଳି ଏକ ମାମଲାର ଶୁଣାଣୀ କରି ସୁପ୍ରିମକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ ମାଗଣା ବାଣ୍ଟିବା ପ୍ରକ୍ରିୟାକୁ ନାପସନ୍ଦ କରିବା ସହିତ ଏହା ଦ୍ୱାରା ସମାଜରେ ଏକ ପ୍ରକାର ପରଜୀବୀ ଶ୍ରେଣୀ ସୃଷ୍ଟି ହେଉଛନ୍ତି ବୋଲି ମନ୍ତବ୍ୟ ଦେଇଛନ୍ତ। କିଛି ଲୋକ ସବୁ ବେଳେ ସରକାରଙ୍କଠାରୁ ମାଗଣା ପାଇବାକୁ ଆଶା ରଖିଛନ୍ତି। ମାଗଣା ରାସନ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇବା ହେତୁ ଅନେକ ଆଉ କାମ କରିବାକୁ ମଧ ଇଚ୍ଛା କରୁ ନାହାଁନ୍ତି। ଜଣେ ବରିଷ୍ଠ ନାଗରିକ ପାଇଁ ଏହା ଠିକ। ପରିଣତ ବୟସରେ ପେଟ ପାଇଁ ଖଟିବା ବାସ୍ତବରେ କଷ୍ଟକର। କିରନ୍ତୁ ଜଣେ ଯୁବକ ଘରେ ବସି ମାଗଣା ଖାଇବା, କ୍ଲବରେ ବସି ତାସ ଖେଳିବା କଦାପି ଗ୍ରହଣୀୟ ନୁହେଁ। ଏହା ଦ୍ୱାରା ସେହି ନିର୍ଦ୍ଦିଷ୍ଟ ବ୍ୟକ୍ତିର ନୁହେଁ, ଦେଶର କ୍ଷତି ହେଉଛି। ଯୁବ ଶକ୍ତିର, ମାନବସମ୍ବଳର ସଠିକ ବିନିଯୋଗ ହେଉନାହିଁ। ଖାଦ୍ୟ ଉତ୍ପାଦନ ବୃଦ୍ଧିରେ ଏହା ମୁଖ୍ୟ ପ୍ରତିବନ୍ଧକ। ମାଗଣା ସମସ୍ତଙ୍କୁ ଭଲଲାଗେ। ଆଉ ରାଜନୈତିକ ଦଳମାନେ ଅତି ଚତୁରତାର ସହ ନିର୍ଦ୍ଦିଷ୍ଟ ବର୍ଗକୁ ନିଜ ଜାଲରେ ପକାଇ ଭୋଟ ବ୍ୟାଙ୍କ ସୃଷ୍ଟି କରୁଛନ୍ତି। ଯେମିତି ମହିଳା ଭୋଟ ବ୍ୟାଙ୍କ, କୃଷକ, ଯୁବକ, ଶ୍ରମିକ, ଶିକ୍ଷକ, ସରକାରୀ କର୍ମଚାରୀ ପ୍ରମୁଖଙ୍କୁ ନେଇ ଭୋଟ ବ୍ୟାଙ୍କ ସୃଷ୍ଟି କରାଯାଉଛି। ନିର୍ବାଚନରେ ସେମାନଙ୍କୁ ସାମୁହିକ ସମର୍ଥନ ପାଇବା ଆଶାରେ ଏଭଳି କରାଯାଉଛି।



ଅନେକ ସମୟରେ ଏହା ସଫଳ ମଧ ହେଉଛି। ସେମାନେ ରାଜନୈତିକ ଦଳମାନଙ୍କୁ ଏଭଳି ପ୍ରଲୋଭନରୁ ନିବୃତ୍ତ ରଖିବା ସହିତ ଭୋଟରମାନଙ୍କୁ ଏଭଳି ଦଳମାନଙ୍କୁ ପ୍ରତ୍ୟାଖ୍ୟାନ କରିବାକୁ ପ୍ରରୋଚିତ କରିବା ଉଚିତ। ନିର୍ବାଚନ ଇସ୍ତାହାରରେ ଦେଶର ସୁରକ୍ଷା, ପ୍ରତିରକ୍ଷା ବ୍ୟବସ୍ଥା, ବିଜୁଳି, ପାଣି, ଭିତ୍ତିଭୂମି ବିକାଶ ଏବଂ ସାମଗ୍ରୀକଭାବେ ଦେଶର ବିକାଶ ତଥା ଗୋ÷ରବ ବୃଦ୍ଧି ନିମନ୍ତେ ନିର୍ଦ୍ଦିଷ୍ଟ ପ୍ରସ୍ତାବ ରହିବା ଉଚିତ। ଗଣତନ୍ତ୍ରରେ ନିର୍ବାଚନ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ନିର୍ବାଚନ ମାଧମରେ ଜନ ପ୍ରତିନିଧି ଚୟନ ହୋଇଥାଆନ୍ତି। ସେମାନେ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଶାସନ ଦାୟିତ୍ୱରେ ରହନ୍ତି। ଭୋଟରମାନେ ସେମାନଙ୍କୁ କାହିଁକି ଚୟନ କରିବେ, କ୍ଷମତାକୁ ଆସିଲେ ସେମାନେ ଜନତାଙ୍କ କଲ୍ୟାଣ ପାଇଁ କ'ଣ କରିବେ ସେ ସମ୍ପର୍କରେ ନିଜ ସଙ୍କଳ୍ପପତ୍ରରେ ଉଲ୍ଲେଖ କରନ୍ତି। ଏହି ଆଧାରରେ ଜନତା ସେମାନଙ୍କ ରାୟ ପ୍ରଦାନ କରନ୍ତି। ସବୁ ଦଳର ନିର୍ବାଚନ ଇସ୍ତାହାରକୁ ଜନତା ସମୀକ୍ଷା କରିବା ପରେ ନିଜ ମତାଧିକାର ସାବ୍ୟସ୍ତ କରିବା ଉଚିତ। କିନ୍ତୁ ଆମ ଦେଶର ମତଦାତାଙ୍କ ମଧ୍ୟରୁ ଅଧିକାଂଶ ଏହାର ଉଚିତ ସମୀକ୍ଷା କରନ୍ତି ନାହିଁ ବା ଏହାକୁ ଗୁରୁତ୍ୱ ଦିଅନ୍ତି ନାହିଁ। କାରଣ ସେମାନେ ନିଜ ଅଧିକାର ଏବଂ ନିର୍ବାଚନର ଉଦ୍ଦେଶ୍ୟ ସମ୍ପର୍କରେ ସଚେତନ ନୁହଁନ୍ତି। ସେମାନେ ଏହାକୁ ଗୁରୁତ୍ୱ ଦିଅନ୍ତି ନାହିଁ। ଆଉ ଅନେକଙ୍କର କାହାର ନିର୍ବାଚନ ଇସ୍ତାହାର ଉପରେ ବିଶ୍ୱାସ ନାହିଁ। ଏହାର ଯଥାର୍ଥତା ମଧ ରହିଛି। କାରଣ ଅନେକ ସମୟରେ ରାଜନୈତିକ ଦଳମାନେ ନିଜ ନିର୍ବାଚନୀ ସଙ୍କଳ୍ପପତ୍ରରେ ଏତେ ଅବାସ୍ତବ ପ୍ରତିଶ୍ରୁତି ସବୁ ଦିଅନ୍ତି ତାହାକୁ କାର୍ଯ୍ୟକାରୀ କରିବା ମଧ ଅସମ୍ଭବ। ଭୋଟ ବା କ୍ଷମତା ସମ୍ପନ୍ନ ରାଜନୀତିରେ ରାଜନୈତିକ ଦଳ ମାନେ ଯେନତେନ ପ୍ରକାରେଣ ନିର୍ବାଚନ ଜିତିବା ଉପରେ ସବୁ ବେଳେ ଗୁରୁତ୍ୱ ଦିଅନ୍ତି। ରାଜ୍ୟ ବା ଦେଶର ବୃହତ୍ତର ସ୍ୱାର୍ଥ ବା ଲୋକଙ୍କ କଲ୍ୟାଣକୁ ସେମାନେ ଗୁରୁତ୍ୱ ଦିଅନ୍ତି ନାହିଁ। ସେମାନଙ୍କର ମୂଳ ଲକ୍ଷ୍ୟ ହେଲା ଭୋଟରଙ୍କୁ ପ୍ରଲୋଭିତ କରି ସେମାନଙ୍କ ସମର୍ଥନ ହାସଲ କରିବା। ଏଥିଲାଗି ସେମାନେ ନିର୍ବାଚନ ବେଳେ ଭୋଟରଙ୍କୁ ତତ୍କାଳ ଲାଭର ପ୍ରଲୋଭନ ଦିଅନ୍ତି। ଭୋଟ ପୂର୍ବରୁ ଭୋଟରଙ୍କୁ ଉପହାର ଦିଆଯାଏ।ସକ ଦଳ ଦୀର୍ଘ ବର୍ଷ ହେବ ଦାବି ହୋଇ ଆସୁଥିବା କାମର ଶୁଭାରମ୍ଭ କରନ୍ତି। କିନ୍ତୁ ନିର୍ବାଚନ ପରେ ସେମାନେ ସବୁ କଥା ଭୁଲିଯାଆନ୍ତି। ପ୍ରତି ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନୀ ଇସ୍ତାହାରରେ ନୂଆ ନୂଆ ପ୍ରଲୋଭନ ଦିଆଯାଉଛି। ଏଥିରେ ପ୍ରତିଯୋଗିତା ଚାଲିଛି। ଏହାର ପ୍ରଭାବ ମଧ ପଡୁଛି। ଭୋଟରମାନେ ତତ୍କାଳ ଲାଭ ପାଇବା ଆଶାରେ ପ୍ରଲୋଭିତ ହୋଇ ଭୋଟ ଦେଉଛନ୍ତି। ନିର୍ବାଚନ ପ୍ରତିଶ୍ରୁତିରେ ମାଗଣା ବଣ୍ଟନ ଏକ ବଡ଼ ପ୍ରସଙ୍ଗ ହୋଇଛି। ଆପ ଦିଲ୍ଲୀରେ ୨୦୦ ୟୁନିଟ ପର୍ଯ୍ୟ୍ତ ମାଗଣା ବିଜୁଳି ପ୍ରତିଶ୍ରୁତି ଦେଇ ସଫଳ ହୋଇଛି। କେନ୍ଦ୍ର ସରକାର ମାଗଣା ରାସନ ଦେଉଛନ୍ତି। ଆଉ ମାଗଣା ସାଇକେଲ, ପୋଷାକ, ସ୍କୁଟି, ମୋବାଇଲ ସମ୍ପୂର୍ଣ୍ଣ ମାଗଣାରେ ଦିଆଯାଉଛି। ରାଜକୋଷରୁ ହଜାର ହଜାର କୋଟି ଟଙ୍କା ବରବାଦ ହେଉଛି। ଏଥିରେ ଅନେକ ସାମୁହିକ ବିକାଶ କାର୍ଯ୍ୟ ହୋଇପାରନ୍ତା। କିନ୍ତୁ ଆମେ ସାଧାରଣ ନାଗରିକ ବା ମତଦାତା ଏହାକୁ ଗୁରୁତ୍ୱ ଦେଉଥିବାରୁ ନିର୍ବାଚନ ବେଳେ ରାଜନୈତିକ ଦଳ ବା ପ୍ରାର୍ଥୀଙ୍କ ପକ୍ଷରୁ ନୂଆ ନୂଆ ପ୍ରଲୋଭନ ଦିଆଯାଉଛି। ଏଥିରେ ବିରାମ ଲାଗିବା ଉଚିତ। ମାନ୍ୟବର ସୁପ୍ରିମକୋର୍ଟ ଯେଉଁ ପରଜୀବୀ ମନ୍ତବ୍ୟ ଦେଇଛନ୍ତି ତାହା ଯଥାର୍ଥ। ଗରିବ ଲୋକଙ୍କ ଟିକସ ଅର୍ଥକୁ ବରବାଦ କରିବା, ଏହାର ଦୁରୂପଯୋଗ କରିବାର ଅଧିକାର ସରକାରଙ୍କର ନାହିଁ। ଲୋକଙ୍କୁ ନିଯୁକ୍ତି ଦିଅ, ରୋଜଗାର ସୁବିଧା ଦିଅ, ତାଙ୍କ କ୍ରୟ ଶକ୍ତି ବୃଦ୍ଧି ପାଇଁ ପ୍ରୟାସ କରାଯାଉ। ଯେ କୋ÷ଣସି ସାମଗ୍ରୀ ହେଉ, ସେମାନେ ଏହାକୁ କିଣିବାର ସାମର୍ଥ୍ୟ ହାସଲ କରନ୍ତୁ। ଏହା ଦ୍ୱାରା ଦେଶର ଅର୍ଥନୀତି ସମୃଦ୍ଧ ହୋଇପାରିବ। କିଛି ଲୋକ କୃଷି ଋଣ ନେଇ ଏହାକୁ ପରିଶୋଧ କରୁ ନାହାଁନ୍ତି। ଆଶା କରୁଛନ୍ତି ସରକାର କାଳେ ଋଣ ଛାଡ଼ କରିଦେବେ। କିନ୍ତୁ ଏହା ବି ଏକ ଦୁର୍ନୀତି। ଋଣ କରି ଏହାକୁ ପରିଶୋଧ ନକରିବା ବି ଏକ ଦୁର୍ନୀତି। ଏହି ଦୁର୍ନୀତି ସାମଗ୍ରୀକ ବିକାଶ ପ୍ରକ୍ରିୟାକୁ ପ୍ରଭାବିତ କରୁଛି। ଯେଉଁ ଟଙ୍କାରେ ଦେଶର ଭିତ୍ତିମୂମି ବିକଶିତ ହୋଇପାରିବ, ଯେଉଁ ଅର୍ଥରେ ଶିଳ୍ପ କାରଖାନା, ଚାଷ ଜମିକୁ ଜଳସେଚନ ନିମନ୍ତେ କେନାଲ ଖୋଳାଯାଇପାରିବ ସେହି ଅର୍ଥକୁ ଋଣ ଛାଡ଼ ଏବଂ ମାଗଣା ବଣ୍ଟନରେ ବ୍ୟୟ କରାଯିବା ବିକଶିତ ଭାରତ ଗଠନରେ ମୁଖ୍ୟ ପ୍ରତିବନ୍ଧକ। ଭାରତ ଏକ ଜନକଲ୍ୟାଣ ରାଷ୍ଟ୍ର। ଏଠାରେ ସରକାର ଲୋକଙ୍କ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦିଅନ୍ତି। ଏଠାରେ ଲାଭକ୍ଷତିର ହିସବା କରାଯାଏନା। କିନ୍ତୁ ଜନକଲ୍ୟାଣ ଅର୍ଥ ନୁହେଁ ଯେ, ଲୋକଙ୍କୁ ମାଗଣା ରାସନ, ଶାଢ଼ୀ, ସୁନା ଚେନ ବା ସ୍କୁଟି, ଲାପଟପ ବାଣ୍ଟିବା। ଗରିବ ଛାତ୍ରଙ୍କୁ ମାଗଣା ପଢ଼ିବା ସୁଯୋଗ ଦିଆଯାଉ, ଛାତ୍ର ବୃତ୍ତି ପ୍ରଦାନ କରାଯାଉ, ଚାଷୀଙ୍କୁ ଟିକସ ମୁକ୍ତ ସାର, କୀଟନାଶକ ଏବଂ ଶସ୍ତାରେ ବିଜୁଳି ଏବଂ ପାଣି ଦିଆଯାଉ। କିନ୍ତୁ ମାଗଣାରେ କିଛି ବି ଦିଆଯିବା ଅନୁଚିତ। ମହାନ ରାଷ୍ଟ୍ର ନାୟକ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଏକଦା କହିଥିଲେ ଯେ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ବ୍ୟତିତ କିଛି ବି ମାଗଣା ଦିଆଯିବା ଅନୁଚିତ। ଲୋକଙ୍କ ଟିକସ ଅର୍ଥର ଦୁରୂପଯୋଗ ନକରି ଟିକସ ବୋଝକୁ ହ୍ରାସ କରାଯାଉ। ଏହା ହିଁ ସର୍ବଶ୍ରେଷ୍ଠ ଜନକଲ୍ୟାଣ ହେବ ମାଗଣା ଟଙ୍କା ନବାଣ୍ଟି ଏହି ଅର୍ଥରେ ପ୍ରତି ଗାଁରେ ଡାକ୍ତରଖାନା ହେଉ, ସବୁ ଗଳିକୁ ରାସ୍ତା ନିର୍ମାଣ ହେଉ। ଲୋକଙ୍କ କାମ ଦିଅ, ମାଗଣା ସାମଗ୍ରୀ ନୁହେଁ। ଯୁବକଙ୍କୁ ରୋଜଗାର ଦିଅ, ଘରେ ବସି ବିନା ପରିଶ୍ରମରେ ଖାଇବା ଅଭ୍ୟାସକୁ ବନ୍ଦ କର।

# ଏକ ସଙ୍ଗଠିତ ଅବହେଳାର କାହାଣୀ

**କରୁଣାସିନ୍ଧୁ ବାରିକ**

ଚଳିତ ବିଧାନସଭାର ବଜେଟ ଅଧିବେଶନ ପୂର୍ବରୁ ଓଡ଼ିଶାର ବିଭିନ୍ନ ପ୍ରାଥମିକ ଶିକ୍ଷକସଂଘଗୁଡିକ ଆନ୍ଦୋଳନ ଡାକରା ଦେଇଛନ୍ତି। ସେମାନଙ୍କର ପ୍ରମୁଖ ଦାବିଗୁଡିକ ମଧରେ ରହିଛି କେନ୍ଦ୍ରୀୟହାରରେ ଦରମା, ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଇତ୍ୟାଦି। ଏହିପରିପ୍ରେକ୍ଷୀରେ ଆମେ ଦେଶର ବିଭିନ୍ନ ରାଜ୍ୟରେ ସରକାରୀ ପ୍ରାଥମିକ ଶିକ୍ଷକଙ୍କର ନିଯୁକ୍ତି ସର୍ତ୍ତାବଳୀ,ଦରମା ଓ ସେମାନଙ୍କ ଦାବିର ଯୌକ୍ତିକତା ବିଷୟରେ ଆଲୋଚନା କରିବା। ବର୍ତ୍ତମାନ ପ୍ରଚଳିତ ନିଯୁକ୍ତି ନିୟମ ଅନୁସାରେ ଓଡ଼ିଶାରେ ସରକାରୀ ଉଚ୍ଚ ବିଦ୍ୟାଳୟରେ ଟିଜିଟି ଶିକ୍ଷକ/ଶିକ୍ଷିକାମାନଙ୍କର ପ୍ରାରମ୍ଭିକ ଦରମା ₹୫୦୦୦୦ରୁ ଅଧିକ ଥିବାବେଳେ ,ପିଜିଟି ମାନଙ୍କର ପ୍ରାରମ୍ଭିକ ଦରମା ₹୬୫୦୦୦ରୁ ଅଧିକ ରହିଛି। ଆଦର୍ଶ ବିଦ୍ୟାଳୟ କ୍ଷେତ୍ରରେ ଟିଜିଟି ଓ ପିଜିଟି ମାନଙ୍କର ପ୍ରାରମ୍ଭିକ ଦରମା ଯଥାକ୍ରମେ ପାଖାପାଖି ₹୬୫୦୦୦ ଓ ₹୭୦୦୦୦ ରହିଛି। ଅନ୍ୟପକ୍ଷରେ ଓଡ଼ିଶାରେ ପ୍ରାଥମିକ ଶିକ୍ଷକ/ଶିକ୍ଷିକାମାନଙ୍କର ବର୍ତ୍ତମାନ ବର୍ଦ୍ଧିତ ପ୍ରାରମ୍ଭିକ ଦରମା ହେଉଛି ମାତ୍ର ₹୧୬୦୦୦। ପୁନଃଶ୍ଚ, ଦୀର୍ଘ ୬ ବର୍ଷର ଠିକା/ ଚୁକ୍ତି ଭିତ୍ତିକ ସମୟ ସାରିବାପରେ ମଧ ପ୍ରାଥମିକ ଶିକ୍ଷକ ମାନଙ୍କୁ ମିଳେ ପାଖାପାଖି ₹୩୫୦୦୦(ମାତ୍ର)। ହରିୟାଣା ପରି ରାଜ୍ୟରେ ପ୍ରାଥମିକ ଶିକ୍ଷକମାନଙ୍କର ପ୍ରାରମ୍ଭିକ ଦରମା ₹୬୦୦୦୦ ରୁ ଉର୍ଦ୍ଧ। ପଞ୍ଜାବ,ରାଜସ୍ଥାନ ପରି ରାଜ୍ୟମାନଙ୍କରେ ମଧ ପ୍ରାଥମିକ ଶିକ୍ଷକ/ ଶିକ୍ଷିକାମାନଙ୍କୁ ୪୨୦୦ଗ୍ରେଡପେ ସହିତ କେନ୍ଦ୍ରୀୟ ହାରରେ ଦରମା ମିଳୁଛି। ୨୯ ଜୁଲାଇ ୨୦୨୧ରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ତାଙ୍କ ଅଭିଭାଷଣରେ ଜାତୀୟ ଶିକ୍ଷା ନୀତି (NEP) ୨୦୨୦ର ପ୍ରଥମ ବାର୍ଷିକୀ କଥା କହୁଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ନୂତନ ଶିକ୍ଷା ନୀତିର ଏକ ପ୍ରମୁଖ ଲକ୍ଷ୍ୟ ହେଉଛି ଶିକ୍ଷକମାନଙ୍କ ଜୀବିକା, ସମ୍ମାନ, ମର୍ଯ୍ୟାଦା ଏବଂ ସ୍ୱାୟତ୍ତତା ସୁନିଶ୍ଚିତ କରି, ସମସ୍ତ ସ୍ତରରେ ଶିକ୍ଷକ ବୃତ୍ତିରେ ପ୍ରବେଶ କରିବା ପାଇଁ ସର୍ବୋତ୍ତମ ଏବଂ ମେଧାବୀମାନଙ୍କୁ ନିଯୁକ୍ତି ଦେବା, ଏବଂ ଏହା ସହିତ ବ୍ୟବସ୍ଥାରେ ଗୁଣବତ୍ତା ନିୟନ୍ତ୍ରଣ ଏବଂ ଦାୟିତ୍ୱବୋଧର ମୌଳିକ ପଦ୍ଧତି ସ୍ଥାପନ କରିବା। ଚଳିତ ୨୦୨୫-୨୬ ଶିକ୍ଷାବର୍ଷରୁ ଓଡ଼ିଶା ସରକାର ଜାତୀୟ ଶିକ୍ଷା ନୀତି ଲାଗୁ କରିଥିଲେ ମଧ ଉପରୋକ୍ତ ଦିଗଟି ପ୍ରତି ଏଯାଏଁ ଧାନ ଦେଇନାହାନ୍ତି।

୨୦୨୨ ମସିହା ଅକ୍ଟୋବର ମାସରେ ତତ୍କାଳୀନ ବିଜେଡି ସରକାରଙ୍କ ରାଜ୍ୟ କ୍ୟାବିନେଟ, ସ୍ଥାୟୀ ଭାବରେ ଚୁକ୍ତିଭିତ୍ତିକ ନିଯୁକ୍ତିକୁ ଉଚ୍ଛେଦ କରିବାକୁ ଅନୁମୋଦନ ଦେଇଥିଲା, ଯାହାଦ୍ୱାରା ପ୍ରାୟ ୫୭,୦୦୦ ରାଜ୍ୟ ସରକାରଙ୍କ କର୍ମଚାରୀ ଉପକୃତ ହୋଇଥିଲେ। ଏହି ପଦକ୍ଷେପପାଇଁ ଓଡ଼ିଶା ସରକାରଙ୍କୁ ବର୍ଷକୁ ପ୍ରାୟ ₹୧୩୦୦ କୋଟି ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡିବ ବୋଲି ଆକଳନ କରାଯାଇଥିଲା। ରାଜ୍ୟ ସରକାରଙ୍କଦ୍ୱାରା ୧୬ଅକ୍ଟୋବର୨୦୨୨ରେ ଏହି ସମ୍ବନ୍ଧରେ ଏକ ଆନୁଷ୍ଠାନିକ ବିଜ୍ଞପ୍ତି ଜାରି କରାଯାଇଥିଲା, ଯେଉଁଥିରେ ଓଡ଼ିଶା ଗ୍ରୁପ୍-ବି ପଦବୀ (ଚୁକ୍ତିମୂଳକ ନିଯୁକ୍ତି) ନିୟମ, ୨୦୧୩ ଏବଂ ଓଡ଼ିଶା ଗ୍ରୁପ୍ 'ସି' ଏବଂ ଗ୍ରୁପ୍ 'ଡି' ପଦବୀ (ପ୍ରତ୍ୟାହାର ଏବଂ ସ୍ୱତନ୍ତ୍ର ବ୍ୟବସ୍ଥା)ନିୟମ,୨୦୨୨ କୁ ରଦ୍ଦ କରାଯାଇଥିଲା। କିନ୍ତୁ ଗଭୀର ଅନ୍ୟାୟମୂଳକ ଭାବେ ପ୍ରାଥମିକ ଶିକ୍ଷକ/ଶିକ୍ଷିକା ମାନଙ୍କୁ ଏଥିରୁ ବଞ୍ଚିତ କରାଯାଇଥିଲା। ପ୍ରାଥମିକ ଶିକ୍ଷକ/ଶିକ୍ଷିକା ସଂଗଠନଗୁଡିକ ଏହା ବିରୁଦ୍ଧରେ ଆନ୍ଦୋଳନ କରୁଥିବା ସ୍ଥାନକୁ ତତ୍କାଳୀନ ବିରୋଧୀଦଳ ଉପ ସଚେତକ ତଥା ବର୍ତ୍ତମାନର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ମାଝୀ ଆସି, ସମାନ କାମକୁ ସମାନ ଦରମା ନୀତିକୁ ସମର୍ଥନ କରିବା ସହ ବିଜେପି ସରକାର ଆସିଲେ ଶିକ୍ଷା ବ୍ୟବସ୍ଥାରେ ଚୁକ୍ତି ପ୍ରଥା ଉଠାଇବା ପାଇଁ ପଦକ୍ଷେପ ନେବ ବୋଲି କହିଥିଲେ। କିନ୍ତୁ ସରକାର ଗଠନର ଏତେ ମାସ ପରେ ମଧ କୌଣସି ପଦକ୍ଷେପ ନିଆଯାଇ ପାରିଲା ନାହିଁ।



ଭାରତରେ ଶିକ୍ଷାର ଗୁଣବତ୍ତା ବୃଦ୍ଧିପାଇଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ/ଶିକ୍ଷିକାଙ୍କ ନିମନ୍ତେ ଉପଯୁକ୍ତ ଦରମା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ଶିକ୍ଷକ/ ଶିକ୍ଷିକାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ଏବଂ ଶିକ୍ଷା କ୍ଷେତ୍ରରେ ମେଧାବୀମାନଙ୍କୁ ଆକର୍ଷିତ କରିବା ଏବଂ ସେମାନଙ୍କୁ ଉକ୍ତ ବୃତ୍ତିରେ ବଜାୟ ରଖିବାପାଇଁ ପର୍ଯ୍ୟାପ୍ତ ପାରିଶ୍ରମିକ ଅତ୍ୟନ୍ତ ଜରୁରୀ। ପ୍ରତିଯୋଗିତାମୂଳକ ଦରମା ପ୍ରତିଭାବାନ ବ୍ୟକ୍ତିମାନଙ୍କୁ ଶିକ୍ଷକତାବୃତ୍ତିକୁ ଆକର୍ଷିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକରେ। ଉଚ୍ଚଦରମା କେବଳ ଦକ୍ଷ ବୃତ୍ତିଗତମାନଙ୍କୁ ଏହି କ୍ଷେତ୍ରରେ ପ୍ରବେଶ କରିବାକୁ ଉତ୍ସାହିତ କରେ ନାହିଁ ବରଂ ସେମାନଙ୍କୁ ଦୀର୍ଘକାଳୀନ ଭାବରେ ଏହି ବୃତ୍ତିରେ ନିୟୋଜିତ ରହିବାକୁ ମଧ ଉତ୍ସାହିତ କରେ। ଗବେଷଣା ସୂଚିତ କରେ ଯେ ଶିକ୍ଷକ/ଶିକ୍ଷିକାଙ୍କ ଦରମା ଜଣେ ବ୍ୟକ୍ତିଙ୍କ ଶିକ୍ଷକତା ବୃତ୍ତିରେ ପ୍ରବେଶ କରିବା ଏବଂ ଏହି ବୃତ୍ତିରେ ରହିବା ନିଷ୍ପତ୍ତିକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରେ (ସୂତ୍ରଃ- ଆମେରିକାନ ପ୍ରୋଗ୍ରେସ ଡ଼ଟ ଓଆରଜି)।

ସନ୍ତୋଷଜନକ ପାରିଶ୍ରମିକ ଶିକ୍ଷକ/ଶିକ୍ଷିକାଙ୍କ ମନୋବଳକୁ ଉଚ୍ଚ କରିଥାଏ, ଯାହା ସିଧାସଳଖ ଉନ୍ନତ ଶିକ୍ଷାଦାନ ପ୍ରଦର୍ଶନ ସହିତ ଜଡିତ। ଯେତେବେଳେ ଶିକ୍ଷକ/ଶିକ୍ଷିକାମାନେ ନିଜକୁ ମୂଲ୍ୟବାନ ଏବଂ ଉପଯୁକ୍ତ ପାରିଶ୍ରମିକ ପ୍ରାପ୍ତ ଅନୁଭବ କରନ୍ତି, ସେମାନେ ସେମାନଙ୍କ ଛାତ୍ରଛାତ୍ରୀଙ୍କ ସଫଳତାରେ ନିଜକୁ ବିନିଯୋଗ କରିବାକୁ ଅଧିକ ପ୍ରେରଣା ପାଆନ୍ତି, ଯାହା ଉତ୍ତମ ଶିକ୍ଷାଗତ ଫଳାଫଳ ଆଣିଥାଏ। ଅଧ୍ୟୟନରୁ ଜଣାପଡିଛି ଯେ ଶିକ୍ଷକମାନଙ୍କୁ ଅଧିକ ଦରମା ଦେବାଦ୍ୱାରା ଛାତ୍ରଙ୍କ ପ୍ରତିଧାରଣ ହାର ବୃଦ୍ଧି ପାଇପାରେ ( ସୂତ୍ରଃ-ଆମେରିକାନ ପ୍ରୋଗ୍ରେସ ଡ଼ଟ ଓଆରଜି)। ଭାରତର ଅନେକ ଅଞ୍ଚଳ, ବିଶେଷକରି ଗ୍ରାମାଞ୍ଚଳ ଏବଂ ଅନୁନ୍ନତ ଅଞ୍ଚଳ , ସରକାରୀ ଶିକ୍ଷକ ଅଭାବର ସମ୍ମୁଖୀନ ହେଉଛନ୍ତି। ଶିକ୍ଷକଙ୍କ ଦରମାବୃଦ୍ଧି ଏହି ବୃତ୍ତିକୁ ଅଧିକ ଆକର୍ଷଣୀୟ କରିପାରିବ, ଯାହା ଫଳରେ ଅନୁନ୍ନତ ଅଞ୍ଚଳମାନଙ୍କରେରେ ଖାଲି ପଦବୀ ଗୁଡିକ ପୂରଣ ହୋଇପାରିବ। ବାରମ୍ବାର ପିଲାଙ୍କୁ ପଢାଉଥିବା ଶିକ୍ଷକ/ଶିକ୍ଷିକା ବଦଳିଲେ ଏହା ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଅଭିଜ୍ଞତାକୁ ବାଧା ଦେଇପାରେ (ସୂତ୍ରଃ-ଦ ଜର୍ନାଲିଷ୍ଟ)। ପ୍ରତିଯୋଗିତାମୂଳକ ଦରମା ପ୍ରଦାନ କରି, ସରକାରୀସ୍କୁଲଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ସ୍ଥିର ଏବଂ ଅଭିଜ୍ଞ ଶିକ୍ଷକ ଯୋଗାଇଦେଇ ଏହି ସମସ୍ୟାକୁ ହ୍ରାସ କରାଯାଇପାରିବ। ସନ୍ତୋଷଜନକ ପାରିଶ୍ରମିକ ଥିଲେ ଶିକ୍ଷକ/ଶିକ୍ଷିକା ମାନେ ବିଭିନ୍ନ କେନ୍ଦ୍ରୀୟ ବିଦ୍ୟାଳୟମାନଙ୍କୁ ଅତ୍ୟଧିକ ଅଗ୍ରାଧିକାର ଦେବେନାହି ଏବଂ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଗୁଣାତ୍ମକ ଶିକ୍ଷାର ସୁଯୋଗ ସୁନିଶ୍ଚିତ ହୋଇପାରିବ। ଉଦାହରଣ ସ୍ୱରୂପ, ଅଷ୍ଟ୍ରେଲିଆର ନ୍ୟୁ ସାଉଥ୍ ୱେଲ୍ସରେ, ଶିକ୍ଷକଙ୍କ ଦରମା ବୃଦ୍ଧି ପାଇଁ ପ୍ରୟାସ ଶିକ୍ଷକଙ୍କ ଖାଲି ପଦବୀ ହ୍ରାସ କରିବାରେ ସଫଳ ହୋଇଛି (ସୂତ୍ରଃ ଡେଲି ଟେଲିଗ୍ରାଫ)।

ଗବେଷଣାରୁ ଜଣାପଡିଛି ଯେ ଉପଯୁକ୍ତ ଦରମା ଶିକ୍ଷକମାନଙ୍କୁ ଭଲ ଭାବରେ ପ୍ରତିପାଳନ କରିପାରିବ, ଯାହା ସାମ୍ପ୍ରତିକ ଶିକ୍ଷକ ଅଭାବକୁ ପୂରଣ କରିପାରିବ। ଶିକ୍ଷକମାନଙ୍କ ପାଇଁ ଉପଯୁକ୍ତ ଦରମା ପ୍ରଦାନ କରିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତଦିଗରେ ଏକ ନିବେଶ। ଯେତେବେଳେ ଶିକ୍ଷକମାନଙ୍କୁ ସଠିକ ପାରିଶ୍ରମିକ ଦିଆଯାଏ, ସେମାନେ ନିୟୋଜିତ ଏବଂ ପ୍ରଭାବଶାଳୀ ହେବାର ସମ୍ଭାବନା ଅଧିକ ଥାଏ, ଯାହା ଫଳରେ ଛାତ୍ର/ଛାତ୍ରୀମାନଙ୍କର ପ୍ରଦର୍ଶନ ଏବଂ ସାମଗ୍ରିକ ଶିକ୍ଷାଗତ ଗୁଣବତ୍ତା ଉନ୍ନତ ହୋଇଥାଏ। ଶିକ୍ଷକ ଏବଂ ଅନ୍ୟାନ୍ୟ କଲେଜ ସ୍ନାତକ ବୃତ୍ତିଗତଙ୍କ ମଧରେ ବଢୁଥିବା ଦରମା ପାର୍ଥକ୍ୟକୁ ଦୂର କରିବା ସାର୍ବଜନୀନ ଶିକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶେଷରେ, ଶିକ୍ଷକଙ୍କ ନିମନ୍ତେ ସମ୍ମାନଜନକ ଦରମା ବୃଦ୍ଧି ଭାରତରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ଏହା ସୁନିଶ୍ଚିତ କରିବଯେ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ସର୍ବୋତ୍ତମ ସମ୍ଭାବ୍ୟ ଶିକ୍ଷା ପ୍ରଦାନ କରିବା ପାଇଁ ପ୍ରେରଣାପ୍ରାପ୍ତ, ସମ୍ମାନିତ ଏବଂ ସଜ୍ଜିତ, ଓ ଦେଶର ସାମଗ୍ରିକ ବିକାଶରେ ଅକୁଣ୍ଠିତ ଯୋଗଦାନ ନିମନ୍ତେ ଅହରହ ଚେଷ୍ଟିତ।

**ନବୀନ ନିବାସ ପାଖ, ୩୪/୭, ଭୀମପୁର ରୋଡ୍, ଭୁବନେଶ୍ୱର**
**ମୋବାଇଲ୍: ୬୩୭୦୦୯୭୫୫୧**

# କରମା ଦେବତା କରମସାନି



**ରୁପେନ୍ଦ୍ର ମୁଣ୍ଡା**

ଏହି କଥାକୁ ନେଇ ଭିନ୍ନ ଭିନ୍ନ କଥା ରହିଅଛି। ପୁଣି ଏଇ ପୂଜା ପାଇଁ କେଉଁ ଦିନଠାରୁ ଆରମ୍ଭ ହେଲା ବୋଲି କହିବା ଗୋଟିଏ ବହୁତ ବଡ କଥା। ସେ ଯାହାଭି ହେଉ କିଛି ପାଇବା ପାଇଁ ମନୁଷ୍ୟ ସମାଜ ପୂଜା କରେ। ଏହି ପରମ୍ପରା ଆମର ବାପା, ଅଜା, ପୂର୍ବ ପୁରୁଷ ମାନଙ୍କ ଠାରୁ ଚଳି ଆସିଅଛି। ଆମ ଭାରତ ଦେଶରେ ବହୁତ ଧର୍ମର ଲୋକ ଅଛନ୍ତି। ସେମାନଙ୍କ ମଧରେ ହିନ୍ଦୁ ଧର୍ମ ଗୋଟିଏ ଅନ୍ୟତମ। ହିନ୍ଦୁ ଧର୍ମରେ ବହୁତ ଦେବା ଦେବୀ ପୂଜା ପାଆନ୍ତି।

ପଶୁ ଓ ପ୍ରକୃତିର ପୂଜା କରିବାର ପରମ୍ପରା ଭାରତ ଦେଶରେ ବହୁତ ବର୍ଷରୁ ଅଛି। ଏଠାରେ ଗଛ-ପତ୍ର, ପାହାଡ ପର୍ବତ, ଫୁଲ ଫଳ, ପାଣି ପବନ, ସୂର୍ଯ୍ୟ ଚନ୍ଦ୍ର, ଏମିତିକି ବାଦ୍ୟଯନ୍ତ୍ର, ଢୋଲ, ମହରୀ ମଧ ପୂଜା କରାଯାଇଥାଏ। ଏମିତି ଗୋଟିଏ ପୂଜା ପରମ୍ପରା କଥା ମନେ ପଡିଲେ କରମସାନି କଥା ମନେ ପଡେ। ଯେଉଁ ପୂଜାରେ ଗୋଟିଏ ଗଛର ଡାଳକୁ ଭଗବାନ ଭାବି ପୂଜା କରିବାର ବିଧି ରହିଅଛି।

ପଶ୍ଚିମ ଓଡିଶାର ଆଦିବାସୀ ମାନଙ୍କଠାରୁ କରମସାନି ପୂଜା ପରମ୍ପରା ଆରମ୍ଭହୋଇଛି। ଏହା ଆଦିବାସୀ ମାନଙ୍କ ଗୋଟିଏ ଉତ୍ସବ। କରମସାନିର କିମ୍ବଦନ୍ତୀ ବହୁତ ଦିନରୁ ହୋଇଥିଲେ ମଧ ଏହି ପୂଜା ତାର ମୂଳ ଭାବକୁ ଧରି ରଖିଛି। ପ୍ରଥମେ ପ୍ରଥମେ କରମସାନି ଗୀତ କେଉଁଠି ଲେଖା ହୋଇ ନଥିଲା। ଜଣଙ୍କଠାରୁ ମୁହଁରୁ ଗୀତ ଶୁଣିକର ଆଉ ଜଣେ ଶୋରଧରି ଗୀତ ଗାଉଥିଲେ। କରମସାନି ଶବ୍ଦରେ କରମ ଓ ସାନି ଦୁଇଟା ଭିନ୍ନ ଭିନ୍ନ ଅର୍ଥ ବୁଝାଉଛି। ଲୋକ ସାହିତ୍ୟ ଡା. ନିମାଇ ଚରଣ ପଣ୍ଡା କରମା କହିଲେ କର୍ମ (ଭାଗ୍ୟ) ଓ ସାନି କହିଲେ ସିଆନି (ରାନୀ) ଭଲ କଥା କହିଛନ୍ତି। ସେ ଯାହା ଭି ହେଉ କରମସାନି କହିଲେ କରମ ଦେବତା। କରମସାନି ଦେବତା ପୂଜକୁ ନେଇ ଗୋଟିଏ କାହାଣୀ ଅଛି। କୋଶଳ ଦେଶର ସାଧବ ବୁଢାର ପୁଅମାନେ ଥରେ ବାଣିଜ୍ୟ କରିବାର ପାଇଁ ବିଦେଶକୁ ଗଲେ। ସେମାନେ ବିଦେଶରୁ ବହୁତ ଦିନ ପର୍ଯ୍ୟନ୍ତ ଫେରିଲେ ନାହିଁ। ତାକୁ ବୁଢାବାପା ମନ ମାରି ବସିଲା।

ଦିନେ କାହାକୁ କିଛି ନ କହି ଘରୁ ବାହାରି ଗଲା। ଯାଉ ଯାଉ ବାଟରେ ବେଳ ବୁଡିଗଲା। ଗୋଟିଏ ଗଛତଳେ ବସିଥିଲା ଦେବତା ଦୟା ହେଲା ସାଧବ ବୁଢାର ସପ୍ନରେ ଆସି କରମସାନି କହିଲେ ଯେ, ମୋର ଗଛର ଡାଳ ଗୋଟିଏ ନେଇ ଯଦି ପୂଜା କରିବୁ ତାହା ହେଲେ



ସବୁ ପୁଅ ବାଣିଜ୍ୟ କରି ଫେରିଆସିବେ ବୁଢା ଭୋର ସକାଳୁ ଉଠି ସପ୍ନ କଥା ମନେ ପଡିଲା। ଶୀଘ୍ର ଶୀଘ୍ର ଘରକୁ ଆସି ବୋହୂ ମାନଙ୍କୁ ସବୁକଥା କହିଲା। ଆନନ୍ଦ ଉଲ୍ଲାସରେ କରମସାନି ପୂଜା କଲେ। ସତକୁ ସତ ବୁଢାର ପୁଅମାନେ ଫେରି ଆସିଲେ। କରମା ପୂଜା ମୁଣ୍ଡା, ଓରାମ, କିସାନ, ବିଞ୍ଝାଲ, ଖଡିଆ ସମ୍ପ୍ରଦାୟ ଆଦିବାସୀ ମାନଙ୍କର ମୁଖ୍ୟ ପୂଜା ଅଟେ। କିନ୍ତୁ ଆଜିକାଲି ଗୌଡ, କୁଲତା ଅନ୍ୟ ଜାତିର ଲୋକମାନେ ମଧ ପୂଜା କରୁଛନ୍ତି। ସୋନପୁର ଜିଲ୍ଲା ବିନିକା ବ୍ଲକ୍ ପ୍ରଧାନପାଲି ଗାଁରେ କୁଲତା ଲୋକ ଅଛନ୍ତି। ସେ ପରିବାର ସମସ୍ତେ କରମସାନିର ଭକ୍ତ। ସେ ମାନଙ୍କ କହିବା ଅନୁସାରେ ତାଙ୍କ ଅଜା ଅମଳରୁ ହାରାହାରି ୧୫୦ ବର୍ଷ ଆଗରୁ କରମା ପୂଜା କରିଆସୁଛନ୍ତି। ମାନ୍ଦଲ ଓ କରତ୍ତାଲ ହେଉଛି କରମା ନାଚର ବାଦ୍ୟ ପୂଜାଦିନ ସକାଳୁ ଗାଁ ପୂଜାରୀ ସଙ୍ଗେ କୁଆଁରି ଝିଅମାନେ ଜଙ୍ଗଲରେ କରମାଗଛର ଡାଳ ଖୋଜନ୍ତି। ପତ୍ର ସିଧା ସିଧା ଥିବ ଓ ପୋକ ଖାଇନଥିବ ସେହି ଡାଳ ପୂଜା ପାଇଁ ଠିକ୍। ତା ପରେ ଉପବାସ କରିଥିବା ତିନିଜଣ କୁଆଁରି କନ୍ୟା କରମା ଡାଳ ଧରି ଗାଁ ଆଡକୁ ଆସନ୍ତି। ରାତିପୂଜା ହୁଏ। ପୂଜାରୀ କରମା କାହାଣୀ ଶୁଣାଏ। କାହାଣୀ ସରିଲେ ନାଚ ଗୀତ ମାନ୍ଦଲର ତାଳେ ତାଳେ ଧଙ୍ଗରା ଧାଙ୍ଗରୀ ରାତିସାରା ନାଚନ୍ତି। ସମୟ ଆଉ ଜାଗା ଜାଣି କରମା ପୂଜାର ରୀତିନୀତି ଅଲଗା ଅଲଗା ହୋଇପାରେ। ଏହା ଆନ୍ଦର କଥା ଯେ, ପଶ୍ଚିମ ଓଡିଶାର ଆଦିବାସୀ ମାନେ କରମ ସାନି କେ ଦେବତା ଭଳି ମାନି ଆସିଛନ୍ତି। ଯେମିତି ଧର୍ମକୁ ସେମିତି କରମ୍ ଏହି କଥାଟା କରମସାନିର ମୁଖ୍ୟ କଥା।

**ଖପ୍ରାଖୋଲ, ବଲାଙ୍ଗୀର**

# କୁମ୍ଭମେଳା ଓ ଆଖଡ଼ାର ସରକାର



**ସୌମ୍ୟ ସାଇ ସିଦ୍ଧାର୍ଥ**

କୁମ୍ଭମେଳାର ସବୁଠାରୁ ଦୃଷ୍ଟି ଆକର୍ଷଣକାରୀ ପ୍ରମୁଖତା ହେଉଛି ଏହାର ଆଖଡ଼ା। ଯେକେହି କୁମ୍ଭମେଳା ଯାଇଥିବେ ସବୁଠାରୁ ଘୋଘା ଓ ଅଧିକ ଭିଡ଼ ତଥା ଭବ୍ୟତା ସହିତ ଆଡ଼ମ୍ବର ହେଉଥିବା କେନ୍ଦ୍ରଟି ହେଉଛି ଏହି ଆଖଡ଼ା। ପ୍ରୟାଗରାଜରେ ମହାକୁମ୍ଭରେ ତିନୋଟି ଅମୃତ ସ୍ନାନ ଶେଷ ହୋଇସାରିଛି। ଆଖଡ଼ା ସମ୍ପର୍କରେ ତଥ୍ୟ ସଂଗ୍ରହ ସମ୍ପର୍କରେ ଜେମସ୍ ଜି ଗଡ଼ଫେଲ୍ଡ ପୁସ୍ତକ "ଓ୍ୱଲିଷ୍ଟେଟେଡ ଏନସାଇକ୍ଲୋପିଡ଼ିଆ ଅଫ ହିନ୍ଦୁଇଜିମ୍' ଯାହା ଉଲ୍ଲେକ ରହିଛି ତାହା ହେଉଛି କୁସ୍ତି କସରତ ବା ଆଖଡ଼ା ହେଉଛି ଏହା ସହ ସମ୍ବନ୍ଧିତ। ଆଖଡ଼ା ଗୁଡ଼ିକରେ ଯୋଦ୍ଧା ସନ୍ନ୍ୟାସୀମାନେ ହିଁ ସଦସ୍ୟା ଏବଂ ଏମାନେ ହେଉଛନ୍ତି ଆଖଡ଼ାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଓ ଶକ୍ତିଶାଳୀ ଅଂଶ। ପରବର୍ତ୍ତୀ ସମୟରେ ଏମାନେ ନାଗା ସାଧୁ ଭାବେ ପରିଚିତ ହେଲେ। ଅନେକ ହୁଏତ ଜାଣିନଥିବେ ଆଜି ପ୍ରୟାଗରାଜର ଯେଉଁ ଭବ୍ୟ କୁମ୍ଭମେଳା ହେଉଛି ଆଖଡ଼ାର ନାଗା ସାଧୁମାନେ ହିଁ ଏହାର ବଡ଼ ଭୂମିକା ତୁଲାଉଛନ୍ତି। ଭାରତ ତମାମ ଥିବା ୧୩ଟି ଆଖଡ଼ା, ସମସ୍ତେ କୁମ୍ଭମେଳାରେ ସମବେତ ହେବାର ଏକ ପ୍ରକାର ବାଧ ବାଧକତା ରହିଛି। ଏହି ଆଖଡ଼ା ଗୁଡ଼ିକ ହେଉଛି ଶ୍ରୀ ପଞ୍ଚାୟତି ଆଖଡ଼ା ମହାନିର୍ବାଣୀ, ଶ୍ରୀ ଶମ୍ଭୁ ପଞ୍ଚାୟତି ଅଟଳ ଆଖଡ଼ା, ଅଖିଳ ଭାରତୀୟ ଶ୍ରୀପଞ୍ଚ ନିର୍ମୋହୀ ଅନୀ ଆଖଡ଼ା, ଅଖିଳା ଭାରତୀୟ ଶ୍ରୀପଞ୍ଚ ଦିଗମ୍ବର ଅନୀ ଆଖଡ଼ା, ଶ୍ରୀ ପଞ୍ଚାୟତି ଆନନ୍ଦ ଆଖଡ଼ା, ଶ୍ରୀପଞ୍ଚ ଦଶନାମ ଆବାହନ ଆଖଡ଼ା, ଶ୍ରୀ ପଞ୍ଚ ଅଗ୍ନୀ ଆଖଡ଼ା ମହାରାଜ, ଶ୍ରୀ ତପୋନିଧି ପଞ୍ଚାୟତି ଶ୍ରୀ ନିରଞ୍ଜନୀ ଆଖଡ଼ା, ଶ୍ରୀ ପଞ୍ଚଦଶନାମ ଜୁନା ଆଖଡ଼ା, ଅଖିଳ ଭାରତୀୟ ଶ୍ରୀ ପଞ୍ଚ ନିର୍ବାଣୀ, ଶ୍ରୀ ପଞ୍ଚାୟତି ଆଖଡ଼ା ବଡ଼ା ଉଦାସୀନ ନିର୍ବାଣ, ଶ୍ରୀ ପଞ୍ଚାୟତି ନୟା ନିର୍ବାଣ ଉଦାସନୀ ଆଖଡ଼ା ଓ ଶ୍ରୀ ପଞ୍ଚାୟତି ନିର୍ମଳ ଆଖଡ଼ା। ଏହି ୧୩ଟି ଆଖଡ଼ା ସମିଶ୍ରିତ ଭାବେ ଅଖିଳ ଭାରତୀୟ ଆଖଡ଼ା ପରିଷଦ ଗଠନ କରିଛନ୍ତି।

ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଏହି ଆଖଡ଼ାଙ୍କ ପାଖରେ ଆମ ଭାରତ ବର୍ଷର ତମାମ ମଠ ମନ୍ଦିର ସମେତ କୋଟି କୋଟି ଟଙ୍କାର ଜମି, ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ଆଖଡ଼ା ଭିତରେ ସବୁଠାରୁ ବଡ଼ ଆଖଡ଼ାର ମାନ୍ୟତା ପାଇଥିବା ନିରଞ୍ଜନୀ ଆଖଡ଼ା ପାଖରେ ମୋଟ ସମ୍ପତ୍ତିର ପରିମାଣ ୩୦୦ କୋଟିରୁ ଉର୍ଦ୍ଧ୍ୱ। ଏହି ଆଖଡ଼ାରେ ପ୍ରୟାଗରାଜ, ମିର୍ଜାପୁର, ହରିଦ୍ୱାର, ଉଜ୍ଜୟୀନି, ନାସିକ, ମାଉଣ୍ଟଆବୁ, ବାରାଣାସୀ, ନୋଏଡ଼ା, ବଡ଼ଦୋରା ଓ ଜୟପୁରରେ ମଠ ଆଶ୍ରମ ରହିଛି। ସେହିପରି ଦୁଇ ନମ୍ବର ସ୍ଥାନରେ ନିର୍ବାଣୀ ଆଖଡ଼ା ପାଖରେ ଉତ୍ତରପ୍ରଦେଶର ପ୍ରତାପଗଡ଼, ଗୋଣ୍ଡା, ବସ୍ତୀ ଓ ଫଇଜାବାଦରେ ଅନେକ ସମ୍ପତ୍ତି ରହିଛି। ନିର୍ମୋହୀ ଆଖଡ଼ାର ଉତ୍ତରପ୍ରଦେଶ ଓ



ବିହାରରେ ଅନେକ ମଠ ଓ ସାଧାରଣ ସମ୍ପତ୍ତି ରହିଥିବାବେଳେ ଜୁନା ଆଖଡ଼ାର ସମଗ୍ର ଦେଶରେ ୫୦ହଜାର ମଠ ମନ୍ଦିର ରହିଛି। ଏହି ସମ୍ପତ୍ତିର ଦାୟିତ୍ୱ ନିର୍ବାହ ଓ ସୂଚାରୁରୂପେ ପରିଚାଳନା ସହ ରକ୍ଷଣାବେକ୍ଷଣ ପାଇଁ ଆଖଡ଼ାରେ ଆଠଜଣ ଶ୍ରୀ ମହନ୍ତଙ୍କ ସହ ଅଷ୍ଟ କୌଶଳ ଭାବେ କିଛି ସାଧୁ ମାନଙ୍କୁ ଦାୟିତ୍ୱ ଦିଆଯାଏ। ଏହି ଅଷ୍ଟକୌଶଳ ହେଉଛି ଆଖଡ଼ାର ଏକ ପରିଚାଳକ ଅଙ୍ଗ।

ପ୍ରୟାଗରାଜରେ ଅନୁଷ୍ଠିତ ମହାକୁମ୍ଭ ମେଳାରେ ଏହି ଅଷ୍ଟ କୌଶଳ ଭଙ୍ଗାଯାଇ ନୂଆ ନିର୍ବାଚନର ବ୍ୟବସ୍ଥା ରହିଛି ଯେଉଁଥିରେ ଆଖଡ଼ା ମାନଙ୍କର ସଦସ୍ୟ ଭୋଟ ଦେଇଥାନ୍ତି ଓ ଏଥିରେ ପୂଜାରୀ ଓ ନାଗାସାଧୁମାନେ ବି ସାମିଲ। ତେବେ କ୍ୱଚିତ ନିର୍ବାଚନ ହୋଇ ଅଧିକାଂଶ ଆପୋଷ ସହମତି ଓ ବ୍ୟକ୍ତିଗତ ଆଲୋଚନା ଦ୍ୱାରା ପଦାଧିକାରୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଏ। ଚଳିତ ମହାକୁମ୍ଭରେ ନିରଞ୍ଜନୀ ଓ ମହାନିର୍ବାଣୀ ଆଖଡ଼ା ଭିତରେ ସହମତି ଓ ଆପୋଷ ଆଲୋଚନା ଦ୍ୱାରା ଅଷ୍ଟ କୌଶଳ ନିର୍ବାଚନ ହୋଇଥିଲା। ନିରଞ୍ଜନୀ ଆଖଡ଼ାରେ ରବୀନ୍ଦ୍ରପୁରୀ ପୁନର୍ବାର ଶ୍ରୀମହନ୍ତ ଭାବେ ମନୋନୀତ ହୋଇଛନ୍ତି। ଏହି ନିର୍ବାଚନ ଛଅ ବର୍ଷ ପରେ ଅନୁଷ୍ଠିତ ହୋଇଛି। ସେହିପରି ବାରାଣାସୀରେ ଜୁନା ଆଖଡ଼ାର ଅଷ୍ଟକୌଶଳ ଓ ସଚିବ ପଦବୀ ନିମିତ୍ତ ନିର୍ବାଚନ ହେବ। ଅନ୍ୟ ଆଖଡ଼ା ତୁଳନାରେ ଏହି ଆଖଡ଼ାର କାର୍ଯ୍ୟକାରିଣୀ ସମୟ ତିନିବର୍ଷ। ଏହି ଅଷ୍ଟକୌଶଳ ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ସମସ୍ତ ଗତିବିଧିକୁ ସମ୍ଭାଳିବେ। କିଛି ଆଖଡ଼ାରେ ନିର୍ବାଚନ ପ୍ରକ୍ରିୟା ପୂର୍ବରୁ ସମ୍ପୂର୍ଣ୍ଣ ହୋଇଛି। ଆଖଡ଼ା କ୍ଷେତ୍ରର ଏହା ହେଉଛି ଏକ ସ୍ୱତନ୍ତ୍ରତା ଏବଂ ମୋକ୍ଷ ରାସ୍ତାରେ ଅଗ୍ରସର ହେଉଥିବା ଆଖଡ଼ାର ସିଦ୍ଧ ସାଧକ ମାନଙ୍କର ମଧ ଅନ୍ୟ ଏକ ପ୍ରମୁଖ କାର୍ଯ୍ୟ ସନ୍ନ୍ୟାସ ଜୀବନକୁ ନିୟମ ଅନୁସାରେ ସମୂହ ମଧରେ ଆବଣ୍ଟନ କରିବା। ତେବେ ଯେବେ ଠାରୁ ସାଧୁସନ୍ଥଙ୍କୁ ଏକତ୍ର କରି ଆଖଡ଼ା, ମଠ ଆଦି ଗଠନ କରାଗଲା ସନ୍ନ୍ୟାସୀ ମାନଙ୍କୁ ମଧ ସେହି ସଂଗଠନର ନିୟମ ମାନି ଚଳିବାକୁ ହେଲା। ଆଖଡ଼ା ଓ ମଠର ସେହି ସବୁ ସାଧୁମାନେ ନୈତିକ, ବୌଦ୍ଧିକ, ଜ୍ଞାନ ଅଧିକାରୀ ହୋଇ ନିୟମାନୁବର୍ତ୍ତୀ ଜୀବନ ଶୈଳୀ ପ୍ରତିଫଳନ କରିଥାନ୍ତି ଯାହା କୁମ୍ଭମେଳାରେ ଦେଖିବାକୁ ମିଳିଥାଏ।

**ଶ୍ରୀ ସାଇ ଗୃହ ଉଦ୍ୟୋଗ ପ୍ରାଇଭେଟ ଲିମିଟେଡ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୦୯୦୦୫୧୫୪୩**

## ନର୍ସଙ୍କ ଚାଞ୍ଚଲ୍ୟକର ବୟାନ
# ଇହୁଦୀ ରୋଗୀମାନଙ୍କୁ ହତ୍ୟା କରିବି

**ସିଡନି, ୧୩।୨:** ଇସ୍ରାଏଲ ଓ ହାମାସ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଅଷ୍ଟ୍ରେଲିଆରେ ଇସ୍ରାଏଲ ବିରୋଧୀ ଭାବନା ଯଥେଷ୍ଟ ବୃଦ୍ଧି ପାଇଛି। ଏବେ ନ୍ୟୁ ସାଉଥ ୱେଲ୍ସ ରାଜ୍ୟରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଏକ ହସ୍ପିଟାଲରେ ମୁତୟନ ଥିବା ଜଣେ ନର୍ସ ଦାବି କରିଛି ଯେ ସେ ଇସ୍ରାଏଲ ରୋଗୀମାନଙ୍କୁ ହତ୍ୟା କରିଦେବ । ନର୍ସର ଏହି ଦାବି ସମଗ୍ର ଦେଶରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ନ୍ୟୁ ସାଉଥ୍ ୱେଲ୍ସ ସ୍ୱାସ୍ଥ୍ୟ ବିଭାଗ କହିଛି ଯେ ସେମାନେ ନର୍ସର ଧମକର ତଦନ୍ତ କରିବେ। ଏଥିସହ ସମ୍ପୃକ୍ତ ହସ୍ପିଟାଲରେ ରୋଗୀଙ୍କ ରେକର୍ଡ ମଧ ଯାଞ୍ଚ କରାଯିବ। ସଂପୃକ୍ତ ନର୍ସ ଓ ତାଙ୍କର ଆଉ ଜଣେ ପୁରୁଷ ସହକର୍ମୀ ଏକ ଭିଡିଓ ଜାରି କରି ଏସବୁ ଧମକ ଦେଇଛନ୍ତି । ଇସ୍ରାଏଲବାସୀଙ୍କୁ ହତ୍ୟା କରିବା ନେଇ ଜଣେ ନର୍ସଙ୍କ ଅନଲାଇନ୍ ଦାବି ପରେ ଏକ ଡାକ୍ତରଖାନା ରୋଗୀଙ୍କ ରେକର୍ଡର ସମୀକ୍ଷା କରୁଛି ବୋଲି ବୁଧବାର ଦିନ ଅଷ୍ଟ୍ରେଲିଆ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେବେ ରୋଗୀଙ୍କ କ୍ଷତି ନେଇ କୌଣସି ପ୍ରମାଣ ମିଳିନଥିବା ଅଧିକାରୀମାନେ କହିଛନ୍ତି। ନର୍ସଙ୍କ ଏହି ଦାବି ଅଷ୍ଟ୍ରେଲିଆକୁ ଦୋହଲାଇ ଦେଇଥିବା ଇହୁଦୀ ବିରୋଧୀ ଆକ୍ରମଣ ଏବଂ ବୟାନବାଜିର ସଦ୍ୟତମ ଦାବି। ସୂଚନାଯୋଗ୍ୟ, ଅଷ୍ଟ୍ରେଲିଆରେ ମାତ୍ର ଏକ ବର୍ଷ ହେଲା ଇହୁଦୀ ବିରୋଧୀ ଭାବନା ବୃଦ୍ଧି ପାଇଛି। ଇହୁଦୀ ସମ୍ପ୍ରଦାୟ ସହ ଜଡ଼ିତ ଘର, କାର୍ଯ୍ୟାଳୟ ଓ ବ୍ୟବସାୟ ଭଙ୍ଗାରୁଜା ହୋଇଛି। ଇହୁଦୀମାନଙ୍କୁ ଟାର୍ଗେଟ କରୁଥିବା ଅପରାଧ ମଧ୍ୟରେ ଗୋଟିଏ ସ୍କୁଲ ଏବଂ ଦୁଇଟି ସିନାଗାଗରେ ନିଆଁ ଲଗାଇ ଦିଆଯାଇଛି।

# ଏବେ ନିର୍ବାଚନ ହେଲେ ୩୦ ଆସନ ପାଇବେ ମାୟାବତୀ: ସର୍ଭେ

**ନୂଆଦିଲ୍ଲୀ, ୧୩।୨:** ୨୦୨୪ ଲୋକସଭା ନିର୍ବାଚନରେ ଉତ୍ତର ପ୍ରଦେଶର ଫଳାଫଳ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଲୋକସଭା ନିର୍ବାଚନର ଆଠ ମାସ ପରେ, ଇଣ୍ଡିଆ ଟୁଡେ ଏବଂ ସିଭୋଟର୍ସ ଦ୍ୱାରା ଏବେ ଏକ ସର୍ଭେ କରାଯାଇଛି, ଯାହାକୁ ମୁଡ୍ ଅଫ୍ ଦି ନେସନ୍ ସର୍ଭେ ନାମ ଦିଆଯାଇଛି। ଏହି ସର୍ଭେ ୨ ଜାନୁଆରୀରୁ ୯ ଫେବୃଆରୀ ମଧ୍ୟରେ କରାଯାଇଥିଲା। ଏହି ସମୟରେ, ଲୋକସଭା ନିର୍ବାଚନ ପରେ ଉତ୍ତରପ୍ରଦେଶର ମୁଡ୍ ବଦଳିଛି କି ନାହିଁ ତାହା ଜାଣିବା ପାଇଁ ଏକ ସର୍ଭେ କରାଯାଇଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ସର୍ଭେ ଅନୁଯାୟୀ, ଯଦି ଆଜି ଲୋକସଭା ନିର୍ବାଚନ ପାଇଁ ଭୋଟ୍ ଦିଆଯାଏ, ତେବେ ବିଜେପି ୟୁପିରେ ୪୦ଟି ଆସନ ଜିତିପାରିବ ଏବଂ ଏହାର ସହଯୋଗୀ ଦଳ ଆରଏଲଡି ଏବଂ ଅପନା ଦଳ ମିଶି ୪ଟି ଆସନ ଜିତିପାରିବେ। ଏହା ସହିତ, ସମାଜବାଦୀ ପାର୍ଟି ୩୦ଟି ଏବଂ କଂଗ୍ରେସ ଦଳ ୫ଟି ଆସନ ପାଇପାରିବ। ତଥାପି, ମାୟାବତୀଙ୍କ ଦଳ ବିଏସପି ତା'ର ଖାତା ଖୋଲିବା ପରି ମନେ ହେଉନାହିଁ। ଏହି ସର୍ଭେ ମାୟାବତୀଙ୍କ ପାଇଁ ଭଲ ନୁହେଁ, କାରଣ ଦଳ ଗୋଟିଏ ବି ଆସନ ଜିତିପାରୁନାହିଁ। ୨୦୨୪ ଲୋକସଭା ନିର୍ବାଚନର ଫଳାଫଳ ବିଷୟରେ କହିବାକୁ ଗଲେ, ଏହି ନିର୍ବାଚନରେ ସମାଜବାଦୀ ପାର୍ଟି ସର୍ବାଧିକ ଆସନ ଜିତିଥିଲା। ଏହି ନିର୍ବାଚନରେ, ସପା ୩୭ଟି, ବିଜେପି ୩୩ଟି ଏବଂ କଂଗ୍ରେସ ୬ଟି ଆସନ ଜିତିଥିଲା। ଏହା ବ୍ୟତୀତ ବିଜେପିର ସହଯୋଗୀ ଦଳ ଆରଏଲଡି ୨ଟି ଏବଂ ଅପନା ଦଳ (ଏସ) ଗୋଟିଏ ଆସନ ଜିତିଥିଲା। ଏହି ନିର୍ବାଚନରେ ବିଏସପି ଗୋଟିଏ ବି ଆସନ ଜିତିପାରି ନଥିଲା। ଯଦି ଆମେ ଭୋଟ ସେୟାର ବିଷୟରେ କଥା ହେବା, ତେବେ ବିଜେପିର ଭୋଟ ସେୟାର ୪୧.୩୭ ପ୍ରତିଶତ, ଏସପିର ୩୩.୫୯ ପ୍ରତିଶତ, କଂଗ୍ରେସର ଭୋଟ ସେୟାର ୯.୪୬ ପ୍ରତିଶତ ଏବଂ ବିଏସପିର ୯.୩୯ ପ୍ରତିଶତ ଥିଲା। ୨୦୧୯ ମସିହାରେ, ବିଏସପି, ଏସ୍ପି ଏବଂ ଆରଏଲଡି ଏକାଠି ନିର୍ବାଚନ ଲଢ଼ିଥିଲେ। ଏହି ନିର୍ବାଚନରେ ବିଏସପି ୧୦ଟି ଆସନ ଜିତିଥିଲା।

# ଜେଇଇ ପରୀକ୍ଷାରେ ଫେଲ୍ ହେବାରୁ ଜୀବନ ହାରିଲେ ଛାତ୍ରୀ

**ଗୋରଖପୁର, ୧୩।୨:** ଆଜିକାଲି ପିଲାମାନେ ବିଫଳତାକୁ ସହ୍ୟ କରିପାରୁ ନାହାନ୍ତି। ଏହା ଆମେ ନୁହେଁ ପ୍ରତିଦିନ ଘଟୁଥିବା ଘଟଣା କହୁଛି। ପରୀକ୍ଷା ବା ପ୍ରେମରେ ବିଫଳ ହେଲେ ପିଲାମାନେ ଆତ୍ମହତ୍ୟାକୁ ବାଛି ନେଉଛନ୍ତି। କୋଟାରେ ପ୍ରତିଦିନ ପିଲାମାନେ ଆତ୍ମହତ୍ୟା କରୁଥିବାର ଖବର ସାମ୍ନାକୁ ଆସୁଛି। ଲଢ଼ିବା ପରିବର୍ତ୍ତେ, ପିଲାମାନେ ନିଜ ଜୀବନ ତ୍ୟାଗ କରିବା ସହଜ ମଣୁଛନ୍ତି। ଉତ୍ତର ପ୍ରଦେଶର ଗୋରଖପୁରରୁ ମଧ ସମାନ ଏକ ଘଟଣା ସାମ୍ନାକୁ ଆସିଛି। ୧୮ବର୍ଷୀୟ ଅଦିତି ମିଶ୍ରା ଜେଇଇ ପରୀକ୍ଷାରେ ବିଫଳ ହେବା କାରଣରୁ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। କେବଳ ଗୋଟିଏ ପରୀକ୍ଷାରେ ସଫଳ ନହେବା ତାଙ୍କୁ ଏତେ ଆଘାତ ଦେଇଥିଲା ଯେ ସେ ଆଉ ଥରେ ଚେଷ୍ଟା କରିବା ଅପେକ୍ଷା ଫାଶି ଦେଇ ଆତ୍ମହତ୍ୟା କରିବାକୁ ସହଜ ମନେ କଲେ। ତଦନ୍ତ ପରେ, ପୁଲିସ ତାଙ୍କ ଶୋଇବା ଘରୁ ଏକ ସୁଇସାଇଡ ନୋଟ୍ ଜବତ କରିଛି, ଯେଉଁଥିରେ ସେ ନିଜ ମାତାପିତାଙ୍କୁ କ୍ଷମା ମାଗିଛନ୍ତି। ସୁଇସାଇଡ ନୋଟରେ ଲେଖାଯାଇଛି ଯେ, "କ୍ଷମା କରିବ ମମି-ପାପା... ମୁଁ ପାସ୍ ହୋଇପାରିଲି ନାହିଁ। ଏହା ଆମ ସମ୍ପର୍କର ଶେଷ ଥିଲା। ତୁମେମାନେ କାନ୍ଦିବ ନାହିଁ। ତୁମେମାନେ ମୋତେ ବହୁତ ଭଲପାଇଥିଲ। ହେଲେ ମୁଁ ତୁମର ସ୍ୱପ୍ନ ପୂରଣ କରିପାରିଲି ନାହିଁ। ସାନ ଭଉଣୀର ଯତ୍ନ ନେବ, ସେ ନିଶ୍ଚିତ ଭାବରେ ତୁମର ସ୍ୱପ୍ନ ପୂରଣ କରିବ। ତୁମର ସ୍ନେହୀ ଝିଅ- ଅଦିତି।" କୁହାଯାଉଛି ଯେ, ୧୧ ଫେବୃଆରିରେ ଜେଇଇ ଫଳାଫଳ ଘୋଷଣା ହୋଇଥିଲା ଏବଂ ସେ ୧୨ ଫେବୃଆରିରେ ଆତ୍ମହତ୍ୟା କରିଥିଲେ।

# ମହାରାଷ୍ଟ୍ର ସାଇବର୍ ସେଲ୍‌ରୁ ରାଇନାଙ୍କୁ ପୁଣି ମିଳିଲା ସମନ୍

**ନୂଆଦିଲ୍ଲୀ, ୧୩।୨:** ନିଜ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ବାପାମାଆଙ୍କ ସଂପର୍କରେ ଅଶାଳୀନ ମନ୍ତବ୍ୟ ଦେଇଥିବା ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍ସର୍ ରଣବୀର ଆଲ୍ଲାବାଦିଆଙ୍କ ଏକ ଭିଡିଓ ପୋଷ୍ଟ କରିବା ପରେ ବିବାଦରେ ଛନ୍ଦି ହୋଇ ପଡ଼ିଛନ୍ତି ହାସ୍ୟ ଅଭିନେତା ସମୟ ରାଇନା। ରାଇନାଙ୍କୁ ଚଳିତ ସପ୍ତାହରେ ଦ୍ୱିତୀୟ ଥର ପାଇଁ ମହାରାଷ୍ଟ୍ର ସାଇବର ସେଲ୍ ଦ୍ୱାରା ସମନ୍ ଜାରି କରାଯାଇଛି। ତେବେ ସମନ ମିଳିବା ପରେ ରାଇନା ଏବେ ଭାରତରେ ନାହାନ୍ତି ଓ ଆସନ୍ତା ସପ୍ତାହରେ ଆମେରିକାରୁ ଭାରତ ଫେରିବେ ବୋଲି କହି ଅଧିକ ସମୟ ମାଗିଛନ୍ତି। ଉଲ୍ଲେଖଯୋଗ୍ୟ, ହାସ୍ୟ ଅଭିନେତା ସମୟ ରୈନା ବୁଧବାର ତାଙ୍କ ସୋ'କୁ ନେଇ ହୋଇଥିବା ବିବାଦ ଉପରେ ନୀରବତା ଭଙ୍ଗ କରିଛନ୍ତି। ତାଙ୍କ ସୋ' ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ୍‌ର ଏକ ସାମ୍ପ୍ରତିକ ଏପିସୋଡ୍‌ରେ ପ୍ରଦର୍ଶିତ ଅଶ୍ଳୀଳ ହାସ୍ୟରସକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏବେ ସେ ଏହାକୁ ନେଇ କହିଛନ୍ତି କି ତାଙ୍କର ଏକମାତ୍ର ଉଦ୍ଦେଶ୍ୟ ଥିଲା ଲୋକଙ୍କୁ ହସାଇବା। ସେ ଆହୁରି ବି ଲେଖିଛନ୍ତି କି "ଯାହା ସବୁ ଘଟୁଛି ତାହାକୁ ସମ୍ଭାଳିବା ମୋ ପାଇଁ ଏବେ ଖୁବ୍ ଅଧିକ ହୋଇଯାଉଛି। ମୁଁ ମୋ ଚ୍ୟାନେଲ୍‌ରୁ ସମସ୍ତ ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ୍ ଭିଡିଓ ହଟାଇ ଦେଇଛି। ମୋର ଏକମାତ୍ର ଉଦ୍ଦେଶ୍ୟ ଥିଲା ଲୋକଙ୍କୁ ହସାଇବା ଏବଂ ଭଲ ସମୟ ବିତାଇବା। ସେମାନଙ୍କର ତଦନ୍ତ ନିରପେକ୍ଷ ଭାବରେ ସମାପ୍ତ କରିବା ପାଇଁ ମୁଁ ସମସ୍ତ ଏଜେନ୍ସିଗୁଡ଼ିକୁ ପୂର୍ଣ୍ଣ ସହଯୋଗ କରିବି। ଧନ୍ୟବାଦ।"

# ୱାକଫ୍ ବିଲକୁ ବିରୋଧ କରିବ ମୁସଲିମ ପର୍ସନାଲ ଲ' ବୋର୍ଡ

**ନୂଆଦିଲ୍ଲୀ, ୧୩।୨:** ୱାକଫ୍ ସଂଶୋଧନ ବିଲ୍ ଉପରେ ଗଠିତ ଜେପିସି ଗୁରୁବାର ସଂସଦରେ ନିଜର ରିପୋର୍ଟ ଉପସ୍ଥାପନ କରିଛି। ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ' ବୋର୍ଡ ଏହି ରିପୋର୍ଟ ଉପରେ ଆପତ୍ତି ଉଠାଇଛି। ବୋର୍ଡ କହିଛି ଯେ ଓ୍ୱାକଫ ବିଲକୁ ବିରୋଧ କରାଯିବ। ମୁସଲିମ ପର୍ସନାଲ ଲ' ବୋର୍ଡ ଏକ ସାମ୍ବାଦିକ ସମ୍ମିଳନୀରେ କହିଛି ଯେ ଭାରତରେ ଶିଖ ଓ ହିନ୍ଦୁମାନଙ୍କର ଯେପରି ସେମାନଙ୍କ ସମ୍ପତ୍ତି ଉପରେ ଅଧିକାର ରହିଛି, ମୁସଲମାନଙ୍କର ମଧ ସମାନ ଅଧିକାର ରହିଛି। ମୁସଲିମ ପର୍ସନାଲ ଲ' ବୋର୍ଡ ଏକ ସାମ୍ବାଦିକ ସମ୍ମିଳନୀରେ କହିଛି ଯେ ଭାରତରେ ଶିଖ ଓ ହିନ୍ଦୁମାନଙ୍କର ଯେପରି ସେମାନଙ୍କ ସମ୍ପତ୍ତି ଉପରେ ଅଧିକାର ରହିଛି, ମୁସଲମାନଙ୍କର ମଧ ସମାନ ଅଧିକାର ରହିଛି। ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ' ବୋର୍ଡର ସଭାପତି ଖାଲିଦ ସୈଫୁଲ୍ଲା ରହମାନୀ କହିଛନ୍ତି ଯେ ୱାକଫ୍ ଉପରେ ପ୍ରଚଳିତ ଆଇନ ଭାରତୀୟ ସମ୍ବିଧାନ ଅଧୀନରେ ରହିଛି। ଏହା ଧର୍ମୀୟ ସ୍ୱାଧୀନତା ଆଇନ ଅଧୀନରେ ଆସୁଛି। ବ୍ୟକ୍ତିଗତ ଆଇନ ବୋର୍ଡ ନୂଆ ବିଲ୍ କୁ ନେଇ ପ୍ରଶ୍ନ ଉଠାଇ କହିଛି ଯେ ଶିଖମାନେ ଏହି ଆଇନ ଅଧୀନରେ ସେମାନଙ୍କ ସମ୍ପତ୍ତି ପରିଚାଳନା କରନ୍ତି। ସେହିଭଳି ହିନ୍ଦୁମାନେ ମଧ ମୁକ୍ତ। ଏଥିରେ ଆମର କୌଣସି ଆପତ୍ତି ନାହିଁ। କିନ୍ତୁ ମୁସଲମାନଙ୍କ ଅଧିକାର ହିନ୍ଦୁ ଓ ଶିଖଙ୍କ ଅଧିକାର ସହ ସମାନ। ତେବେ ନୂଆ ଆଇନ ଅନୁଯାୟୀ ଦୁଇ ଜଣ ଅଣମୁସଲମାନଙ୍କୁ ୱାକଫ ବୋର୍ଡରେ ଅନ୍ତର୍ଭୁକ୍ତ କରାଯିବ ଏବଂ ସରକାରଙ୍କ ଅଧିକାରୀ ମୁସଲମାନ ହେବା ଜରୁରୀ ନୁହେଁ।



# ୱାସିଂଟନରେ ପହଞ୍ଚିଲେ ମୋଦି, ଟ୍ରମ୍ପଙ୍କ ସହ ସାକ୍ଷାତ



**ୱାସିଂଟନ ଡିସି ୧୩।୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫ୍ରାନ୍ସ ଗସ୍ତ ଶେଷ କରି ଗୁରୁବାର ଆମେରିକାରେ ପହଞ୍ଚିଛନ୍ତି। ପ୍ରଧାନମନ୍ତ୍ରୀ ନିଜେ ଗୁରୁବାର ସକାଳେ ଏକ୍ସ ରେ ପୋଷ୍ଟ ସେୟାର କରି ଏହି ସୂଚନା ଦେଇଛନ୍ତି। ଆଜି ଗୁରୁବାର ସେ ଆମେରିକା ରାଷ୍ଟ୍ରପତିଙ୍କୁ ଭେଟିବେ। ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହିତ ଏହା ତାଙ୍କର ପ୍ରଥମ ସାକ୍ଷାତ ଆଲୋଚନା ହେବ। ଏହି ସାକ୍ଷାତ ଆଲୋଚନାରେ ଉଭୟ ଟାରିଫ ସମେତ ସୁରକ୍ଷା-ସହଯୋଗ ନେଇ ପ୍ରସଙ୍ଗରେ ଆଲୋଚନା କରିପାରନ୍ତି। ଉଲ୍ଲେଖଯୋଗ୍ୟ ଯେ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ହ୍ୱାଇଟ୍ ହାଉସରେ ଅତିଥି ହେବାରେ ନରେନ୍ଦ୍ର ମୋଦି ତୃତୀୟ ବୈଦେଶିକ ନେତା। ମୋଦିଙ୍କ ଏହି ଗସ୍ତ ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କ ଲାଗି ଖାସ ଗୁରୁତ୍ୱ ବହନ କରୁଛି।

ଟ୍ରମ୍ପ ପ୍ରଶାସନରେ ତୁଳସୀ ଗବାର୍ଡ ବୁଧବାର ନିଯୁକ୍ତ ହୋଇଛନ୍ତି। ନ୍ୟାସନାଲ ଇଣ୍ଟେଲିଜେନ୍ସ ଡାଇରେକ୍ଟର ରୂପେ ସିନେଟ ତାଙ୍କ ସପକ୍ଷରେ ଭୋଟ ଦେଇଛି। ଏହା ସହିତ ତୁଳସୀ ଗବାର୍ଡ ଆମେରିକାର ୧୮ ଇଣ୍ଟେଲିଜେନ୍ସ ଏଜେନ୍ସୀମାନଙ୍କ ମୁଖ୍ୟ ହୋଇଛନ୍ତି। ଏହି କାରଣରୁ ଆମେରିକା ପହଞ୍ଚିବାମାତ୍ରେ ମୋଦି ସର୍ବ ପ୍ରଥମେ ତୁଳସୀ ଗବାର୍ଡଙ୍କୁ ଭେଟିବା ଉଚିତ ମନେ କରିଛନ୍ତି ଓ ତାଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଏହି ସାକ୍ଷାତ ଆଲୋଚନାରେ ମୋଦି ତାଙ୍କ ସହ ଭାରତ-ଆମେରିକା ବନ୍ଧୁତ୍ୱର ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ତୁଳସୀ ଗବାର୍ଡ ପ୍ରଥମରୁ ଭାରତ-ଆମେରିକା ଉତ୍ତମ ସମ୍ପର୍କର ସମର୍ଥକ ଅଟନ୍ତି।

ପିଏମ ମୋଦିଙ୍କ ଆମେରିକା ଗସ୍ତ ଅବସରରେ ବୈଦେଶିକ ମନ୍ତ୍ରାଳୟଙ୍କ ବୟାନ ମଧ ସାମ୍ନାକୁ ଆସିଛି। ମନ୍ତ୍ରାଳୟ କହିଛନ୍ତି ଯେ ଏହା ଦୁଇ ଦେଶଙ୍କ ବ୍ୟାପକ ବୈଶ୍ୱିକ ରଣନୈତିକ ଭାଗିଦାରୀରେ ଏକ ନୂଆ ଅଧ୍ୟାୟ। ମନ୍ତ୍ରାଳୟ କହିଛନ୍ତି ଯେ ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମେତ ଆମେରିକା କ୍ୟାବିନେଟର ସଦସ୍ୟଗଣ ଓ ଉଦ୍ୟୋଗ ଜଗତ ପ୍ରମୁଖମାନଙ୍କୁ ମଧ ଭେଟିବେ।

ଆମେରିକା ଗସ୍ତରେ ପହଞ୍ଚିବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଫ୍ରାନ୍ସ ଗସ୍ତ କରିଥିଲେ। ସେ ପ୍ୟାରିସ୍ ଏଆଇ ଆକ୍ସନ ସମ୍ମିଟରେ ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସୀ ଉପରେ ଆଲୋଚନା ହୋଇଥିଲା। ଏହି ସମ୍ମିଳନୀରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ ମିଶି ପ୍ରଧାନମନ୍ତ୍ରୀ ଅଧକ୍ଷତା କରିଥିଲେ।

# ସରଯୁରେ ଜଳ ସମାଧି ନେଲେ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସ



**ଅଯୋଧ୍ୟା ୧୩।୨:** ଅଯୋଧ୍ୟା ରାମ ମନ୍ଦିରର ମୁଖ୍ୟ ପୂଜାରୀ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କୁ ଗୁରୁବାର ସରଯୁ ନଦୀରେ ଜଳ ସମାଧି ଦିଆଯାଇଛି। ତାଙ୍କ ପାର୍ଥିବ ଶରୀରକୁ ଶେଷ ଦର୍ଶନ ନିମନ୍ତେ ସରଯୁ ଘାଟରେ ରଖା ଯାଇଥିଲା। ସ୍ନାନ କରାଇବା ପରେ ତାଙ୍କୁ ଜଳ ସମାଧି ଦିଆଯାଇଛି। ଏହା ପୂର୍ବରୁ ଅଯୋଧ୍ୟା ସାଂସଦ ଅବଧେଶ ପ୍ରସାଦ ଓ ରାଜ୍ୟମନ୍ତ୍ରୀ ସତୀଶ ଶର୍ମା ସକାଳେ ତାଙ୍କ ଘରକୁ ଯାଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସନ୍ଥ ସମାଜର ଲୋକେ ମଧ ପୁଷ୍ପାଞ୍ଜଳି ଅର୍ପଣ କରିବାକୁ ପହଞ୍ଚିଥିଲେ। ମଧ୍ୟାହ୍ନରେ ତାଙ୍କ ପାର୍ଥିବ ଶରୀରକୁ ରଥ ଉପରେ ବିରାଜମାନ କରାଯାଇଥିଲା। ପରେ ଶବ ଶୋଭାଯାତ୍ରା ବାହାରିଥିଲା। ତାଙ୍କ ଶେଷ ଦର୍ଶନ ନିମନ୍ତେ ଅଯୋଧ୍ୟାର ଲୋକେ ଗଳିକନ୍ଦିରେ ଛିଡା ହୋଇଥିଲେ। ଲୋକେ ମର ଶରୀର ଉପରେ ପୁଷ୍ପବୃଷ୍ଟି କରିଥିଲେ। ସରଯୁ କୂଳରେ ଶହଶହ ଲୋକେ ତାଙ୍କର ଅନ୍ତିମ ଦର୍ଶନ କରିଥିଲେ। ସାରା ଜୀବନ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ନିମନ୍ତେ ଅର୍ପଣ କରିଥିବା ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କ ପରଲୋକରେ ଅଯୋଧ୍ୟାରେ ଶୋକର ଲହରୀ ଖେଳି ଯାଇଛି। ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସ ୧୯୯୨ ମସିହାରେ ଅଯୋଧ୍ୟା ରାମ ଜନ୍ମଭୂମି ମୁଖ୍ୟ ପୂଜାରୀ ନିଯୁକ୍ତ ହୋଇଥିଲେ। ଏହା ପୂର୍ବରୁ ସେ ସଂସ୍କୃତ ଶିକ୍ଷକ ଥିଲେ। ୧୯୯୨ ମସିହାରେ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସ ଯେତେବେଳେ ରାମ ଜନ୍ମଭୂମି ପୂଜାରୀ ହେଲେ ସେତେବେଳେ ରାମ ଲଲ୍ଲାଙ୍କ ମୂର୍ତ୍ତି ଟେଣ୍ଟରେ ଥିଲା। ଯେତେବେଳେ ବାବ୍ରି ମସଜିଦ ଭଙ୍ଗା ଗଲେ ସେଠାରୁ ରାମ ଲଲ୍ଲାଙ୍କ ମୂର୍ତ୍ତି ନେଇ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସ ସେଠାରୁ ପଳାଇଥିଲେ। ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସ ରାମ ଲଲ୍ଲାଙ୍କ ସେବା ଏକ ବାଳକ ରୂପେ କରୁଥିଲେ। ଏଥି ପାଇଁ ସେ କୌଣସି ପାରିତୋଷିକ ନେଉ ନଥିଲେ। ସେ ନିଜ ପଇସାରେ ରାମଲଲ୍ଲାଙ୍କ ନୀତିକାନ୍ତି କରୁଥିଲେ। ସତ୍ୟେନ୍ଦ୍ର ଦାସଙ୍କ ପରଲୋକ ପରେ ଏବେ କେବଳ ତାଙ୍କ ଭାଇ ଅଛନ୍ତି। ସେ କେବଳ ପର୍ବ ପର୍ବାଣୀରେ ଘରକୁ ଯାଉଥିଲେ।

# ପ୍ରୟାଗରାଜ ନଯାଇ କର୍ଣ୍ଣାଟକ କୁମ୍ଭକୁ ଆସ: ଶିବକୁମାର



**ମହୀସୁର, ୧୩।୨:** ମହୀସୁରୁ ଜିଲ୍ଲାରେ ଆରମ୍ଭ ହେଲା କୁମ୍ଭ ମେଳା। ଟି ନରସିପୁରାର ତ୍ରିବେଣୀ ସଙ୍ଗମରେ ଐତିହାସିକ କୁମ୍ଭ ମେଳାର ତ୍ରୟୋଦଶ ସଂସ୍କରଣ ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଛି। ଏହି ପବିତ୍ର ମେଳାକୁ ଦକ୍ଷିଣ ଭାରତର ପ୍ରୟାଗରାଜ କୁମ୍ଭ କୁହାଯାଏ। ଏହା ରାଜ୍ୟ ଏବଂ ରାଜ୍ୟ ବାହାରୁ ହଜାର ହଜାର ଭକ୍ତ ଏବଂ ସନ୍ଥଙ୍କୁ ଆକର୍ଷିତ କରେ। କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଏବଂ କାବେରୀ, କପିଳା ଏବଂ ସ୍ଫଟିକା ସରୋବର ନଦୀର ମିଳନସ୍ଥଳ ତ୍ରିବେଣୀ ସଙ୍ଗମରେ ପବିତ୍ର ବୁଡ଼ ପକାଇଥିଲେ। ସମାବେଶକୁ ସମ୍ବୋଧିତ କରି ସେ ଭକ୍ତମାନଙ୍କୁ ପ୍ରୟାଗରାଜରେ ଆୟୋଜିତ ମହାକୁମ୍ଭକୁ ଯାଇ ହଇରାଣ ହେବା ଅପେକ୍ଷା କର୍ଣ୍ଣାଟକର କୁମ୍ଭ ମେଳାରେ ଯୋଗଦେବା ନେଇ ବିଚାର କରିବାକୁ ଅନୁରୋଧ କରିଥିଲେ। "ଯଦି ଆପଣ ଇତିହାସ ଦେଖିବେ, ତେବେ ଗଙ୍ଗା, ଯମୁନା ଏବଂ ସରସ୍ୱତୀ ସହିତ ଜଡିତ ଦିବ୍ୟତା ଏବଂ ପବିତ୍ରତା ଆମର କାବେରୀ ନଦୀକୁ ମଧ ଆସିଛି। ତେଣୁ, ମୁଁ ଏଠାକାର ଲୋକମାନଙ୍କୁ ଅନୁରୋଧ କରୁଛି ଯେ, ପ୍ରୟାଗରାଜରେ ଆୟୋଜିତ ମହାକୁମ୍ଭକୁ ଯାଇ ହଇରାଣ ହେବାର ଆବଶ୍ୟକତା ନାହିଁ। ସେଠାକୁ ଯାଇ ବୁଡ଼ ପକାଇବା ଏବେ ବହୁତ କଷ୍ଟକର। ତୁମେ ଏଠାକୁ ଆସି ଆପଣ ପ୍ରାର୍ଥନା କରିପାରିବେ। ମୁଁ ବିଶ୍ୱାସ କରେ ଯେ ପ୍ରୟାସ ଅପେକ୍ଷା ପ୍ରାର୍ଥନା ଅଧିକ ଫଳ ଦେବ। ତେଣୁ ମୁଁ ଲୋକମାନଙ୍କୁ ଆମ ରାଜ୍ୟର କୁମ୍ଭମେଳାରେ ହୋଇଥିବା ବ୍ୟବସ୍ଥାର ଉପଯୋଗ କରିବାକୁ ଅନୁରୋଧ କରୁଛି" ବୋଲି ଶିବକୁମାର କହିଥିଲେ।

# ଦଲାଇଲାମାଙ୍କ ଜୀବନପ୍ରତି ବିପଦ, ସୁରକ୍ଷା ବଢ଼ାଇଲେ ସରକାର



**ନୂଆଦିଲ୍ଲୀ, ୧୩।୨:** ଗୁରୁବାର ଗୃହ ମନ୍ତ୍ରଣାଳୟ (ଏମଏଚଏ) ଗୋଇନ୍ଦା ସୂଚନା ପାଇ ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କୁ ଜେଡ୍-ବର୍ଗର ସୁରକ୍ଷା ପ୍ରଦାନ କରିଛି। ଇଣ୍ଟେଲିଜେନ୍ସ ବ୍ୟୁରୋ ଦ୍ୱାରା ଦିଆଯାଇଥିବା ବିପଦ ମୂଲ୍ୟାଙ୍କନ ରିପୋର୍ଟ ଆଧାରରେ ଦଲାଇ ଲାମାଙ୍କ ସୁରକ୍ଷାକୁ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ସୁରକ୍ଷା ବ୍ୟବସ୍ଥା ଅଧୀନରେ, ୮୯ ବର୍ଷୀୟ ଆଧ୍ୟାତ୍ମିକ ନେତାଙ୍କୁ ମୋଟ ୩୩ ଜଣ ସୁରକ୍ଷା କର୍ମୀ ମିଳିବ। ଯେଉଁଥିରେ ହିମାଚଳ ପ୍ରଦେଶର ଧର୍ମଶାଳାରେ ତାଙ୍କ ବାସଭବନରେ ସଶସ୍ତ୍ର ସୁରକ୍ଷାକର୍ମୀ ୨୪ ଘଣ୍ଟିଆ ସୁରକ୍ଷା ପ୍ରଦାନ କରିବେ। ଏହା ସହିତ, ତାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପ୍ରଶିକ୍ଷିତ ଡ୍ରାଇଭର ଏବଂ ନିରୀକ୍ଷଣ କର୍ମଚାରୀ ସର୍ବଦା ଡ୍ୟୁଟିରେ ରହିବେ। ତିବ୍ବତୀୟ ଧର୍ମଗୁରୁ ତିବ୍ବତରେ ଚାଇନା ଶାସନ ଆରମ୍ଭ ହେବା ପରେ ୧୯୫୯ ମସିହାରୁ ଭାରତରେ ରହୁଛନ୍ତି। ତାଙ୍କର ବିଶ୍ୱବ୍ୟାପୀ ପ୍ରଭାବ ଏବଂ ତିବ୍ବତକୁ ଘେରି ରହିଥିବା ସମ୍ବେଦନଶୀଳ ଭୂରାଜନୈତିକ ଉତ୍ତେଜନାକୁ ଦୃଷ୍ଟିରେ ରଖି, ଭାରତ ସରକାର ତାଙ୍କୁ ଉଚ୍ଚସ୍ତରୀୟ ସୁରକ୍ଷା କଭରେଜ୍ ପ୍ରଦାନ କରୁଛନ୍ତି। ବର୍ଷ ବର୍ଷ ଧରି, ଗୋଇନ୍ଦା ରିପୋର୍ଟଗୁଡ଼ିକ ଚାଇନା ସମର୍ଥିତ ବ୍ୟକ୍ତିମାନଙ୍କ ସମେତ ବିଭିନ୍ନ ସଂସ୍ଥାଠାରୁ ଦଲାଇ ଲାମାଙ୍କ ଜୀବନ ପ୍ରତି ସମ୍ଭାବ୍ୟ ବିପଦ ସୂଚାଇ ଦେଇଛି, ଯାହା ତାଙ୍କ ସୁରକ୍ଷାକୁ ଭାରତୀୟ କର୍ତ୍ତୃପକ୍ଷଙ୍କ ପାଇଁ ସର୍ବୋଚ୍ଚ ପ୍ରାଥମିକତା ଦେଇଛି।

ତିବ୍ବତୀୟ ବୌଦ୍ଧ ଧର୍ମର ନିର୍ବାସିତ ଆଧ୍ୟାତ୍ମିକ ନେତା, ଯିଏ ଜୁଲାଇରେ ୯୦ ବର୍ଷ ବୟସରେ ପଦାର୍ପଣ କରିବାକୁ ଯାଉଛନ୍ତି। ଚାଇନା ଶାସନ ବିରୁଦ୍ଧରେ ଏକ ବିଫଳ ବିଦ୍ରୋହ ପରେ ତିବ୍ବତରୁ ସେ ପଳାଇ ଆସିଥିଲେ। ତଥାପି, ସେ ମୃତ୍ୟୁ ପୂର୍ବରୁ ଫେରିବାକୁ ଦୀର୍ଘ ସମୟ ଧରି ଇଚ୍ଛା ପ୍ରକାଶ କରିଛନ୍ତି। ୨୦୧୧ ମସିହାରେ ତିବ୍ବତୀୟ ନିର୍ବାସିତ ସରକାରଙ୍କ ରାଜନୈତିକ ନେତା ଭାବରେ ଦଲାଇ ଲାମା ପଦ ଛାଡି ଦେଇଥିଲେ, ଯାହାକୁ ଚାଇନା ସ୍ୱୀକାର କରିବାକୁ ମନା କରିଦେଇଛି। ଦଲାଇ ଲାମାଙ୍କ ଉତ୍ତରାଧିକାରର ପ୍ରଶ୍ନ କ୍ରମଶଃ ଚାପପୂର୍ଣ୍ଣ ହୋଇପଡୁଛି, ଚାଇନା ଜିଦ୍ ଧରିଛି ଯେ ଏହା ତାଙ୍କ ଉତ୍ତରାଧିକାରୀ ନିର୍ଣ୍ଣୟ କରିବ। ତଥାପି, ଦଲାଇ ଲାମା କହିଛନ୍ତି ଯେ ସେ ତିବ୍ବତୀୟ ବୌଦ୍ଧ ପରମ୍ପରା ଅନୁଯାୟୀ ତାଙ୍କର ପୁନର୍ଜନ୍ମ ହେବ କି ନାହିଁ ଏବଂ କେଉଁଠି ହେବ ସେ ବିଷୟରେ ବିବରଣୀ ସମେତ ଏହି ବିଷୟରେ ସ୍ପଷ୍ଟତା ପ୍ରଦାନ କରିବେ। ତେବେ ଆସନ୍ତା ଜୁଲାଇରେ ତାଙ୍କ ୯୦ ତମ ଜନ୍ମଦିନରେ ସେ ଏହି ଘୋଷଣା କରିବେ ବୋଲି ଆଶା କରାଯାଉଛି।

# ଜାମିଆ ବିଶ୍ୱବିଦ୍ୟାଳୟର ୧୪ ଛାତ୍ରଙ୍କୁ ଅଟକ ରଖିଲା ପୁଲିସ




**ନୂଆଦିଲ୍ଲୀ, ୧୩।୨:** ଦିଲ୍ଲୀ ପୋଲିସ ବିଶ୍ୱବିଦ୍ୟାଳୟର ପ୍ରଶାସନ ଅଭିଯୋଗ କ୍ରମେ ଜାମିଆ ବିଶ୍ୱବିଦ୍ୟାଳୟର ୧୪ ଜଣ ଛାତ୍ରଙ୍କୁ ଅଟକ ରଖିଛି। ଏହି ଛାତ୍ରମାନେ ସେମାନଙ୍କର ପ୍ରତିବାଦ ସମୟରେ ବିଶ୍ୱବିଦ୍ୟାଳୟ କ୍ୟାଣ୍ଟିନକୁ ବନ୍ଦ କରି ବାହାରେ ବସି ପ୍ରତିବାଦ କରିଥିଲେ ଏବଂ କ୍ୟାଣ୍ଟିନରେ ଭଙ୍ଗାରୁଜା ମଧ କରିଥିଲେ।

ଖବର ମୁତାବକ, ୨୦୧୯ ମସିହାରେ ଜାମିଆରେ ପୋଲିସ ଗୁଳିର ବିରୋଧ କରି ଦୁଇଜଣ ପିଏଚଡି ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ତେଣୁ ଛାତ୍ରମାନେ ଏମାନଙ୍କ ବାର୍ଷିକୀ ପାଳନ କରିବାକୁ ଚାହୁଁଥିଲେ। କିନ୍ତୁ ବିଶ୍ୱବିଦ୍ୟାଳୟ ପ୍ରଶାସନ ଏହାକୁ ଅନୁମତି ଦେଇ ନଥିଲା। ଏହା ସତ୍ତ୍ୱେ ମଧ ଛାତ୍ରମାନେ ସେମାନଙ୍କର ଅନ୍ୟ ବନ୍ଧୁମାନଙ୍କ ସହିତ ଏକ କାର୍ଯ୍ୟକ୍ରମ ପରିଚାଳନା କରୁଥିଲେ, ଯାହା ପରେ ସେମାନଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଦିଆଯାଇଥିଲା। ଏହି ନୋଟିସର ସନ୍ତୋଷଜନକ ଉତ୍ତର ନ ପାଇବା ପରେ, ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନସ୍ଥ କରିଥିଲା, ଯାହା ପରେ ଏହି ଛାତ୍ରମାନେ ସେଠାରେ ହିଂସାତ୍ମକ ପ୍ରତିବାଦ କରିଥିଲେ। ଏହି ପ୍ରଦର୍ଶନ ସମୟରେ ବିଶ୍ୱବିଦ୍ୟାଳୟର ମେଓ୍ୱାତି ଛାତ୍ର ସଂଘର ଛାତ୍ର ଏବଂ ଛାତ୍ରମାନଙ୍କ ମଧ୍ୟରେ

**ଭଙ୍ଗାରୁଜା ସହିତ କ୍ୟାଣ୍ଟିନ ବନ୍ଦ କରି କରୁଥିଲେ ପ୍ରତିବାଦ**

ଝଗଡ଼ା ହୋଇଥିଲା, ଯାହା ପରେ ପୋଲିସ ଏହି ମାମଲାରେ ଏକ ଏଫଆଇଆର ରୁଜୁ କରିଥିଲା। ଏହି ୧୪ ଜଣ ଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ପୋଲିସ ହେପାଜତକୁ ନେଇଛି। ଛାତ୍ରମାନେ ପ୍ରଶାସନର "ଛାତ୍ର କାର୍ଯ୍ୟକଳାପ ଉପରେ କଠୋର କାର୍ଯ୍ୟାନୁଷ୍ଠାନ"କୁ ନିନ୍ଦା କରିଥିଲେ। ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ବିଶ୍ୱବିଦ୍ୟାଳୟ ଛାତ୍ରମାନଙ୍କୁ ପ୍ରତିବାଦ ସ୍ଥଳରୁ ହଟାଇବା ପାଇଁ ପୋଲିସ ହସ୍ତକ୍ଷେପ ଅନୁରୋଧ କରିଥିଲା। ବିଶ୍ୱବିଦ୍ୟାଳୟ ପ୍ରଶାସନର ଅନୁରୋଧ କ୍ରମେ ପୋଲିସ ସକାଳ ପ୍ରାୟ ୪ଟାରେ ସେଠାରୁ ୧୦ ରୁ ଅଧିକ ଛାତ୍ରଙ୍କୁ ହଟାଇଥିଲା। ଏହାଛଡା ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କ୍ୟାମ୍ପସ ବାହାରେ କଡ଼ା ପୋଲିସ ସୁରକ୍ଷା ବ୍ୟବସ୍ଥା ମୁତୟନ କରାଯାଇଛି। ବିଶ୍ୱବିଦ୍ୟାଳୟର ବୟାନରେ କହିଛି ଯେ, ୧୦ ରୁ ଅଧିକ ଛାତ୍ରଙ୍କୁ ଅଟକ ରଖାଯାଇଛି ଏବଂ ଅଧିକ ତଦନ୍ତ ଚାଲିଛି। ଫେବୃଆରୀ ୧୦ ସନ୍ଧ୍ୟାରୁ କିଛି ଛାତ୍ର ଏକାଡେମିକ୍ ବ୍ଲକରେ ବେଆଇନ ଭାବରେ ଏକତ୍ରିତ ହୋଇଥିଲେ ଏବଂ ପ୍ରତିବାଦ ପାଇଁ ଡାକରା ଦେଇଥିଲେ। ସେମିଷ୍ଟର ପରୀକ୍ଷା ଆରମ୍ଭ ହେବାକୁ ଯାଉଥିବା ସମୟରେ ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ଲାଇବ୍ରେରୀ ପ୍ରବେଶ କରିବା ଏବଂ ଶ୍ରେଣୀରେ ଯୋଗଦେବାରୁ ମଧ ବାରଣ କରିଥିଲେ। ପ୍ରତିବାଦକାରୀ ଛାତ୍ରମାନେ କେନ୍ଦ୍ରୀୟ କ୍ୟାଣ୍ଟିନ ସମେତ ବିଶ୍ୱବିଦ୍ୟାଳୟ ସମ୍ପତ୍ତିକୁ କ୍ଷତି ପହଞ୍ଚାଇଥିଲେ ଏବଂ ସୁରକ୍ଷା ପରାମର୍ଶଦାତାଙ୍କ କାର୍ଯ୍ୟାଳୟର ଗେଟ୍ ଭାଙ୍ଗି ଦେଇଥିଲେ, ଯାହା ଫଳରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ ହୋଇଥିଲା।

# କାଶ୍ମୀରରେ ପତ୍ର ହଲିଲେ ଦିଲ୍ଲୀରେ ବୈଠକ କରନ୍ତି ଶାହା: ମେହବୁବା



**ନୂଆଦିଲ୍ଲୀ, ୧୩।୨:** ପିଡିପି ଅଧକ୍ଷା ମେହବୁବା ମୁଫତି କହିଛନ୍ତି ଯେ ଧାରା ୩୭୦ ଆମର ସୁରକ୍ଷା କବଚ ଥିଲା। ଏହା ଆମର ଜମି ଏବଂ ଲୋକଙ୍କ ଚାକିରି ରକ୍ଷା କରୁଥିଲା । ୨୦୧୯ରେ, ସମସ୍ତଙ୍କ ସୁରକ୍ଷା କବଚ ଛଡ଼ାଇ ନିଆଯାଇଥିଲା। ସେ କହିଥିଲେ ଯେ ଯଦି ସବୁକିଛି ଠିକ୍ ଠାକ୍ ଚାଲୁଛି ତେବେ ପାକିସ୍ତାନ ସହିତ ରାସ୍ତା ଖୋଲ। କେନ୍ଦ୍ରକୁ ଟାର୍ଗେଟ କରି ସେ କହିଛନ୍ତି ଯେ ସେମାନେ ଜାଣନ୍ତି ଯେ ଆମେ ୩୭୦ ହଟାଇ କୌଣସି ସମସ୍ୟାର ସମାଧାନ କରିନାହୁଁ। କୌଣସି ସମାଧାନ ପାଇଲୁ ନାହିଁ। କାରଣ ଆଜି ମଧ, ଯଦି କାଶ୍ମୀରରେ ପତ୍ରଟିଏ ହଲେ, ଅମିତ ଶାହ ଦିଲ୍ଲୀରେ ଏକ ବୈଠକ ଡାକିଥାନ୍ତି। କାରଣ ସେମାନଙ୍କ ମନରେ ଏକ ଭୟ ଅଛି ଯେ ଆମେ ଜମ୍ମୁ କାଶ୍ମୀରରେ ଯାହା କଲୁ ତାହା ଏକ ଲାଭା ସୃଷ୍ଟି କରିଛି ଯାହା ଯେକୌଣସି ସମୟରେ ବିସ୍ଫୋରଣ ହୋଇପାରେ।

ଗୁରୁବାର (୧୩ ଫେବୃଆରୀ) ଜମ୍ମୁରୁ ଦଳର ସଦସ୍ୟତା ଅଭିଯାନ ଆରମ୍ଭ କରିବା ସମୟରେ ସେ ଏହି କଥାଗୁଡ଼ିକ କହିଥିଲେ। ସେ କହିଥିଲେ, "ତୁମେ ଜମ୍ମୁ-କାଶ୍ମୀର ପ୍ରସଙ୍ଗକୁ ଜୀବନ୍ତ ରଖି ସମଗ୍ର ଦେଶରୁ ଭୋଟ ପାଇବାକୁ ଚାହୁଁଛ। କୁହାଯାଏ ଯେ ପାକିସ୍ତାନର ସେନା କାଶ୍ମୀର ପ୍ରସଙ୍ଗକୁ ଜୀବନ୍ତ ରଖିବାକୁ ଚାହୁଁଛି। ହୁଏତ ବିଜେପି ମଧ ବୁଝିସାରିଛି ଯେ କୌଣସି ସ୍ଥାନରେ ବିସ୍ଫୋରଣ ହେବା ଉଚିତ, କାହାକୁ ସହିଦ କରାଯିବା ଉଚିତ ଯାହା ଦ୍ୱାରା ସେମାନେ ଦେଶରେ ହିନ୍ଦୁ-ମୁସଲିମ ପ୍ରସଙ୍ଗ ସୃଷ୍ଟି କରିପାରିବେ।" ଏହା ସହିତ ସେ କହିଥିଲେ ଯେ ଯେପର୍ଯ୍ୟନ୍ତ ଆମେ ଏକାଠି ନ ବସିବୁ, ସେପର୍ଯ୍ୟନ୍ତ ଜମ୍ମୁ ଏବଂ କାଶ୍ମୀର ସମସ୍ୟାର ସମାଧାନ ହୋଇପାରିବ ନାହିଁ। ପିଡିପି ମୁଖ୍ୟ କହିଛନ୍ତି ଯେ ଦୁଇ ଦିନ ପୂର୍ବରୁ ଅଖନୁରରେ ଏକ ବିସ୍ଫୋରଣ ହୋଇଥିଲା। ବିବାହ କରିବାକୁ ଥିବା ଜଣେ ସୈନିକ ସହିଦ ହୋଇଥିଲେ ଏବଂ ଅନ୍ୟ ଜଣେ ଆରଏସ ପୁରାରେ ବିବାହ କରିବାକୁ ଥିଲେ। ଆସନ୍ତୁ ଟିକିଏ ପଛକୁ ଫେରିଯିବା, ୧୦ ଦିନ ପୂର୍ବେ, କାଠୁଆରେ ଜଣେ ୨୫ ବର୍ଷୀୟ ଯୁବକଙ୍କୁ ହଇରାଣ କରାଯାଇଥିଲା। ସେଠାରେ ଜଣେ ବ୍ୟକ୍ତି ପୋଲିସ ଅଧିକାରୀଙ୍କ ଉପରେ ବିରକ୍ତ ହୋଇ ଆତ୍ମହତ୍ୟା କରିଥିଲେ।

ମେହବୁବା ମୁଫତି ଆହୁରି କହିଛନ୍ତି ଯେ ଏଲଜି ସାହେବ ଏବଂ ଗୃହମନ୍ତ୍ରୀ ସୁରକ୍ଷା ସମୀକ୍ଷା ବୈଠକ କରନ୍ତି। ଯଦି କୌଣସି ସମସ୍ୟା ନ ଥାନ୍ତା, ତେବେ ଏହି ବୈଠକଗୁଡ଼ିକ ହୋଇନଥାନ୍ତା। ସାଧାରଣ ଲୋକଙ୍କ ସମସ୍ୟା ଶୁଣିବା ପାଇଁ ଆପଣମାନଙ୍କୁ ସମୟ ମିଳୁନାହିଁ। ଲଦାଖର ଲୋକମାନେ କେନ୍ଦ୍ରଶାସିତ ଅଞ୍ଚଳ ଦାବି କରୁଥିଲେ। ସେଠାରେ ବଡ଼ ବଡ଼ ହୋଟେଲ ମାଲିକମାନେ ଅନ୍ୟମାନଙ୍କ ନାମରେ ହୋଟେଲ କିଣି ନିର୍ମାଣ କରୁଛନ୍ତି। ଜମ୍ମୁ-କାଶ୍ମୀର ସମସ୍ୟାର ସମାଧାନ ଜମ୍ମୁ, କାଶ୍ମୀର ଏବଂ ଲଦାଖର ଲୋକମାନଙ୍କୁ ଏକତ୍ରିତ ହୋଇ ଖୋଜିବାକୁ ପଡିବ। ସେ କହିଥିଲେ ଯେ ତାଙ୍କ ବାପା ମୁଫତି ମହମ୍ମଦ ସୟିଦ କାଶ୍ମୀର, ଜମ୍ମୁ ଏବଂ ଲଦାଖକୁ ଏକାଠି କରୁଥିଲେ।

## ଆଇପିଏଲ-୨୦୨୫

# ଆରସିବିର ନୂଆ ଅଧିନାୟକ ରଜତ ପଟିଦାର



ନୂଆଦିଲ୍ଲୀ: ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁ(ଆରସିବି) ନେଲା ବଡ଼ ନିଷ୍ପତ୍ତି। ଘୋଷଣା କଲା ଅଧିନାୟକଙ୍କ ନାମ। ପୂର୍ବରୁ ଆରସିବିର ଅଧିନାୟକ କିଏ ହେବ ସେ ନେଇ ଚର୍ଚ୍ଚା ଚାଲୁଥିବା ବେଳେ ଏବେ ଦଳ ନିଜ ଅଧିନାୟକଙ୍କ ନାମ ଘୋଷଣା କରିଛି। ଆଇପିଏଲ ୨୦୨୫ ସିଜିନ ପାଇଁ କ୍ରିକେଟର ରଜତ ପଟିଦାରଙ୍କୁ ନୂତନ ଅଧିନାୟକ ଭାବରେ ନିଯୁକ୍ତ କରିଛି ଆରସିବି। ଏବିଷୟରେ ଦଳ ଆଜି ଘୋଷଣା କରିଛି। ୨୦୨୧ ମସିହାରୁ ଆରସିବି ସହିତ ଥିବା ପଟିଦାର ଫ୍ରାଞ୍ଚାଇଜର ୮ମ ଅଧିନାୟକ ହେବେ। ବିରାଟ କୋହଲିଙ୍କୁ ପୁଣି ଥରେ ଦଳର ଅଧିନାୟକ କରାଯିବ ବୋଲି ବହୁତ ଆଲୋଚନା ହେଉଥିଲା, କିନ୍ତୁ ଏହା ହୋଇନାହିଁ। ଦଳ ପଟିଦାରଙ୍କୁ ଅଧିନାୟକତ୍ୱ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେଇଛି। ଗତ ସିଜିନ୍ ଅର୍ଥାତ୍ ଆଇପିଏଲ ୨୦୨୪ରେ, ଦକ୍ଷିଣ ଆଫ୍ରିକାର ଫାଫ୍ ଡୁ ପ୍ଲେସିସ୍ ଦଳର ଅଧିନାୟକ ଥିଲେ। କିନ୍ତୁ ଆଇପିଏଲ ୨୦୨୫ ନିଲାମି ପୂର୍ବରୁ, ଦଳ ଫାଫ୍ ଡୁ ପ୍ଲେସିସଙ୍କୁ ରିଟେନ୍ ନକରିବା ସହ ମେଗା ନିଲାମରେ ତାଙ୍କୁ କିଣିନଥିଲା। ଫାଫ୍ ଡୁ ପ୍ଲେସିସ୍ ୨୦୨୫ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳିବେ। ଫାଫ୍ ଡୁ ପ୍ଲେସିସଙ୍କୁ ଦିଲ୍ଲୀ ୨ କୋଟି ଟଙ୍କାରେ କିଣିଛି। ୩୧ବର୍ଷୀୟ ଖେଳାଳିଙ୍କୁ ଆଇପିଏଲ ସିଜନ-୨୦୨୧ରେ ଦଳ ମୁକ୍ତ କରିବା ପରେ ୨୦୨୨ରେ ଆରସିବି ତାଙ୍କୁ ବଦଳ ଖେଳାଳି (ରିପ୍ଲେସମେଣ୍ଟ ପ୍ଲେୟାର) ଭାବରେ ଦଳରେ ସାମିଲ କରିଥିଲା। ଏହି ସିଜିନରେ ନିଜ ପ୍ରଦର୍ଶନ ବଳରେ ସ୍ୱତନ୍ତ୍ର ପରିଚୟ ତିଆରି କରିଥିଲେ ରଜତ। ସେ ଲକ୍ଷ୍ନୌ ସୁପର ଜାଏଣ୍ଟସ ବିପକ୍ଷରେ ଏଲିମିନେଟର ରାଉଣ୍ଡରେ ୧୧୨ରନ କରିଥିଲେ ଏବଂ ପ୍ଲେଅଫ୍ ରାଉଣ୍ଡରେ ଶତକ ହାସଲ କରିଥିବା ଆଇପିଏଲ ଇତିହାସରେ ପ୍ରଥମ ଅନକ୍ୟାପ୍ ଖେଳାଳି ହୋଇଥିଲେ। ୨୦୨୪ସିଜନରେ ପଟିଦାର ଆରସିବି ପାଇଁ ୧୫ଟି ମ୍ୟାଚ୍ ଖେଳି ୧୯୬ରନ କରିଥିଲେ ଏବଂ ୫ଅର୍ଦ୍ଧଶତକ କରିଥିଲେ।

## ରଣଜୀ ଟ୍ରଫି

### କେରଳ-ଗୁଜରାଟ, ବିଦର୍ଭ-ମୁମ୍ବାଇ ସେମି ଲଢ଼େଇ

**ପୁଣେ, ୧୩।୨:** ଶେଷ ଦଳ ଭାବେ କେରଳ ଚଳିତ ରଣଜୀ ଟ୍ରଫିର ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଗତକାଲି ମୁମ୍ବାଇ, ବିଦର୍ଭ, ଗୁଜରାଟ ନିଜ ନିଜ କ୍ୱାର୍ଟରଫାଇନାଲ୍ ମ୍ୟାଚ୍ ଜିତି ସେମିଫାଇନାଲ୍ ସ୍ଥାନ ପକ୍କା କରିଥିଲେ। ସୋମବାରଠୁ ଖେଳାଯିବାକୁ ଥିବା ସେମିଫାଇନାଲ୍ ଦୁଇଟିରେ କେରଳ-ଗୁଜରାଟ ଏବଂ ବିଦର୍ଭ-ମୁମ୍ବାଇ ମୁହାଁମୁହିଁ ହେବେ। ପୁଣେରେ ଖେଳାଯାଇଥିବା ଜମ୍ମୁ କଶ୍ମୀର ବିପକ୍ଷ କ୍ୱାର୍ଟରଫାଇନାଲ୍‌ରେ କେରଳ ପ୍ରଥମ ପାଳି ଅଗ୍ରଣୀ ଭିତ୍ତିରେ ସେମିଫାଇନାଲ୍ ସ୍ଥାନ ନିଶ୍ଚିତ କରିଛି। ଜମ୍ମୁ କଶ୍ମୀର ପ୍ରଥମ ପାଳିରେ ୨୮୦ ରନ୍ କରିଥିଲା। ଜବାବରେ କେରଳ ୨୮୧ ରନ୍ କରି ମହତ୍ୱପୂର୍ଣ୍ଣ ୧ ରନ୍‌ର ଅଗ୍ରଣୀ ନେଇଥିଲା। ଜମ୍ମୁ କଶ୍ମୀର ଚତୁର୍ଥ ଦିନରେ ୩୯୯/୯ରେ ଦ୍ୱିତୀୟ ପାଳି ଘୋଷଣା କରି କେରଳ ସମ୍ମୁଖରେ ୩୯୯ ରନ୍‌ର ବିଜୟ ଲକ୍ଷ୍ୟ ରଖିଥିଲା।

ଏହାକୁ ପିଛା କରି ଚତୁର୍ଥ ଦିନ ଶେଷ ସୁଦ୍ଧା କେରଳ ୨ ୱିକେଟ୍ ହରାଇ ୧୦୦ ରନ୍ କରିଥିଲା। ବୁଧବାର ଏଥିରେ ଆଉ ୧୯୫ ରନ୍ ଯୋଡ଼ି କେବଳ ୪ ୱିକେଟ୍ ହରାଇ ମ୍ୟାଚ୍ ଅମୀମାଂସିତ ରଖିଥିଲା। ୧୮୦ ରନ୍‌ରେ ୬ ୱିକେଟ୍ ହରାଇ ସଂକଟରେ ପଡ଼ିଥିବା କେରଳକୁ ସଲମାନ ନିଜାର (୪୪*, ୧୬୨ ବଲ୍) ଓ ମହମ୍ମଦ ଆଝାରୁଦ୍ଦିନ୍ (୬୭*, ୧୧୮ ବଲ୍) ସପ୍ତମ ୱିକେଟ୍‌ରେ ୧୧୫ ରନ୍ ଯୋଡ଼ି ପରାଜୟରୁ ମୁକୁଳାଇବା ସହ ୬ ବର୍ଷ ପରେ ସେମିଫାଇନାଲ୍‌ରେ ପହଞ୍ଚାଇଥିଲେ। ଉଭୟ ପାଳିରେ ଅପରାଜିତ ଥିବା ସଲମାନ ନିଜାର (୧୧୨*, ୪୪*) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

# ଚାମ୍ପିଅନ୍ସ ଟ୍ରଫିରୁ ଓହରିଲେ ଷ୍ଟାର୍କ



**ମେଲବର୍ଣ୍ଣ, ୧୩।୨:** ଆଗାମୀ ଆଇସିସି ଚାମ୍ପିଅନ୍ସ ଟ୍ରଫିରୁ ଅଷ୍ଟ୍ରେଲିଆର ପ୍ରମୁଖ ପେସ୍ ବୋଲର ମିଚେଲ ଷ୍ଟାର୍କ ଓହରି ଯାଇଛନ୍ତି। ସେ ସମ୍ପୂର୍ଣ୍ଣ ଫିଟ୍ ରହିଥିଲେ ହେଁ ଚାମ୍ପିଅନ୍ସ ଟ୍ରଫି ଛାଡ଼ିବା ପଛର କାରଣ ଜଣାଇ ନାହାନ୍ତି। ପୂର୍ବରୁ ପ୍ୟାଟ୍ କମିନ୍ସ, ଜୋସ ହାଜେଲଉଡ୍, ମିଚେଲ ମାର୍ଶ ଓ ମାର୍କସ ଷ୍ଟଇନିସ୍ ଚାମ୍ପିଅନ୍ସ ଟ୍ରଫିରୁ ବାଦ ପଡ଼ିସାରିଛନ୍ତି। କମିନ୍ସ, ହାଜେଲଉଡ୍ ଓ ମାର୍ଶ ଆହତ ଅଛନ୍ତି। ଷ୍ଟଇନିସ ଅପ୍ରତ୍ୟାଶିତ ଭାବେ ଦିନିକିଆରୁ ଅବସର ନେଇଥିଲେ। ବର୍ତ୍ତମାନ ଷ୍ଟାର୍କ ବ୍ୟକ୍ତିଗତ କାରଣ ଦର୍ଶାଇ ଓହରି ଯାଇଛନ୍ତି। ଏମାନଙ୍କ ଅନୁପସ୍ଥିତିରେ ଷ୍ଟିଭେନ ସ୍ମିଥ୍ ଅଷ୍ଟ୍ରେଲିଆ ଦଳର ନେତୃତ୍ୱ ନେବେ। ବାଦ ପଡ଼ିଥିବା ୫ ଖେଳାଳିଙ୍କ ସ୍ଥାନରେ ସିନ ଆବୋଟ୍, ବେନ ଡର୍ସ୍ରିସ, ଜେକ ଫ୍ରେଜର-ମ୍ୟାକଗର୍କ, ସ୍ପେନସର ଜନସନ ଓ ତନବୀର ସାଙ୍ଗାଙ୍କୁ ଡ଼ାକରା ମିଳିଛି। ଏମାନଙ୍କ ବ୍ୟତୀତ କୁପର କନଲି ଟ୍ରାଭେଲ ରିଜର୍ଭ ଭାବେ ସ୍ଥାନ ପାଇଛନ୍ତି। ଅଷ୍ଟ୍ରେଲିଆ ୨୨ତାରିଖରେ ଇଂଲଣ୍ଡ ବିପକ୍ଷରେ ଅଭିଯାନ ଆରମ୍ଭ କରିବ। ଏହାପରେ ୨୫ତାରିଖରେ ଦକ୍ଷିଣ ଆଫ୍ରିକା ଓ ୨୮ତାରିଖରେ ଆଫଗାନିସ୍ତାନକୁ ଭେଟିବ।

**ଦଳ:** ଷ୍ଟିଭେନ ସ୍ମିଥ୍ (ଅଧିନାୟକ), ସିନ ଆବୋଟ, ଆଲେକ୍ସ କ୍ୟାରୀ, ବେନ ଡାର୍ସୟସ, ନାଥାନ ଏଲିସ୍, ଜେକ ଫ୍ରେଜର-ମ୍ୟାକଗର୍କ, ଆରନ ହାର୍ଡି, ଟ୍ରେଭିସ ହେଡ୍, ଜୋସ ଇଂଲିଶ, ସ୍ପେନସର ଜନସନ, ମାର୍ନସ ଲାବୁସାନ, ଗ୍ଲେନ ମ୍ୟାକ୍ସୱେଲ୍, ତନବୀର ସାଙ୍ଗା, ମାଥ୍ୟୁ ସର୍ଟ, ଆଡାମ ଜାମ୍ପା।

## ଆଇସିସି ଦିନିକିଆ ମାନ୍ୟତା

# ବ୍ୟାଟିଂରେ ଦ୍ୱିତୀୟକୁ ଉଠିଲେ ଶୁଭମନ ଗିଲ୍

### ଶ୍ରେଷ୍ଠ ୧୦ରେ ୪ ଭାରତୀୟ ବ୍ୟାଟର



**ଦୁବାଇ,୧୩।୨:** ସଦ୍ୟ ପ୍ରକାଶିତ ଆଇସିସି ଦିନିକିଆ ମାନ୍ୟତାରେ ଭାରତୀୟ ବ୍ୟାଟରଙ୍କ ଆଧିପତ୍ୟ ଜାରି ରହିଛି। ପ୍ରଥମ ୨ଟି ଦିନିକିଆରେ ଅର୍ଦ୍ଧଶତକ ଅର୍ଜନ କରି ଶୁଭମନ ଗିଲ୍ ଦ୍ୱିତୀୟକୁ ଉନ୍ନୀତ ହୋଇଛନ୍ତି। ଶ୍ରେଷ୍ଠ ୧୦ରେ ୪ଜଣ ଭାରତୀୟ ସ୍ଥାନ ବଜାୟ ରଖିଛନ୍ତି। ଗିଲ୍‌ଙ୍କ ବ୍ୟତୀତ ରୋହିତ ଶର୍ମା ତୃତୀୟ ସ୍ଥାନରେ ରହିଥିବାବେଳେ ବିରାଟ କୋହଲି ଷଷ୍ଠ ଓ ଶ୍ରେୟାସ ଆୟର ଦଶମ ସ୍ଥାନରେ ରହିଛନ୍ତି। ଆସନ୍ତା ସପ୍ତାହରେ ଉଭୟ କୋହଲି ଓ ଆୟରଙ୍କ ମାନ୍ୟତାରେ ଉନ୍ନତି ହେବା ନିଶ୍ଚିତ। ପାକିସ୍ତାନର ବାବର ଆଜମ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ମାତ୍ର ଗିଲ ଓ ତାଙ୍କ ମଧ୍ୟରେ ମାତ୍ର ୫ ପଏଣ୍ଟର ବ୍ୟବଧାନରେ ରହିଛି। ବାବର ୭୮୬ ଓ ଗିଲ୍ ୭୮୧ ପଏଣ୍ଟ ଅର୍ଜନ କରିଛନ୍ତି। ବୁଧବାର ଭାରତ -ଇଂଲଣ୍ଡ ମ୍ୟାଚ୍‌ର ଶତକକୁ ମାନ୍ୟତାରେ ସାମିଲ କରାଯାଇନାହିଁ। ଫଳରେ ଆସନ୍ତା ସପ୍ତାହରେ ବ୍ୟାଟିଂ ମାନ୍ୟତା ତାଲିକା ପ୍ରକାଶ ପାଇବା ବେଳକୁ ଗିଲଙ୍କ ପଏଣ୍ଟରେ ଉନ୍ନତି ହୋଇଥିବ। ବୋଲିଂ ମାନ୍ୟତାରେ ଆଫଗାନିସ୍ତାନର ରସିଦ ଖାନ ଶୀର୍ଷ ସ୍ଥାନ ବଜାୟ ରଖିଥିବାବେଳେ ଭାରତର ୨ଜଣ ବୋଲର ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ରହିଛନ୍ତି। କୁଲଦୀପ ପଞ୍ଚମ ଓ ମହମ୍ମଦ ସିରାଜ ଦଶମ ସ୍ଥାନରେ ରହିଛନ୍ତି। କୁଲଦୀପଙ୍କ ମାନ୍ୟତାରେ ୩ଟି ସ୍ଥାନ ଓ ସିରାଜଙ୍କ ମାନ୍ୟତାରେ ୪ଟି ସ୍ଥାନ ଅବନତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ରବିନ୍ଦ୍ର ଜାଡେଜା ୧୧ ଓ ମହମ୍ମଦ ସାମି ୧୩ତମ ସ୍ଥାନରେ ରହିଛନ୍ତି।

# ଧାୱନ ଚାମ୍ପିଅନ୍ସ ଟ୍ରଫି ଆମ୍ବାସାଡର



**ଦୁବାଇ, ୧୩।୨:** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ବୁଧବାର ପୂର୍ବତନ ଭାରତୀୟ ଓପନର୍ ଶିଖର ଧାୱନଙ୍କୁ ଆଇସିସି ଚାମ୍ପିଅନ୍ସ ଟ୍ରଫି ଲାଗି ଆମ୍ବାସାଡର ଭାବେ ନିଯୁକ୍ତି କରିଛି। ଏହି ୮ ଦଳୀୟ ପ୍ରତିଯୋଗିତା ପାକିସ୍ତାନ ଓ ଦୁବାଇରେ ଚଳିତ ମାସ ୧୯ରୁ ମାର୍ଚ୍ଚ ୯ ପର୍ଯ୍ୟନ୍ତ ହାଇବ୍ରିଡ୍ ମଡେଲ୍‌ରେ ଖେଳାଯିବ। ଧାୱନଙ୍କ ସହ ୨୦୧୭ ଚାମ୍ପିଅନ୍ସ ଟ୍ରଫି ବିଜେତା ପାକିସ୍ତାନ ଦଳର ଅଧିନାୟକ ସର୍ଫରାଜ ଅହମଦ, ପୂର୍ବତନ ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର ସେନ୍ ୱାଟ୍‌ସନ୍ ଓ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଟିମ୍ ସାଉଦିଙ୍କୁ ମଧ୍ୟ ଆଇସିସି ଆମ୍ବାସାଡର ଭାବେ ନିଯୁକ୍ତି କରିଛି। ଆମ୍ବାସାଡରମାନେ ମ୍ୟାଚ୍ ବେଳେ ଉପସ୍ଥିତ ରହିବା ସହ ଅତିଥି ସ୍ତମ୍ଭ ଲେଖିବେ ଏବଂ ପ୍ରତିଯୋଗିତା ବିଷୟରେ ସେମାନଙ୍କ ମତାମତ ଦେବେ। ନିଯୁକ୍ତି ପରେ ଧାୱନ କହିଛନ୍ତି ଯେ ଚାମ୍ପିଅନ୍ସ ଟ୍ରଫି ସହ ଯୋଡ଼ି ହେବା ଏବଂ ଆଗାମୀ ସଂସ୍କରଣର ଆମ୍ବାସାଡର ଭାବେ ସମ୍ମାନ ପାଇବା ସହ ଉପଭୋଗ କରିବାର ସୁଯୋଗ ମିଳିଥିବାରୁ ବହୁତ ଖୁସି। ୨୦୧୩ ସଂସ୍କରଣରେ ଧାୱାନ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ତାଙ୍କ ନାଁରେ ମଧ ଚାମ୍ପିଅନ୍ସ ଟ୍ରଫି ଇତିହାସରେ ସର୍ବାଧିକ ଶତକ ଅର୍ଜନ କରିବାର ରେକର୍ଡ ରହିଛି। ୨ ସଂସ୍କରଣରେ ଖେଳି ୭୦୧ ରନ୍ କରିବା ସହ ଚାମ୍ପିଅନ୍ସ ଟ୍ରଫିରେ ଭାରତର ଅଗ୍ରଣୀ ସ୍କୋରର୍ ଅଛନ୍ତି। ଏଥିସହ ଏହି ପ୍ରତିଯୋଗିତାରେ ଲଗାତାର ଗୋଲ୍‌ଡେନ୍ ବ୍ୟାଟ୍ ପାଇବାରେ ଧାୱନ ହେଉଛନ୍ତି ଏକମାତ୍ର ଖେଳାଳି।

# ଜିମ୍ନାଷ୍ଟିକ୍ସରେ ରାକେଶ ପ୍ରଥମ, ଓଡ଼ିଶାକୁ ୫ ପଦକ; ସର୍ଭିସେସ୍ ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ଜିତିଲେ ତପନ



**ଭୁବନେଶ୍ୱର, ୧୩।୨:** ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶାର ପଦକ ଅମଳ ଜାରି ରହିଛି। ବୁଧବାର ଓଡ଼ିଶା ଖାତାରେ ଗୋଟିଏ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ କାଂସ୍ୟ ସହ ୫ ପଦକ ଯୋଡ଼ି ହୋଇଛି। ଫଳରେ ରାଜ୍ୟର ପଦକ ସଂଖ୍ୟା ୪୧ (୧୨ ସ୍ୱର୍ଣ୍ଣ, ୧୪ ରୌପ୍ୟ, ୧୫ କାଂସ୍ୟ)ରେ ପହଞ୍ଚିଛି। ଆଜି ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ ଜିମ୍ନାଷ୍ଟିକ୍ସରୁ ମିଳିଥିଲା ବେଳେ ୩ (୧ ରୌପ୍ୟ, ୨ କାଂସ୍ୟ) ପଦକ କାନୋଇଂରୁ ଆସିଥିଲା। ଏହି ଏକ ମାତ୍ର ସ୍ୱର୍ଣ୍ଣଟି ଜିମ୍ନାଷ୍ଟ ରାକେଶ ପାତ୍ର ଜିତିଛନ୍ତି। ପୁରୁଷ ଷ୍ଟିଲ୍ ରିଙ୍ଗ୍‌ରେ ରାକେଶ ୧୩.୧୩୩ ପଏଣ୍ଟ୍ ପାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

ସର୍ଭିସେସ୍‌ରୁ ଖେଳୁଥିବା ଓଡ଼ିଆ ପୁଅ ତପନ ମହାନ୍ତି (୧୨.୮୦୦) ଏହି ଇଭେଣ୍ଟ୍‌ରେ କାଂସ୍ୟ ପାଇଥିଲେ। ପୂର୍ବରୁ ଅଲ୍‌ରାଉଣ୍ଡରେ ସ୍ୱର୍ଣ୍ଣ ଜିତିଥିବା ତପନ ଏହି କାଂସ୍ୟ ସହ ବୁଧବାର ଆଉ ଏକ ସ୍ୱର୍ଣ୍ଣ ମଧ ନିଜ ଖାତାରେ ଯୋଡ଼ିଛନ୍ତି। ଫ୍ଲୋର୍ ଏକ୍ସରସାଇଜ୍‌ରେ ସେ ୧୩.୦୩୩ ପଏଣ୍ଟ୍ କରାୟତ୍ତ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଥିସହ ନୌସେନାରେ ଚାକିରି କରୁଥିବା ତପନ ଓଡ଼ିଶାରୁ ଖେଳୁ ନଥିଲେ ମଧ ୫ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଗତକାଲି ଅଲ୍‌ରାଉଣ୍ଡରେ ସ୍ୱର୍ଣ୍ଣ ଜିତିଥିବା ଅଲିମ୍ପିଆନ୍ ଜିମ୍ନାଷ୍ଟ ପ୍ରଣତି ନାୟକ ବୁଧବାର ନିଜ ବ୍ୟକ୍ତିଗତ ଖାତାରେ ରୌପ୍ୟ ପଦକ ଯୋଡ଼ିଛନ୍ତି। ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଟେବଲ୍ ଭଲ୍ଟରେ ସେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ନିଶ୍ଚିତ କରିଥିଲେ। ପୂର୍ବରୁ ଦଳଗତରେ କାଂସ୍ୟ ଜିତିଥିବା ଓଡ଼ିଶା ଦଳର ସଦସ୍ୟ ଥିଲେ ପ୍ରଣତି। ଫଳରେ ତାଙ୍କ ପଦକ ସଂଖ୍ୟା ୩ (ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ, ରୌପ୍ୟ, କାଂସ୍ୟ)ରେ ପହଞ୍ଚିଛି।

ସେହିଭଳି ଗତକାଲି ସି-୧ ମହିଳା ୨୦୦ ମିଟରରେ କାଂସ୍ୟ ଜିତିଥିବା ରଶ୍ମିତା ସାହୁ ବୁଧବାର ଆଚୋଇବାମ ଦେବୀଙ୍କ ସହ ସି୨ଡବ୍ଲ୍ୟୁ ୫୦୦ ମିଟରରେ ରୌପ୍ୟ ପଦକ ଜିତିଛନ୍ତି। ଓଡ଼ିଶାର ଏହି ଯୋଡ଼ି ୨ମିନିଟ୍ ୦୬.୪୬୬ ସେକେଣ୍ଡରେ ରେସ୍ ଶେଷ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ସର୍ଭିସେସ୍‌ର ଏଲ୍ ନେହା ଦେବୀ ଓ କାବେରୀ ଦିମାର (୨:୦୪.୨୩୩) ସ୍ୱର୍ଣ୍ଣ ଏବଂ ଉତ୍ତରାଖଣ୍ଡର ମୀରା ଦାସ (୨:୦୮.୧୪୯) କାଂସ୍ୟ ପାଇଥିଲେ। କାଂସ୍ୟ ଦୁଇଟି ଓଇନାମ ଦେବୀ ଓ ଓଇନାମ ଚାନୁ ଏବଂ ସାଗର କୁମାର ଓ ସଲାମ ସିଂହ ଜିତିଛନ୍ତି। କେ୨ଡବ୍ଲ୍ୟୁ ୫୦୦ ମିଟରରେ ଓଇନା ଓଇନାମ ଦେବୀ ଓ ଓଇନାମ ଚାନୁ (୧:୫୯.୯୩୦) ତୃତୀୟ ସ୍ଥାନରେ ରହିଥିଲେ। ସେହିଭଳି ସାଗର ଓ ସଲାମ କେ୨ଏମ୍ ୫୦୦ ମିଟର ରେସ୍‌କୁ ୧ମିନିଟ୍ ୩୮.୮୯୭ ସେକେଣ୍ଡ୍‌ରେ ଶେଷ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପରିବର୍ତ୍ତନକୁ...

ପାଇଁ ୧୨.୮୯ ଲକ୍ଷ କୋଟି ଟଙ୍କାର ବୁଝାମଣା କରିଛନ୍ତି। ଏଥିସହ ୩.୮୪ ଲକ୍ଷ କୋଟି ଟଙ୍କାର ନିବେଶ ଓ ୩.୯୨ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ସରକାର ହୀରାକୁଦ ଏବଂ ସାତକୋଶିଆ ପ୍ରକଳ୍ପର ବିକାଶ ପାଇଁ ପାଇଁ କେନ୍ଦ୍ର ସରକାରଙ୍କଠାରୁ ଅନୁମୋଦନ ହାସଲ କରିଛନ୍ତି। ପୁଞ୍ଜି ନିବେଶ କ୍ଷେତ୍ରରେ ୨୦୨୪-୨୫ ପାଇଁ ଓଡ଼ିଶାକୁ ୫୦ ବର୍ଷ ସକାଶେ ସୁଧମୁକ୍ତ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ମିଳିବ। ସେହିପରି ୨୦୨୬ ସୁଦ୍ଧା ରାଜ୍ୟ ଅର୍ଥନୀତିକୁ ୫୦୦ ବିଲିୟନ ଡଲାର୍‌ରେ ପହଞ୍ଚାଇବା ସକାଶେ ସରକାର ଲକ୍ଷ୍ୟ ରଖିଛନ୍ତି। ଭିଜନ ୨୦୩୬ ପାଇଁ ସରକାରଙ୍କୁ ୩ ଲକ୍ଷରୁ ଅଧିକ ପ୍ରସ୍ତାବ ମିଳିଛି। ବିକଶିତ ଭାରତ ୨୦୪୭ ପାଇଁ ଦେଶର ଅର୍ଥନୀତିକୁ ଦେଢ଼ ଟ୍ରିଲିୟନ ଡଲାର୍ ସହଯୋଗ ଦେବାକୁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ରହିଛି। ଉଚ୍ଚଶିକ୍ଷାରେ ଉତ୍କର୍ଷତା ପାଇଁ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଇଥିବା ବେଳେ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଉନ୍ନତ ଶିକ୍ଷା, ଗବେଷଣା ଓ ଉଦ୍ଭାବନକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅନ୍ୟୁନ ୫ଟି ନୂତନ ଉତ୍କର୍ଷ କେନ୍ଦ୍ର ଖୋଲାଯିବ।

ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଦିବ୍ୟାଙ୍ଗଙ୍କ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ପାଇଁ ପ୍ରୟାସ ରହିବ। ଏନଇପି-୨୦୨୦ ଅନୁଯାୟୀ ୪ଟି ବିଶ୍ୱବିଦ୍ୟାଳୟକୁ 'ମେରୁ' (ମଲ୍ଟିଡିସିପ୍ଲିନାରୀ ଏଜୁକେସନ ଆଣ୍ଡ ରିସର୍ଚ୍ଚ ୟୁନିଭର୍ସିଟି)କୁ ଉନ୍ନୀତ କରାଯିବ ବୋଲି ରାଜ୍ୟପାଳ କହିଛନ୍ତି। ଅଧିବେଶନ ଆରମ୍ଭ ପୂର୍ବରୁ ବିଧାନସଭା ପରିସରରେ ପହଞ୍ଚିବା ପରେ ରାଜ୍ୟପାଳଙ୍କୁ 'ଗାର୍ଡ ଅଫ ଅନର' ପ୍ରଦାନ କରାଯାଇଥିଲା। ସେହିପରି ପ୍ରଥମେ ପହଞ୍ଚିଥିବା ବାଚସ୍ପତି ସୁରମା ପାଢ଼ୀଙ୍କୁ ମଧ୍ୟ ଗାର୍ଡ ଅଫ ଅନର ମାଧ୍ୟମରେ ସ୍ୱାଗତ କରାଯାଇଥିଲା। ପୁଲିସ୍ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଓ ପୁଲିସ୍ କମିଶନର୍ ଦେବଦତ୍ତ ସିଂ ଉପସ୍ଥିତ ଥିଲେ। ବିଧାନସଭାରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ, ବିଧାୟକ ବିଜୟ କୁମାର ମହାନ୍ତି, ସଦନ ନାଏକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଏହାପରେ ଆସନ୍ତାକାଲି ପର୍ଯ୍ୟନ୍ତ ବାଚସ୍ପତି ଗୃହକୁ ମୁଲତବୀ ରଖିଛନ୍ତି।

### ମଣିପୁରରେ...

ନିଜ ନିଜ ସମର୍ଥକଙ୍କ ଏକ ତାଲିକା ସହ ମୁଖ୍ୟମନ୍ତ୍ରୀ ପଦ ପାଇଁ ନିଜର ଦାବି ଉପସ୍ଥାପନ କରିଥିଲେ। କିନ୍ତୁ କେହି ବି ସଂଖ୍ୟାଗରିଷ୍ଠତା ଦର୍ଶାଇବାରେ ସକ୍ଷମ ନ ହେବାରୁ ଶେଷରେ ରାଜ୍ୟପାଳ ଅଜୟ କୁମାର ଭଲ୍ଲା ରାଜ୍ୟପାଳ ଶାସନ ଜାରି କରିବା ସକାଶେ ସୁପାରିସ୍ କରିଥିବା ଉକ୍ତ ବିଜେପି ବିଧାୟକ ଜଣଙ୍କ କହିଛନ୍ତି। ସେହିପରି ଗତ ୯ ତାରିଖରେ ଶ୍ରୀ ସିଂହ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଆଜି ରାଜ୍ୟପାଳ ଶ୍ରୀ ଭଲ୍ଲା ଓ ଅର୍ଦ୍ଧସାମରିକ ବାହିନୀର ଅଧିକାରୀମାନେ ରାଜଭବନରେ ବୈଠକ କରିଥିଲେ। ଏହି ସମୟରେ ଅଧିକାରୀମାନେ ତାଙ୍କୁ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସର ନିୟୋଜନ ଓ କାର୍ଯ୍ୟକ୍ଷମ କାର୍ଯ୍ୟକଳାପ ବିଷୟରେ ସୂଚନା ଦେଇଥିଲେ।

### ଦୁଇଜଣଙ୍କୁ...

ପରେ ସେ ନିଜେ ମଧ୍ୟ ନିଜକୁ ଗୁଳିକରି ଜୀବନ ନେଇଛନ୍ତି। ଏଥିରେ ଆହତ ହୋଇଥିବା ୮ ଜଣ ଯବାନଙ୍କୁ ଇମ୍ଫାଲର ଆଞ୍ଚଳିକ ଚିକିତ୍ସା ପ୍ରତିଷ୍ଠାନ (ଆର୍‌ଆଇଏମ୍)ରେ ଭର୍ତ୍ତି କରାଯାଇଛି। ତେବେ ଯବାନ ଜଣଙ୍କ କାହିଁକି ଏପରି କାଣ୍ଡ ଘଟାଇଲେ, ସେନେଇ କିଛି ବି ଜଣାପଡ଼ିନାହିଁ। ଅଧିକାରୀମାନେ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ହେଁ ସିଆରପିଏଫ ପକ୍ଷରୁ ଏନେଇ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କୌଣସି ବିବୃତି ଜାରି ହୋଇନାହିଁ।

### ମୋବାଇଲ...

ହୋଇଛି । ଜିଇଡି (ଜେନେରାଲ ଇଲେକଟ୍ରିକଲ ଡିଭିଜନ ) ବିଭାଗର ଏମିତି ଅବହେଳା ଯୋଗୁଁ କ୍ୟାନ୍ସର ରୋଗୀମାନେ ବିନା ଲାଇଟ୍‌ରେ ତିନିଘଣ୍ଟା ଧରି ରହିଥିବା ଦେଖିବାକୁ ମିଳିଛି। ଦିନ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ଠପ୍ ହୋଇ ଯାଇଥିଲା। ଗୁରୁତ୍ୱପୂର୍ଣ୍ଣ ୱାର୍ଡରେ ଏଭଳି ବିଦ୍ୟୁତ କିପରି କଟାଗଲା ସେନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଦ୍ୟୁତ୍ କାଟ୍ କରିବା ପୂର୍ବରୁ ଏଠାରେ ରହିଥିବା ଜେନେରେଟର୍ ମଧ୍ୟ ଚଲାଯାଇନଥିଲା । ପୂର୍ବରୁ କିଛି ରୋଗୀଙ୍କ କେମୋ ଚିକିତ୍ସା ଆରମ୍ଭ ହୋଇ ସାରିଥିବା ବେଳେ ଆଉ କିଛି ରୋଗୀଙ୍କୁ ଅନ୍ଧାର ମଧ୍ୟରେ ମୋବାଇଲ୍ ଲାଇଟ୍‌ରେ ବାଧ୍ୟ ହୋଇ କେମୋ ଚିକିତ୍ସା ଦିଆଯାଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଏନେଇ ଜିଇଡି ବିଭାଗକୁ ପଚାରିବା ପାଇଁ ଚେଷ୍ଟା କଲେ ମଧ୍ୟ କେହି ଫୋନ ଉଠାଇ ନଥିଲେ ।

### ସମ୍ବିତ ...

ଆକ୍ରମଣ ହେବ ବୋଲି ଗୁଇନ୍ଦା ସୂତ୍ରରୁ ସୂଚନା ମିଳିବା ପରେ ଏପରି ନିଷ୍ପତ୍ତି ହୋଇଛି। ମଣିପୁର ବିଜେପିର ପ୍ରଭାରୀ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ପାତ୍ର ସେଠାରେ ରାଜନୈତିକ ସ୍ଥିରତା ରକ୍ଷା ଦାୟିତ୍ୱରେ ଥିଲେ ହେଁ ସ୍ଥିତି ଶୋଚନୀୟ ଥିବାରୁ ତାଙ୍କୁ ଟାର୍ଗେଟ୍ କରାଯାଇପାରେ। ଅନ୍ୟପକ୍ଷରେ ଗତ ୯ ତାରିଖରେ ମଣିପୁର ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବା ପରେ ବିଜେପିକୁ କ୍ଷମତାରେ ରଖିବା ସକାଶେ ଶ୍ରୀ ପାତ୍ର ଗତ ମଙ୍ଗଳବାର ବିଜେପି ରାଜ୍ୟ ମୁଖ୍ୟ ଏ. ଶାରଦା ଦେବୀ ଓ ରାଜ୍ୟପାଳ ଅଜୟ କୁମାର ଭଲ୍ଲାଙ୍କୁ ଭେଟିଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ପଦକୁ ନେଇ ବିଧାୟକଙ୍କ ମଧ୍ୟରେ ସହମତି ନ ହେବାରୁ ଶେଷରେ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି ହୋଇଛି।

### ଲୋକସଭାରେ...

ନିରନ୍ତରତା ଓ ନିଶ୍ଚିତତା ପାଇଁ ଟିକସ ନୀତିରେ କୌଣସି ବଡ଼ ପରିବର୍ତ୍ତନ କରାଯିବନାହିଁ। ଟିକସଦାତାଙ୍କ ପାଇଁ ପୂର୍ବାନୁମାନକୁ ସୁରକ୍ଷିତ ରଖିବା ଲାଗି ଟିକସ ଦରରେ ମଧ୍ୟ ପରିବର୍ତ୍ତନ କରାଯିବନାହିଁ। ପୁରୁଣା ଆଇନରେ ଥିବା ଜଟିଳ ଭାଷାକୁ ବାଦ ଦେବା, ଅନାବଶ୍ୟକ ଓ ପୁନରାବୃତ୍ତି ବ୍ୟବସ୍ଥା ଅପସାରଣ କରିବା ଏହି ଆଇନ୍‌ର ଅନ୍ୟତମ ଲକ୍ଷ୍ୟ।

ଟିକସ ଆଇନର ସରଳୀକରଣ ଦ୍ୱାରା ଅନେକ ପରିଣାମଗତ ଲାଭ ମିଳିବ। ଏହି ସମୀକ୍ଷା ଦ୍ୱାରା ଆୟକର ଆଇନର ଆକାର ଯଥେଷ୍ଟ ହ୍ରାସ ପାଇବ। ଏହାକୁ ଅଧିକ ସୁବ୍ୟବସ୍ଥିତ ଓ ସଂକ୍ଷିପ୍ତ କରାଯାଇଛି। ବର୍ତ୍ତମାନର ଆୟକର ଆଇନରେ ୫,୧୨,୫୩୫ଟି ଶବ୍ଦ ଥିବା ବେଳେ ନୂଆ ବିଲରେ ୨,୫୨,୮୫୯ଟି ଶବ୍ଦ ହ୍ରାସ କରାଯାଇ ୨,୫୯,୬୭୬ଟି ଶବ୍ଦ ରଖାଯାଇଛି। ସେହିପରି ଅଧ୍ୟାୟ ସଂଖ୍ୟା ପୂର୍ବରୁ ୪୭ ଥିବା ବେଳେ ଏଥିରେ ୨୪ଟିକୁ ହ୍ରାସ କରାଯାଇ ୨୩ କରାଯାଇଛି। ଅନୁଚ୍ଛେଦ ସଂଖ୍ୟା ପୂର୍ବରୁ ୮୧୯ ଥିଲା। ବର୍ତ୍ତମାନ ଏଥିରେ ୨୮୩କୁ ହ୍ରାସ କରାଯାଇ ୫୩୬ କରି ଦିଆଯାଇଛି। ପୂର୍ବରୁ ଆଇନରେ ମୋଟ ୧୮ଟି ତାଲିକା ଥିଲା ବର୍ତ୍ତମାନ ବିଲରେ ୩୯ ତାଲିକା ବୃଦ୍ଧି କରି ୫୭ କରିଦିଆଯାଇଛି। ସେହିପରି ଫର୍ମୁଲା ସଂଖ୍ୟା ପୂର୍ବରୁ ଆଇନରେ ୬ ଥିବା ବେଳେ ଏଥିରେ ୪୦ଟି ନୂଆ ଫର୍ମୁଲା ଯୋଡ଼ା ଯାଇ ଏହାକୁ ୪୬ କରି ଦିଆଯାଇଛି। ଏହା ବ୍ୟତୀତ ଆଇନରେ ଗୁଣବତ୍ତା ସଂକ୍ରାନ୍ତ ସୁଧାର ଆଣିବା ଲାଗି ବିଲରେ ଏକାଧିକ ପ୍ରସ୍ତାବ ରହିଛି। ଭାଷାକୁ ସରଳ କରିବା ସହିତ ଆଇନକୁ ଅଧିକ ସୁଲଭ କରିବାକୁ ପ୍ରସ୍ତାବ ରହିଛି। ସଂଶୋଧନକୁ ଏକତ୍ରିତ କରିବା ପାଇଁ ବିଭାଜନକୁ ହ୍ରାସ କରିବାକୁ ପ୍ରସ୍ତାବ ରହିଛି। ତେବେ ଆଜି ଲୋକସଭାରେ ଏହି ବିଲ୍ ଉପସ୍ଥାପନ କରାଯିବା ସମୟରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ସୌଗତ ରାୟଙ୍କ ସମେତ କେତେକ ବିରୋଧୀ ଦଳର ସଦସ୍ୟ ଏହାକୁ ବିରୋଧ କରିଥିଲେ। କମିଟି ଚଳିତ ସଂସଦର ପରବର୍ତ୍ତୀ ଅଧିବେଶନର ପ୍ରଥମ ଦିନ ଲୋକସଭାରେ ନିଜର ରିପୋର୍ଟ ଉପସ୍ଥାପନ କରିବ। ଆଜି ଗୃହରେ ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ଆୟକର ବିଲ୍ ଉପସ୍ଥାପନ କରିବା ପରେ ଗୃହକାର୍ଯ୍ୟକୁ ଆସନ୍ତା ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ନୂତନ ଆୟକର ବିଲ୍-୨୦୨୫ ଭାରତର ଟିକସ ବ୍ୟବସ୍ଥାରେ ସଂସ୍କାର ଆଣିବା ଦିଗରେ ଏକ ବୃହତ୍ତର ପ୍ରୟାସ ହୋଇଥିବା ବେଳେ ଏହା ବର୍ତ୍ତମାନର ଟିକସ ବ୍ୟବସ୍ଥାକୁ ଅଧିକ ଉନ୍ନତ କରିବା ସହ ସରଳ, ସୁଗମ ଏବଂ ସ୍ୱଚ୍ଛ କରିପାରିବ। ସାମ୍ପ୍ରତିକ ସମୟରେ ଦେଶରେ ଏହି ବ୍ୟବସ୍ଥା ଆୟକର ଆଇନ, ୧୯୬୧ର ନିୟମ ଓ ନିୟମାବଳୀ ଅନୁଯାୟୀ କାର୍ଯ୍ୟ କରୁଛି। ତେବେ ନୂତନ ଆୟକର ବିଲ୍‌କୁ ମଞ୍ଜୁରୀ ମିଳିବା ପରେ ଏହା ଆୟକର ଆଇନ-୨୦୨୫ ଭାବେ ପରିଗଣିତ ହେବ। ନୂତନ ନିୟମାନୁଯାୟୀ, ଆୟକର ବିଭାଗରେ ମଧ୍ୟ କେତେକ ପରିବର୍ତ୍ତନ ହେବ। ଏଥିସହ ନୂତନ ବିଲରେ ମୂଲ୍ୟାୟନ ବର୍ଷକୁ ଉଚ୍ଛେଦ କରି ଟିକସ ବର୍ଷ ପ୍ରଚଳନ କରାଯିବାର ବ୍ୟବସ୍ଥା ରହିଛି। ଟିକସ ବର୍ଷ ଏପ୍ରିଲ ୧ରୁ ଆରମ୍ଭ ହେବ ଓ ପରବର୍ତ୍ତୀ ବର୍ଷର ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବ। ବିଲ୍‌କୁ ମଞ୍ଜୁରୀ ମିଳିବା ପରେ ନୂତନ ଆୟକର ଆଇନ ଆସନ୍ତା ବର୍ଷ ଏପ୍ରିଲ୍ ୧ରୁ କାର୍ଯ୍ୟକାରୀ ହେବ।

### ସନାଙ୍କୁ...

ବୈଠକକୁ ଯାଇନଥିଲେ । ବିଧାନସଭାର ଭିଡିଓ ସାମ୍ନାକୁ ଆସିବା ପରେ ଖୋଦ୍ ସନାତନ ମହାକୁଡ ସଫେଇ ରଖିଛନ୍ତି ।

ବିଜେଡି ବିଧାୟକ ସନାତନ ମହାକୁଡ଼ ଭାଜପା ମିଶିବା ଚର୍ଚ୍ଚା ମଧ୍ୟରେ ବିଧାୟକ ବିସ୍ଫୋରକ ବୟାନ ଦେଇଛନ୍ତି। ସନା ମହାକୁଡ କହିଛନ୍ତି, ମୁଁ ବିଜେଡିରେ ଅଛି, ରହିବି । ମୁଁ ଦଳ ଠାରୁ ଦୂରେଇନି, ଦଳ ସହ ଅଛି, ରହିଛି, ରହିବି। ସେ ପୁଣି କହିଛନ୍ତି, ଜିଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଉଛୁ, ଆଲୋଚନା କରୁଛୁ । ସେ ପୂରା ରାଜ୍ୟର ମୁଖ୍ୟମନ୍ତ୍ରୀ, ଭାଜପାର ମୁଖ୍ୟମନ୍ତ୍ରୀ ନୁହଁନ୍ତି।

ବିଧାୟକ ଆହୁରି କହିଛନ୍ତି, ବିଧାନସଭାକୁ ପ୍ରବେଶ କଲା ବେଳେ କାହିଁକି ଦଳୀୟ ବୈଠକକୁ ଆସିଲେନି ବୋଲି ନବୀନ ପଟ୍ଟନାୟକ ପଚାରିଥିଲେ। ଅସୁସ୍ଥତା କାରଣରୁ ଆସିନଥିଲି ବୋଲି କହିଥିଲି। ଭାଜପା ଯାଉଛନ୍ତି କି ବୋଲି ସେ ପଚାରିନାହାନ୍ତି । ସେ ଦଳର ମୁରବୀ, ତାଙ୍କର ପଚାରିବାର ଅଧିକାର ଅଛି ।

ଆଜି ନବୀନ ଗାଡିରୁ ଓହ୍ଲାଇବା ପରେ ଗୃହକୁ ପ୍ରବେଶ କରିବା ସମୟରେ ବିଜେଡି ବିଧାୟକମାନେ ତାଙ୍କୁ ଅଭିବାଦନ ଜଣାଇଥିଲେ। ଏହି ସମୟରେ ନବୀନ ସନାତନଙ୍କୁ ଦେଖି ଅଟକି ଯାଇଥିଲେ ଏବଂ ଗତ କାଲି ବିଜେଡି ବିଧାୟକ ଦଳ ବୈଠକକୁ କାହିଁକି ଆସି ନଥିଲେ ପ୍ରଶ୍ନ କରିଥିଲେ। ଉତ୍ତରରେ ସନା ମହାକୁଡ଼ ଅସୁସ୍ଥତା କାରଣ ଦର୍ଶାଇଥିଲେ ବେଳେ ପ୍ରତିଜବାବରେ ଭାଜପା ଆଡ଼କୁ ଯାଉଛନ୍ତି କି କହି ତେରଛା ବାଣ ମାରିଥିଲେ ନବୀନ।

### ପାଣ୍ଡିଆନ୍‌ଙ୍କୁ...

ପାଇଁ ସବୁକିଛି କରୁଥିଲେ। ତେବେ ବିଜେଡିର ଏହି ଦୁଇ ନେତା ଉକ୍ତ ତଥ୍ୟଗୁଡିକୁ କାହିଁକି ବିରୋଧ କରୁନାହାନ୍ତି ତାହା ବଡ଼ ପ୍ରଶ୍ନ ହୋଇଛି? ଉଲ୍ଲେଖନୀୟ, ବିଜେଡି କ୍ଷମତାରୁ ଯିବା ପରେ ଯେଉଁ କେତେଜଣ ହାତଗଣତି ନେତା ପାଣ୍ଡିଆନଙ୍କ ନିକଟତର ହୋଇଛନ୍ତି, ସେମାନଙ୍କ ମଧ୍ୟରେ ଆଗରେ ଦେବୀ ଓ ଅତନୁ ରହିଛନ୍ତି। ସଂଗଠନ କଥା ବୁଝିବାଠାରୁ ଆରମ୍ଭ କରି ଦଳର ବିଭିନ୍ନ ଦାୟିତ୍ୱ ଏହି ଦୁଇଜଣଙ୍କୁ ଦିଆଯାଉଛି।

ଏତେସବୁ ପରେ ବି କାହିଁକି ପାଣ୍ଡିଆନ ବିରୋଧୀ ସଭାରେ ଏମାନେ କର୍ତ୍ତା ସାଜିଲେ, ତାହା ଏବେ କେବଳ ସାଧାରଣ ଲୋକଙ୍କୁ ନୁହେଁ, ଖୋଦ ପାଣ୍ଡିଆନ ଓ ବିଜେଡି କର୍ମୀଙ୍କୁ ଆଚମ୍ବିତ କରିଛି।

ବିଜେଡିର ଅସନ୍ତୁଷ୍ଟ ଗୋଷ୍ଠୀ କିଛିଦିନ ହେଲା ତୁହାକୁ ତୁହା ବୈଠକ କରୁଥିବାବେଳେ ଏ ଦୁଇ ଜଣ ଏବେ କାହା ସାଙ୍ଗରେ ରହିଛନ୍ତି, ତାହାକୁ ନେଇ ରାଜଧାନୀରେ ତର୍ଜମା ଚାଲିଥିବାବେଳେ ଆଗାମୀ ଦିନରେ ଦଳରେ କିଏ କାହାକୁ ବିଶ୍ୱାସକୁ ନେବେ, ତାହା ଏବେ ଚିନ୍ତାର କାରଣ ବୋଲି ବିଜେଡି କର୍ମୀମାନେ ଆଲୋଚନା କରୁଛନ୍ତି।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି ଓ ପ୍ରମାଣପତ୍ର ପ୍ରଦାନ

ବେତନଟୀ ୧୩ / ୨ : ସ୍ୱର୍ଗତ ଶ୍ରୀ ବାଞ୍ଛାନିଧି ରଥ ଓ ସ୍ୱର୍ଗତ ଶ୍ରୀମତୀ ଶୈଳବାଳା ରଥଙ୍କ ସ୍ମୃତିରେ ତାଙ୍କ ସୁପୁତ୍ର, ବେତନଟୀର ପୂର୍ବତନ ବିଦ୍ୟୁତ୍ ବିଭାଗ ଅଧିକାରୀ ଶ୍ରୀ ତିର୍ଥବାସୀ ରଥ ଏବଂ ପୁତ୍ରବଧୂ ଶ୍ରୀମତୀ ସ୍ନେହଲତା ରଥ ନିଜ ସପରିବାରଙ୍କର ସହଯୋଗ ତଥା ଉପସ୍ଥିତିରେ ଗୁରୁବାର ଦିନ ତୃତୀୟ ଓ ପଞ୍ଚମ ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି , ପ୍ରମାଣ ପତ୍ର ଓ ପଦକ ପ୍ରଦାନ କରାଯାଇଛି । ୧୯୯୬ମସିହାରୁ ଆରମ୍ଭ ହୋଇଥିବା ଏହି ବୃତ୍ତି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେତନଟୀ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ, ବେତନଟୀ ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧ୍ୟାକାରୀଣି ଅପର୍ଣ୍ଣା ସାହୁଙ୍କ ସମେତ ମେଧାବୀ ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ । ତୀର୍ଥ ବାସୀଙ୍କ ବାପା ସ୍ୱର୍ଗତ ବାଞ୍ଛାନିଧି ରଥ ବେତନଟୀ ବ୍ଲକ୍‌ର ସ୍କୁଲ ଇନ୍ସପେକ୍ଟର ଥିଲେ ତତସହିତ ମା' ସ୍ୱର୍ଗତ ଶୈଳବାଳା ରଥ ବେତନଟୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ରହିଥିଲେ । ପିଲାଙ୍କ ମନରେ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସେମାନଙ୍କ ସ୍ମୃତିରେ ଏହି ପ୍ରୋତ୍ସାହନ ରାଶି ଦିଆଯାଉଥିବା ତୀର୍ଥବାସୀ ସୂଚନା ଦେଇଛନ୍ତି। ଏହି ବର୍ଷ ତୀର୍ଥବାସୀଙ୍କ ପକ୍ଷରୁ ମେଧାବୃତ୍ତି ରାଶିକୁ ବୃଦ୍ଧି କରାଯାଇଥିବା ସେ ସୂଚନା ଦେଇଥିଲେ। ଏଥର ବେତନଟୀ ବ୍ଲକ୍‌ର ପଞ୍ଚମ ଶ୍ରେଣୀରେ ୧ମ ହୋଇଥିବା ମେଧାବୀ ଛାତ୍ରଙ୍କୁ ୩ ହଜାର ଟଙ୍କା ବଦଳରେ ୪ହଜାର ଟଙ୍କା, ୨ୟ ହୋଇଥିବା ଛାତ୍ରଙ୍କୁ ୨୫୦୦ ଟଙ୍କା ବଦଳରେ ୩୫୦୦ଟଙ୍କା, ୩ୟ ଶ୍ରେଣୀର ପ୍ରଥମ ହୋଇଥିବା ଛାତ୍ରଙ୍କୁ ୨୦୦୦ଟଙ୍କା ବଦଳରେ ୨୫୦୦ ଟଙ୍କା ଏବଂ ୨ୟ ହୋଇଥିବା ଛାତ୍ରଙ୍କୁ ୧୫୦୦ ବଦଳରେ ୨୦୦୦ ଟଙ୍କାକୁ ବୃତ୍ତିରାଶି ବୃଦ୍ଧି କରାଯାଇଛି।

# ସୋଆ ପ୍ରଫେସରଙ୍କ ଉଦ୍ଭାବନକୁ ପ୍ୟାଟେଣ୍ଟ

**ଭୁବନେଶ୍ୱର, ୧୩।୨ (ସଂଚାର ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସରଙ୍କ ଦ୍ୱାରା ମୁଖ ଗହ୍ୱର ରୋଗ ନିର୍ଣ୍ଣୟ ନିମନ୍ତେ ଉଦ୍ଭାବନ କରାଯାଇଥିବା ଏକ ଯନ୍ତ୍ରକୁ ଯୁକ୍ତରାଷ୍ଟ୍ର ଆମେରିକାର ପ୍ୟାଟେଂଟ ମିଳିଛି। ଏହି ଯନ୍ତ୍ର ବ୍ୟବହାର ଦ୍ୱାରା ମୁଖ ଗହ୍ୱର ରୋଗ ନିର୍ଣ୍ଣୟ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରେ ବୋଲି କୁହାଯାଉଛି। ଏକ କଲମ ପରି ଦେଖାଯାଉଥିବା ଏହି ଯନ୍ତ୍ର ବାୟୋପ୍ସି ପଦ୍ଧତିର ସରଳୀକରଣ କରିବା ସହ ଏଥିରେ ଟେଲି ସ୍କ୍ରିନିଂ ତଥା ଫାଇବର ଅପଟିକ୍ ଲାଇଟର ବ୍ୟବସ୍ଥା ଅଛି। ଏହି ଯନ୍ତ୍ରର ଉଦ୍ଭାବକ ହେଉଛନ୍ତି ସୋଆ ବିଶ୍ୱବିଦ୍ୟାଳୟର ଉପକୁଳପତି (ଗବେଷଣା ଓ ସହଯୋଗ) ପ୍ରଫେସର (ଡକ୍ଟର) ନୀତା ମହାନ୍ତି।



ପ୍ରଫେସର (ଡକ୍ଟର) ମହାନ୍ତି ପୂର୍ବରୁ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍‌ର ଡିନ୍ ଭାବେ କାର୍ଯ୍ୟ କରିଛନ୍ତି। ସେ କହିଛନ୍ତି ଯେ ବାୟୋପ୍ସି ଦ୍ୱାରା ହିଁ ରୋଗ ନିର୍ଦ୍ଧାରଣ ହେବା ଅତ୍ୟନ୍ତ ଅବଶ୍ୟକ ମାତ୍ର ଏହି ପଦ୍ଧତି ଠିକ୍ ଭାବେ ଅନୁସୃତ ନ ହେଲେ ଏହା ରୋଗ ନିର୍ଦ୍ଧାରଣରେ ଭ୍ରମ ସୃଷ୍ଟି କରିପାରେ ଏବଂ ରୋଗୀର ଜୀବନ ପ୍ରତି ବିପଦ ଘଟିପାରେ। ପୂର୍ବରୁ ଏହି ଉଦ୍ଭାବନ ନିମନ୍ତେ ସେ ଦୁଇଟି ଭାରତୀୟ ପାଟେଂଟ ନିମନ୍ତେ ଆବେଦନ କରିଥିଲେ ଏବଂ ତାହା ଯଥାକ୍ରମେ ୨୦୨୩ ଓ ୨୦୨୪ ମସିହାରେ ମଞ୍ଜୁରୀ ପାଇଥିଲା। ଏହା ନିମନ୍ତେ ୨୦୧୯ ମସିହାରେ ତାଙ୍କୁ ଡିଜାଇନ୍ ପ୍ୟାଟେଂଟ ମିଳିଥିଲା। ସେ ୨୦୧୯ ମସିହାରେ ଶେଷ ଭାଗରେ ଆମେରିକାର ପ୍ୟାଟେଂଟ ନିମନ୍ତେ ଆବେଦନ କରିଥିଲେ ଓ ଏହା ନିକଟରେ ତାଙ୍କୁ ମିଳିଛି। ଏହି ଉଦ୍ଭାବନକୁ ୨୦୨୧ ମସିହାରେ ଗ୍ଲୋବାଲ୍ ଆଉଟରିଚ୍ ସେଂଟ୍ରାଲ୍ ଇନୋଭେସନ୍ ପୁରସ୍କାର ମିଳିଥିଲା ଏବଂ ଓଡ଼ିଶା ସରକାରଙ୍କ ସାଇନ୍ସ ଆଣ୍ଡ ଟେକ୍ନୋଲଜି ବିଭାଗ ପକ୍ଷରୁ ଏହାକୁ ଗତବର୍ଷ ନୂଆଦିଲ୍ଲୀ ଠାରେ ଗ୍ଲୋବାଲ୍ ବାୟୋ-ଇଣ୍ଡିଆ କାର୍ଯ୍ୟକ୍ରମରେ ପ୍ରଦର୍ଶନ କରାଯାଇଥିଲା।

ପ୍ରଫେସର (ଡକ୍ଟର) ମହାନ୍ତି ତାଙ୍କର ଏହି ଗବେଷଣାରେ ସୋଆ ବିଶ୍ୱବିଦ୍ୟାଳୟର ଇଂଟେଲେକ୍‌ଚୁଆଲ୍ ପ୍ରପର୍ଟି ରାଇଟ୍ସ ସେଲ୍‌ଫରୁ ମିଳିଥିବା ସହଯୋଗ ନିମନ୍ତେ କୃତଜ୍ଞତା ଜଣାଇବା ସହିତ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଓ ସୋଆ ପରାମର୍ଶଦାତା ମଣ୍ଡଳୀର ଅଧ୍ୟକ୍ଷ୍ୟ ପ୍ରଫେସର ଦାମୋଦର ଆଚାର୍ଯ୍ୟଙ୍କ ଠାରୁ ମିଳିଥିବା ଉତ୍ସାହ ନିମନ୍ତେ ଧନ୍ୟବାଦ ଜଣାଇଥିଲେ।

## ସୋଆ କମ୍ୟୁନିଟି ରେଡିଓ ପକ୍ଷରୁ ବିଶ୍ୱ ରେଡ଼ିଓ ଦିବସ



**ଭୁବନେଶ୍ୱର, ୧୩।୨ (ସଂଚାର ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଭଏସ୍ ଅଫ୍ ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ ପକ୍ଷରୁ ଗୁରୁବାର ବିଶ୍ୱ ରେଡ଼ିଓ ଦିବସ ପାଳିତ ହୋଇଯାଇଛି। ବିଶ୍ୱ ରେଡ଼ିଓ ଦିବସର ଚଳିତ ବର୍ଷର ପ୍ରସଙ୍ଗ ରହିଛି 'ରେଡ଼ିଓ ଓ ଜଳବାୟୁ ପରିବର୍ତ୍ତନ'। କମ୍ୟୁନିଟି ରେଡ଼ିଓର ସଦସ୍ୟ, ଛାତ୍ରଛାତ୍ରୀ ଏବଂ ସୋଆର ଫ୍ୟାକଲ୍ଟିମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶ୍ରୋତାମାନଙ୍କୁ ସୂଚନା ପ୍ରଦାନ କରିବା ଏବଂ ବିଭିନ୍ନ ପ୍ରସଙ୍ଗରେ ଶିକ୍ଷିତ ଓ ସଚେତନ କରାଇବାରେ ସୋଆ କମ୍ୟୁନିଟି ରେଡ଼ିଓର ଏକ ବଡ଼ ଭୂମିକା ରହିଛି। ରେଡ଼ିଓ ଦିବସରେ ଆମେ କେବଳ ରେଡ଼ିଓର ଅତୀତ ଏବଂ ବର୍ତ୍ତମାନ ନୁହେଁ ମାତ୍ର ଭବିଷ୍ୟତରେ ଓ ଡିଜିଟାଲ୍ ଯୁଗରେ ଯୁବ ସମ୍ପ୍ରଦାୟ ରେଡ଼ିଓ ସହିତ କିପରି ଯୋଡ଼ି ହୋଇ ରହିପାରିବେ ସେଥିପାଇଁ ଆମର ପ୍ରୟାସ ରହିବ ବୋଲି ସୋଆ କମ୍ୟୁନିଟି ରେଡ଼ିଓର ଅଫିସର ଇନ୍‌ଚାର୍ଜ ଶ୍ରୀମତି ହନି ପଟ୍ଟନାୟକ କହିଛନ୍ତି।

## ସୁନାପୁର ବ୍ଲୁ ଫ୍ଲାଗ୍ ବିଚ୍‌କୁ ଅନ୍ତର୍ଜାତୀୟ ପୁରସ୍କାର



**ବ୍ରହ୍ମପୁର, ୧୩।୨ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲ୍ଲାର ସୁନାପୁର ବେଳାଭୂମିକୁ ଅନ୍ତର୍ଜାତୀୟ ସଂସ୍ଥା ପକ୍ଷରୁ ୨ୟ ଥର ପୁରସ୍କାର ଘୋଷଣା ହୋଇଛି। ସୁନାପୁର ବ୍ଲୁ ଫ୍ଲାଗ୍ ବେଳାଭୂମିକୁ ଦ୍ୱିତୀୟ ଥର ପାଇଁ ଅନ୍ତର୍ଜାତୀୟ ପୁରସ୍କାର ଘୋଷଣା କରିଛି ଏଫଇଇ। ଏନେଇ ବେଳାଭୂମି ସ୍ୱଚ୍ଛ ଓ ସୁରକ୍ଷା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ବ୍ରହ୍ମପୁର ଡିଏଫଓ ସନି ଖୋଖର। ତେବେ ଏହା ଏକ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ଇକୋ-ଲେବଲ୍। ଯାହା ୩୩ଟି ମାନଦଣ୍ଡ ଉପରେ ଆଧାରିତ। ବିଶେଷ କରି ପରିବେଶ ଶିକ୍ଷା ଏବଂ ସୂଚନା, ସ୍ନାନ ଜଳର ଗୁଣବତ୍ତା, ପରିବେଶ ପରିଚାଳନା ଓ ସମୁଦ୍ର କୂଳରେ ସଂରକ୍ଷଣ ଏବଂ ସୁରକ୍ଷା ସେବା ଭଳି ୪ଟି ମାନଦଣ୍ଡକୁ ଭିତ୍ତି କରି ପୁରସ୍କୃତ କରାଯାଏ। ବ୍ଲୁ ଫ୍ଲାଗ୍ ବେଳାଭୂମି ସବୁଠୁ ପରିଷ୍କାର ବେଳାଭୂମି ଭାବରେ ପରିଗଣିତ ହୁଏ। ଏହା ଏକ ଇକୋ-ଟୁରିଜିମ୍ ମଡେଲ୍। ଯାହା ପର୍ଯ୍ୟଟକ, ସମୁଦ୍ରକୂଳବାସୀଙ୍କୁ ସ୍ୱଚ୍ଛ ଏବଂ ସ୍ୱଚ୍ଛ ସ୍ନାନ ଜଳ, ସୁବିଧା, ଏକ ନିରାପଦ ଏବଂ ସୁସ୍ଥ ପରିବେଶ ଏବଂ ଅଞ୍ଚଳର ନିରନ୍ତର ବିକାଶ ଯୋଗାଇବାକୁ ଚେଷ୍ଟା କରିଥାଏ ବୋଲି ଡିଏଫଓ କହିଛନ୍ତି।

## ବିଶ୍ରାମାଗାର ପାଲଟିଛି ଓପନ୍ ବାର

**ଗଡୁଛି ବୋତଲ, ଜମୁଛି ଚାଖଣା, ଚିନ୍ତାରେ ଯାତ୍ରୀ**



**ହିଞ୍ଜିଳିକାଟୁ, ୧୩।୨ (ସଂଚାର ବ୍ୟୁରୋ) :** ଶରୀରକୁ ଟିକେ ଆଶ୍ୱସ୍ତି ଓ ଫୁର୍ତ୍ତି ପ୍ରଦାନ ଲାଗି ପ୍ରତି ସହରରେ ଯାତ୍ରୀ ବିଶ୍ରାମଗାର ଖୋଲାଯାଇଥାଏ। ଯାତ୍ରୀଟିଏ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଥିବା ବେଳେ ତା' ପୂର୍ବରୁ ବିଶ୍ରାମଗାରଟି ସହାୟକ ହୋଇଥାଏ। କାରଣ ଖରା ଓ ବର୍ଷା ଦାଉରୁ ଯାତ୍ରୀଟି ରକ୍ଷା ପାଇବା ପାଇଁ ରାସ୍ତାକଡ଼ର ବିଶ୍ରାମାଗାର ଉପରେ ଶତପ୍ରତିଶତ ନିର୍ଭର କରେ। କିନ୍ତୁ ହିଂଜିଳିକାଟୁ ପୌରପରିଷଦ ସ୍ଥିତ ସୋମପୁରଛକରେ ଥିବା ବିଶ୍ରାମାଗାରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ବିଶ୍ରାମାଗାରରେ ସନ୍ଧ୍ୟାରେ ମଦୁଆଙ୍କ ମଦଆସର ସହ ଚାଖଣା ଜମୁଛି । ଯୁଆଡେ ଦେଖିଲେ ମଦ ବୋତଲ। କେଉଁଟି ଭଙ୍ଗା ପଡିଛି ତ ଆଉ କେଉଁଟି ପଲିଥିନରେ ଭର୍ତ୍ତି କରି ଥୋଇ ଦିଆଯାଉଛି । ଅନ୍ୟପକ୍ଷରେ ସ୍ଥାନୀୟ ପ୍ରଶାସନ ସ୍ୱଚ୍ଛତା ପାଇଁ ଡେଙ୍ଗୁରା ପିଟୁଥିବା ବେଳେ ଉକ୍ତ ସ୍ଥାନ ଏବେ ଅପରିଷ୍କାର ହୋଇଥିବାରୁ ଯାତ୍ରୀ ମଧ୍ୟ ଆସୁନାହାନ୍ତି। ବେଳେବେଳେ ଯାତ୍ରୀ ବିଶ୍ରାମାଗାର ଉପରକୁ ନ ଚଢ଼ି ରାସ୍ତାକଡ଼ରେ ଠିଆ ହୋଇ ବସକୁ ହାତ ମାରିଲେ ବି ବସ୍ ମଧ୍ୟ ସେହି ସ୍ଥାନ ଗୁଡ଼ିକରେ ରହୁନାହିଁ। ଯାହା ଫଳରେ ଯାତ୍ରୀଟିଏ ନାନା ଅସୁବିଧାର ସମ୍ମୁଖୀନ ହୋଇଥାଏ ।ଏହି ବିଶ୍ରାମଗାର ଏବେ ଦିନ ରାତି ପାଲଟି ଯାଇଛି ଏକ ପ୍ରକାର ଓପନ୍ ବାର । ନିଶା ସେବନ ପରେ ସେମାନେ ବ୍ୟବହାର କରିଥିବା ମଦ ବୋତଲ, ପାଣି ପାଉଚ, ପ୍ଲାଷ୍ଟିକ୍ ଗ୍ଲାସ୍ ସେଇ ବିଶ୍ରାମଗାରରେ ପକାଇ ପଳାଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଜୋର ଧରିଛି।

## ନଦୀ ବନ୍ଧ କାଟି ବେଆଇନ୍ ଘର ନିର୍ମାଣ ଅଭିଯୋଗ



**ବିଞ୍ଝାରପୁର, ୧୩।୨ (ସଂଚାର ବ୍ୟୁରୋ) :** ନଦୀ ବନ୍ଧକୁ କାଟି ବେଆଇନ୍ ଭାବେ ଚାଲିଛି ଘର ନିର୍ମାଣ। ବାରମ୍ବାର ତାଗିଦ୍ ସତ୍ତ୍ୱେ ଗୃହ ନିର୍ମାଣକାରୀଙ୍କ ବେଖାତିର ଅଭିଯୋଗ। ଏଭଳି ଅଭିଯୋଗ ଆସିଛି ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ସିଂହ ପୁର ପଞ୍ଚାୟତର। ଗ୍ରାମର ରବୀନ୍ଦ୍ର କୁମାର ବେହେରା ଖରସ୍ରୋତା ନଦୀ ବନ୍ଧକୁ କାଟି ଗୃହ ନିର୍ମାଣ କରୁଥିବା ଜଳ ସଂପଦ ବିଭାଗ ବିଞ୍ଝାରପୁର ନଜରକୁ ଆସିବା ପରେ ବିଭାଗ ପକ୍ଷରୁ ଶ୍ରୀ ବେହେରାଙ୍କୁ ଏଭଳି ନ କରିବାକୁ ବାରଣ କରଯାଇଥିଲା। ବିଭାଗୀୟ ତାଗିଦ୍ ସତ୍ତ୍ୱେ ରବୀନ୍ଦ୍ର ବେହେରା ବିଭାଗୀୟ ଅଧିକାରୀଙ୍କ ବାରଣକୁ ପ୍ରତ୍ୟାଖାନ କରି ନିର୍ମାଣ କାର୍ଯ୍ୟ ଜାରି ରଖିଥିଲେ। ତେବେ ଏ ନେଇ ବିଂଝାରପୁର ଥାନା, ଜରି ଫାଣ୍ଡି, ତହସିଲ୍‌ଦାର ବିଂଝାରପୁର ଏବଂ ଅନ୍ୟାୟ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଜଣାଇଛନ୍ତି ସିଂହପୁର ଜଳସମ୍ପଦ ସେକ୍ସନର ସହକାରୀ ଯନ୍ତ୍ରୀ ବିମଳ ଚନ୍ଦ୍ର ବେହେରା। ରବୀନ୍ଦ୍ରଙ୍କ ଏଭଳି ବେଆଇନ୍ ନିର୍ମାଣକୁ ବିରୋଧ କରି ଗ୍ରାମର ଅନ୍ତର୍ଯ୍ୟାମୀ ବେହେରା କୋର୍ଟର ଦ୍ୱାରସ୍ଥ ହୋଇ ଥିଲେ। ତେବେ ଉକ୍ତ ସ୍ଥାନରେ ୧୪୪ଧାରା ଲାଗୁ ହୋଇଥିବା ଜଣାପଡିଛି।

# ଅସ୍ତରଙ୍ଗରେ ମନରେଗା ଯୋଜନା ଦିଗହରା

◆ ଶ୍ରମିକ ବଦଳରେ ମେସିନ କରୁଛି କାମ ◆ ସନ୍ଦେହରେ ଯନ୍ତ୍ରୀ ଏବଂ ଜିଆରଏସଙ୍କ ଭୂମିକା



**କାକଟପୁର/ଅସ୍ତରଙ୍ଗ, ୧୩।୨ (ସଂଚାର ବ୍ୟୁରୋ) :** ଗ୍ରାମାଞ୍ଚଳରେ ଶ୍ରମିକମାନଙ୍କୁ ୧୦୦ଦିନ ସୁନିଶ୍ଚିତ ରୋଜଗାର ଯୋଗାଇଦେବା ଏବଂ ଶ୍ରମିକଙ୍କୁ ସ୍ୱାବଲମ୍ବି କରିବା ପାଇଁ କେନ୍ଦ୍ର ସରକାର ମନରେଗା ଯୋଜନା ପ୍ରଣୟନ କରିଛନ୍ତି। ତେବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର କେନ୍ଦ୍ରାପଟି ପଂଚାୟତରେ ଶ୍ରମିକଙ୍କ ମିଥ୍ୟା ମଷ୍ଟର ରୋଲ ପ୍ରସ୍ତୁତ କରାଯାଇ ମନରେଗା ଯୋଜନାରେ ଆସିଥିବା ପ୍ରକଳ୍ପଗୁଡ଼ିକୁ ମେସିନ ସାହାଯ୍ୟରେ କରାଯାଉଛି। ଡମୀ ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପଠାଯାଉଛି। ପରେ ଉକ୍ତ ଟଙ୍କାକୁ ଠିକାଦାର ବିଭିନ୍ନ ଗ୍ରାହକ ସେବା କେନ୍ଦ୍ର ମାଧ୍ୟମରେ ଶ୍ରମିକ ମାନଙ୍କ ଟିପଚିହ୍ନ ଦେଇ ଟଙ୍କା ଉଠାଇନେଉଥିବା ଚର୍ଚ୍ଚା ହେଉଛି।

ଏଭଳି ଘଟଣା ସାମ୍ନାକୁ ଆସିଛି ଆର୍ଥିକ ବର୍ଷ ୨୦୨୪-୨୫ରେ କେନ୍ଦ୍ରାପଟି ପଂଚାୟତ ଜୀଉନ୍ତି ସ୍ମଶାନ ରାସ୍ତାଠାରୁ ପ୍ରକାଶ ସ୍ୱାଇଁ ଘର ପର୍ଯ୍ୟନ୍ତ ମାଟି ରାସ୍ତା ୫ଲକ୍ଷ ଟଙ୍କା ଅନୁଦାନରେ କାମ ହେବାକୁ ଥିବା ବେଳେ ଜେସିବି ମେସିନ ରାସ୍ତା ନିର୍ମାଣ କରୁଛି। କିଭଳି ଭାବରେ ମଷ୍ଟରରୋଲ ହୋଇଛି ତାହା ପ୍ରଶ୍ନବାଚୀ। କେବଳ ବିଭାଗୀୟ ଅଧିକାରୀ ବିଲ କରିବାକୁ ଲୋକ ଦେଖାଣିଆ ଲୋକଙ୍କୁ ଠିଆ କରି ଫୋଟ ଉଠାଇ ସାରିବା ପରେ ମେସିନ କାମ କରୁଛି। ୨ ଦିନ ହେବ ଜେସିବି ମେସିନ ସାହାଯ୍ୟରେ ଖୋଳାଯାଇ ୬୦ପ୍ରତିଶତ କାମ ସରିଥିବା ଦେଖିବାକୁ ମିଳିଛି। ଏ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ସାଧାରଣ ଦାବୀ ହୋଇଛି ଏ କାର୍ଯ୍ୟର ଉପଯୁକ୍ତ ତଦନ୍ତ କରାଯାଉ। କାରଣ ଗୋଟେ ରାସ୍ତାରେ ୨ ଥର ମନରେଗା ଆସିଥିଲେ ମଧ୍ୟ ମେସିନ ଦ୍ୱାରା କାର୍ଯ୍ୟ ଚାଲୁରହିଛି।କିନ୍ତୁ ରାସ୍ତା ଭଲ ହୋଇ ପାରୁନାହିଁ।



## ନବରଙ୍ଗପୁର ଓୟୁଜେର ଦାବିପତ୍ର

**ତେନ୍ତୁଲିଖୁଣ୍ଟି, ୧୩।୨ (ସଂଚାର ବ୍ୟୁରୋ) :** ରାଜ୍ୟର ସାମ୍ବାଦିକ ମାନଙ୍କର ସାମୁହିକ ସ୍ୱାର୍ଥ ରକ୍ଷା ପାଇଁ ଓଡ଼ିଶା ସାମ୍ବାଦିକ ୟୁନିୟନ ଆଉ ନୀରବଦ୍ରଷ୍ଟା ହୋଇ ବସି ନରହି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଚରମ ନିଷ୍ପତ୍ତି ଗ୍ରହଣ କରିଛି । ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ହେବାର ୮ମାସ ବିତିଯାଇଥିଲେ ମଧ୍ୟ ସାମ୍ବାଦିକମାନଙ୍କର ୩ଦଫା ନ୍ୟାର୍ଯ୍ୟ ଦାବୀ ପୂରଣ ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇ ନାହିଁ । ବରଂ ତାହା ପ୍ରତିଶୃତିରେ ହିଁ ରହି ଯାଇଛି ସାମ୍ବାଦିକମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା କରିବା, ପେନସନ ଓ ଅଧିସ୍ୱୀକୃତି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଆଦି ୩ଦଫା ଦାବୀ ପୂରଣ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଓୟୁଜେ ସଦାସର୍ବଦା ଦାବି ଉପସ୍ଥାପନ କରି ଚାଲିଛି। ଏହି ଦାବୀ ଗୁଡ଼ିକ ପୂରଣ ପାଇଁ ରାଜ୍ୟ ସରକାର ପ୍ରତିଶୃତି ଦେଇଥିଲେ ମଧ୍ୟ ତାହା ଅଦ୍ୟାବଧ ପୂରଣ ହୋଇନାହିଁ । ଇତିମଧ୍ୟରେ ଦେଶର ୧୮ଟି ରାଜ୍ୟରେ ସରକାର ସାମ୍ବାଦିକ ମାନଙ୍କ ପାଇଁ ପେନସନ ବ୍ୟବସ୍ଥା କରି ସାରିଲେଣି । ଆମ ରାଜ୍ୟ ସରକାର ଏ ଦିଗରେ ବହୁ ପଛରେ ରହିଛନ୍ତି । ରାଜ୍ୟ ସଂଘର ସଭାପତି ପ୍ରସନ୍ନ କୁମାର ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ସାମ୍ବାଦିକ ୟୁନିୟନ ନବରଙ୍ଗପୁର ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ନବରଙ୍ଗପୁର ଜିଲ୍ଲାପାଳ ଡ଼. ଶୁଭଙ୍କର ମହାପାତ୍ରଙ୍କ ଜରିଆରେ ଦାବୀ ପତ୍ର ପ୍ରଦାନ କରାଯାଇଛି ।

## ଦିନାଡ଼ିଆରେ ହେବ ଓଭରହେଡ଼ ପାଣି ଟାଙ୍କି



**କାକଟପୁର/ଅସ୍ତରଙ୍ଗ, ୧୩।୨ (ସଂଚାର ବ୍ୟୁରୋ) :** ଲୁଣି ଓ ଖାରି ପାଣି ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳବାସୀ। ଖରାଦିନ ଆସିଲେ ମାଇଲି ମାଇଲି ବାଟ ଚାଲିବାକୁ ପଡୁଛି। ନଚେତ କିଣାପାଣି ଶୋଷ ମେଣ୍ଟାଉଛି। ଏଣୁ ଏହି ପାନୀୟ ଜଳ ସମସ୍ୟାକୁ ଆଖି ଆଗରେ ରଖି ପୂର୍ବ ସରକାର ଜଳଜୀବନ ମିଶନ ଯୋଜନାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହି ପ୍ରକଳ୍ପ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମପଂଚାୟତ ଅନ୍ତର୍ଗତ ରାଜସ୍ୱ ଗ୍ରାମ ବାଲିପନ୍ତାଳରୁ ପାଇପି ପଡ଼ିବାକୁ ଆରମ୍ଭ ହୋଇଥିବା ବେଳେ ଓଭରହେଡ଼ ଟାଙ୍କି ନିର୍ମାଣକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଜାନୁୟାରୀ ୯ତାରିଖରେ ପରସ୍ପର ମଧ୍ୟରେ ଦ୍ୱନ୍ଦ୍ୱ ହୋଇଥିଲା। ଯାହାକୁ ନେଇ ସମସ୍ୟା ସମାଧାନ ପାଇଁ ନଗର ଗ୍ରାମପଂଚାୟତ କାର୍ଯ୍ୟାଳୟରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କାପ୍ରିୟଦର୍ଶନୀ ପତି, ବିଡ଼ିଓ ସୁଶ୍ରୀ ଶସ୍ମିତା ବେହେରା, ଜଳ ଓ ପରିମଳ ଉପଖଣ୍ଡ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପ୍ରଭାତ ରଞ୍ଜନ ବେହେରା, ବ୍ଲକ ଅଧକ୍ଷା ଆରତୀ ନାଏକ, ଉପାଧକ୍ଷ ଦୃଜୟ ମିଶ୍ର, ଜଳପରିମଳ ବିଭାଗ ସହକାରୀ ଯନ୍ତ୍ରୀ ସତ୍ୟଶଙ୍କର ମହାନ୍ତି, ଅସ୍ତରଙ୍ଗ ଥାନାଅଧିକାରୀ ରାଜେଶ ବଳିୟାର ସିଂ, ନଗର ପଂଚାୟତ ସରପଞ୍ଚ ବିଜୟ ଖଣ୍ଡୁଆଳ ପ୍ରମୁଖ ଉପସ୍ଥିତରେ ଓଭରହେଡ଼ ଟାଙ୍କି ନିର୍ମାଣ କୁ ନେଇ ଗ୍ରାମବାସୀ ନିଜ ନିଜ ମନ୍ତବ୍ୟ ଦେଇଥିଲେ। ଶେଷରେ ପ୍ରଶାସନିକ ଅଧିକାରୀଙ୍କ ନିଷ୍ପତି କ୍ରମେ ନଗର ଗ୍ରାମପଂଚାୟତ ଅଧୀନ ଦିନାଡିଆ ଠାରେ ୨୦ଡିସିମିଲି ସ୍ଥାନରେ ଓଭରହେଡ଼ ପାଣି ଟାଙ୍କି ନିର୍ମାଣ ହେବ ବୋଲି ସ୍ଥିର ପରେ ବିଭାଗୀୟ ଅଧିକାରୀ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ପ୍ରସ୍ତାବକୁ ଗ୍ରାମବାସୀମାନେ ସ୍ୱାଗତ କରିଥିଲେ।

# ପାହାଡ଼ରୁ ବ୍ୟକ୍ତିଙ୍କ ଝୁଲନ୍ତା ଶବ ଉଦ୍ଧାର

**ନୟାଗଡ଼, ୧୩।୨ (ସଂଚାର ବ୍ୟୁରୋ):** ରୂକ୍ଷୀ ପାହାଡ଼ାରେ ଝୁଲାନ୍ତା ଶବ। ଶବକୁ ଦେଖିଲେ ବହୁଦିନର ବୋଲି ଜଣାପଡିଛି। ଖବର ପ୍ରସାରିତ ହେବା ମାତ୍ରେ ବ୍ୟକ୍ତିଙ୍କ ପରିଚୟ ମିଳିଥିଲା। ମୃତ ବୟସ୍କ ବ୍ୟକ୍ତିଙ୍କ ଘର ଘଟଣାସ୍ଥଳ ଠାରୁ ମାତ୍ର ଦେଢ କି.ମି ହେବ। ମୃତକ ଜଣଙ୍କ ହେଲେ ନାରଣ ସ୍ୱାଇଁ(୮୦)।

ସୂଚନାନୁସାରେ, ଆଜି ସକାଳୁ କିଛି ଯୁବକ ମହର୍ଷି ସ୍କୁଲ ନିକଟରେ ଥିବା ରୂକ୍ଷୀ ପାହାଡ଼କୁ ମର୍ଣ୍ଣିଓ୍ୱାର୍କ କରିବାକୁ ଯାଉଥିବା ବେଳେ ଗଛ ଏକ ଝୁଲନ୍ତା ଅବସ୍ଥା ଜଣେ ବୟସ୍କ ବ୍ୟକ୍ତି ଶବ ଦେଖି ଡରି ଯାଇଥିଲେ। ହାତ, ଗୋଡ଼ ଓ ମୁହଁ ସଢି ଯାଇଥିବା ବେଳେ ଉକ୍ତ ବ୍ୟକ୍ତିଙ୍କୁ ଚିହ୍ନିବା କଷ୍ଟ ସାଧ୍ୟ ହୋଇ ପଡିଛି। ତେବେ ଫଟୋ ଉଠାଇ ଆଣି ଦେଖେଇବା ପରେ, ମୃତ ବ୍ୟକ୍ତିଙ୍କ ଘର ନୂଆ ଜୟପୁର ଗାଁର ନାରଣ ସ୍ୱାଇଁ ବୋଲି ପରିଚୟ ମିଳିଥିଲା। ନାରଣ ୭/୮ଦିନ ଘରୁ ରାଗି ଚାଲିଆସିଥିଲେ କିନ୍ତୁ ଘରକୁ ଫେରିନଥିଲେ। ପରିବାର ଲୋକ ସେ କେଉଁ ବନ୍ଧୁ ବାନ୍ଧବ ଘରେ ଥିବେ ଭାବି ରହିଯାଇଥିଲେ। ତେବେ ଆଜି ସକାଳୁ ପାହାଡ଼ରୁ ଝୁଲନ୍ତା ଅବସ୍ଥାରେ ପଚାସଢା ଶବ ଉଦ୍ଧାର ହୋଇଥିଲା । ଖବର ପାଇ ନୟାଗଡ଼ ଟାଉନ ପୋଲିସ୍ ଶବ ଜବତ କରି ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି । ନୟାଗଡ଼ ଟାଉନ ପୋଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସଡ଼କ ସୁରକ୍ଷା ସଚେତନତା ଅଭିଯାନ




**ବାଲିଅନ୍ତା, ୧୩।୨ (ସଂଚାର ବ୍ୟୁରୋ) :** ଦିବା ୧୧ ଘଟିକା ସମୟରେ ପ୍ରତାପ ଶାସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ବାଲକାଟିର ଛାତ୍ରଛାତ୍ରୀ ଅଧ୍ୟକ୍ଷା, ଅଧ୍ୟାପକ, ଅଧ୍ୟାପିକାଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା ଅଭିଯାନ +୨ ବିଦ୍ୟାଳୟଠାରୁ ମେନ ରୋଡ ବାଳକ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଅଧ୍ୟକ୍ଷା ଲିନା ପଟ୍ଟନାୟକ ଓ ଅଧ୍ୟାପକ ନିତ୍ୟାନନ୍ଦ ସ୍ୱାଇଁଙ୍କ ତତ୍ତ୍ୱାବଧନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ଯଥା ଆଜାସୁରକ୍ଷା ଦ ଖାଁ ,ସୁନୀତା ଷଡ଼ଙ୍ଗୀ, ଶ୍ରୀମନ୍ତ ଉପାଧ୍ୟାୟ, ଜୟକୃଷ୍ଣ ଶତପଥୀ , ଅଞ୍ଜଳି ଶତପଥୀ, ମମତା ଦେହୁରୀ, ସରସ୍ୱତୀ ଦାସ, ଇତିଶ୍ରୀ ମୁଦୁଲି ଇତ୍ୟାଦି ସହଯୋଗ କରି ଲୋକମାନଙ୍କୁ ସଡ଼କ ସୁରକ୍ଷାର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ

## ଭିଜିଲାନ୍ସ ଜାଲରେ ଜିଆର୍‌ଏସ୍‌ରୁ ଏଡିଇଓ

**ଚଢ଼ାଉ କରିଛନ୍ତି ୭ ଭିଜିଲାନ୍ସ ଟିମ୍**



**ବୋରିଗୁମ୍ମା, ୧୩।୨ (ସଂଚାର ବ୍ୟୁରୋ):** କୋଟପାଡ଼ ବ୍ଲକ ବତାସନା ପଞ୍ଚାୟତରେ କାର୍ଯ୍ୟରତ ପୂର୍ବତନ ଜିଆର୍‌ଏସ୍ ତଥା ବର୍ତ୍ତମାନର ଏଡିଇଓ ପାର୍ଥ ସାରଥୀ ବିଷୋୟୀଙ୍କ ଘରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ବୋରିଗୁମ୍ମା ବ୍ଲକ ସ୍ଥିତ ଚମ୍ପିୟା ଗ୍ରାମ ବାସଭବନ ସହ ଚାରଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଛି। ଆଜି ଭିଜିଲାନ୍ସ ସକାଳୁ ସକାଳୁ ଏଡିଇଓ ପାର୍ଥ ସାରଥୀ ବିଷୋୟୀଙ୍କ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଚମ୍ପିୟା ସ୍ଥିତ ବାସଭବନ ସମେତ କାଜୁ ମିଲ, ବୋରିଗୁମ୍ମାରେ ଥିବା ୩ ମହଲା କୋଠା ଓ କୋଟପାଡ଼ ବ୍ଲକ ସ୍ଥିତ ବତାସନା ପଞ୍ଚାୟତ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲା। ଭିଜିଲାନ୍ସର ୭ଟି ଟିମରେ ୬୦ ଜଣ କର୍ମଚାରୀ ନିୟୋଜିତ ରହି ଏକା ସଂଗେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏଡିଇଓ ପାର୍ଥ ସାରଥୀ ବିଷୋୟୀଙ୍କ ଚମ୍ପିୟା ଗ୍ରାମରେ ଥିବା ନିଜ ବାସଭବନ ସହ ବୋରିଗୁମ୍ମାରେ ୩ ମହଲ୍ଲା ବିଶିଷ୍ଟ କୋଠା ସହ ନବରଙ୍ଗପୁର ସହର ର ଗାନ୍ଧିନଗରରେ ଥିବା ୧୫ ଡେସିମିଲର ପ୍ଲଟ ସମେତ ଜୟପୁର, ବୋରିଗୁମ୍ମାରେ ଥିବା ୧୫ଟି ପ୍ଲଟ ,୮୫୬୧ ବର୍ଗଫୁଟରେ ସାଇ କ୍ରିସ୍ନା ଏକ୍ସୋର ପ୍ରାଇସେସ ନାମରେ ନିର୍ମିତ କାଜୁ ମିଲ ବିଭିନ୍ନ ପ୍ରକାରର ୯ଟି ଦାମୀ ଗାଡି ସହ ୩ଟି ବାଇକ, ୨ଶହ ୮୫ ଗ୍ରାମ ସୁନା ଅଳଙ୍କାର ଓ ୭୦୬ ଗ୍ରାମ ରୁପା ସହ ନଗଦ ୨ ଲକ୍ଷ ୪୫ହଜାର ଟଙ୍କା ଠାବ କରିଛି।

# କୁଜଙ୍ଗରେ ଜବରଦଖଲ ସ୍ଥିତି ସଙ୍ଗିନ

■ ସଙ୍କୁଚିତ ହେଉଛି ରାସ୍ତା, ବଢୁଛି ଦୁର୍ଘଟଣା ■ ଆଖିବୁଜି ଦେଇଛି ପ୍ରଶାସନ

**କୁଜଙ୍ଗ, ୧୩।୨ (ସଂଚାର ବ୍ୟୁରୋ) :** ସରକାରୀ ଜମି ଉପରେ ବଢୁଥିବା ଜବରଦଖଲ ନେଇ ଗତ କିଛି ମାସ ତଳେ ବିଜେପି ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲେ। ତୁରନ୍ତ ଜବରଦଖଲରେ ଥିବା ସରକାରୀ ଜମିକୁ ଉଚ୍ଛେଦ କରିବା ସହ ଉକ୍ତ ଜମି ଉପରେ ପାଚେରି କିମ୍ବା ତାରବାଡ଼ ଘେରାଇ ଜମିକୁ ସୁରକ୍ଷା ଦେବାକୁ ପ୍ରତ୍ୟେକ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ମାତ୍ର କୁଜଙ୍ଗ ତହସିଲ ଅଧୀନରେ ଦିନକୁ ଦିନ ଜବରଦଖଲ କ୍ରମାଗତ ଭାବେ ଏହା ବଢ଼ି ଚାଲିଛି। ଫଳରେ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହେବାରେ ପ୍ରଭାବିତ ହେଉଛି। ସେହିପରି ରାସ୍ତାର ଉଭୟ ପାର୍ଶ୍ୱ ଜବରଦଖଲ ହେବା ଫଳରେ ରାସ୍ତା ସଙ୍କୁଚିତ ହେବା ସହ ଦୁର୍ଘଟଣା ବଢ଼ିବାରେ ଲାଗିଛି। ତେବେ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି। ତେବେ ନୂଆ ସରକାରଙ୍କ ଜବର ଦଖଲ ହଟାଅ ନିର୍ଦ୍ଦେଶ କୁଜଙ୍ଗରେ କାହିଁକି କାର୍ଯ୍ୟକାରି କରାଯାଉନି ତାକୁ ନେଇ ବିଭିନ୍ନ ମହଲରୁ ପ୍ରଶ୍ନ ଉଠିଲାଣି।

ସୂଚନା ଅନୁସାରେ କୁଜଙ୍ଗ ତହସିଲର ଗ୍ରାମାଞ୍ଚଳରେ ସରକାରୀ ଜମି ଜବର ଦଖଲ ସ୍ଥିତି ସଂଗିନ। ଏମିତିକି ଗ୍ରାମାଞ୍ଚଳ ରାସ୍ତା ପାର୍ଶ୍ୱକୁ ଅବରୋଧ କରାଯିବାକୁ ନେଇ ଏବେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପହଞ୍ଚିଲାଣି। ଗତ କିଛି ଦିନ ତଳେ ଜବରଦଖଲ ନେଇ ଅଭିଯୋଗ ଆଣିଥିଲେ ମହ୍ଲାସାହି ସରପଞ୍ଚ ଧ୍ରୁବ ଚରଣ ନାୟକ। ଏମିତିକି ପ୍ରଭାବଶାଳୀ ବ୍ୟକ୍ତିମାନେ ସରକାରୀ ଜମିକୁ ଜବରଦଖଲ କରି ସେହି ଜମିକୁ ଅଘୋଷିତ ଭାବେ ବିକ୍ରୟ କରିବା ଆରମ୍ଭ କଲେଣି। ଏସବୁ ସ୍ଥାନୀୟ ପ୍ରଶାସନ ଜାଣି ମଧ୍ୟ ଅଜଣା ହୋଇ ରହୁଛି। ଏହି ଜବରଦଖଲ କରାଯିବା ପଛରେ ପ୍ରଶାସନର ତଳିଆ କର୍ମଚାରୀ ମାନଙ୍କର ପ୍ରଚ୍ଛନ୍ନ ହାତ ରହିଛି।

ସେହିପରି କଟକ-ପାରାଦୀପ ରାଜ୍ୟ ରାଜପଥର କୁଜଙ୍ଗ ତହସିଲ ଅନ୍ତର୍ଗତ ଥିବା ଗୃହ ଓ ନିର୍ମାଣ, ଜଳସମ୍ପଦ ବିଭାଗର ଜମିକୁ କିଛି ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ବ୍ୟବସାୟିକ ପ୍ରତିଷ୍ଠାନ କରିଛନ୍ତି ତ' କିଏ ଘର ତିଆରି କରି ଭଡ଼ା ଲଗେଇଛନ୍ତି। ଆଉ କିଛି ପ୍ରଭାବଶାଳୀ ଲୋକ ସରକାରୀ ଜମିରେ ଘର କରି ଅନ୍ୟକୁ ଲକ୍ଷାଧିକ ଟଙ୍କାରେ ବିକ୍ରି କରିସାରିଛନ୍ତି। ବିଶେଷକରି ତାଳଦଣ୍ଡା ଠାରେ ଥିବା କଟକ ପାରାଦ୍ୱୀପ ରାଜପଥ ଉଭୟ ପାର୍ଶ୍ୱରେ କିଛି ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ସେଠାରେ ସ୍ଥାୟୀ ପକ୍କା ଗୃହ ନିର୍ମାଣ କରି ବ୍ୟବସାୟୀ ମାନଙ୍କୁ ଭଡ଼ା ସୂତ୍ରରେ ଲଗାଉଛନ୍ତି । ସେଥିରୁ ବେଶ୍ କିଛି ମୁନାଫା କମାଇ ହାତ ଚିକଣ କରୁଥିବା ଅଭିଯୋଗ ଆସୁଛି। ଏହି ରାସ୍ତା ପାର୍ଶ୍ୱ ଜବରଦଖଲ ହେବା ଫଳରେ ଉଭୟ ପାର୍ଶ୍ୱ ରାସ୍ତା ସଙ୍କୁଚିତ ହୋଇ ପଡୁଛି। ଫଳରେ ଏହି ରାସ୍ତାରେ ଦିନକୁ ଦିନ ବୃଦ୍ଧି ପାଉଛି ଦୁର୍ଘଟଣା। ଏ ଦିଗରେ ପ୍ରଶାସନ କୌଣସି ଠୋସ ପଦକ୍ଷେପ ଗ୍ରହଣ କରିବାକୁ ପଛଘୁଂଚା ଦେଉଥିବା ଦେଖିବାକୁ ମିଳିଛି।

ଅନୁରୂପ ଭାବେ ତହସିଲ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଜବରଦଖଲ ସ୍ଥିତି ସଂଗୀନ ଅବସ୍ଥାରେ ପହଞ୍ଚିଲାଣି ହେଲେ କାହାର ନଜର ପଡୁନାହିଁ। ବିଶେଷକରି ଗୋଚର, ଆବାଦଯୋଗ୍ୟ ଅନାବାଦୀ, ସଂରକ୍ଷିତ ଜମି, ଜଳ ସମ୍ପଦ ବିଭାଗ ଜମିକୁ କିଛି ପ୍ରଭାବଶାଳୀ ବ୍ୟକ୍ତି ବାଡ଼କରି ନିଜ ଅକ୍ତିଆରକୁ ନେଇ ସାରିଲେଣି। ଏଭଳି ସ୍ଥିତି ପାଇଁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରଭାବିତ ହେଉଛି। ଅନ୍ୟପକ୍ଷରେ ଜବରଦଖଲ ସମସ୍ୟା ପାଇଁ ଗାଁ ଗହଳିର ମୁଖ୍ୟ ରାସ୍ତାରେ ଯାତାୟତ ପାଇଁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ତେବେ ସରକାର ଜବରଦଖଲ ହଟାଅ ନିର୍ଦ୍ଦେଶ ପରେ ଜିଲ୍ଲା କିମ୍ବା ତହସିଲ ପ୍ରଶାସନ ଏଦିଗରେ କୌଣସି ଆନ୍ତରିକତା ଦେଖାଉନଥିବା ନେଇ ବିଭିନ୍ନ ମହଲରୁ ପ୍ରଶ୍ନ ଉଠିଛି।

### ବ୍ୟାଙ୍କ କାରବାର, ଋଣ ପ୍ରଦାନ ନଗଣ୍ୟ

# ଜାତୀୟ ହାରଠାରୁ ଯଥେଷ୍ଟ ପଛରେ ଓଡ଼ିଶା

**ଭୁବନେଶ୍ୱର,୧୩।୨:** ବ୍ୟାଙ୍କମାନେ ଓଡ଼ିଶାରୁ ଯେତେ ପରିମାଣର ଜମା ସଂଗ୍ରହ କରୁଛନ୍ତି, ତା'ର ଅଧା ବି ଋଣ ଆକାରରେ ଏଠାରେ ଖଟାଉନାହାନ୍ତି । ଓଡ଼ିଶାରେ ଦିଆଯାଉଥିବା ବ୍ୟାଙ୍କ ଋଣର ପରିମାଣ ସଂଗୃହୀତ ଜମା ରାଶିର ପ୍ରାୟ ୪୮ ପ୍ରତିଶତ ହୋଇଥିବା ବେଳେ ଜାତୀୟ ସ୍ତରରେ କିନ୍ତୁ ଏହି ହାର ପାଖାପାଖି ୮୦ ପ୍ରତିଶତ ରହୁଛି।



ଭାରତ ସରକାରଙ୍କ ଆର୍ଥିକ ସର୍ଭେ ରିପୋର୍ଟରେ ପ୍ରକାଶିତ ତଥା ମୁତାବକ ୨୦୨୪ ବର୍ଷରେ ଓଡ଼ିଶାରୁ ସିଡ୍ୟୁଲଡ୍ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ୫,୨୨,୫୪୩ କୋଟି ଟଙ୍କାର ଜମା ସଂଗ୍ରହ କରିଥିବା ବେଳେ ଉକ୍ତ ବର୍ଷରେ ଋଣ ଆକାରରେ ଦେଇଛନ୍ତି ୨,୫୧,୧୧୪ କୋଟି ଟଙ୍କା । ବର୍ଷକୁ ବର୍ଷ ଓଡ଼ିଶାରେ ବ୍ୟାଙ୍କଗୁଡ଼ିକର ଜମା ସଂଗ୍ରହ ପରିମାଣ ଆଶାନୁରୂପ ଭାବେ ବୃଦ୍ଧି ପାଉଥିବା ବେଳେ ରାଜ୍ୟର ଆର୍ଠଥକ ବିକାଶ ପାଇଁ କିନ୍ତୁ ଋଣ ଯୋଗାଣ ପରିମାଣ ସେତେ ଅଧିକ ହେଉନାହିଁ ।

ଏହି ରିପୋର୍ଟର ତଥ୍ୟ ମୁତାବକ ୨୦୧୯ ବର୍ଷରେ ବ୍ୟାଙ୍କଗୁଡ଼ିକ ଓଡ଼ିଶାରୁ ୩,୦୯,୫୫୪ କୋଟି ଟଙ୍କାର ଜମା ସଂଗ୍ରହ କରିଥିବାବେଳେ ୨୦୨୦ ବର୍ଷରେ ୩,୪୧,୧୪୦ କୋଟି ଓ ୨୦୨୧ ବର୍ଷରେ ୩,୬୩,୫୬୭ କୋଟି ଟଙ୍କାର ଜମା ସଂଗ୍ରହ କରିଥିଲେ । ୨୦୨୨ ବର୍ଷରେ ବ୍ୟାଙ୍କଗୁଡ଼ିକ ଦ୍ୱାରା ସଂଗୃହୀତ ଜମା ପରିମାଣ ୪,୨୧,୪୧୩ କୋଟି ଟଙ୍କାଥିବା ବେଳେ ୨୦୨୩ବର୍ଷରେ ତାହା ୪,୬୩,୩୧୮ କୋଟି ଟଙ୍କା ଥିଲା । ଅନ୍ୟପକ୍ଷରେ ୨୦୧୯ ବର୍ଷରେ ବ୍ୟାଙ୍କଗୁଡ଼ିକ ଓଡ଼ିଶାରେ ୧,୧୯,୮୯୩ କୋଟି ଟଙ୍କାର ଋଣ ଖଟାଇଥିବା ବେଳେ ୨୦୨୦ରେ ୧,୩୪,୮୬୨ କୋଟି ଓ ୨୦୨୧ ବର୍ଷରେ ୧,୪୩,୬୭୬ କୋଟି ଟଙ୍କା ଋଣ ଦେଇଥିଲେ । ବ୍ୟାଙ୍କଗୁଡ଼ିକ ଓଡ଼ିଶାରେ ଦେଇଥିବା ଋଣ ପରିମାଣ ୨୦୨୨ ବର୍ଷରେ ୧,୮୩,୪୦୫ କୋଟି ଟଙ୍କା ଥିବାବେଳେ ୨୦୨୩ବର୍ଷରେ ତାହା ୨,୦୩,୭୩୨ କୋଟି ଟଙ୍କା ଥିଲା ।

ସାରା ଭାରତରେ ୨୦୨୪ ବର୍ଷରେ ଏହି ବ୍ୟାବସାୟିକ ବ୍ୟାଙ୍କଗୁଡ଼ିକ ୨୧୨,୫୩,୩୫୮ କୋଟି ଟଙ୍କାର ଜମା ସଂଗ୍ରହ କରିଥିବା ବେଳେ ୧୬୯,୧୩,୬୯୪ କୋଟି ଟଙ୍କାର ଋଣ ଦେଇଥିଲେ। ଅର୍ଥାତ୍ ଉକ୍ତ ବର୍ଷରେ ସମଗ୍ର ଦେଶରେ ବ୍ୟାଙ୍କଗୁଡ଼ିକ ଯେତେ ଜମା ସଂଗ୍ରହ କରିଥିଲେ, ତା'ର ପାଖାପାଖି ୮୦ ପ୍ରତିଶତ ଋଣ ଆକାରରେ ଖଟାଇଥିବା ବେଳେ ଓଡ଼ିଶାରେ କିନ୍ତୁ ଜମା ସଂଗ୍ରହ ତୁଳନାରେ ଋଣ ବଣ୍ଟନ ହାର ଯଥେଷ୍ଟ କମ୍ ଥିଲା। ଅନ୍ତତଃପକ୍ଷେ ଜାତୀୟ ସ୍ତରରେ ଜମା ସଂଗ୍ରହ ତୁଳନାରେ ଋଣ ପ୍ରଦାନ ହାର ପ୍ରତିଶତ ଯାହା ରହୁଛି, ଓଡ଼ିଶାରେ ତାହା କାର୍ଯ୍ୟକାରୀ କରାଗଲେ ବିଭିନ୍ନ ଉଦ୍ୟୋଗ ଓ ବ୍ୟବସାୟ ପାଇଁ ଲୋକେ ଅଧିକ ପରିମାଣରେ ବ୍ୟାଙ୍କ ଋଣ ପାଇ ନିଯୁକ୍ତି ସୁଯୋଗ ବୃଦ୍ଧି ସହ ପରିବାର ତଥା ରାଜ୍ୟର ଆର୍ଥିକ ବିକାଶ ଘଟାଇପାରିବେ।

ଅର୍ଥନୀତି ବିଶାରଦମାନେ କହୁଛନ୍ତି ଯେ ସରକାରୀ ଚାକିରିଆ, ଶିଳ୍ପପତି ଓ ଅନ୍ୟ ବ୍ୟବସାୟୀମାନଙ୍କୁ ବିଭିନ୍ନ ବ୍ୟାଙ୍କ ଅତି ସହଜରେ ସରଳ ଋଣ ପ୍ରଦାନ କରୁଥିବା ବେଳେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଲୋକଙ୍କୁ ଅଧିକ ପରିମାଣର ଋଣ ଦେବାକୁ ପସନ୍ଦ କରୁନାହାନ୍ତି। କେବଳ ସେତିକି ନୁହେଁ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିଲେ ମଧ୍ୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଏଠାରେ ସମବାୟ ବ୍ୟାଙ୍କ ତୁଳନାରେ ଢେର କମ୍ କୃଷି ଋଣ ଦେଉଛନ୍ତି। ସମବାୟ ବ୍ୟାଙ୍କ ନଥିଲେ କୃଷକମାନେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୁଅନ୍ତେ। ଅନ୍ୟପକ୍ଷରେ ଜାତୀୟକରଣ ଓ ଘରୋଇ ବ୍ୟାଙ୍କଗୁଡ଼ିକ କିନ୍ତୁ ରାଜ୍ୟ ସରକାରଙ୍କ ବିଭିନ୍ନ ନେଣଦେଣ ପାଇଁ ଲକ୍ଷ ଲକ୍ଷ କୋଟି ଟଙ୍କାର ଜମା ସଂଗ୍ରହ କରୁଛନ୍ତି। କେବଳ ସେତିକି ନୁହେଁ, ସରକାରୀ ଓ ଅନୁଦାନପ୍ରାପ୍ତ କର୍ମଚାରୀ ଏମିତିକି ଲୋକ ପ୍ରତିନିଧିମାନଙ୍କ ବେତନ, ଭତ୍ତା, ପେନ୍ସନ୍ ଆଦିର ପ୍ରମୁଖ କାରବାର ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କ ମାଧ୍ୟମରେ ହେଉଥିବା ଯୋଗୁ ସେମାନେ ବେଶ୍ ମୁନାଫା ପାଉଥିବା ବେଳେ ଓଡ଼ିଶାରେ ଋଣ ଲଗାଣ ପାଇଁ କୁଣ୍ଠକୁଣ୍ଠ ହେଉଛନ୍ତି। (ତଥ୍ୟ)

## ୩୫ ଡିଗ୍ରୀ ଛୁଇଁଲା ତାତି

**ଭୁବନେଶ୍ୱର,୧୩।୨ (ସଂଚାର ବ୍ୟୁରୋ):** ଶୀତ ସରୁ ସରୁ ମୁଣ୍ଡଫଟା ଖରା । ଉପକୂଳରେ ଉପରମୁହାଁ ହୋଇଛି ପାରଦ । ଆରମ୍ଭରୁ ଅସ୍ତବ୍ୟସ୍ତ କରିଦେଲାଣି ଟାଇଁ ଟାଇଁ ଖରା । ସ୍ୱାଭାବିକ ଠାରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ତାପମାତ୍ରା ରେକର୍ଡ ହୋଇଛି। ରାଜଧାନୀ ଭୁବନେଶ୍ୱର ସମେତ କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, ଭଦ୍ରକ ଜିଲ୍ଲାରେ ବଢୁଛି ତାପମାତ୍ରା । ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜଧାନୀର ତାପମାତ୍ରା ୩୫ ଡିଗ୍ରୀ ଅତିକ୍ରମ କରିଛି । ଆସନ୍ତା ୩ ଦିନ ପରେ ରାଜ୍ୟରେ ଅହେତୁକ ଭାବରେ ବଢ଼ିବ ତାତି । ସ୍ୱାଭାବିକ ଠାରୁ ୩ ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ହେବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ବର୍ତ୍ତମାନ ସର୍ବନିମ୍ନ ତାପମାତ୍ରା ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ କମ୍ ରହିଥିବା ବେଳେ ଦିନରେ ଡହ ଡହ ଖରାରେ ସିଝୁଛନ୍ତି ଲୋକେ । ବିଶେଷ କରି ସମ୍ବଲପୁର, ବରଗଡ, ଝାରସୁଗୁଡା, ସୋନପୁର, ବଲାଙ୍ଗୀର, ନୂଆପଡା, ଗଜପତି ଜିଲ୍ଲାରେ ପାରଦ ଉପରମୁହାଁ ହୋଇଛି । ଉପକୂଳ ଓଡ଼ିଶା ସମେତ ଅନୁଗୋଳ ଏବଂ ଢେଙ୍କାନାଳରେ ଏବେ ତାତି ଅସମ୍ଭାଳ ହୋଇଥିବା ବେଳେ ଆସନ୍ତା ୧୯ ତାରିଖ ମଧ୍ୟରେ ସାଂଘାତିକ ତାତି ଅନୁଭୂତ ହେବ ବୋଲି ପାଣିପାଗ କେନ୍ଦ୍ର କହିଛି । ବର୍ତ୍ତମାନ ରାଜ୍ୟରେ ପାଗ ଶୁଖିଲା ରହିବା ସହ ମେଘମୁକ୍ତ ଆକାଶ ପାଇଁ ତାତି ବୃଦ୍ଧି ପାଉଛି । ଏହାସହ ରାଜ୍ୟକୁ ସାମୁଦ୍ରିକ ପବନ ପ୍ରବାହରେ ବ୍ରେକ୍ ଲାଗିଛି ।

## ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ତାଳଚେର ଓ ଫୁଲବାଣୀ ମେଡିକାଲ କଲେଜ

**ଭୁବନେଶ୍ୱର,୧୩।୨ (ସଂଚାର ବ୍ୟୁରୋ):** ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡ଼ିକାଲ କଲେଜ ଓ ହସ୍ପିଟାଲ ଏବଂ ଫୁଲବାଣୀ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରିବା ଉପରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଏହାଦ୍ୱାରା ରାଜ୍ୟର ଚିକିତ୍ସା ସେବାରେ ଆଶାତୀତ ଉନ୍ନତି ହେବା ସହ ରାଜ୍ୟବାସୀ ବିଶେଷ ଭାବେ

- ବିଭିନ୍ନ ଆବଶ୍ୟକତା ପୂରଣ ଓ ଭିତ୍ତିଭୂମି ସୁଦୃଢ଼ ଉପରେ ଗୁରୁତ୍ୱ



ଉପକୃତ ହୋଇପାରିବେ ବୋଲି ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମତ ପ୍ରକାଶ ପାଇଛି। ବୈଠକରେ ଏହି ଦୁଇ ଅନୁଷ୍ଠାନର ବିବିଧ ଆବଶ୍ୟକତାକୁ ତୁରନ୍ତ ପୂର୍ଣ୍ଣ କରିବା ନେଇ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି। ଅନୁଷ୍ଠାନର କୋଠାବାଡ଼ିଠାରୁ ଆରମ୍ଭ କରି ଯନ୍ତ୍ରପାତି ପର୍ଯ୍ୟନ୍ତ ସମସ୍ତ ପ୍ରକାର ଆବଶ୍ୟକୀୟ ଭିତ୍ତିଭୂମି ସୁଦୃଢ଼ କରିବା ଉପରେ ସଚିବ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ ସରକାରଙ୍କ ଲକ୍ଷ୍ୟ ହେଉଛି ଯଥାଶୀଘ୍ର ଏହି ଦୁଇ ଅନୁଷ୍ଠାନକୁ ଲୋକଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିବା। ଏଥିସହ ସଚିବ ଅନୁଗୋଳ ଓ କନ୍ଧମାଳ ଜିଲ୍ଲାର ଜିଲ୍ଲାପାଳ ଓ ଅନୁଷ୍ଠାନ ସହ ସମ୍ପୃକ୍ତ ବରିଷ୍ଠ ବିଭାଗୀୟ ଅଧିକାରୀଙ୍କୁ ସାପ୍ତାହିକ ବୈଠକ ଆହ୍ୱାନ କରି ସମସ୍ୟାଗୁଡ଼ିକର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଓଏସଏମସିଏଲର ପରିଚାଳନା ନିର୍ଦ୍ଦେଶକ ଡା. ପୋମା ଟୁଡୁ, ଅନୁଗୋଳ ଜିଲ୍ଲାପାଳ ଅବଦଲ ଏମ୍. ଅଖତର, କନ୍ଧମାଳ ଜିଲ୍ଲାପାଳ ଅମୃତ ଋତୁରାଜ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର, ଡାକ୍ତରୀ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ ଡା. ସନ୍ତୋଷ ମିଶ୍ର, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଡ. ଉଷାରାଣୀ ସାହୁ, ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ଡା. କୀର୍ତ୍ତିରେଖା ମହାପାତ୍ର, ଫୁଲବାଣୀ ସରକାରୀ ମେଡ଼ିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ଡା. ଦେବ ପ୍ରସାଦ ମହାନ୍ତି, ଉଭୟ ଜିଲ୍ଲାର ସିଡିଏମ୍‌ଓ ଓ ଅଧୀକ୍ଷଣ ଯନ୍ତ୍ରୀ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

## ପ୍ରେମ ପାଇଁ ଜଳିଗଲା ପ୍ରେମିକ

**ରାଉରକେଲା,୧୩।୨ (ସଂଚାର ବ୍ୟୁରୋ):** ପ୍ରେମର କରୁଣ ପରିଣତି। ପ୍ରେମିକା ଘରେ ନିଜର ଆହୁତି ଦେଲେ ପ୍ରେମିକ। ପ୍ରେମରେ ଯେବେ ପ୍ରତାରଣା ହୁଏ ସେତବେଳେ ମନରେ ନିଆଁ ଲାଗେ ଆଉ ସେହି ନିଆଁ ଶେଷରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରେ । ଏମିତି ଏକ ଘଟଣା ପ୍ରେମିକାର ଘର ସାମ୍ନାରେ ଘଟିଯାଇଛି । ଏଭଳି ଘଟଣା ସମସ୍ତଙ୍କ ଛାତି ଥରେଇ ଦେଇଛି। ପ୍ରେମିକା ଘରେ ଏପରି କିଛି ନିଷ୍ପତ୍ତି ନେଇଯାଇଥିଲେ ପ୍ରେମିକ ଜଣକ । ଶେଷରେ ଜୀବନ ମରଣ ସହ ସଂଗ୍ରାମ କରି କରି ମୃତ୍ୟୁବରଣ କରିଛି ପ୍ରେମିକ। ଗତ ୩ ତାରିଖ ରାତିରେ ଏଭଳି ଏକ ଜଘନ୍ୟ ଘଟଣା ଘଟିଯାଇଛି ରାଉରକେଲା ବନ୍ଧମୁଣ୍ଡା ଥାନା ସିନେମା ଟୋଲି ଅଞ୍ଚଳରେ । ରାଉରକେଲା ବନ୍ଧମୁଣ୍ଡା ସାରଦାପଲ୍ଲୀ ଅଞ୍ଚଳର ୨୪ ବର୍ଷୀୟ ଯୁବକ ରାମ ଦାସ ବେଶ୍ରା । ସେ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ କିନ୍ତୁ ସେହି ପ୍ରେମ ପାଇଁ ଶେଷରେ ନିଜ ଜୀବନକୁ ଶେଷ କରିବାକୁ ବି ପଛାଇ ନାହାଁନ୍ତି । ସିନେମା ଟୋଲିର ଜଣେ ଯୁବତୀ ଙ୍କ ପ୍ରେମରେ ପଡିଯାଇଥିଲା ରାମ । ଦୀର୍ଘ ଦିନରୁ ଏମାନଙ୍କ ଭିତରେ ଥିଲା ପ୍ରେମ ସମ୍ପର୍କ । କିନ୍ତୁ ହଠାତ କଣ ହେଲା କେଜାଣି ଗତ ୩ ତାରିଖ ରାତିରେ ରାମ ଜଳି ଯାଇଥିଲା ନିଜର ପ୍ରେମିକାର ଘରେ । ଏହାପରେ ରାମଙ୍କ ପରିବାର ଲୋକଙ୍କୁ ନ ଜଣାଇ ପ୍ରେମିକାର ଘର ଲୋକେ ରାମଙ୍କୁ ନେଇ ଯାଇଥିଲେ ହସ୍ପିଟାଲ । ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ରାମଦାସଙ୍କୁ ନେଇ ପ୍ରଥମେ ଆଇଜିଏଚ ଏବଂ ପରେ ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା । ଶେଷରେ କଟକ ହସ୍ପିଟାଲରେ ପ୍ରାଣ ହରାଇଥିଲେ ରାମ । ଏହାପରେ ନ୍ୟାୟ ଦାବିରେ ବନ୍ଧମୁଣ୍ଡା ଥାନାର ଦ୍ୱାରସ୍ଥ ହେଇଛନ୍ତି ରାମଦାସଙ୍କ ପରିବାର ଲୋକେ । ଶ୍ୟାମ ବେଶ୍ରାର ଏକ ମାତ୍ର ରୋଜଗାରିଆ ପୁଅ ହେଉଛନ୍ତି ରାମ ଦାସ । ରାମ ରୋଜଗାର କଲେ ଚଳେ ସେମାନଙ୍କ ଘର। ଏପଟେ ରାମ ନିଜେ ଜାଳି ଛନ୍ତି କିମ୍ବା ତାଙ୍କୁ ଜଳାଇ ଦିଆଯାଇଛି ସେ ନେଇ ପ୍ରଶ୍ନ ଉଠାଇଛନ୍ତି ପରିବାର ଲୋକେ । ନ୍ୟାୟ ଦାବି କରି ବନ୍ଧମୁଣ୍ଡା ଥାନାର ଦ୍ୱାରସ୍ଥ ହେଇଛନ୍ତି ପରିବାର ଲୋକେ । ପୋଲିସ ଏହି ଘଟଣାର ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି କୁହାଯାଉଛି । ଏନେଇ ରାମଙ୍କ ମୃତ୍ୟୁ ପରେ ଭାଙ୍ଗି ଯାଇଛନ୍ତି ପରିବାର ଲୋକେ ।



## ହଷ୍ଟେଲରୁ ମିଳିଲା ଛାତ୍ରୀଙ୍କ ମୃତଦେହ




**କଟକ,୧୩।୨ (ସଂଚାର ବ୍ୟୁରୋ):** ହଷ୍ଟେଲ ଭିତରେ ଛାତ୍ରୀଙ୍କ ମରଶରୀର ମିଳିଥିବା ଅଭିଯୋଗ ହୋଇଛି । କଟକର ଏକ ପ୍ରତିଷ୍ଠିତ ପୁରାତନ ସରକାରୀ ବାଳିକା ବିଦ୍ୟାଳୟ ହଷ୍ଟେଲରେ ଘଟିଛି ଏପରି ଅଘଟଣ । ଛାତ୍ରୀଙ୍କ ବାପା ଥାନାରେ କଲେ ଲିଖିତ ଅଭିଯୋଗ । ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି ବାପା । ଲାଲବାଗ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଆରମ୍ଭ କରିଛି ତଦନ୍ତ ।

## ଏସସିବି ଯକୃତ ପ୍ରତିରୋପଣ ବ୍ୟବସ୍ଥାକୁ ଝଟକା, ୬ ମାସରେ ଆଖି ବୁଜିଲେ ପ୍ରଥମ ରୋଗୀ

**କଟକ,୧୩।୨ (ସଂଚାର ବ୍ୟୁରୋ):** କଟକ ଏସସିବି ଯକୃତ ପ୍ରତିରୋପଣ ବ୍ୟବସ୍ଥାକୁ ଝଟକା । ୬ ମାସ ପରେ ଏସସିବି ସେଣ୍ଟ୍ରାଲ ICUରେ ଆଖି ବୁଜିଲେ ନୟାଗଡ଼ର ମାନସ ମୁଦୁଲି । ଗତ ୫ ମାସ ହେଲା ଏସସିବି ଆସୁନାହାନ୍ତି ହାଇଦ୍ରାବାଦ ସ୍ଥିତ ଏସିଆନ ଇନ୍ ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟୋଲୋଜି । ଫଳରେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଛି ଏସସିବି ଯକୃତ ପ୍ରତିରୋପଣ ବ୍ୟବସ୍ଥା । ଓପିଡି ମଧ୍ୟ ଏକ ପ୍ରକାର ବନ୍ଦ ରହିଛି । ପାଖାପାଖି ୫୦ ଜଣ ରୋଗୀ ଯେଉଁମାନେ ଯକୃତ ପ୍ରତିରୋପଣ ପାଇଁ ପଞ୍ଜୀକରଣ କରିଥିଲେ, ସେମାନଙ୍କ ମଧ୍ୟରୁ ଅନେକ ଆଖି ବୁଜିସାରିଲେଣି। ଏସ୍ ସିବି ଯକୃତ ପ୍ରତିରୋପଣ ବ୍ୟବସ୍ଥା ଓ ଓଟି ପାଇଁ ପାଖାପାଖି ୩୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । ଏତେ ଟଙ୍କା ଖର୍ଚ୍ଚ ପରେ କେବଳ ୨ଟି ପ୍ରତିରୋପଣ ହୋଇଛି। ଏମ୍‌ଓୟ ଅନୁସାରେ ଏଆଇଜି ଟିମ୍ ଆସୁନଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିପାରୁନାହିଁ । ଏସସିବିରେ ପ୍ରଥମ ଯକୃତ ପ୍ରତିରୋପଣ ଏପ୍ରିଲ ୩ ତାରିଖରେ ହୋଇଥିଲା । ଏହାପରେ ସେପ୍ଟେମ୍ବର ୯ ତାରିଖରେ ଦ୍ୱିତୀୟ ପ୍ରତିରୋପଣ କରାଯାଇଥିଲା। ନୟାଗଡ଼ର ମାନସ ମୁଦୁଲିଙ୍କୁ ତାଙ୍କ ପତ୍ନୀ ଛବି ଯକୃତ ଦାନ କରିଥିଲେ। ପ୍ରତିରୋପଣ ପରଠାରୁ ମାନସଙ୍କ ସ୍ୱାସ୍ଥ୍ୟାବସ୍ଥା ବିଭିନ୍ନ ସମୟରେ ଖରାପ ରହୁଥିଲା। ଜାନୁଆରୀ ୨୧ରୁ ମାନସ ଏସ୍ ସିବି ସେଣ୍ଟ୍ରାଲ ଆଇସିୟୁରେ ଚିକିତ୍ସିତ ହେଉଥିବାବେଳେ ଗତକାଲି ତାଙ୍କର ମୃତ୍ୟୁ ହୋଇଛି ।

## ନାବାଳିକାଙ୍କ ସହ ସମ୍ପର୍କ ରଖି ଜେଲ୍‌ଗଲେ ଯୁବକ

**ଜି.ଉଦୟଗିରି,୧୩।୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଜି. ଉଦୟଗିରି ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନାବାଳିକା (୧୩)ଙ୍କ ସହ ଶାରୀରିକ ସମ୍ପର୍କ ରଖି ଧରାପଡ଼ିବା ପରେ ଜଣେ ଯୁବକ ଜେଲ୍ ଯାଇଛନ୍ତି। ଖବରରୁ ଜଣାପଡ଼ିଛି, ଯୁବକ ଜଣକ ସମ୍ପୃକ୍ତା ନାବାଳିକାଙ୍କ ଘରେ ଓ ଦୋକାନରେ କାମ କରୁଥିଲେ। ପୀଡ଼ିତାଙ୍କ ମା'-ବାପାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ସେ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ନାବାଳିକା ଜଣଙ୍କ ଗର୍ଭବତୀ ହୋଇଥିଲେ। ପରିବାର ଲୋକେ ଗତ ୧୧ରେ ଘଟଣା ସମ୍ପର୍କରେ ନାବାଳିକାଙ୍କଠାରୁ ଜାଣିବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଥାନାଧିକାରୀ ଭଗବାନ ପୂଜାରୀ ମାମଲା ରୁଜୁ କରି ଏସ୍‌ଆଇ ସିଏଚ୍ କାମରାଜ ରେଡ୍ଡୀଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ତଦନ୍ତରୁ ନାବାଳିକାଙ୍କ ସହ ଯୁବକଙ୍କ ସମ୍ପର୍କ ସ୍ପଷ୍ଟ ହେବା ପରେ ତାଙ୍କୁ ପୋକ୍‌ସୋ ଆଇନ ଅନୁଯାୟୀ ନଂ.୨୮/୨୫ରେ ମାମଲା ରୁଜୁ କରି ବୁଧବାର ରାତିରେ ତାଙ୍କ ଘରୁ ଗିରଫ କରାଯାଇଥିଲା। ସମ୍ପୃକ୍ତ ଯୁବକଙ୍କୁ ଗୁରୁବାର ଫୁଲବାଣୀ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଥିବା ଜଣାପଡ଼ିଛି। ନାବାଳିକାଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ତାଙ୍କର ଫୁଲବାଣୀରେ ଡାକ୍ତରୀ ମାଇନା କରାଯାଇଥିବା ବେଳେ ଯୁବକଙ୍କ ଡାକ୍ତରୀ ମାଇନା ଜି. ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ କରାଯାଇଛି। ଘଟଣାର ତଦନ୍ତ କରି ପୀଡିତାଙ୍କୁ ସେ ଉପଯୁକ୍ତ ନ୍ୟାୟ ଦେବେ ବୋଲି ଗତକାଲି ଥାନାରେ ଯୋଗ ଦେଇଥିବା ନୂତନ ଥାନାଧିକାରୀ ତପନ ପତି କହିଛନ୍ତି।

## ପରିବାରକୁ ଫେରିଲେ ମହାକୁମ୍ଭରେ ହଜିଥିବା ଓଡ଼ିଆ ମହିଳା

**ଭୁବନେଶ୍ୱର,୧୩।୨(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲାରୁ ଜଣେ ମହିଳା ପରିବାର ସହ ମହାକୁମ୍ଭକୁ ଯାଇଥିଲେ। କିନ୍ତୁ ସେଠାରେ ସେ ଭିଡ଼ ଭିତରେ ହଜିଯାଇଥିଲେ। ତାଙ୍କ ପରିବାର ସଦସ୍ୟଙ୍କଠାରୁ ଅଲଗା ହୋଇଗଲେ। ତାଙ୍କ ପାଖରେ ମୋବାଇଲ୍ ନଥିଲା କି ସେ ହିନ୍ଦୀ କି ବା ଇଂରାଜୀରେ କଥାବାର୍ତ୍ତା କରିପାରୁଥିଲେ । ବେସାହାରା ହୋଇଯାଇଥିଲେ। ଅସହାୟ ଅବସ୍ଥାରେ ମନସ୍ତାପରେ ଥିଲେ। କାହାକୁ କହିବେ କ'ଣ କହିବେ, କିଛି ଭାବି ପାରୁନଥିଲେ। ତାଙ୍କ ସହ ଯାଇଥିବା ପରିବାରର ଅନ୍ୟ ସଦସ୍ୟମାନେ ବି ତାଙ୍କୁ ଖୋଜୁଥିଲେ। କିନ୍ତୁ ପାଉନଥିଲେ। ଲକ୍ଷ ଲକ୍ଷ ଲୋକଙ୍କ ଭିତରେ ଖୋଜି ପାଇବା ବି କଷ୍ଟକର ଥିଲା। ମହିଳା ଜଣଙ୍କ ଗୋଟିଏ କୋଣରେ ମନମାରି ବସିରହିଥିଲେ। ଭିଡ଼ ଭିତରେ ଓଏସ୍‌ଆର୍‌ଟିସିର ଜଣେ କର୍ମଚାରୀ ଦେଖିଥିଲେ ତାଙ୍କୁ ଓ ସେ ଓଡ଼ିଶାର ବୋଲି ଜାଣିବାକୁ ପାଇଥିଲେ। ତାଙ୍କ ଆଧାର କାର୍ଡରୁ ଠିକଣା ପାଇଁ ସେ ଓଏସ୍‌ଆର୍‌ଟିସି ମୁଖ୍ୟାଳୟ ସହ ଯୋଗାଯୋଗ କରିଥିଲେ। ମାଲକାନଗିରି ଜିଲ୍ଲା ପ୍ରଶାସନର ସହାୟତା ବି ନିଆଯାଇଥିଲା। ତାଙ୍କ ଗାଁରୁ ମିଳିଥିଲା ତାଙ୍କ ପରିବାରର ମୋବାଇଲ୍ ନମ୍ବର। ଏହି ମହିଳାଙ୍କୁ ଓଏସଆରଟିସି ବସରେ ଓଡ଼ିଶା ଆଣିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଥିଲା।

## ଉତ୍ତମଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ନବୀନ

### ମେଦାନ୍ତରେ ଭେଟିଲେ ଅନୁଭବ

**ଭୁବନେଶ୍ୱର,୧୩।୨(ସଂଚାର ବ୍ୟୁରୋ):** ଧିରେ ଧିରେ ସୁସ୍ଥ ହେଉଛନ୍ତି ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତି। ଗତ ସପ୍ତାହରେ ଲିଭର୍ ସିରୋସିସ୍ ସମସ୍ୟାରେ ପୀଡ଼ିତ ହେବା ପରେ ଭେଟେରାନ୍ ଓଲିଉଡ୍ ଅଭିନେତା ଉତ୍ତମ ମହାନ୍ତିଙ୍କୁ ଗୁର୍‌ଗାଓଁର ମେଦାନ୍ତ ହସ୍ପିଟାଲ୍‌କୁ ଏୟାରଲିଫ୍ଟ କରାଯାଇଥିଲା।



ତେବେ ସେଠାରେ ଉତ୍ତମଙ୍କ ଚିକିତ୍ସା ଚାଲିଥିବା ବେଳେ ଆଜି ରାଜ୍ୟ ବିରୋଧୀ ଦଳ ନେତା ତଥା ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ବାବୁସାନଙ୍କ ସହ ଭିଡିଓ କଲ୍‌ରେ କଥା ହେବା ସହ ନବୀନ ବର୍ଷୀୟାନ୍ କଳାକାରଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଭିଡିଓ କଲ୍‌ରେ ବାବୁସାନ୍ ନବୀନଙ୍କୁ ତାଙ୍କ ବାପା ଧୀରେ ଧୀରେ ସୁସ୍ଥ ହେଉଥିବା କହିଛନ୍ତି। ଅନ୍ୟପକ୍ଷରେ ବଲିଉଡ୍ ଅଭିନେତା ଅନୁଭବ ମହାନ୍ତି ମଧ୍ୟ ଗୁର୍‌ଗାଓଁର ମେଦାନ୍ତ ହସ୍ପିଟାଲରେ ବ୍ୟକ୍ତିଗତ ଭାବେ ପହଞ୍ଚି ଉତ୍ତମଙ୍କୁ ଭେଟିଥିବା ଜଣାପଡ଼ିଛି। ଏଥିସହ ସେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବାବୁସାନଙ୍କ ସହ ମଧ୍ୟ କଥା ହୋଇଥିବା ଖବର ମିଳିଛି। ସୂଚନାଯୋଗ୍ୟ ଯେ ଉତ୍ତମ ଲିଭର ସିରୋସିସରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। କିନ୍ତୁ ତାଙ୍କ ପାଇଁ ଅଧିକ ଉତ୍ତମ ମାନର ଚିକିତ୍ସା ଆବଶ୍ୟକ ଥିବାରୁ ତାଙ୍କୁ ଶେଷରେ ଗୁର୍‌ଗାଓଁର ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉତ୍ତମ ଏକ ଫିଲ୍ମର ଶୁଟିଂ ପାଇଁ ବାହାରକୁ ଯାଇଥିବା ସମୟରେ ହଠାତ୍ ସେଠାରେ ତାଙ୍କର ଦେହ ଖରାପ ହୋଇଥିଲା। ତା'ପରେ ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଓ ତାଙ୍କର ଚିକିତ୍ସା ଜାରି ରହିଥିଲା। କିନ୍ତୁ ପୁଣି ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ପରବର୍ତ୍ତୀ ସମୟରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କର ଆଇସିୟୁରେ ଚିକିତ୍ସା ଜାରି ରହିଥିଲା। ତେବେ ପାଖାପାଖି ୧୫୦ ଚଳଚ୍ଚିତ୍ରରେ ଅଭିନୟ କରିଥିବା ଏହି ଭେଟେରାନ୍ ଅଭିନେତାଙ୍କ ଅସୁସ୍ଥତା ଖବର ପ୍ରଚାର ହେବା ପରେ ତାଙ୍କ ଫ୍ୟାନ୍‌ମାନେ ବ୍ୟସ୍ତ ହୋଇପଡ଼ିଥିଲେ। ଏଥିସହ ଫ୍ୟାନ୍ ଓ ସେଲିବ୍ରିଟିମାନେ ତାଙ୍କର ଆଶୁ ଆରୋଗ କାମନା କରିଛନ୍ତି।

### ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ମାମଲା

## ଧରାପଡ଼ିଲା ମୁଖ୍ୟ ଅଭିଯୁକ୍ତ, ଗୁଗଲ୍‌ରୁ ପାଇଥିଲା ଠିକଣା

**ଭୁବନେଶ୍ୱର,୧୩।୨(ସଂଚାର ବ୍ୟୁରୋ):** ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଗତ ମାସ ୨୫ ତାରିଖ ବିଳମ୍ବିତ ରାତିରେ ପାଖାପାଖି ୫୩ ଲକ୍ଷ ଟଙ୍କାର ଚୋରି ହୋଇଥିବା ବେଳେ ଏନେଇ ଆଜି କମିଶନରେଟ୍ ପୁଲିସ୍‌କୁ ସଫଳତା ମିଳିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସ୍ପାଇଡର୍ ଶକ୍ତି ଓରଫ୍ କେ. ସତୀ ରେଡ୍ଡୀଙ୍କୁ ଆଜି ବିଶାଖାପାଟଣାରୁ ଗିରଫ କରାଯାଇଛି। ଚୋରି ସମୟରେ ସ୍ପାଇଡର୍ ମୁହଁରେ ମାସ୍କ ଓ ହାତରେ ଗ୍ଲୋଭ୍‌ସ ପିନ୍ଧିଥିଲା। ତେଣୁ ପୁଲିସ୍ ପାଖରେ ଚୋରି ଘଟଣାରେ ତା'ର ସମ୍ପୃକ୍ତି ନେଇ ପ୍ରାଥମିକ ପର୍ଯ୍ୟାୟରେ କୌଣସି ପ୍ରମାଣ ନଥିଲା। ତେବେ ଚୋରି ଘଟଣାର ପର୍ଦ୍ଦାଫାସ୍ କରିବା ସକାଶେ ପୁଲିସ୍ ଏକାଧିକ ଟିମ ଗଠନ କରିବା ସହ ତଦନ୍ତକୁ ବ୍ୟାପକ କରିଥିଲା। ଅଭିଯୁକ୍ତ ପାଖରେ ପହଞ୍ଚିବାକୁ ୪୦୦ ସିସିଟିଭି ଯାଞ୍ଚ କରିବା ସହ ପୁଲିସ୍ ୧୦ ହଜାର ମୋବାଇଲ ଫୋନ ଓ ୫୦ ହଜାର ଲୋକଙ୍କ ବ୍ୟାକଗ୍ରାଉଣ୍ଡ ଯାଞ୍ଚ କରିଥିବା ପୁଲିସ୍ କମିଶନର ଏସ. ଦେବଦତ୍ତ ସିଂହ କହିଛନ୍ତି। ତାଙ୍କ କହିବାନୁସାରେ, ନିରଞ୍ଜନଙ୍କ ଘରୁ ଚୋରି କରିବା ପରେ ଏକାଧିକ କାର ଚେଞ୍ଜ କରି ଲୁଟେରା ଜଣଙ୍କ ଆନ୍ଧ୍ରପ୍ରଦେଶ ପଳାଇଥିଲା। ତାକୁ ଧରିବା ପାଇଁ ଆନ୍ଧ୍ରରେ ଓଡ଼ିଶା ପୁଲିସ ଟିମ ଡେରା ପକାଇଥିଲା। ଓଡ଼ିଶା, ତେଲେଙ୍ଗାନା, ଆନ୍ଧ୍ର , କେରଳରେ ଥିବା ଜେଲଗୁଡିକରେ ମଧ୍ୟ ପୁଲିସ ଯାଞ୍ଚ କରିଥିଲା। କାରଣ ଲୁଟ୍ କରିବା ପୂର୍ବରୁ କେରଳର ଏକ ଜେଲରେ ଏହି ଲୁଟେରା ଜଣକ ସଜା କାଟିଥିଲା। ବିଭିନ୍ନ ରାଜ୍ୟରେ ତା' ନାଁରେ ୧୭ରୁ ଊର୍ଦ୍ଧ୍ୱ ମାମଲା ରହିଛି ବୋଲି କମିଶନର୍ କହିବା ସହ ଲୁଟେରା ଜଣକ ବେଶ୍ ସହଜରେ କାଷ୍ଠ ଡେଇଁ ଚୋରି କରିବାର କ୍ଷମତା ରଖେ ବୋଲି ସୂଚନା ଦେଇଛନ୍ତି। ଅଭିଯୁକ୍ତ ପାଖରୁ ଚୋରି ସୁନାଗହଣା ଜବତ କରାଯାଇଛି। ସେଥିରେ ବ୍ୟାପକ ମାତ୍ରାରେ ହୀରା ଗହଣା ମଧ୍ୟ ରହିଛି। ସେହିପରି ନଗଦ ୭ ଲକ୍ଷ ଟଙ୍କା ସହ ପାଖାପାଖି ଏକ କୋଟି ଟଙ୍କାର ହୀରା ଓ ସୁନା ଗହଣା ଏବଂ ଗୋଟିଏ କାର୍ ଜବତ ହୋଇଛି। ଏହି ଲୁଟେରା ୨ ବର୍ଷ ପୂର୍ବରୁ ଅର୍ଥାତ ଗତ ୨୦୨୩ରେ ଏଆର୍‌ଏସ୍‌ଏସ୍ ମାଲିକଙ୍କ ଘରୁ ମଧ୍ୟ କୋଟି କୋଟି ଟଙ୍କା ଲୁଟ୍ କରିଥିଲା। ଆହୁରି ଚୋରି ସମୟରେ ସେ ବ୍ୟବହାର କରିଥିବା ଟର୍ଚ୍ଚ ଲାଇଟ୍ ଓ ମୋବାଇଲ ଫୋନକୁ ବି ପୁଲିସ୍ ଜବତ କରିଛି। ଚୋରି ସମୟରେ ସେ ପିନ୍ଧିଥିବା ଡ୍ରେସ ଜବତ କରାଯିବା ସହ ଲୁଟେରା ଜଣକ ଚୋରି କରିବା ସକାଶେ ଗୁଗଲ୍ ମାଧ୍ୟମରେ ନିରଞ୍ଜନଙ୍କ ଘର ଠିକଣା ହାସଲ କରିଥିବା କମିଶନର୍ ଶ୍ରୀ ସିଂହ କହିଛନ୍ତି।





ସେ ସର୍ବପ୍ରଥମେ ଭିଆଇପି ଏରିଆ ସର୍ଚ୍ଚ କରି ସେଠାରେ ରେକି କରିଥାଏ। ରେକି ସମୟରେ ଯେଉଁ ଘରଗୁଡ଼ିକରେ ଝରକା ସ୍ଲାଇଡିଂ ଥାଏ, ସେପରି ଘରକୁ ଟାର୍ଗେଟ୍ କରିଥାଏ। ତିନି ମାସେ ତଳେ ସେ ଆନ୍ଧ୍ର ଜେଲ୍‌ରୁ ମୁକୁଳିଥିଲା। ଏହାପରେ ସେ ବେଙ୍ଗାଲୁରରେ ଜଣେ ମନ୍ତ୍ରୀଙ୍କ ଘରେ ଲୁଟ୍‌ପାଟ କରିଥିଲା। ତେବେ ସେଠାକାର ପୁଲିସ୍ ଲୁଟେରା ସମ୍ପର୍କରେ କୌଣସି ଟେର୍ ପାଇବା ପୂର୍ବରୁ ସେ ନିରଞ୍ଜନଙ୍କ ଘରୁ ଚୋରି କରିଥିଲା। ତେବେ ଉକ୍ତ ଲୁଟ୍‌ର ୧୯ ଦିନ ପରେ ଶେଷରେ ପୁଲିସ୍ ଏହାର ପର୍ଦ୍ଦାଫାସ୍ କରିପାରିଛି। ଅଧିକ ପଚାରଉଚରା ପାଇଁ ଗିରଫ ଲୁଟେରାକୁ କମିଶନରେଟ୍ ପୁଲିସ୍ ରିମାଣ୍ଡରେ ଆଣିବ ଶ୍ରୀ ସିଂହ କହିଛନ୍ତି।

# ନନ୍ଦନକାନନରେ ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି

- ହାତୀଙ୍କ ପାଇଁ ଶାୱାର ବ୍ୟବସ୍ଥା
- ମାଂସାସୀଙ୍କ ପାଇଁ ମାଂସ ଆଇସକ୍ରିମ୍
- ଖୁଆଡ଼ ମୁହଁରେ କୁଲର୍
- ପର୍ଯ୍ୟଟକଙ୍କ ପାଇଁ ବ୍ୟାପକ ପାନୀୟ ଜଳ ବ୍ୟବସ୍ଥା




**ଭୁବନେଶ୍ୱର,୧୩।୨(ସଂଚାର ବ୍ୟୁରୋ):** ଇତିମଧ୍ୟରେ ଶୀତଦିନ ସରିଯାଇଛି ଓ ଧୀରେ ଧୀରେ ଖରାର ପ୍ରକୋପ ବଢ଼ିଚାଲିଛି। ଏପରି ସ୍ଥିତିରେ ଜାତୀୟ ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଜୀବଜନ୍ତୁଙ୍କୁ ଗ୍ରୀଷ୍ମ ପ୍ରବାହରୁ ମୁକ୍ତି ଦେବା ସକାଶେ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ଆଗୁଆ ପଦକ୍ଷେପ ନେଇଛନ୍ତି। ଜୀବଜନ୍ତୁ ବସବାସ କରୁଥିବା ଖୁଆଡ଼କୁ ଥଣ୍ଡା ରଖିବା ସକାଶେ ସ୍ୱତନ୍ତ୍ର ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରାଣୀ ଉଦ୍ୟାନରେ ଥିବା ୩୧୮ଟି ଖୁଆଡ଼ରେ ୧୭୩ ପ୍ରଜାତିର ମୋଟ ୩୯୬୪ ଜୀବଜନ୍ତୁ ରହୁଛନ୍ତି। ସେମାନଙ୍କ ମଧ୍ୟରେ ୧୧୦ଟି ଭାରତୀୟ ଓ ୬୩ଟି ବିଦେଶୀ ପ୍ରଜାତିର ଜୀବଜନ୍ତୁ ଅନ୍ତର୍ଭୁକ୍ତ। ସେଥିରେ ୫୭ ପ୍ରଜାତିର ସ୍ତନ୍ୟପାୟୀ, ୮୦ ପ୍ରଜାତିର ପକ୍ଷୀ, ୩୦ ପ୍ରଜାତିର ସରୀସୃପ ଓ ୬ ପ୍ରଜାତିର ଉଭୟଚର ପ୍ରାଣୀ ଅଛନ୍ତି। ଜୀବଜନ୍ତୁମାନଙ୍କୁ ଖରାରୁ ଆଶ୍ୱସ୍ତି ଦେବା ସକାଶେ ପ୍ରତ୍ୟେକ ଖୁଆଡ଼ ଉପରେ ନଡ଼ାଛପର କରାଯାଇଛି। ଖୁଆଡ଼ ପାର୍ଶ୍ୱରେ ବେଣା ଚେର ଲଗାଯାଉଛି। ଆହୁରି ବାହାର ଖୁଆଡ଼ ଓ ପାଣିକୁଣ୍ଡ ଉପରେ ଛାମୁଣ୍ଡିଆ କରାଯାଉଛି। ଅଧିକ ଗରମ ହେଲେ ଖୁଆଡ଼ରେ ବରଫ ରଖିବା ସହ ବେଣାଚେରରେ ପାଣି ସିଞ୍ଚନ କରାଯିବ। ପ୍ରାୟ ସବୁ ଜୀବଜନ୍ତୁଙ୍କୁ ଥଣ୍ଡା ଜାତୀୟ ଖାଦ୍ୟ ଯଥା କାକୁଡ଼ି ଓ ତରଭୁଜ ସହ ଥଣ୍ଡା ପାନୀୟ ଦିଆଯିବ। ଏପରିକି ହାତୀଙ୍କ ମୁଣ୍ଡ ଥଣ୍ଡା ରଖିବା ପାଇଁ ସେମାନଙ୍କ ମୁଣ୍ଡରେ ଜଡ଼ାତେଲ ଲଗାଯିବାର ବ୍ୟବସ୍ଥା ହୋଇଛି। ଆହୁରି ପ୍ରତ୍ୟହ ପୋଖରୀରେ ହାତୀମାନଙ୍କୁ ଗାଧୋଇ ଦିଆଯିବାକୁ ନିଷ୍ପତ୍ତି ହୋଇଥିବା କର୍ତ୍ତୃପକ୍ଷ କହିଛନ୍ତି।

ସୂଚନାନୁସାରେ, ଗରମ ସହି ପାରୁନଥିବା ଜନ୍ତୁଙ୍କ ମଧ୍ୟରେ ସିମ୍ପାଞ୍ଜି, ହୁଲୁକ ଗିବନ, ବିଦେଶୀ ମାଙ୍କଡ଼ ଓ ବଜ୍ରକାପ୍ତା ଆଦି ରହିଛନ୍ତି। ସେମାନଙ୍କୁ ଗରମରୁ ରକ୍ଷା କରିବା ସକାଶେ ସେମାନଙ୍କ ଖୁଆଡ଼ ଦୁଆର ମୁହଁରେ କୁଲର ଲଗାଯାଇଛି। ଜଳ ଜାତୀୟ ଖାଦ୍ୟ ସହ ଫଳକୁ ବରଫ କରି ଖାଇବାକୁ ଦିଆଯିବାର ବ୍ୟବସ୍ଥା କରାଯିବ। ଆହୁରି ତୃଣଭୋଜି ପ୍ରାଣୀଙ୍କ ଖୁଆଡ଼ ଚାରିପାଖରେ ନେଟ୍ ବନ୍ଧାଯାଇ ପାଣି ସିଞ୍ଚନ କରାଯିବ। ବାଘ, ସିଂହ ଭଳି ମାଂସାସୀ ପ୍ରାଣୀମାନଙ୍କୁ ମାଂସକୁ ବରଫ କରି ଦିଆଯିବ। ଭାଲୁଙ୍କ ଲାଗି ଉଦ୍ଦିଷ୍ଟ ଫିଡିଂ ଚାମ୍ବରରେ ବରଫ ଖଣ୍ଡ ରଖାଯିବା ସହ ପାଣିକୁଣ୍ଡରେ ବରଫ ପକାଯାଉଛି। ଆହୁରି ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପାଣି ସିଞ୍ଚନ କରାଯିବ। ଚଢ଼େଇଙ୍କୁ ବିଭିନ୍ନ ପ୍ରକାର ମିଠା ଫଳ, ତରଭୁଜକୁ ଥଣ୍ଡା କରି ଖାଇବାକୁ ଦିଆଯିବ। ଗାଧୋଇବା ପାଇଁ ଖୁଆଡ଼ ମଧ୍ୟରେ ବଡ଼ ପାତ୍ରରେ ପାଣି ରଖାଯିବ। କିଛି ପ୍ରାଣୀଙ୍କୁ ଅଂଶୁଘାତ ହେବାର ଆଶଙ୍କା ରହିଥିବା ବେଳେ ସେମାନଙ୍କ ପାଇଁ ଓଆରଏସ୍ ପାଣି ଓ ବିଭିନ୍ନ ଫଳକୁ ଅଧିକ ଥଣ୍ଡା କରି ଖାଇବାକୁ ଦିଆଯିବାର ବ୍ୟବସ୍ଥା ହୋଇଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଟଙ୍କା ଆଗରେ ମୁଣ୍ଡ ନୁଆଁଇଲା ଡଲାର

**ନୂଆଦିଲ୍ଲୀ,୧୩।୨:** ଭାରତୀୟ ଟଙ୍କା ଲଗାତାର ତୃତୀୟ ଦିନ ପାଇଁ ଡଲାରଠାରୁ ଉପରକୁ ଉଠିଛି। ଅନ୍ୟ ଏସୀୟ ମୁଦ୍ରା ତୁଳନାରେ, ଟଙ୍କା ସାମ୍ପ୍ରତିକ ସମୟରେ ଡଲାର ତୁଳନାରେ ଅଧିକ ଶକ୍ତି ଦେଖାଇଛି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ଧାରା ଗୁରୁବାର ମଧ ଦେଖିବାକୁ ମିଳୁଛି। ବୁଧବାର ପ୍ରଥମ ଭାଗରେ ଟଙ୍କା କାରବାର ଭଲ ରହିଥିବା ବେଳେ ପରେ ତାହା ହ୍ରାସ ପାଉଥିବା ଦେଖାଯାଇଥିଲା। ତେବେ RBIର ହସ୍ତକ୍ଷେପ ଏବଂ ଭାରତରେ ମୁଦ୍ରାସ୍ଫୀତି ସଂଖ୍ୟାରେ ହ୍ରାସ ଏବଂ ଆମେରିକାରେ ମଧ ମୁଦ୍ରାସ୍ଫୀତି ସଂଖ୍ୟା ଆଶାଠାରୁ ଅଧିକ ଥିବାରୁ ଡଲାର ତୁଳନାରେ ଟଙ୍କା ବୃଦ୍ଧି ପାଉଛି। ବିଶେଷଜ୍ଞଙ୍କ ମତରେ ଆଗାମୀ ଦିନରେ ଏହି ବୃଦ୍ଧି ଧାରା ଜାରି ରହିପାରେ। ବିଶେଷ କଥା ହେଉଛି ଏସିଆର ଅନ୍ୟ ମୁଦ୍ରା ଯେପରିକି ଚାଇନା ହେଉ କିମ୍ବା ଜାପାନ ଏଯାବତ ଡଲାର ବିପକ୍ଷରେ ଭାରତୀୟ ଟଙ୍କା ଦେଖାଇଥିବା ଭଳି ସାହସ ଦେଖାଇପାରି ନାହାନ୍ତି। ମଙ୍ଗଳବାର ଭାରତୀୟ ଟଙ୍କା ପ୍ରାୟ ୧% ବୃଦ୍ଧି ପାଇଥିଲା, ଯାହା ଦୁଇ ବର୍ଷ ମଧରେ ସବୁଠାରୁ ବଡ଼ ବୃଦ୍ଧି ଥିଲା। ବୁଧବାର ମଧ ଡଲାର ତୁଳନାରେ ଟଙ୍କା ୨୭ ପଇସା ମଜବୁତ ହୋଇଥିବା ଦେଖାଯାଇଥିଲା। ଗୁରୁବାର ମଧ ଡଲାର ତୁଳନାରେ ଟଙ୍କା ୧୪ ପଇସା ବୃଦ୍ଧି ପାଇଛି। ଆମେରିକୀୟ ଡଲାରର ଦୁର୍ବଳତା ଏବଂ




ବିଦେଶରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ଯୋଗୁ ଗୁରୁବାର ପ୍ରାରମ୍ଭିକ କାରବାରରେ ଟଙ୍କା ଆମେରିକୀୟ ଡଲାର ତୁଳନାରେ ୧୪ ପଇସା ବୃଦ୍ଧି ପାଇ ୮୬.୮୧ ରେ ପହଞ୍ଚିଛି। ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରାରେ ଟଙ୍କା ୮୬.୮୨ ରେ ଶକ୍ତିଶାଳୀ ହୋଇ ଖୋଲିଥିଲା ଏବଂ ପ୍ରାରମ୍ଭିକ କାରବାର ସମୟରେ ଗ୍ରୀନବ୍ୟାକ ତୁଳନାରେ ଆହୁରି ବୃଦ୍ଧି ପାଇ ୮୬.୮୧ ରେ ପହଞ୍ଚିଥିଲା, ଯାହା ପୂର୍ବ ବନ୍ଦ ତୁଳନାରେ ୧୪ ପଇସା ଅଧିକ ଥିଲା। ବୁଧବାର ଦିନ ଡଲାର ତୁଳନାରେ ଟଙ୍କା ୧୬ ପଇସା ହ୍ରାସ ପାଇ ୮୬.୯୫ ରେ ବନ୍ଦ ହୋଇଥିଲା। ମଙ୍ଗଳବାର ପୂର୍ବ ଅଧିବେଶନରେ, ଟଙ୍କା ଗ୍ରୀନବ୍ୟାକ ତୁଳନାରେ ୬୬ ପଇସା ବୃଦ୍ଧି ପାଇ ୮୬.୭୯ ରେ ବନ୍ଦ ହୋଇଥିଲା, ଯାହା ୩ ମାର୍ଚ୍ଚ, ୨୦୨୩ ପରଠାରୁ ସର୍ବାଧିକ ଦିନିକିଆ ବୃଦ୍ଧି ପାଉଥିବା ରେକର୍ଡ କରିଥିଲା।

ସେହିଭଳି ଆମେରିକୀୟ ଡଲାର ସୂଚକାଙ୍କରେ ହ୍ରାସ ପରିଲକ୍ଷିତ ହେଉଛି। ଡଲାର ବିନିମୟ ୦.୨୨ ପ୍ରତିଶତ ହ୍ରାସ ପାଇ ୧୦୭.୫୯ ରେ କାରବାର କରୁଛି। ବିଶେଷଜ୍ଞଙ୍କ ମତରେ, ବର୍ତ୍ତମାନ ମୁଦ୍ରା ବଜାର ବହୁତ ଅସ୍ଥିର। ଆଗାମୀ ଦିନରେ ଡଲାର ଏବଂ ଟଙ୍କା ମଧରେ ଅସ୍ଥିରତା ଜାରି ରହିପାରେ। ଏହାର ମୁଖ୍ୟ କାରଣ ହେଉଛି ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଣିଜ୍ୟ ଯୁଦ୍ଧ।



## ବଢ଼ିଲା ସୁନା ରେଟ୍

ବିବାହ ତିଥି ଆସିଯାଇଛି। ତେଣୁ ଗତ କିଛି ଦିନ ହେଲା ହୁ ହୁ ହୋଇ ବଢି ଚାଲିଛି ସୁନା ଦର। ଏହାକୁ ନେଇ ଚିନ୍ତାରେ ଗ୍ରାହକ। କିନ୍ତୁ ଆଜି ସୁନା ଦରରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୭ ହଜାର ୬୭୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୭୯ ହଜାର ୮୦୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୭୯ ହଜାର ୮୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୭ ହଜାର ୦୫୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୯,୮୦୦ ଟଙ୍କା ଓ ୮୭,୦୫୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୯, ୯୫୦ ଟଙ୍କା ଓ ୮୭, ୨୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୯,୮୦୦ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୭, ୦୫୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୯,୮୦୦ ଟଙ୍କା ଓ ୮୭,୦୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୯, ୫୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ପାରାଦୀପରେ ହେବ ନୂଆ ବିମାନବନ୍ଦର

### ଜମି ଚିହ୍ନଟ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର ୧୩।୨:** ବନ୍ଦର ସହର ପାରାଦୀପରେ ଏକ ନୂଆ ବିମାନବନ୍ଦର ସ୍ଥାପନ କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ସେଥିପାଇଁ ଜମି ଚିହ୍ନଟ କରିବା ଓ ଫିଜିବିଲିଟି ଷ୍ଟଡି କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଲୋକସେବା ଭବନରେ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ତୃତୀୟ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ବୈଠକରେ ଏନେଇ ଆଲୋଚନା ହୋଇଛି। ଅର୍ଥନୈତିକ ବିକାଶ, ପର୍ଯ୍ୟଟନ ଓ ବିମାନ ସଂଯୋଗ ଜରିଆରେ ଏକ ସଶକ୍ତ ଓଡ଼ିଶା ଗଠନ ଦିଗରେ ବିମାନ ଚଳାଚଳ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଶ୍ରୀ ଆହୁଜା ଆଲୋକପାତ କରିଥିଲେ। ଏହି ବୈଠକରେ ବେସାମରିକ ବିମାନ ଚଳାଚଳ ସମ୍ପର୍କିତ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା। ବିକଶିତ ଓଡ଼ିଶା ଲକ୍ଷ୍ୟ ଅନୁସାରେ ରାଜ୍ୟର ବିମାନ ଚଳାଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ସରକାର ଗୁରୁତ୍ୱ ଦେଉଥିବା କହିଛନ୍ତି। ପୁରୀରେ ଶ୍ରୀ ଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ସମ୍ପର୍କରେ ମଧ ବୈଠକରେ ଆଲୋଚନା ହୋଇଥିଲା।

ଜୟପୁର, ଅମର୍ଦା ରୋଡ୍ ଓ ଉତ୍କେଲାରେ ବିମାନବନ୍ଦର ପାଇଁ ଜମି ଅଧିଗ୍ରହଣ ଓ ଜଙ୍ଗଲ ମଞ୍ଜୁରିକୁ ନେଇ ଯେଉଁ ସମସ୍ୟା ରହିଥିଲା, ସେଗୁଡ଼ିକର ସମାଧାନ କରାଯାଇଥିବା ବୈଠକରୁ ଜଣାପଡ଼ିଛି। ପୂର୍ତ୍ତ ବିଭାଗ ନୋଡାଲ୍ ଏଜେନ୍ସି ଭାବେ ଏହି କାର୍ଯ୍ୟ ତ୍ୱରାନ୍ୱିତ କରିଥିଲା। ଜୟପୁର, ମାଲକାନଗିରି ଓ ଝାରସୁଗୁଡ଼ା ଭଳି ଅଞ୍ଚଳ ମଧରେ ଛୋଟ ବିମାନ ଚଳାଚଳ ବଢ଼ାଇବା ପାଇଁ ସଂଶୋଧିତ କ୍ଷୁଦ୍ର ବିମାନ ସ୍କିମ୍ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଓଡ଼ିଶାରୁ ଦେଶ ଭିତରେ ଓ ବିଦେଶର ବିଭିନ୍ନ ସ୍ଥାନକୁ ବିମାନ ଜରିଆରେ ଯୋଡ଼ିବା ଲାଗି ଇଣ୍ଡିଗୋ, ଆଲାଏନ୍ସ ଏୟାର ଓ ଇଣ୍ଡିଆୱାନ୍ ଏୟାର୍‌କୁ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ (ଭିଜିପି) ଜରିଆରେ ଦିଆଯାଇଥିବା ଆର୍ଥିକ ସହାୟତା ଉପରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଆଲୋକପାତ କରିଥିଲେ। ବିମାନ ଚଳାଚଳ କ୍ଷେତ୍ରର ଦକ୍ଷ ଶ୍ରମଶକ୍ତି ଆବଶ୍ୟକତା ପୂରଣ କରିବା ଲାଗି ଚନ୍ଦକାରେ ଆଭିଏସନ୍ ସିକ୍ୟୁରିଟି ଟ୍ରେନିଂ ଇନଷ୍ଟିଚ୍ୟୁଟ୍ ସ୍ଥାପନ କରାଯାଉଥିବା ସେ କହିଥିଲେ। ବିମାନ ଚଳାଚଳ ନିର୍ଦ୍ଦେଶାଳୟର ପୁନର୍ଗଠନ ଉପରେ ମଧ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ବିଭାଗ, ଇଡ୍‌କୋ ଓ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଖୁଚୁରା ମୁଦ୍ରାସ୍ଫୀତି ୬.୦୫%କୁ ହ୍ରାସ ସହର ଦରଦାମ୍ ଗାଁଠୁ ଉନ୍ନତ

**ଭୁବନେଶ୍ୱର, ୧୩।୨:** ଚଳିତ ବର୍ଷ ଜାନୁଆରିରେ ଖାଦ୍ୟ ସାମଗ୍ରୀ ଦର କମିବାରୁ ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ହାର ୪.୩୧ ପ୍ରତିଶତକୁ ହ୍ରାସ ପାଇଛି। ଓଡ଼ିଶାରେ ମଧ ଏହି ମୁଦ୍ରାସ୍ଫୀତି ୬.୦୫ ପ୍ରତିଶତକୁ ଖସିଛି। ୨୦୨୪ ଡିସେମ୍ବରରେ ତାହା ୬.୯୭ ପ୍ରତିଶତ ଥିଲା। କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ ଓଡ଼ିଶାର ଦରଦାମ୍‌ରେ ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ସହରାଞ୍ଚଳରେ ଦରଦାମ୍ ଗାଁଠାରୁ ଯଥେଷ୍ଟ ଉନ୍ନତ ସ୍ଥିତିରେ ରହିଛି। ଅର୍ଥାତ ସହରରେ ବାସ କରୁଥିବା ଲୋକମାନଙ୍କ ପାଇଁ ଦରବୃଦ୍ଧି କମ୍ ରହୁଥିବା ବେଳେ ଗାଁ ଲୋକଙ୍କୁ ଜିନିଷ କିଣିବା ଲାଗି ଅଧିକ ଟଙ୍କା ଗଣିବାକୁ ପଡୁଛି। ଜାନୁଆରିରେ ଓଡ଼ିଶାର ସହରାଞ୍ଚଳ ମୁଦ୍ରାସ୍ଫୀତି ୪.୦୭ ପ୍ରତିଶତ ରହିଛି ଯାହା ଦେଶର ମୁଦ୍ରାସ୍ଫୀତି ୪.୩୧ ପ୍ରତିଶତଠାରୁ କମ୍, କିନ୍ତୁ ଦେଶର ସହରାଞ୍ଚଳ ମୁଦ୍ରାସ୍ଫୀତି ୩.୮୭ ପ୍ରତିଶତଠାରୁ ସାମାନ୍ୟ ଅଧିକ। କିନ୍ତୁ ରାଜ୍ୟର ଗ୍ରାମୀଣ ମୁଦ୍ରାସ୍ଫୀତି ହାର ୬.୭୯ ପ୍ରତିଶତ ରହିଛି ଯାହା ଦେଶର ଗ୍ରାମୀଣ ମୁଦ୍ରାସ୍ଫୀତି ହାର ୪.୬୪ ପ୍ରତିଶତଠାରୁ ଯଥେଷ୍ଟ ଅଧିକ। ସାମଗ୍ରିକ ଖୁଚୁରା ମୁଦ୍ରାସ୍ଫୀତି ଅନୁଯାୟୀ ଗତ ଜାନୁଆରିରେ ଓଡ଼ିଶା ଥିଲା ମଣିପୁର (୭.୪୧%) ଓ କେରଳ (୬.୭୫%) ପଛକୁ ଦେଶର ତୃତୀୟ ମହଙ୍ଗା ବଜାର। ଏହି ଦୁଇ ରାଜ୍ୟକୁ ବାଦ୍ ଦେଲେ ଅନ୍ୟ କୌଣସି ରାଜ୍ୟର ମୁଦ୍ରାସ୍ଫୀତି ୬ ପ୍ରତିଶତରୁ ଅଧିକ ନାହିଁ। ଦିଲ୍ଲୀର ମୁଦ୍ରାସ୍ଫୀତି ସର୍ବନିମ୍ନ ୨.୦୨ ପ୍ରତିଶତ ରହିଛି। ଆଠଟି ରାଜ୍ୟରେ ଖୁଚୁରା ମୁଦ୍ରାସ୍ଫୀତି ୫ ପ୍ରତିଶତରୁ ଅଧିକ ରହିଛି। ଛତିଶଗଡ଼ ମୁଦ୍ରାସ୍ଫୀତି ୫.୮ ପ୍ରତିଶତ, ବିହାରରେ ୫.୧ ପ୍ରତିଶତ ଓ ହରିୟାଣାରେ ୫ ପ୍ରତିଶତ ରହିଛି।




ଜାତୀୟ ସ୍ତରରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ହାର ୫ ମାସର ସର୍ବନିମ୍ନ ସ୍ତରକୁ ହ୍ରାସ ପାଇଛି। ଅନ୍ୟ ପକ୍ଷରେ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ହାରରେ ୦.୨୫ ପ୍ରତିଶତ ହ୍ରାସ ଘୋଷଣା କରିବା ପରେ ଦରଦାମ୍ ଆହୁରି କମ୍ ହେବାର ସମ୍ଭାବନା ଦେଖାଦେଇଛି। ଗତବର୍ଷ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୬.୨ ପ୍ରତିଶତ ଭଳି ଉଚ୍ଚ ସ୍ତରକୁ ଚାଲିଯାଇଥିଲା। ଜାନୁଆରି ମୁଦ୍ରାସ୍ଫୀତି ତଥ୍ୟରେ ଅନ୍ୟତମ ରୋଚକ ବିଷୟ ହେଉଛି ପ୍ରାୟ ସବୁ ରାଜ୍ୟରେ ଦରଦାମ୍ କମିଥିବା ବେଳେ କେରଳ ଓ ଗୋଆରେ ବଢ଼ିଛି।

## ପିଏନ୍‌ବି ଘୋଟାଲାର ଅଭିଯୁକ୍ତ ମେହୁଲ ଚୋକସି କ୍ୟାନସରରେ ପୀଡ଼ିତ

### ବେଲଜିୟମରେ ଚାଲିଛି ଚିକିତ୍ସା

**ବ୍ରସେଲ୍ସ,୧୩।୨:** ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଋଣ ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକସି ବର୍ତ୍ତମାନ କର୍କଟ ରୋଗର ଚିକିତ୍ସା ପାଇଁ ବେଲଜିୟମରେ ଅଛନ୍ତି। ମଙ୍ଗଳବାର (୧୧ ଫେବୃଆରୀ, ୨୦୨୫) ଏଠାରେ ଏକ ସ୍ୱତନ୍ତ୍ର ଅଦାଲତକୁ ଏହି ସୂଚନା ଦିଆଯାଇଛି।

ମେହୁଲ ଚୋକସିଙ୍କ ପକ୍ଷରୁ ହାଜର ହୋଇଥିବା ଓକିଲ ବିଜୟ ଅଗ୍ରୱାଲ କୋର୍ଟକୁ କହିଥିଲେ ଯେ ସେ ଚୋକସିଙ୍କ କିଛି ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ତଥ୍ୟ ରେକର୍ଡରେ ରଖିବା ପାଇଁ ଏକ ଆବେଦନ ଦାଖଲ କରିବାକୁ ଚାହୁଁଛନ୍ତି। ସେ କୋର୍ଟକୁ କହିଥିଲେ ଯେ ଚୋକସି ବର୍ତ୍ତମାନ ଚିକିତ୍ସା ପାଇଁ ବେଲଜିୟମରେ ଅଛନ୍ତି।

ବିଜୟ ଅଗ୍ରୱାଲ କୋର୍ଟକୁ କହିଥିଲେ ଯେ ଚୋକସି କର୍କଟ ରୋଗରେ ପୀଡିତ ଥିବା ସନ୍ଦେହ କରାଯାଉଛି। ମୁମ୍ବାଇର ପ୍ରିଭେନ୍ସନ ଅଫ ମନି ଲଣ୍ଡରିଂ ଆକ୍ଟ ସ୍ୱତନ୍ତ୍ର କୋର୍ଟ ମେହୁଲ ଚୋକସିଙ୍କୁ ପଳାତକ ଅର୍ଥନୈତିକ ଅପରାଧୀ (ଏଫଇଓ)ଘୋଷଣା କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଆବେଦନର ଶୁଣାଣି କରୁଛି। ଏଫଇଓ ଘୋଷଣା ହେବା ଦ୍ୱାରା ସରକାରଙ୍କୁ ଅପରାଧୀଙ୍କ ସମ୍ପତ୍ତି ଜବତ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାର ଅନୁମତି ମିଳିଥାଏ। ସୂଚନାଯୋଗ୍ୟ, ମୁମ୍ବାଇର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ବ୍ରାଡି ହାଉସ ଶାଖାରେ ଋଣ ଠକେଇ ଅଭିଯୋଗରେ ୨୦୧୮ ମସିହାରେ ମେହୁଲ ଚୋକସି,




ତାଙ୍କ ଭଣଜା ଏବଂ ପଳାତକ ହୀରା ବ୍ୟବସାୟୀ ନୀରବ ମୋଦି ଏବଂ ସେମାନଙ୍କ ପରିବାର ସଦସ୍ୟ, କର୍ମଚାରୀ, ବ୍ୟାଙ୍କ ଅଧିକାରୀ ଏବଂ ଅନ୍ୟମାନଙ୍କ ବିରୁଦ୍ଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ମାମଲା ରୁଜୁ କରାଯାଇଥିଲା। ମେହୁଲ ଚୋକସି ଭାରତ ଛାଡିବା ପରେ ୨୦୧୮ ମସିହାରୁ ଆଣ୍ଟିଗୁଆରେ ରହୁଛନ୍ତି। ନୀରବ ମୋଦିଙ୍କୁ ୨୦୧୯ରେ ଏଫଇଓ ଘୋଷଣା କରାଯାଇଥିଲା, ଯେତେବେଳେ ଚୋକସିଙ୍କ ବିରୋଧରେ ଇଡିର ଆବେଦନ ୨୦୧୮ ମସିହାରୁ ବିଚାରାଧୀନ ଅଛି। ଇଡି ଏପର୍ଯ୍ୟନ୍ତ ଚୋକସିଙ୍କ ବିରୋଧରେ ତିନୋଟି ଚାର୍ଜସିଟ ଦାଖଲ କରିସାରିଛି। ୨୦୧୯ ମସିହାରେ, ଇଡି ବମ୍ବେ ହାଇକୋର୍ଟକୁ କହିଥିଲା ଯେ ଚୋକସିଙ୍କୁ ପଳାତକ ଘୋଷଣା କରାଯାଇଛି।

## କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଉପରୁ ହଟିଲା କଟକଣା

### ଏଣିକି କ୍ରେଡିଟ କାର୍ଡ ଜାରି କରିପାରିବ ବ୍ୟାଙ୍କ




**ନୂଆଦିଲ୍ଲୀ,୧୩।୨:** ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) କୋଟାକ ମହିନ୍ଦ୍ରା ବ୍ୟାଙ୍କ ଉପରେ ଲାଗିଥିବା କଟକଣାକୁ ହଟାଇ ଦେଇଛି। ଗତ ବର୍ଷ ଏପ୍ରିଲ ୨୪ରେ ଆର୍‌ବିଆଇ ଏହି ବ୍ୟାଙ୍କ ବିରୋଧରେ ନୂଆ କ୍ରେଡିଟ କାର୍ଡ ଜାରି କରିବା ଉପରେ ନିଷେଧାଦେଶ ଜାରି କରିଥିଲା । ଏହା ସହ ଅନ୍‌ଲାଇନ ଏବଂ ମୋବାଇଲ ବ୍ୟାଙ୍କିଙ୍ଗ୍ ଜରିଆରେ ନୂଆ ଗ୍ରାହକ ନ ଯୋଡିବାକୁ ମଧ ବ୍ୟାଙ୍କକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ବ୍ୟାଙ୍କ ପର୍ଯ୍ୟାପ୍ତ ଆଇଟି ଭିତ୍ତିଭୂମି ନ ଥିବାରୁ ଚିନ୍ତାପ୍ରକଟ କରିଥିଲା ଆର୍‌ବିଆଇ । ତେବେ ଏହି ସମସ୍ୟାକୁ ସମାଧାନ କରିବାରେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲଗାତାର ବିଫଳ ହେବା ଯୋଗୁ ଏଭଳି କାର୍ଯ୍ୟାନୁଷ୍ଠାନ ତ୍ୱରିତ ଭିତ୍ତିରେ ଗ୍ରହଣ କରିଥିଲା କେନ୍ଦ୍ରୀୟ ବ୍ୟାଙ୍କ । ବ୍ୟାଙ୍କ ଆଇନ ୧୯୪୯ ଧାରା ୩୫ଏ ଅଧିନରେ ଆର୍‌ବିଆଇ ନିଜ କ୍ଷମତା ବ୍ୟବହାର କରି ବ୍ୟାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

## ୫୦ ଟଙ୍କାର ନୂଆ ନୋଟ୍‌କୁ ଜାରି କରିବେ ଆର୍‌ବିଆଇ

**ମୁମ୍ବାଇ ୧୩।୨:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ବୁଧବାର ଘୋଷଣା କରିଛନ୍ତି ଯେ ଖୁବ୍ ଶୀଘ୍ର ୫୦ ଟଙ୍କାର ନୂଆ ନୋଟ୍ ଜାରି କରାଯିବ। ଏହି ନୋଟ୍ ଖୁବ୍ ଶୀଘ୍ର ବଜାରକୁ ଆସିବ। ଏହି ନୂଆ ନୋଟରେ ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରାଙ୍କ ସ୍ୱାକ୍ଷର ରହିବ। ମଲହୋତ୍ରା ଡିସେମ୍ବର ୨୦୨୪ରେ ଆରବିଆଇ ନୂଆ ଗଭର୍ଣ୍ଣର ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ। ଶକ୍ତି କାନ୍ତ ଦାସ ଅବସର ନେବା ପରେ ତାଙ୍କର ନିଯୁକ୍ତି ହୋଇଥିଲା। ଆରବିଆଇ ତାଙ୍କ ବୟାନରେ କହିଛନ୍ତି ଯେ ଜାରି ହେବାକୁ ଥିବା ନୋଟ୍ ର ଡିଜାଇନ ମହାତ୍ମା ଗାନ୍ଧି ନୂଆ ସିରିଜର ୫୦ ଟଙ୍କା ନୋଟ୍ ଭଳି ରହିବ। ଏହା ସହିତ ପୂର୍ବରୁ ପ୍ରଚଳିତ ୫୦ ଟଙ୍କା ନୋଟ୍ ଗୁଡିକ ମଧ ବଜାରରେ ବୈଧ ରହିବ। ପୂର୍ବରୁ ଜାରି ହୋଇଥିବା ମହାତ୍ମା ଗାନ୍ଧି ସିରିଜ ନୋଟର ଆକାର ୫୬ମିମିX ୧୩୫ ମିମି ଥିଲା। ଏହି ନୋଟ୍ ଗୁଡିକର ରଙ୍ଗ ଫ୍ଲୋରୋସେଣ୍ଟ ବ୍ଲୁ ଥିଲା। ନୋଟ ଗୁଡିକରେ ରଥ ସହିତ ହାମ୍ପି ମନ୍ଦିରର ଫଟୋ ରହିଛି, ଯାହା ଭାରତର ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରୁଛି। ଭାରତରେ ୨ ହଜାର ଟଙ୍କା ନୋଟ୍ କୁ ଆରବିଆଇ ଦେଢ ବର୍ଷ ପୂର୍ବେ ବନ୍ଦ କରିଦେଇଛନ୍ତି। ତେବେ ଅନୁମାନ କରାଯାଉଛି ଏପରି ହଜାର ହଜାର ଲୋକ ଅଛନ୍ତି ଯେଉଁମାନଙ୍କ ନିକଟରେ ୨ ହଜାର ଟଙ୍କା ନୋଟ୍ ରହିଛି। ନିକଟରେ ଆରବିଆଇଙ୍କ ଏକ ବୟାନ ଆସିଥିଲା। ଏଥିରେ କୁହାଯାଇଥିଲା ଯେ ଚଳିତବର୍ଷ ଜାନୁୟାରୀ ମାସ ୩୧ ତାରିଖ ସୁଦ୍ଧା ୯୮.୧୫ ପ୍ରତିଶତ ୨ ହଜାର ଟଙ୍କାର ଗୋଲାପି ନୋଟ୍ ବ୍ୟାଙ୍କିଙ୍ଗ ସିଷ୍ଟମକୁ ଫେରି ଆସିଛି।

# ଖୁବ ଶୀଘ୍ର ବଢ଼ିପାରେ ପିଏଫ ସୁଧହାର

### ଇପିଏଫଓ ସଦସ୍ୟଙ୍କ ପାଇଁ ଖୁସିଖବର

**ନୂଆଦିଲ୍ଲୀ,୧୩।୨:** ୨୦୨୫ରେ ସରକାର ମଧବିତ୍ତ ବର୍ଗଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ଅନେକ ନିଷ୍ପତ୍ତି ନେଉଛନ୍ତି। ବଜେଟରେ ଟିକସ ହ୍ରାସଠାରୁ ଆରମ୍ଭ କରି ରିଜର୍ଭ ବ୍ୟାଙ୍କ ଦ୍ୱାରା ସୁଧ ହାର ହ୍ରାସ ନେଇ ଘୋଷଣା କରିବା ପରେ ମଧବିତ୍ତ ବର୍ଗଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ଏବେ ବେତନଭୋଗୀ ଏବଂ ମଧବିତ୍ତ ବର୍ଗର ନଜର ଇପିଏଫଓ ରୁ ମିଳୁଥିବା ସୁଧ ଉପରେ ରହିଛି। ନିଯୁକ୍ତିପ୍ରାପ୍ତ ଲୋକମାନେ ଆଶାବାଦୀ ଯେ ଆଗାମୀ ଦିନରେ ଲୋକମାନେ ଇପିଏଫଓରେ ଜମା ହୋଇଥିବା ଟଙ୍କା ଉପରେ ଅଧିକ ସୁଧ ପାଇବେ। ଏପରି ପରିସ୍ଥିତିରେ, ସରକାର ବେତନଭୋଗୀ ବର୍ଗଙ୍କ ପାଇଁ ଆଉ ଏକ ବଡ଼ ନିଷ୍ପତ୍ତି ନେବାକୁ ପ୍ରସ୍ତୁତ ହେଉଛନ୍ତି, ଯାହାର ସିଧାସଳଖ ଲାଭ କୋଟି କୋଟି କର୍ମଚାରୀଙ୍କୁ ମିଳିବ। ବେତନଭୋଗୀ ଶ୍ରେଣୀର ଲୋକଙ୍କ ପାଇଁ ପିଏଫ ଏକ ବଡ଼ ସଞ୍ଚୟ। ଏହି ସଞ୍ଚୟ ଉପରେ ସରକାର ସୁଧ ଦିଅନ୍ତି। ଏବେ ସରକାର ପିଏଫ୍ ଉପରେ ସୁଧ ବୃଦ୍ଧି କରିପାରିବେ, ଯାହା ମଧବିତ୍ତ ବର୍ଗର ଲୋକଙ୍କ ସଞ୍ଚୟ ବୃଦ୍ଧି କରିବ। ପ୍ରୋଭିଡେଣ୍ଟ ଫଣ୍ଡ ସହ ଜଡିତ ସମସ୍ତ ନିଷ୍ପତ୍ତି ଇପିଏଫଓ ନେଇଥାଏ, ତେଣୁ ଏବେ ସମସ୍ତଙ୍କ ନଜର ଇପିଏଫଓର ପରବର୍ତ୍ତୀ ବୋର୍ଡ ବୈଠକ ଉପରେ, ଯାହା ୨୮ ଫେବୃଆରୀରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବୈଠକରେ ସୁଧ ହାର ବୃଦ୍ଧି ସମ୍ପର୍କରେ ଏକ ସମ୍ଭାବ୍ୟ ନିଷ୍ପତ୍ତି ନିଆଯାଇପାରେ ବୋଲି ଆଶା କରାଯାଉଛି। ଏହା ନୁହେଁ ଯେ ଏହି ବର୍ଷ କେବଳ ପିଏଫ୍ ଉପରେ ସୁଧ ବୃଦ୍ଧି କରିବା କଥା କୁହାଯାଉଛି, ଏହା ପୂର୍ବରୁ ମଧ ସରକାର ଲଗାତାର ୨ ବର୍ଷ ପାଇଁ ଇପିଏଫଓ ଉପରେ ସୁଧ ବୃଦ୍ଧି କରିଛନ୍ତି। ପୂର୍ବରୁ ସରକାର ୨୦୨୨-୨୩ ରେ ପିଏଫ ଉପରେ ସୁଧ ହାର ସଂଶୋଧନ କରିଥିଲେ ଏବଂ ଏହାକୁ ୮.୧୫ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା। ଏହା ପରେ, ୨୦୨୩-୨୪ ରେ ଏହାକୁ ପୁଣି ଥରେ ୮.୨୫ ପ୍ରତିଶତକୁ ସଂଶୋଧିତ କରାଯାଇଥିଲା। ବର୍ତ୍ତମାନ ଲୋକମାନେ ପିଏଫ ଉପରେ ୮.୨୫ ପ୍ରତିଶତ ସୁଧ ପାଉଛନ୍ତି।

ଯଦିଓ ସରକାର ଏପର୍ଯ୍ୟନ୍ତ ଇପିଏଫଓ ଉପରେ ସୁଧ ହାର ବୃଦ୍ଧି କରିବା ନେଇ କୌଣସି ସୂଚନା ମିଳିନାହିଁ। କିନ୍ତୁ ଏହାକୁ ନେଇ ଜୋରଦାର ଆଲୋଚନା ହେଉଛି। ରିପୋର୍ଟ ଅନୁଯାୟୀ, ଏଥର ମଧ ସରକାର ସୁଧ ହାର ୦.୧୦ ପ୍ରତିଶତ ବୃଦ୍ଧି କରିପାରନ୍ତି। ଯଦି ଏହା ହୁଏ, ତେବେ ବେତନଭୋଗୀ ଶ୍ରେଣୀକୁ ବହୁତ ଲାଭ ମିଳିବ।



### ଚାଲିଛି ଆବାସ ସର୍ଭେ

# ୧୫ ପଞ୍ଚାୟତରେ ୧୮୬୮ ଘର ବୁଲିଲେଣି ଅଧିକାରୀ



**କାକଟପୁର /ଅସ୍ତରଙ୍ଗ,୧୩।୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ଚାଲିଛି ଆବାସ ସର୍ଭେ। ପଂଚାୟତ ପିଇଓ ଓ ଜିଆରଏସ ମାନେ ସାହିକୁ ସାହି ଓ ଘରକୁ ଘର ବୁଲି ଆବାସ ହିତାଧକାରୀ ଯାଞ୍ଚ କରୁଛନ୍ତି। ୨୦୨୫-୨୬ବର୍ଷ ପାଇଁ ଏହି ପ୍ରଧାନମନ୍ତ୍ରୀ ଆବାସ ଘର ନୀତି ନିୟମ ବଦଳି ଯାଇଥିବାରୁ ଏଥର ହିତାଧିକାରୀ ସଂଖ୍ୟା ବୃଦ୍ଧି ପାଇବ। ତେଣୁ ଯୋଗ୍ୟ ହିତାଧିକାରୀ ଖୋଜିବାରେ ଲାଗିଛନ୍ତି ସରକାରୀ କର୍ମଚାରୀ। ଆସନ୍ତା ମାର୍ଚ୍ଚ ୩୧ତାରିଖ ଯାଏ ୨ଜଣିଆ ଟିମ୍ ପ୍ରତି ପଂଚାୟତ ରେ ସବୁ ୱାର୍ଡରେ ତନଖି କରିବେ। ଏଥର ସିଧାସଳଖ ହିତାଧିକାରୀ ମାନେ ନିଜେ ଅନଲାଇନି ରେ ଆବାସ ପାଇଁ ଦରଖାସ୍ତ କରି ପାରିବେ। ସେହି ଅନୁଯାୟୀ ଅନଲାଇନିସର୍ଭେ ହିତାଧିକାରୀ ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତ ମଧ୍ୟରେ ଅନଲାଇନି ସର୍ଭେ ଆଳଙ୍ଗପୁର ୨ଟି, ଆଳସାହି ୧୧ଟି, ଅସ୍ତରଙ୍ଗ ୩୨ଟି, ଛୁରିଆନା ୫୫ଟି, ଝାଡ଼ଲିଙ୍ଗ ୧୭ଟି, କେନ୍ଦ୍ରାପଟି ୧୨ଟି, କୋରଣା ୧୦ଟି, ମାଣ୍ଡୁକି ୧୧ଟି, ନଗର ୩ଟି, ନଈଗୁଆଁ ୪୦ଟି, ନୂଆଗଡ ୧୧ଟି, ପାଟଳଦା ୭ଟି, ସରିପୁର ୧୮ଟି, ଶିଶୁଅ ୨୯ଟି, ତାଳଦା ୫ଟି ଅନଲାଇନି ରେ ହିତାଧିକାରୀ ମୋଟ ୨୬୩ଟି ଘର ପାଇଁ ହିତାଧିକାରୀ ମାନେ ନିଜେ ଅନଲାଇନି ରେ ଆବାସ ପାଇଁ ଦରଖାସ୍ତ କରିଛନ୍ତି। ପୂର୍ବ ନିୟମ ବଦଳି ଯାଇଛି। ଗୋଟିଏ ପରିବାରରେ ଅଲଗା ହୋଇଥିବା ପୁଅମାନେ ଘର ପାଇପାରିବେ। ଆଗରୁ ୧ଲକ୍ଷ ୨୦ହଜାର ଟଙ୍କାର ଆବାସ ଘର ଦିଆଯାଉଥିଲା। ଚଳିତ ବର୍ଷ ଠାରୁ ୨ଟି ରୁମ୍ ବିଶିଷ୍ଟ ଘର ପାଇଁ ୨ଲକ୍ଷ ଟଙ୍କା ବରାଦ ହୋଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଟି ପଂଚାୟତରେ ଏଥିପାଇଁ ଚାଲିଛି ସର୍ଭେ। ବିଭାଗୀୟ ଅଧିକାରୀ ସର୍ଭେ ମଧ୍ୟରେ ଆଳଙ୍ଗପୁର ୨୨୨ଟି ଘର, ଆଳସାହି ୧୭୪ଟି ଘର, ଅସ୍ତରଙ୍ଗ ୩୭ଟି ଘର, ଛୁରିଆନା ୧୫୭ଟି ଘର, ଝାଡ଼ଲିଙ୍ଗ ୮୨ଟି ଘର, କେନ୍ଦ୍ରାପଟି ୨୨୦ଟି ଘର, କୋରଣା ୨୧୪ଟି ଘର, ମାଣ୍ଡୁକି ୯୨ଟି ଘର, ନଗର ୧୫୫ଟି ଘର, ନଈଗୁଆଁ ୫୨ଟି ଘର, ନୂଆଗଡ ୩୮ଟି ଘର, ପାଟଳଦା ୮୮ଟି ଘର, ସରିପୁର ୭୪ଟି ଘର, ଶିଶୁଅ ୧୫୮ଟି ଘର, ତାଳଦା ରେ ୧୦୫ଟି ଘର ସର୍ଭେ ବିଭାଗୀୟ ଅଧିକାରୀ କରିଥିବା ବେଳେ ଫେବୃଆରୀ ୧୨ତାରିଖ ସୁଦ୍ଧା ବିଭାଗୀୟ ଅଧିକାରୀ ୧୮୬୮ଟି ଘର ବୁଲି ଆବାସ ସର୍ଭେ କରିଛନ୍ତି। ୧୫ଗୋଟି ପଂଚାୟତ ରେ ଅନଲାଇନି ଓ ବିଭାଗୀୟ ଅଧିକାରୀ ୨୧୩୧ ଟି ଘର ସର୍ଭେ ସରିଛି। ଏଥିପାଇଁ ୩୦ରୁ ଉର୍ଦ୍ଧ କର୍ମଚାରୀ ନିୟୋଜିତ ହୋଇଛନ୍ତି।

# ମୁନିଖୋଲ ପଞ୍ଚାୟତରେ ମାଓ ପୋଷ୍ଟର ଓ ବ୍ୟାନର

**ରାୟଗଡା,୧୩।୨(ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା ମୁନିଗୁଡ଼ା ଥାନା ଅର୍ନ୍ତଗତ ମୁନିଖୋଲ ପଞ୍ଚାୟତ ର ସକଟା ଗ୍ରାମ ଛକ ନିକଟରେ ମାଓବାଦୀ ପୋଷ୍ଟର ଓ ବ୍ୟାନର ଲାଗି ଥିବା ଦେଖିବାକୁ ମିଳିଛି। ଏହି ମାଓବାଦୀଙ୍କ ପୋଷ୍ଟର ରେ, ସଂଘ-ଭାଜପା ସରକାରର ଦମନ ଅଭିଯାନ , ଅପୋରେସନ କଗାର,ଓ କୁଲ୍ହାଡି ଘାଟି ର ନରସଂହାର ବିରୋଧ ଫେବୃଆରୀ ୬ ରୁ ୧୨ ପର୍ଯ୍ୟନ୍ତ ଦମନ ବିରୋଧରେ ପ୍ରଚାର ଅଭିଯାନ ହଇଥିଲା ଓ ଫେବୃଆରୀ ୧୩ ବା ଆଜି ଓଡିଶା ର ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ଗଞ୍ଜାମ, ଗଜପତି, ଜିଲ୍ଲା ର ଡିଭିଜନ ବନ୍ଧ କୁ ସଫଳ କରନ୍ତୁ ବୋଲି ଲେଖାରେ ଉଲ୍ଲେଖ ରହିଅଛି । ସକଟା ଛକ, ନ୍ୟୁହୋପ୍ ଭାଲିଆପଦର, ଏହି ତିନିଜାଗାରେ ମାଓବାଦୀ ପୋଷ୍ଟର ଓ ବ୍ୟାନର ଲାଗିଥିବା ଦେଖି ବାକୁ ମିଳିଛି। ବେନର ରେ ଉଲ୍ଲେଖ ଅଛି ଜେ ଦେଶ ବିଦେଶ ବଡ଼ବଡ଼ିଆ କର୍ପୋରେଟର କମ୍ପାନୀ ମନମୁଖୀ ସଷୋଣ ପାଇଁ ମାଓବାଦୀ ଭାଜପା ସରକାର ର ଘୃଣ୍ୟ ଅପରେସନ କଗାର ଦମନ ଅଭିଯାନ କୁ ବିରୋଧ କର । ରାଜ୍ୟ ଓ ଦେଶର ବିକାଶ ନାମରେ ଦେଶର ଜଳ ଜମି ଜଙ୍ଗଲ ବିଭିନ୍ନ ଖଣି ଓ ପ୍ରାକୃତିକ ସଂପତ୍ତି କୁ ସାଗ ମାଛ ଦରରେ ବିକିବା ବନ୍ଦ୍ କର। ଭାଜପା ସରକାର ର ରଣନୀତି କୁ ଆକ୍ରମଣ ଅପରେସନ କଗାର ମୁର୍ଦ୍ଧାବାଦ୍। ଓଡ଼ିଶା ଛତିଶଗଡ ସିମା କୁଲ୍ହାଡି ଘାଟିରେ ପୋଲିସ ଦ୍ୱାରା ଆମର ଏକ କେନ୍ଦ୍ରୀୟ କମିଟି ସଦସ୍ୟ ଦୁଇ ରାଜ୍ୟ କମିଟି ସଦସ୍ୟ ସହ ୧୬ ସାଥି ନରସଂହାର କୁ ବିରୋଧ କରନ୍ତୁ। ଡି.କେ.ବି.ଜେ. ଓଡ଼ିଶା , ମହାରାଷ୍ଟ୍ର , ତେଲେଙ୍ଗାନା, ଆଦି ରାଜ୍ୟ ରେ ସରକାର ଦମନ ଓ ନରସଂହାର କୁ ନିନ୍ଦା କରନ୍ତୁ । ଡି.କେ.ବି.ଜେ ମହାରାଷ୍ଟ୍ର , ଓଡ଼ିଶା ଏ.ଓ.ବି. ତେଲେଙ୍ଗାନା ଆଦି ର ତମାମ ଅମର ସହିଦ୍ ଙ୍କୁ ଲାଲ୍ ସଲାମ । ଦେଶର ସର୍ବ ସାଧାରଣ ସଂସ୍ଥା , ସ୍କୁଲ , ମେଡିକାଲ , ବନ୍ଦର , ରେଳ , ଯାହାଜ, ବ୍ଯାଙ୍କ ସହ ଶିଳ୍ପ କୁ ପ୍ରାଇଭେଟ୍ କରଣ କରିବା ବନ୍ଦ୍ କର। ବହୁ ରାଷ୍ଟ୍ରୀୟ କମ୍ପାନୀ ଙ୍କ ଲୁଟ୍ କୁ ସୁଗମ କରିବା ଦିଗରେ ଦେଶ କୁ ହିନ୍ଦୁ ରାଷ୍ଟ୍ର ବନାଇବା ପାଇଁ ଭାଜପା ସରକାର ଦମନ ବନ୍ଦ୍ କର । ଗରିବ , କୃଷକ ଶ୍ରମିକ ଅଲ୍ପ ସଂଖ୍ୟକ ଆଦିବାସୀ, ଦଳିତ , ମହିଳା ବିରୋଧି ମୋଦୀ ମୁର୍ଦ୍ଧାବାଦ୍ । ମାଓବାଦୀ ସମର୍ଥକ , ସହାୟକ ନାମରେ ନିନ୍ଦା ଦେଇ ସାଧାରଣ ଜନତାଙ୍କୁ ହତ୍ୟା କରିବା, ଗିରଫ କରିବା ଅତ୍ୟାଚାର କରିବା ବନ୍ଦ୍ କର । ମାଲକାନଗିରି ର ଜିଲକଗୁଡା ପାଖରେ ସୁନାମ ଏଙ୍ଗା ନାମକ ଆଦିବାସୀ ଚାଷୀ ର ନିର୍ମମ ହତ୍ୟା କୁ ଘୃଣା କରନ୍ତୁ । ଜନ ଆନ୍ଦୋଳନ, ଜନ ଯୁଦ୍ଧକୁ ତେଜ କରିବା, ଅପରେସନ 'କଗାର' କୁ ହରାଇବା ହିନ୍ଦୁତ୍ୱ ଫାଶୀ ବାଦକୁ ହରାଇବା, ଦେଶକୁ ବଞ୍ଚାଇବା ଦେଶୀ ବିଦେଶୀ କମ୍ପାନୀଙ୍କ ଲୁଟ୍ ପାଇଁ ଖଣିଜ, ପ୍ରାକୃତିକ ସଂପତ୍ତି ଭରା ଆଦିବାସୀ ଅଞ୍ଚଳକୁ ଆଦିବାସୀ ଙ୍କ ବିରୋଧି ଆଦିବାସୀ ମୁଖ୍ୟମନ୍ତ୍ରୀ ମହୋନ ମାଝୀ । ବିଷ୍ଣୁ ଦେବ୍ ସାଏ ମୁର୍ଦ୍ଧାବାଦ୍ କୁଲ୍ହାଡି ଘାଟି ସହିଦଙ୍କ । ଦାସରୁ ସୁନିଲ୍, ସତ୍ରୁ, ସତ୍ୟ , ଆଶୁ, ରୁପେନ, ପାର୍ବତୀ , ଅରୁନ, ଜଗୁ ଆଦିଙ୍କୁ ଲାଲ୍ ସଲାମ ସହିଦଙ୍କ ରକ୍ତ ବ୍ୟର୍ଥ । ସହିଦ ରକ୍ତରେ ଅସଂଖ୍ୟ ବିପ୍ଳବି ଜନ୍ମ ନେବେ ଓ ସରକାର ନିଷ୍ଠୁର କଗାର ଦମନ ଅଭିଯାନ ମାଓବାଦ ଆନ୍ଦୋଳନ କୁ ଦଂଶ କରିପାରିବ ନାହିଁ । ବିକଶିତ ଓଡ଼ିଶା , ଉତ୍କର୍ଷ ଓଡ଼ିଶା , ମେକ ଇନ ଓଡ଼ିଶା ନାମ ରେ ଓଡ଼ିଶାର ସମସ୍ତ ଖଣି , ପାଳ ମାଟି, ଜଳ, ଜଙ୍ଗଲ , ଶ୍ରମକୁ ଶାଗ ମାଛ ଦରରେ ବିକିବା ବନ୍ଦ୍ କର ।



## ରାସନ କାର୍ଡ ପ୍ରସଙ୍ଗରେ ଜିଲ୍ଲାପାଳଙ୍କୁ ଦାବିପତ୍ର

**ସୁବର୍ଣ୍ଣପୁର,୧୩।୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ସଦର ମହକୁମା ସୁବର୍ଣ୍ଣ ମେରୁ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲାର ସମସ୍ତ ବ୍ଲକ ର ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା ପରିଚାଳିତ ଗ୍ରାହକ ସେବା କେନ୍ଦ୍ର ପରିଚାଳକ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅକ୍ଷୟ ନାଏକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଗ୍ରାହକ ସେବା କେନ୍ଦ୍ର ପରିଚାଳକ ମାନଙ୍କ ବିଭିନ୍ନ ପ୍ରକାର ହେଉଥିବା ଅସୁବିଧା, ସୁବିଧା ଉପରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ସରକାର ଙ୍କ ତରଫରୁ ଆୟକର ଦାଖଲ କରୁଥିବା ଗ୍ରାହକ ସେବା କେନ୍ଦ୍ର ପରିଚାଳକ ଙ୍କ ପରିବାର ର ସମସ୍ତ ସଦସ୍ୟ ଙ୍କ ରାସନ କାର୍ଡ ସମର୍ପଣ କରିବାକୁ ଚିଠି ସହାୟକ ମାନଙ୍କ ପାଖକୁ ଆସିଛି । ଯେହେତୁ ବ୍ୟାଙ୍କ ମାସକୁ ଟିଡିଏସ୍ କାଟୁଛି ଆମ ଟଙ୍କା ଫେରସ୍ତ ପାଇଁ ଆୟକର ରିଟର୍ନ ଫାଇଲ କରୁଛୁ। ଆମେ ବିଭିନ୍ନ କମ୍ପାନୀ ତରଫରୁ ନିୟୋଜିତ ଓ କମିଶନ ମାଧ୍ୟମରେ କାମ କରୁଛୁ ଓ ଆଶାନୁରୂପ ଆୟ ମଧ୍ୟ ହେଉ ନାହିଁ । ଇଣ୍ଟୁ ଆଜି ଜିଲ୍ଲା ର ସମସ୍ତ ଗ୍ରାହକ ସେବା କେନ୍ଦ୍ର ପରିଚାଳକ ଏକତ୍ରିତ ହୋଇ ରାସନ କାର୍ଡ ରୁ ଉଚ୍ଛେଦ ନଁ କରିବାକୁ ଜିଲ୍ଲାପାଳ ସୁବର୍ଣ୍ଣପୁର ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଗଲା ।

## ବରାହ ଫାସରେ ପଡ଼ି ମୃତ୍ୟୁ ଅଭିଯୋଗ: ପୁଲିସର ତଦନ୍ତ ଜାରି



**ଖପ୍ରାଖୋଲ,୧୩।୨(ସଂଚାର ବ୍ୟୁରୋ):** ଖପ୍ରାଖୋଲ ବ୍ଲକ ଘୁନ୍‌ସର ପଞ୍ଚାୟତ ପୃତୁକେଲଚୁଆଁ ଗାଁ ନିକଟରେ ବରାହ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ ତାର ଫାସରେ ଲାଗି ବୁଧବାର ସକାଳେ ଜଣକ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ ବ୍ୟକ୍ତି ଜଣକ ହେଲେ ପୁଟକେଲଚୁଆଁ ଗ୍ରାମର ଭୁବନେଶ୍ୱର କୁଅଁର (୫୫) । ମୃତ ବ୍ୟକ୍ତିଙ୍କ ପରିବାର ଲୋକଙ୍କ କହିବାନୁଯାଇ ସକାଳୁ ଶୌଚ ପାଇଁ ଯାଇଥିଲେ । ବରାହ ଶିକାର କରିବା ପାଇଁ କେହି ଶିକାରୀ ବିଦ୍ୟୁତ ତାର ଫାସ ପକାଇ ଥିଲେ। ବିଛା ଯାଇଥିବା ବିଦ୍ୟୁତ ତାରରେ ଭୁବନେଶ୍ୱର ଗୋଡ ଲାଗିଯାଇଥିଲା ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା କହିଛନ୍ତି। ଗ୍ରାମର ଜନୈକ ବ୍ୟକ୍ତି ନିଜ ଜମିକୁ ଯାଇଥିବା ବେଳେ ଭୁବନେଶ୍ୱର କୁ ଜମିରେ ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ଖବର କରିଥିଲେ । ଏନେଇ ପରିବାର ଲୋକ ଲାଠୋର ଥାନାକୁ ଖବର କରି ଘଟଣା ବିଷୟରେ ଜଣାଇବାପରେ ଲାଠୋର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ଶବ ପାଖରେ ଲାଗିଥିବା ତାରକୁ ମଧ୍ୟ ଜବତ କରିଥିଲେ । ପୋଲିସ ଶବକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଏନେଇ ଲାଠୋର ଥାନା କେସ ନଂ ୨/୨୦୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବିଦ୍ୟୁତ ଫାସ ପକାଇଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ପୋଲିସ ଅନୁସନ୍ଧାନ ଜାରି ରଖିଛନ୍ତି । ଶିକାରୀ ମାନଙ୍କୁ ଧରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଜଦି ବନବିଭାଗ କୁ ସହଯୋଗ କରିଥାନ୍ତା ତାହେଲେ ବାରମ୍ବାର ଏମିତି ଘଟଣା ଘଟିନଥାନ୍ତା ବୋଲି ସାଧାରଣରେ ଆଲୋଚନା ହେଉଅଛି । ଏନେଇ ଘଟଣାର ଅଧିକ ତଦନ୍ତ କରୁଥିବା ଲାଠୋର ଥାନାଧିକାରୀ ରାକେଶ ବେହେରା ପ୍ରକାଶ କରିଛନ୍ତି ।

# ଚନ୍ଦନ ଧୁରୁଆ ହତ୍ୟାକାଣ୍ଡ ମାମଲା: ୪ ଅଭିଯୁକ୍ତ ଗିରଫ



**ସୁନ୍ଦରଗଡ,୧୩।୨ (ସଂଚାର ବ୍ୟୁରୋ):** ଆଜି ଫେବୃଆରି ୧୩ ତାରିଖ ଗୁରୁବାର ଅପରାହ୍ନ ୨:୧୫ମିନିଟ ସମୟରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର। ଧରୁଆଡିହି ଥାନା କେଶ ନମ୍ବର ୪/ ତା.୨୦.୦୧.୨୦୨୫ରିଖ ଭାରତୀୟ ନ୍ୟାୟ ସଂହିତାର ଦଫା ରେ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଛି ଧରୁଆଡିହି ପୋଲିସ। ଏହି ହତ୍ୟା କାଣ୍ଡରେ ୭ ଜଣ ମୁଖ୍ୟ ଅଭିଯୁକ୍ତ ଥିବା ବେଳେ ହତ୍ୟାକାଣ୍ଡ ଷଡଯନ୍ତ୍ରରେ ୪ ଅଭିଯୁକ୍ତ ଅଛନ୍ତି। ପୋଲିସ ସମସ୍ତ ୭ ମୁଖ୍ୟ ଅଭିଯୁକ୍ତ ସହ ଷଡଯନ୍ତ୍ରରେ ସାମିଲ ଥିବା ୪ ଅଭିଯୁକ୍ତଙ୍କୁ ଝାରସୁଗୁଡ଼ା ଜିଲ୍ଲା ଲଇକେରା ଥାନା ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ମୁଖ୍ୟ ଅଭିଯୁକ୍ତ ମାନେ ହେଲେ ବିବେକ କୁଅଁର -୧୯ ବର୍ଷ, ଅରୁଣ ନାଏକ -୨୪ ବର୍ଷ, ପ୍ରକାଶ ବେହେରା ଓରଫ ଅଛାଡୁ - ୨୪ବର୍ଷ, ସରୋଜ ନାଏକ -୨୫ ବର୍ଷ, ଚନ୍ଦନ କୁଅଁର - ୨୧ବର୍ଷ, ହରେ କୃଷ୍ଣ ପାତ୍ର ଓରଫ କାହ୍ନା -୨୩ବର୍ଷ ଓ ଜଣେ ନାବାଳକ ସୁମନ୍ତ କୁଅଁର - ୧୭ ବର୍ଷ। ଷଡଯନ୍ତ୍ର କାରୀ ଚାରି ଜଣ ହେଲେ ରାଜା ଧୁରୁଆ -୨୫ବର୍ଷ, ଜଣେ ନାବାଳକ ସୁବ୍ରତ ପାତ୍ର, ଜୀବନ ପ୍ରଧାନ -୨୩ ବର୍ଷ ଓ କୁନା ପାତ୍ର ଓରଫ୍ ମୁନ୍ନା -୨୧ବର୍ଷ। ଏହି ସମସ୍ତ ଅଭିଯୁକ୍ତ ଓ ମୃତ ଚନ୍ଦନ ଧୁରୁଆ ସମସ୍ତେ ମଦୁଆ ଗୋଷ୍ଠି ଓ ମଦ ସାଥୀ ବୋଲି ଏସପି ତାଙ୍କ ତଦନ୍ତରେ କହିଛନ୍ତି । ତେବେ ମୃତ ଚନ୍ଦନ ସମସ୍ତ ଅଭିଯୁକ୍ତଙ୍କ ଶତ୍ରୁ ପାଲଟି ଥିଲା । ମଦ ନିଶାରେ ହେଉ କିମ୍ବା ଜ୍ଞାତସାରରେ ହେଉ ଚନ୍ଦନ ଏମାନଙ୍କ ମା, ଭଉଣୀ ସମସ୍ତଙ୍କୁ ଟାହି ଟାପରା କରିବା ସହ ଅଶ୍ଳିଳ ଇଙ୍ଗିତ କରୁଥିବା କାରଣରୁ ତାକୁ ଯୋଜନା ବଦ୍ଧ ଓ ସଂଘ ବଦ୍ଧ ଭାବେ ହତ୍ୟା କରାଯାଇଥିବା କଥା ପୋଲିସର ତଦନ୍ତରେ ଜଣା ପଡ଼ିଛି। ତେବେ ଏମାନେ ଚନ୍ଦନକୁ ହତ୍ୟା କରିବା ପାଇଁ ସାତଟି ଛୁରୀ କିଣି ସମସ୍ତେ ତା ସହ ବସି ମଦ୍ୟପାନ କରି ତାକୁ ହତ୍ୟା କରି କିଛି ଦୂର ଟେକି ନେଇ ବିଜାଡିହି - ଲମଟି ରାସ୍ତାର ଘୁମୁଡ଼ା ରିଜର୍ଭ ଫରେଷ୍ଟରେ ଫିଙ୍ଗି ଫେରାର ହୋଇ ଯାଇଥିଲେ। ଗୋଟିଏ ପଟେ ଧରୁଆଡିହି ପୋଲିସ ପାଇଁ ଅଜ୍ଞାତ ଶବ ଓ ଅନ୍ୟପଟେ ହତ୍ୟାକାରୀମାନେ ପ୍ରମାଣ ନଷ୍ଟ କରିବା ପାଇଁ ସବୁ ଉଦ୍ୟମ କରିଥିଲେ। ତଥାପି ଧରୁଆଡିହି ପୋଲିସ ଏହି ଜଘନ୍ୟ ହତ୍ୟାକାଣ୍ଡ ରେ ଜଡ଼ିତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିପାରିଛି।

## ରାତିରେ ହେଉଛି ନିର୍ମାଣ କାର୍ଯ୍ୟ, ହେଉନି ତଦାରଖ



**ବିଞ୍ଝାରପୁର,୧୩।୨(ସଂଚାର ବ୍ୟୁରୋ):** ଦିନ ରେ ନୁହେଁ ରାତିରେ ନିର୍ମାଣ କାର୍ଯ୍ୟ କରୁଛି ପୂର୍ତ୍ତ ବିଭାଗ। ନିମ୍ନ ମାନର କାର୍ଯ୍ୟ କୁ ସରଳ ଭାବରେ ବାସ୍ତବ ରୂପ ଦେବାକୁ ଦିନ ପରିବର୍ତ୍ତେ ରାତିରେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ରେ କାର୍ଯ୍ୟ କରୁଛନ୍ତି ଠିକାଦାର। ବିଭାଗୀୟ ଅଧିକାରୀ ଜାଣି ସୁଦ୍ଧା ନ ଜାଣିଲା ଭଳି ଠିକାଦାର ଙ୍କ ଏହି ମାନମାନି କୁ ଦେଉଛନ୍ତି ପ୍ରଶୟ।ଏଭଳି ଅଭିଯୋଗ ଆସିଛି ଯାଜପୁର ଜିଲ୍ଲା ପାଣିକୋଇଲି ପୂର୍ତ୍ତ ବିଭାଗ ଡିଭିଜନ ଅଧୀନ ରେ ବିଞ୍ଝାରପୁର ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ ଚାଲିଥିବା ବ୍ଲକ୍ ଛକ ଫତେ ପୁର ଭାୟା ଶିଶିରଣା ରାସ୍ତା ର ଉନ୍ନତିକରଣ ଏବଂ ପ୍ରଶସ୍ତିକରଣ କାର୍ଯ୍ୟ କ୍ଷେତ୍ର ରୁ। ରାସ୍ତାକୁ ସୁରକ୍ଷା ଦେବାକୁ ରାସ୍ତାର ଉଭୟ ପାର୍ଶ୍ୱରେ ନିର୍ମାଣ ଚାଲିଛି ଗାଡ୍ ୱାଲ୍।କିନ୍ତୁ ଏହି ନିର୍ମାଣ କାର୍ଯ୍ୟ ଦିନ ପରିବର୍ତ୍ତେ ରାତିରେ ଚାଲିଥିବା ଅଭିଯୋଗ ଆସିଛି। କେବଳ ଏତିକି ନୁହେଁ ଏହି ଗାଡ୍ ୱାଲ୍ କାର୍ଯ୍ୟ ଚାଲୁଥିବା ବେଳେ ବିଂଝାରପୁର ପୂର୍ତ୍ତ ବିଭାଗ ଉପଖଣ୍ଡ ର ଯନ୍ତ୍ରୀ ଅନୁପସ୍ଥିତ ରହିଥିବା ଅଭିଯୋଗ ଆସିଛି। ବିନା ଯନ୍ତ୍ରୀ ଙ୍କ ତତ୍ତ୍ୱାବଧାନରେ ନିର୍ମାଣ କାର୍ଯ୍ୟ କିପରି ଚାଲିଛି ତାକୁ ନେଇ ପ୍ରଶ୍ନ ଉଠିଛି। ନିମ୍ନ ମାନର କାର୍ଯ୍ୟ କୁ ଘୋଡାଇବା ସହିତ ଏହାକୁ ବାସ୍ତବ ରୂପ ଦେବାକୁ ଠିକାଦାର ଏଭଳି କାର୍ଯ୍ୟ କରୁଥିବା ଅଭିଯୋଗ ଆସିଛି। ବିଭାଗୀୟ ଯନ୍ତ୍ରୀ ଠିକାଦାର ଙ୍କ ଏଭଳି କାର୍ଯ୍ୟ କୁ ଆଖି ବୁଝା ସମର୍ଥନ ଦେଉଥିବା ଅଭିଯୋଗ ଆସିଛି। ଉପରିସ୍ଥ ଅଧିକାରୀ ଏଭଳି ଅଭିଯୋଗ କୁ ଗମ୍ଭୀରତା ର ସହିତ ନେଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ




**ସୁନ୍ଦରଗଡ,୧୩।୨ (ସଂଚାର ବ୍ୟୁରୋ):** ବୁଧବାର ଦିନ ବାଲିଶଙ୍କରା ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟରେ ଏକ ବ୍ଲକ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଥିଲା। ରାଜ୍ୟ ମହିଳା ଆୟୋଗଙ୍କ ଦ୍ୱାରା ତଥା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ବାଲଲିଶଙ୍କରା ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ,ଉପାଧ୍ୟକ୍ଷ ପିତାମ୍ବର ଶେଖର ଦେଓ, ଉପବାଚସ୍ପତିଙ୍କ ପ୍ରତିନିଧି ରବି ପଟେଲ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କ୍ରିଷ୍ଟା କୁମାରୀ ନନ୍ଦ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଡକ୍ଟର ରିନତୀ ମିଶ୍ର, ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟକ୍ଷ କୁଳମଣି ସାହୁ, ସିଡ଼ିପିଓ ପ୍ରତିମା ତନ୍ତୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ। ମହିଳାଙ୍କର ଅଧିକାର ଆଇନ୍ ଓ ସୁରକ୍ଷା ବ୍ୟବସ୍ଥା ଓ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅଧ୍ୟକ୍ଷ ଶ୍ରୀ ସାହୁ ପିପିଟି ପ୍ରଦର୍ଶନ କରି ବିଶଦ ଭାବେ ବୁଝାଇ ଥିଲେ। ଆକ୍ସନ ଏଡର ଜିଲ୍ଲା ସଂଯୋଜିକା ମୀନାକ୍ଷୀ ପ୍ରଧାନ ସୁଭଦ୍ରା ଓ ଅନ୍ୟାନ୍ୟ ମାତୃ ମଙ୍ଗଳ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଡ.ରିନତୀ ମିଶ୍ର ଉଦ୍‌ବୋଧନ ଦେଇ କହିଥିଲେ ଯେ ପ୍ରକୃତ ସଚେତନତା ସେତେବେଳେ ହେବ ଯେତେବେଳେ ନାରୀ ନିଜ ଅଧିକାର କୁ ହାସଲ କରିବାରେ ସଫଳ ହେବ। ପି ଓ ଶ୍ରୀମତୀ ସୁଶିଳା ରଥ ସଭା ପରିଚାଳନା କରିଥିବା ବେଳେ ବାଲିଶଙ୍କରା ସରପଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଲୀନ ହୋଇଯିବ ସର୍ଗିଗୁଡ଼ା ଚିନିକଳ

● ୩୧ ବର୍ଷ ହେଲା ଖୋଲିନି ତାଲା

**କଳାହାଣ୍ଡି,୧୩।୨(ସଂଚାର ବ୍ୟୁରୋ):** ସମୟ ସ୍ରୋତରେ ବିଲୀନ ହେବାକୁ ଯାଉଛି ଜୁନାଗଡ଼ ବ୍ଲକ୍ ସର୍ଗିଗୁଡ଼ାରେ ଥିବା ଚିନିକଳ । ୩୧ ବର୍ଷ ହେଲା ଏହା ବନ୍ଦ ପଡ଼ିଛି। ଏନେଇ ରାଜନୈତିକ ଦଳର ନେତା ସ୍ୱର ଉତ୍ତୋଳନ କରୁନଥିବା ବେଳେ ଅଞ୍ଚଳର ଆଖୁଚାଷୀ ଏବେ କ୍ଷତିଗ୍ରସ୍ତ ହେଉଛନ୍ତି । କୃଷି ଓ କୃଷକଙ୍କ ବିକାଶ ନିମନ୍ତେ ୧୯୯୪ ମସିହା ଫେବୃଆରି ୧୨ ତାରିଖରେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍ ଗୌଡ଼ ସର୍ଗିଗୁଡ଼ାରେ ଏକ ଚିନିକଳ ପ୍ରତିଷ୍ଠା କରାଯାଇଥିଲା । ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଚିନିକଳ ମହାରଷ୍ଟ୍ରର ଏକ କମ୍ପାନି ଦ୍ୱାରା ପଶ୍ଚିମ ଓଡ଼ିଶା ସୁଗର ଓ କେମିକାଲ ଲିମିଟେଡ଼ ନାମରେ ପରିଚାଳିତ ହେଉଥିଲା। ପରିଚଳନାଗତ ତ୍ରୁଟି ଯୋଗୁଁ କମ୍ପାନି ଦେବାଳିଆ ହେବା ସହିତ ବନ୍ଦ ହୋଇଯାଇଥିଲା। ଶତାଧିକ ଲୋକ ଜୀବିକା ହରାଇବା ସହିତ ଜିଲ୍ଲାର ଆଖୁଚାଷୀ ପ୍ରଭାବିତ ହେଲେ କଳାହାଣ୍ଡି ଜିଲ୍ଲା ତଥା ଜୁନାଗଡ଼ ଅଞ୍ଚଳରେ ଶିଳ୍ପର ଆଶା ସଂଚାର କରୁଥିବା ଏହି କାରଖାନା ଲୋକଙ୍କ ସ୍ୱପ୍ନକୁ ଧୂଳିସାତ କରିଦେଇଥିଲା। ପରବର୍ତ୍ତୀ ସମୟରେ ସେହି ବନ୍ଦ ପଡ଼ିଥିବା ଚିନିକଳରେ ଏକକାଳୀନ ୩ଟି କୃଷିଭିତ୍ତିକ ଶିଳ୍ପାନୁଷ୍ଠାନ ପାରାବଏଲ୍‌ଡ ରାଇସ୍‌ମିଲ, ବାୟୋମାସ୍ ପ୍ଲାଣ୍ଟ ଓ ଡିଷ୍ଟିଲାରି ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଘୋଷଣା କରିବା ସହ ୨୦୧୬ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ଶିଳ୍ପ ପ୍ରକଳ୍ପକୁ ରାଉରକେଲାର ଷ୍ଟାରଲାଇଟ ଏନର୍ଜି ଲିମିଟେଡ଼କୁ ଦାୟିତ୍ୱ ଦିଆଯାଇଥିଲା। କମ୍ପାନି ଚିନିକଳର ୯୧ ଏକର ୪୮ ଡିସିମିଲ ଜମି ଓ ପୁରୁଣା କୋଠାକୁ ନିଜ ମାଲିକାନାରେ ରଖିଥିଲା ।ଏଠାରେ ଇଣ୍ଟରଗ୍ରେଡ୍ ଶସ୍ୟଭିତ୍ତୀକ ଡିଷ୍ଟିଲାରି ସମେତ ଘଣ୍ଟାକୁ ୪୮ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ପାରାବଏଲଡ୍ ରାଇସମିଲ୍ ଓ ୩ ମେଗାୱାଟ୍‌ର ୨ଟି ଟର୍‌ବାଇନ୍‌ଯୁକ୍ତ ବାୟୋମାସ୍ ପାୱାରପ୍ଲାଣ୍ଟ ସ୍ଥାପନ ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଥିଲା। କିନ୍ତୁ ଷ୍ଟାରଲାଇଟ ଏନର୍ଜି କମ୍ପାନି କାମ ଆରମ୍ଭ ଦୂରର କଥା ଏହି ଚିନିକଳର ଜମିକୁ ବିକ୍ରି ମସୁଧା କରୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ୩୧ ବର୍ଷ ହେଲା ବନ୍ଦ ପଡ଼ିଥିବା ଚିନିକଳର ୬ଟି କୋଠାକୁ ଗୋଦାମ ଘର କରି ବିଶାଖାପାଟଣାର ପାତ୍ର ଲଜିଷ୍ଟିକ କମ୍ପାନିକୁ ଭଡ଼ା ଦିଆଯାଇଛି। ଏହି ଗୋଦାମରେ ବର୍ତ୍ତମାନ ମକା ରଖାଯାଇଛି। ଏହି ଚିନିକଳକୁ ପୁନରୁଦ୍ଧାର କଲେ ଅଞ୍ଚଳର ଚାଷୀ ଉପକୃତ ହେବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଶ୍ରମିକ ସଚେତନତା ରଥର ଶୁଭାରମ୍ଭ କଲେ ଜିଲ୍ଲାପାଳ



**ସୁବର୍ଣ୍ଣପୁର,୧୩।୨(ସଂଚାର ବ୍ୟୁରୋ):** ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଓ ଶ୍ରମ ଆଇନରେ ଥିବା ଅଧିକାର ଏବଂ ସୁବିଧା-ସୁଯୋଗ ଉପରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଏକ ପ୍ରଚାର ଅଭିଯାନ ଆରମ୍ଭ ହୋଇଛି । ଉଭୟ ଭାରତ ସରକାର ଏବଂ ଓଡିଶା ସରକାର ତରଫରୁ ପ୍ରବାସୀ ଶ୍ରମିକଙ୍କ କଲ୍ୟାଣ ପାଇଁ ରହିଥିବା ସାମ୍ବିଧାନିକ ଅଧିକାର ସହ ଅନ୍ୟାନ୍ୟ ସୁବିଧା ଓ ସୁଯୋଗ ଉପରେ ଜିଲ୍ଲାର ସମସ୍ତ ଶ୍ରମିକ ତଥା ଜନସାଧାରଣଙ୍କୁ ସଚେତନତା କରାଇବ ଏହି ଶ୍ରମିକ ସଚେତନତା ରଥ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ତଥା ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖାଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଶ୍ରମିକ ସଚେତନତା ପ୍ରଚାର ରଥକୁ ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥିଲେ। ଉପଜିଲ୍ଲାପାଳ ଡ. ସୌମ୍ୟାରୁପା ରଥ ତଥା ଜିଲ୍ଲାସ୍ତରୀୟ ଅଧିକାରୀ, ବିଭଗୀୟ ଅଧିକାରୀ, କର୍ମଚାରୀ ସହ, ଜିଲ୍ଲା ଶ୍ରମିକ ସଂଘ ର କର୍ମକର୍ତ୍ତା, ପ୍ରମୁଖ ଉପସ୍ଥିତ ଥିଲେ ।ଏହି ସଚେତନତା ରଥ ଜିଲ୍ଲାର ୬ଟି ବ୍ଲକର ପ୍ରମୁଖ ସ୍ଥାନ ସହ ଜିଲ୍ଲାର ବିଭିନ୍ନ ବ୍ଲକର ଶ୍ରମିକ ଚାଲାଣ ପ୍ରବଣ ଅଞ୍ଚଳ ପରିକ୍ରମା କରିବା ସହ ଜନସାଧାରଣଙ୍କୁ ପ୍ରବାସୀ ଶ୍ରମ ଆଇନ ତଥା ସରକାରଙ୍କ ଶ୍ରମିକ କଲ୍ୟାଣ ଯୋଜନା ଓ ଅଧିକାର ଉପରେ ସଚେତନ କରିବ।

## ୩୦୦୦ ଟଙ୍କା ଭତ୍ତା ଦାବି ନେଇ 'ମୁଇଁ କଲାହାଣ୍ଡିଆ ଫର୍ କଲାହାଣ୍ଡି' ସଂଗଠନର ସଭା



**କଳାହାଣ୍ଡି,୧୩।୨(ସଂଚାର ବ୍ୟୁରୋ):** ବିଜେପି ସରକାର ନିର୍ବାଚନ ସମୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି କରିବା ପ୍ରତିଶୃତି ଦେଇଥିଲେ। କିନ୍ତୁ ମୋହନ ସରକାର ଗଠନର ପ୍ରଥମ ବଜେଟ୍ ରେ ୮୦ବର୍ଷରୁ ଉର୍ଦ୍ଧ୍ୱ ବାର୍ଦ୍ଧକ୍ଯ ଏବଂ ୮୦% ଉର୍ଦ୍ଧ୍ୱ ଭିନ୍ନକ୍ଷମମାନଙ୍କୁ ହିଁ ଭତ୍ତା ୩୫୦୦ଟଙ୍କା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ତେଣୁ ଗତ କାଲି 'ମୁଇଁ କଲାହାଣ୍ଡିଆ ଫର୍ କଲାହାଣ୍ଡି' ସଂଗଠନ ତରଫରୁ ଭବାନୀପାଟଣା ମୁନିସିପାଲିଟିର ୱାର୍ଡ ନଂ-୦୫ ଜୋର ପଡାର ୪୦ରୁ ଉର୍ଦ୍ଧ୍ୱ ଭତ୍ତା ହିତାଧିକାରୀଙ୍କୁ ନେଇ ଏକ ସଭାର ଆୟୋଜନ ହୋଇଯାଇଅଛି। ବୈଠକରେ ସଂଗଠକ ଲକ୍ଷ୍ମୀନାରାୟଣ ପଣ୍ଡା ଯୋଗଦାନ ଦେବା ସହ ଆସନ୍ତା ୧୭ତାରିଖରେ ହେବାକୁ ଥିବା ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ ସମୟରେ ମୋହନ ସରକାର ନିଜର ପ୍ରକୃତ ପ୍ରତିଶୃତି ପାଳନ କରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଭତ୍ତା ପାଉଥିବା ଭତ୍ତା ୩୦୦୦ଟଙ୍କା ବଜେଟ୍ ରେ ଉଲ୍ଲେଖ କରନ୍ତୁ ନଚେତ୍ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି। ବରିଷ୍ଠ ସଦସ୍ୟ ନିରୋଦ କୁମାର ରାଉତ, ନାରୀ ନେତ୍ରୀ କବିତା ରାଉତ, ଚାଷୀ ନେତା ଲିଙ୍ଗରାଜ ପ୍ରଧାନ ଓ ମଧୁଲାଲ ନାଏକ ଉଦବୋଧନ ଦେବା ସହ ସମସ୍ତ ଭତ୍ତାଧିକାରୀ ନିଜର ହକ୍ ନ ପାଇବା ଯାଏଁ ଭବାନୀପାଟଣାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଜୋରଦାର ଲଢେଇ ହେବ ବୋଲି କହିଥିଲେ। ଏହି ବୈଠକକୁ ସଫଳ କରିବା ପାଇଁ ସଦସ୍ଯ ଶ୍ରୀୟା ଚନ୍ଦନ ଓ ସୌମ୍ୟରଂଜନ କର ପ୍ରମୁଖ ସହଯୋଗ କରିଥିଲେ।

## ଗାଁ ଦାଣ୍ଡରେ ବିଷାକ୍ତ ସାପ ଧରି ମଦ୍ୟପର ଉନ୍ମତ୍ତ କାଣ୍ଡ



**ପିପିଲି,୧୩।୨ (ସଂଚାର ବ୍ୟୁରୋ):** ଗାଁ ଦାଣ୍ଡରେ ବିଷାକ୍ତ ସାପ ସହ ଖେଳ । ତମ୍ପ ସାପକୁ ବେକରେ ଗୁଡାଇ ଉତ୍ପାତ କରୁଛି ମଦ୍ୟପ ଯୁବକ । ସାପକୁ ବେକରେ ପକେଇ ଘୁରେଇ ଘୁରେଇ ବୁଲୁଛି ଗାଁ ଦାଣ୍ଡରେ । ରାସ୍ତାରେ ଗୋଡେଇ ଗୋଡେଇ ଲୋକଙ୍କୁ କାମୁଡୁଥିଲା । ଯୁବକ ଏବଂ ସାପକୁ ଧରିବା ପାଇଁ ନାକେଦମ ହୋଇଥିଲେ କଣାସ ପୋଲିସ ଓ କଣାସ ଅଗ୍ନିସମ ବିଭାଗ । ଶେଷରେ ଦୟା ବିହାର ଗାଁ ଲୋକଙ୍କ ସହଯୋଗରେ ଯୁବକକୁ କାବୁ କରି ନିଶା ନିବାରଣ କେନ୍ଦ୍ରରେ ଛାଡିଦିଆଯାଇଛି । ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

## ଥାନା ବାରାକ୍‌ରେ ରିଜର୍ଭ ପୁଲିସ କର୍ମଚାରୀଙ୍କ ମୃତ୍ୟୁ, ବଢୁଛି ସନ୍ଦେହ




**ସୁବର୍ଣ୍ଣପୁର,୧୩।୨ (ସଂଚାର ବ୍ୟୁରୋ):** ପୋଲିସ ବାରାକ୍‌ରେ କାର୍ଯ୍ୟରତ ରିଜର୍ଭ ପୋଲିସ କର୍ମଚାରୀଙ୍କ ମୃତ୍ୟୁ । ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ପୋଲିସ ବାରାକ୍‌ରେ ଜଣେ ରିଜର୍ଭ ପୋଲିସ କର୍ମଚାରୀଙ୍କ ଅସ୍ୱାଭାବିକ ଭାବେ ଶୋଇଥିବା ବେଳେ ମୃତ୍ୟୁ ହୋଇଛି। ମୃତ ପୋଲିସ ଜଣକ ହେଲେ ଦିଲ୍ଲୀପ କୁମାର ମିଶ୍ର । ଦିଲ୍ଲୀପ ସୁବର୍ଣ୍ଣପୁର ରିଜର୍ଭ ପୋଲିସରେ କାର୍ଯ୍ୟରତ ଥିଲେ । ବିନିକା ସହରଠାରେ ଚାଲୁଥିବା ପାପକ୍ଷୟ ଲୋକ ମହୋତ୍ସବ ପାଇଁ କାର୍ଯ୍ୟରେ ଆସିଥିଲେ । ଗତକାଲି କାମ ସାରିବା ପରେ ପୋଲିସ ବାରାକ୍‌କୁ ଯାଇ ଶୋଇଥିଲେ । ସକାଳୁ ଅନ୍ୟ ପୋଲିସ କର୍ମଚାରୀ ତାଙ୍କୁ ଉଠାଇବା ବେଳେ ସେ ଉଠିନଥିଲେ। ପରେ ପୋଲିସ ବାରାକ୍‌କୁ ଡାକ୍ତର ଆସିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ମୃତଦେହ ପୋଲିସ ବାରାକ୍‌ରେ ପଡ଼ିରହିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ଉଠା ଯିବ ବୋଲି ପୋଲିସ ପାଖରୁ ସୂଚନା ମିଳିଛି । କେଉଁ କାରଣରୁ ମୃତ୍ୟୁ ଘଟିଛି ତାହା ଜଣା ପଡିନଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ କଣ ଜଣାପଡିବ ।

### ଗାଁକୁ ରାସ୍ତା ନାହିଁ, ଦୂରରେ ଅଟକିଲା ଆମ୍ବୁଲାନ୍ସ

# କାନ୍ଧରେ ୯କିମି ବୁହାହେଲା ମୃତଦେହ




**ଗଜପତି,୧୩।୨ (ସଂଚାର ବ୍ୟୁରୋ):** ଗାଁରେ ପକ୍କା ରାସ୍ତା ଖଣ୍ଡିଏ ନାହିଁ । ଯାହା ଫଳରେ ଗାଁ କୁ ଯାଇପାରିଲାନି ଆମ୍ବୁଲାନ୍ସ। କାନ୍ଧରେ ୯ କିମି ମୃତଦେହକୁ ବୋହିଲେ ଗ୍ରାମବାସୀ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ବୃଷଭ ପଞ୍ଚାୟତ ବାରୁସିଂ ଗ୍ରାମରେ । ଗାଁ କୁ ପକ୍କାରାସ୍ତା ନଥିବାରୁ ଜଣେ ମୃତ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତଦେହକୁ ଗାଁ କୁ ବୋହି ନେଇଛନ୍ତି ବନ୍ଧୁ ପରିଜନ । ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ବେଳେ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଛି ବାରୁସିଂ ଗାଁ । ଗାଁକୁ ପକ୍କା ରାସ୍ତା ନଥିବାରୁ ଗାଁକୁ ଯାଇ ପାରିଲା ନାହିଁ ଆମ୍ବୁଲାନ୍ସ ତେଣୁ ମୃତଦେହକୁ ୯ କିମି କାନ୍ଧରେ ବୋହି ନେଲେ ଗ୍ରାମବାସୀ। ସୂଚନାନୁସାରେ ବାରୁସିଂ ଗ୍ରାମର ରାଜେଶ ରଇତ (୨୫)ଙ୍କ ହାଇଦ୍ରାବାଦ ସ୍ଥିତ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ସେଠାରେ ରାଜେଶଙ୍କ ଅକାଳ ମୃତ୍ୟୁ ହୋଇଥିଲା । ରାଜେଶଙ୍କ ମୃତଦେହକୁ ଆମ୍ବୁଲାନ୍ସରେ ହାଇଦ୍ରାବାଦ ଠାରୁ ଗାଁକୁ ଅଣାଯାଇଥିଲା । କିନ୍ତୁ ଗାଁକୁ ରାସ୍ତା ନଥିବାରୁ ଗାଁକୁ ଯାଇ ପାରିଲା ନାହିଁ ଆମ୍ବୁଲାନ୍ସ । ଯାହା ଫଳରେ ୯କିମି ଦୂରରେ ଅଟକି ରହିଲା ମୃତଦେହକୁ ଆଣିଥିବା ଆମ୍ବୁଲାନ୍ସ। ଶେଷରେ ଗ୍ରାମବାସୀ କାନ୍ଧରେ ଭାର କରି ମୃତଦେହକୁ ପାହାଡ଼ ଓ ଘଞ୍ଚ ଜଙ୍ଗଲ ଦେଇ ଗାଁକୁ ନେଇଥିଲେ। ପକ୍କା ରାସ୍ତା ଖଣ୍ଡେ ପାଇଁ ବିଡ଼ିଓଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳ ଏବଂ ବିଭିନ୍ନ ଜନ ଅଭିଯୋଗ ଶୁଣାଣୀରେ ବାରୁସିଂ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ କରିବାକୁ ଅଭିଯୋଗ କରିଥିଲେ ମଧ୍ୟ କୌଣସ ସୁଫଳ ମିଳିନି ।